# ଉତ୍କଳ ପ୍ରସଙ୍ଗ





Regd. No. 0-05/93

VOL. XLVIII No. 6 UTKAL PRASANGA

Licence No. C.R.N.P. 5—Licensed to post without Pre-Payment



କଟକଠାରେ ଅନୁଷ୍ଠିତ ବିଶ୍ୱ ଓଡ଼ିଆ ସମ୍ମିଳନୀକୁ ମାନ୍ୟବର ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି ।



ସୂଚନା ଭବନଠାରେ ଆୟୋଜିତ ଏକ ପୁଷ୍ପ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ।

PRINTED AT ORISSA GOVERNMENT PRESS



[illegible]



[illegible]

# ଉତ୍କଳ ପ୍ରସଙ୍ଗ

୪୯ ଭାଗ ୭ମ ସଂଖ୍ୟା ମାଘ ୧୯୧୪ ଶକାବ୍ଦ ଫେବୃୟାରୀ ୧୯୯୩

## ସମ୍ପାଦକ ମଣ୍ଡଳୀ

ନିର୍ଦ୍ଦେଶକ
ଶ୍ରୀ କାଳୀ କୁମାର ରଥ

ସହ ସମ୍ପାଦକ
ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ
ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

ମୁଖ୍ୟ ସମ୍ପାଦକ
**ଶ୍ରୀ ସତୀଶ ପାତ୍ର**

ପ୍ରଚ୍ଛଦପଟ୍ଟ
ଯୋଜନା ଓ କଳା ପ୍ରସ୍ତୁତି ବିଭାଗ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦

ପ୍ରକାଶନ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର
ଭୁବନେଶ୍ୱର

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦
(ଫଟୋଟାଇପସେଟିଂ ପଦ୍ଧତିରେ ଅକ୍ଷର ସଂଯୋଜିତ)

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

*ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ "**ଉତ୍କଳ ପ୍ରସଙ୍ଗ**"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେହିଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।*

*"**ଉତ୍କଳ ପ୍ରସଙ୍ଗ**" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।*

# ସୂଚୀ


ବୀର ସୁରେନ୍ଦ୍ର ସାଏ – ଦେଶ ପ୍ରେମର ଏକ ଅମ୍ଳାନ ଜ୍ୟୋତି • ବୈରାଗୀ ଜେନା • ୧
ବଉଳା କୁମ୍ଭୀର ସଂରକ୍ଷଣ ଓ ଗବେଷଣା କେନ୍ଦ୍ର • ଶ୍ରୀ ବିଜୟ ପଣ୍ଡା • ୩
ଆଦିବାସୀ ଜୀବନ ଓ ମହୁଲ ଗଛ • ଶ୍ରୀ ଅଲେଖ ପ୍ରଧାନ • ୫
ଭାରତୀୟ ନାରୀ • ଶ୍ରୀମତୀ ସାନ୍ତ୍ୱନା ମିଶ୍ର • ୬
କଳାହାଣ୍ଡିର ପହରିଆ ସମ୍ପ୍ରଦାୟ • ଡକ୍ଟର ମହେନ୍ଦ୍ର କୁମାର ମିଶ୍ର • ୮
ନିଶାଗ୍ରସ୍ତମାନଙ୍କ ପ୍ରତି ସାମାଜିକ ଦାୟିତ୍ୱ • ଅଂଶୁମାନ ପଣ୍ଡା • ୧୧
ଅରଣ୍ୟ ସୁନ୍ଦରୀ ଶିମିଳିପାଳ • ଅଶୋକ ପ୍ରିୟଦର୍ଶୀ • ୧୩
ଆମର ଉପକାରୀ ବୃକ୍ଷ : ଚନ୍ଦନ • ଡାକ୍ତର ଦୀନବନ୍ଧୁ ମହାରଣା • ୧୫
ପରିବେଶ ସୁରକ୍ଷା ପାଇଁ ଲୁହା • ସୁବାସ ସାହୁ • ୧୬
ଓଡ଼ିଶାର ତୃତୀୟ ଇସ୍ପାତ୍ କାରଖାନା ଭାରତ–ଚୀନ୍ ସମ୍ମିଳିତ ଉଦ୍ୟମର ପ୍ରଥମ ପ୍ରକଳ୍ପ • ୧୭
ଓଡ଼ିଶାର ଏକ ଲୁକ୍କାୟିତ ନାରୀ ପ୍ରତିଭା : ମହାରାଣୀ ଶୁକ ଦେଈ • ଅଧ୍ୟାପକ ହିମାଂଶୁ ଶେଖର ପାଢ଼ୀ • ୧୯
କେନ୍ଦୁଝରର ଆଦିବାସୀ ଲୋକଗୀତ : ଏକ ଅଧ୍ୟୟନ • ଦେବାଶୀଷ ଚକ୍ରବର୍ତ୍ତୀ • ୨୧
ବିପଦ ଯିବ ଗୁଳି • ବାଞ୍ଛାନିଧି ପଣ୍ଡା • ୨୩
ସ୍ମୃତି ମନ୍ଥନ • ରାମନାଥ ଶତପଥୀ • ୨୪
ପ୍ରାଚୀନ ଓଡ଼ିଶାର ଇତିହାସ ଓ ସଂସ୍କୃତି • ସଦାନନ୍ଦ ଅଗ୍ରୱାଲ୍ • ୨୬
ସ୍ୱାଧୀନତା ସଂଗ୍ରାମର ଏକ ଆଗ୍ନେୟ ଝଲକ : ନେତାଜୀ ସୁଭାଷ ବୋଷ • ସୁନୀଲ ରାୟ • ୩୨
ସାର୍ଥକ ସ୍ୱପ୍ନ • ୩୫
ସମ୍ବାଦ ପରିକ୍ରମା • ୩୬
ବାଲିଗୁଡ଼ା ଉପଖଣ୍ଡରେ ଆଦିବାସୀ ଆଦର୍ଶ ଫଳବୃକ୍ଷୀ ସିମାଞ୍ଚଳ • ପ୍ରଫୁଲ୍ଲ କୁମାର ମିଶ୍ର • ୪୮
ବିଶିଷ୍ଟ ଘଟଣାବଳୀ–୧୯୯୭ • ୪୯
ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ପ୍ରଥମ ରାଜବନ୍ଦୀ • ଶ୍ରୀ ଯୋଗେନ୍ଦ୍ରନାଥ ସାହୁ • ୫୩
ପାଠକଙ୍କ କଲମରୁ • ୫୫

# ସମ୍ପାଦକୀୟ

## ପ୍ରଗତିର ଆଉ ଏକ ପାହାଚ

ଭାରତର ଅନ୍ୟ କେତେକ ପ୍ରଦେଶ ଗଠନ ହେବାର ବହୁ ପୂର୍ବରୁ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲେ ହେଁ ଓଡ଼ିଶା ପ୍ରଦେଶ ଏକ ଅନୁନ୍ନତ ରାଜ୍ୟ ହୋଇ ରହିଛି । ଏହାର ମୁଖ୍ୟ କାରଣ ହେଲା, ଓଡ଼ିଶାରେ ଆବଶ୍ୟକ ପରିମାଣରେ ଶିଳ୍ପର ପ୍ରସାର ହୋଇ ପାରିନାହିଁ । ଓଡ଼ିଶାଠାରୁ ଆୟତନରେ ବହୁ ଛୋଟ ଛୋଟ ରାଜ୍ୟଗୁଡ଼ିକ ମଧ୍ୟ ଶିଳ୍ପର ପ୍ରସାର କରି ପାରିଥିବାରୁ ସେଗୁଡ଼ିକ ଆଜି ଉନ୍ନତ ରାଜ୍ୟ ରୂପେ ପରିଗଣିତ ହେବାର ସୌଭାଗ୍ୟ ଅର୍ଜନ କରିପାରିଛନ୍ତି ।

ରାଉରକେଲା ଇସ୍ପାତ କାରଖାନା ପରେ ଦ୍ୱିତୀୟ ଇସ୍ପାତ କାରଖାନା କଥା ଆଉ କେହି ଚିନ୍ତା କଲେ ନାହିଁ । ତିରିଶି ବର୍ଷର ବ୍ୟବଧାନ ପରେ ବିଜୁବାବୁ ପୁଣି ମୁଖ୍ୟମନ୍ତ୍ରୀ ହେବା ଫଳରେ ଓଡ଼ିଶାର ଭାଗ୍ୟାକାଶରେ ଆଜି ଆଲୋକର ସନ୍ଧାନ ମିଳିଛି । ଦେଶର ଅର୍ଥନୈତିକ ସଙ୍କଟ ସତ୍ତ୍ୱେ କାପାରୋ ଗ୍ରୁପ୍ ସହାୟତାରେ ଦଇତାରୀଠାରେ ଏକ ବଡ଼ ଧରଣର ଅତ୍ୟାଧୁନିକ ଇସ୍ପାତ୍ କାରଖାନା ନିର୍ମାଣ ପାଇଁ ଭୂମିପୂଜା ଗତ ମଇ ମାସ ୧୦ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଏହି ଦ୍ୱିତୀୟ ଇସ୍ପାତ କାରଖାନା ପାଇଁ ଆବଶ୍ୟକୀୟ ପ୍ରସ୍ତୁତି ଚାଲିଥିବା ବେଳେ ଆମ ମୁଖ୍ୟମନ୍ତ୍ରୀ ଆଉ ଏକ ସଫଳତା ଅର୍ଜନ କରି ପାରିଛନ୍ତି । ଭାରତର ମିଡ଼ ଇଷ୍ଟ ଇଣ୍ଡିଆ ଲିମିଟେଡ୍ ଏବଂ ଚୀନ ସରକାରଙ୍କ ଅନ୍ୟତମ ଶିଳ୍ପ ସଂସ୍ଥା "ଚାଇନା ମେଟାଲର୍ଜିକାଲ୍ ଇମ୍ପୋର୍ଟ ଏବଂ ଏକ୍ସପୋର୍ଟ କର୍ପୋରେସନ"ର ସମ୍ମିଳିତ ଉଦ୍ୟମରେ ଡୁବୁରିଠାରେ ଓଡ଼ିଶାର ତୃତୀୟ ଇସ୍ପାତ କାରଖାନାର ନିର୍ମାଣ କାର୍ଯ୍ୟ ଗତ ଜାନୁଆରୀ ୧୫ ତାରିଖରେ ଆରମ୍ଭ ହୋଇଯାଇଛି । ଏହା ଆମର ଆଉ ଏକ ସଫଳତା । ଓଡ଼ିଶାର ପ୍ରଗତି ପଥରେ ଏହା ଆଉ ଏକ ପାହାଚ ।

ଦଇତାରୀ ଏବଂ ଡୁବୁରିଠାରେ ଦୁଇଟି ଇସ୍ପାତ୍ କାରଖାନା ନିର୍ମାଣ ହେଲେ ସେହି ସମଗ୍ର ଅଞ୍ଚଳଟି ଏକ ବିରାଟ ଶିଳ୍ପ ନଗରୀରେ ପରିଣତ ହୋଇଯିବ । ବହୁ ବ୍ୟକ୍ତି ନିଯୁକ୍ତି ପାଇବା ସାଙ୍ଗକୁ ତତୋଧିକ ବ୍ୟକ୍ତି ଆତ୍ମନିର୍ଭରଶୀଳ ହେବାର ସୁଯୋଗ ପାଇ ପାରିବେ ।

ଦୀର୍ଘ ତିରିଶି ବର୍ଷର ମନ୍ଥର ଗତି ଜନିତ ଅଭାବକୁ ଏ ସବୁ ପଦକ୍ଷେପ ଆଗାମୀ ଅଳ୍ପ ଦିନ ଭିତରେ ପୂରଣ କରିବାରେ ସମର୍ଥ ହେବ, ଏହା ନିଃସନ୍ଦେହ । ତେବେ ବିଜୁବାବୁଙ୍କ ସହିତ ପାଦରେ ପାଦ ମିଶାଇ ସବୁ କ୍ଷେତ୍ରରେ ସବୁ ସ୍ତରରେ ସମସ୍ତେ ସେହିଭଳି ତତ୍ପରତା ପ୍ରକାଶ କରିବା ଆବଶ୍ୟକ । ତା'ହେଲେ ଅନ୍ତତଃ ପକ୍ଷେ ଆଗାମୀ ଦୁଇ ତିନି ବର୍ଷ ଭିତରେ ଆମ ରାଜ୍ୟ ଓଡ଼ିଶା ମଧ୍ୟ ଅନ୍ୟ ରାଜ୍ୟମାନଙ୍କ ସହିତ ସମକକ୍ଷ ହୋଇପାରିବ ।

ସୁରେନ୍ଦ୍ରଙ୍କର ଅନ୍ୟତମ ସହକର୍ମୀ ଦୟାନିଧି ମେହେରଙ୍କୁ ପ୍ରଲୋଭିତ କରି ତାଙ୍କ ଦ୍ୱାରା ପ୍ରସାଦରେ ନିଶା ଦ୍ରବ୍ୟ ମିଶାଇ ସୁରେନ୍ଦ୍ର ଓ ତାଙ୍କର ଅନୁଗାମୀମାନଙ୍କୁ ଖାଇବାକୁ ଦିଆଗଲା ଓ ସେମାନେ ଅଚେତ ଥିବା ଅବସ୍ଥାରେ ଜାନୁଆରୀ ୧୮୬୪ରେ ସେମାନଙ୍କୁ ବନ୍ଦୀ କରାଗଲା ।

ଭାରତବର୍ଷ ଇତିହାସରେ "ଶିଖ୍ ମନାଇ"ଙ୍କର ଅଭାବ ନାହିଁ । ଦେଶର ପରାଧୀନତା ପାଇଁ ଏବଂ ସ୍ୱାଧୀନତା ସଂଗ୍ରାମର ବ୍ୟର୍ଥତା ପାଇଁ ଏପରି ଲୋକଙ୍କର ଭୂମିକା ଆମର ଇତିହାସକୁ କଳଙ୍କିତ କରିଛି ।

ସୁରେନ୍ଦ୍ର ସାଏଙ୍କର ଜୀବନର ଇତିହାସ ଏହା ପରେ ଥିଲା ଅତି ସଂକ୍ଷିପ୍ତ । ଏହି ମହାନ୍ ବିପ୍ଳବୀଙ୍କୁ ବନ୍ଦୀ କଲାପରେ ତାଙ୍କର ବିଚାର କରାଗଲା । ଏହି ବିଚାରରେ ସେ ନିର୍ଦ୍ଦୋଷ ପ୍ରମାଣିତ ହେଲେ ମଧ୍ୟ ତାଙ୍କୁ ମୁକ୍ତି ଦେବାରେ ସାହାସ ବ୍ରିଟିଶ୍ ଶାସନର ନଥିଲା । ଦୀର୍ଘ ୨୦ ବର୍ଷକାଳ ଅନ୍ୟାୟ ଭାବରେ ଭାରତ ପ୍ରତିରକ୍ଷା ଆଇନ ଅନୁଯାୟୀ ଅସିରଗଡ଼ ଜେଲ୍‌ରେ ତାଙ୍କୁ ବନ୍ଦୀ ଜୀବନ କଟାଇବାକୁ ପଡ଼ିଥିଲା । ଏକ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ସେ ରୁଗ୍ଣ ହୋଇ ପଡ଼ିଲେ, ତାଙ୍କର ଦୃଷ୍ଟିଶକ୍ତି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା । ବ୍ରିଟିଶ୍ ଶାସନ ବିରୁଦ୍ଧରେ ସଂଗ୍ରାମ ପାଇଁ ନିଜକୁ ଅନୁତପ୍ତ ମନେକଲେ ତାଙ୍କୁ ମୁକ୍ତି ଦିଆଯିବା ବ୍ରିଟିଶ୍ ସର୍ତ୍ତ, ବୃଦ୍ଧ ଓ ରୁଗ୍ଣ ଅବସ୍ଥାରେ ମଧ୍ୟ ସେ ଅସ୍ୱୀକାର କଲେ ଓ ବନ୍ଦୀଶାଳା ମଧ୍ୟରେ ୧୮୮୪ ମସିହାରେ ସେ ଶେଷ ନିଶ୍ୱାସ ତ୍ୟାଗକଲେ । ଏକ ସୁଦୀର୍ଘ କର୍ମମୟ ଜୀବନର ଅବସାନ ଘଟିଲେ ମଧ୍ୟ ତାଙ୍କର ମହାନ ଆଦର୍ଶ ଚିରଦିନ ଅମର ରହିବ ଓ ପ୍ରତ୍ୟେକ ଭାରତବାସୀ[ଙ୍କୁ] ଦିଗ୍‌ଦର୍ଶନ ଦେବ ।

ଆଜି ଆମ ଦେଶରେ ବହୁବିଧ ସମସ୍ୟା ମୁଣ୍ଡ ଟେକିଛି । ଉ[ଗ୍ର] ଧର୍ମାନ୍ଧତା ଆମର ଗଣତନ୍ତ୍ରକୁ ଆଜି ବିପନ୍ନ କରିଛି । ଜାତୀ[ୟ] ସଂହତି, ଐକ୍ୟ ଏବଂ ଧର୍ମ ନିରପେକ୍ଷତା, ଯାହା ଆମ[ର] ସ୍ୱାଧୀନତାର ମୂଳମନ୍ତ୍ର, ତାହା ଆଜି ଚରମ ଆହ୍ୱା[ନର] ସମ୍ମୁଖୀନ । ରାଜନୈତିକ ସ୍ୱାଧୀନତା ମିଳିଥିଲେ ମ[ଧ୍ୟ] ଅର୍ଥନୈତିକ ସ୍ୱାଧୀନତାପାଇଁ ଆମର ସଂଗ୍ରାମ ଆଜି ଶେ[ଷ] ହୋଇନାହିଁ । ଦେଶର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସୁରେନ୍ଦ୍ର ସାଏ[ଙ୍କ] ଜୀବନର ମହାନ ଆଦର୍ଶ ଆମକୁ ଆଜି ଅନୁପ୍ରାଣିତ କ[ରୁ] ଦେଶର ସ୍ୱାଧୀନତା ପାଇଁ ତାଙ୍କର ମହାନ ଆତ୍ମବଳୀ ଆମ[କୁ] ଉଦ୍‌ବୁଦ୍ଧ କରୁ । ଏହି ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କର ଜୟ[ନ୍ତୀ] ପାଳନର ଲକ୍ଷ୍ୟ ସାଫଲ୍ୟମଣ୍ଡିତ ହେବ, ଯଦି ତାଙ୍କ[ର] ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ସୁନ୍ଦର ଓ ସମୃଦ୍ଧ ଭାର[ତ] ଗଠନ ଦିଗରେ ଆମେ ନିଃସ୍ୱାର୍ଥପର ଉଦ୍ୟମ କରିବା ପା[ଇଁ] ସଙ୍କଳ୍ପବଦ୍ଧ ହେବା ।

(ବୀର ସୁରେନ୍ଦ୍ର ସାଏଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀଙ୍କ ଭାଷଣରୁ ଉଦ୍ଧୃତ ।)

---

ମନ୍ତ୍ରୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା,
ଭୁବନେଶ୍ୱର ।



କଳିଙ୍ଗ ଷ୍ଟୁଡିଓଠାରେ ଅନୁଷ୍ଠିତ ପଶ୍ଚିମ ଓଡ଼ିଶାର ନୂଆଖାଇ ଭେଟ ଘାଟ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ (୧୬/୯)

# ବୀର ସୁରେନ୍ଦ୍ର ସାଏ – ଦେଶ ପ୍ରେମର ଏକ ଅମ୍ଳାନ ଜ୍ୟୋତି

• ବୈରାଗୀ ଜେନା

ଆଜିର ଦିବସଟି ପ୍ରତ୍ୟେକ ଓଡ଼ିଶାବାସୀଙ୍କ ନିମନ୍ତେ ଏକ ଗର୍ବ ଓ ଗୌରବର ଦିବସ । ଏହି ପୁଣ୍ୟ ଦିବସରେ ବୀରପ୍ରସୂ ଓଡ଼ିଶା ଜନ୍ମ ଦେଇଥିଲା ଊନବିଂଶ ଶତାବ୍ଦୀର ଅନ୍ୟତମ ଶ୍ରେଷ୍ଠ ଦେଶପ୍ରେମୀ ବୀର ସୁରେନ୍ଦ୍ର ସାଏଙ୍କୁ । ସୁରେନ୍ଦ୍ର ସାଏ ପ୍ରକୃତରେ ଥିଲେ ଜଣେ ବୀର । ଦେଶ ମାତୃକାକୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ନିମନ୍ତେ ବ୍ରିଟିଶମାନଙ୍କ ସହ ଦୀର୍ଘ ତିରିଶ ବର୍ଷକାଳ ସଶସ୍ତ୍ର ସଂଗ୍ରାମ କରିବା ଏବଂ ବ୍ରିଟିଶ୍ କାରାଗାର ମଧ୍ୟରେ ଦୀର୍ଘ ୩୭ ବର୍ଷ ବନ୍ଦୀ ହୋଇ ମଧ୍ୟ ସ୍ୱାଧୀନ ଚେତନା ଏବଂ ଆତ୍ମ ସମ୍ମାନବୋଧ ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ବଜାୟ ରଖିବା କ୍ଷେତ୍ରରେ ବୀର ସୁରେନ୍ଦ୍ର ସାଏ ଥିଲେ ଭାରତ ବର୍ଷର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଅଦ୍ୱିତୀୟ । ପରାକ୍ରାନ୍ତ ବ୍ରିଟିଶ୍‌ରାଜ ବିରୁଦ୍ଧରେ ଓଡ଼ିଶା ପରି ଏକ କ୍ଷୁଦ୍ର ରାଜ୍ୟର ଏହି ବୈପ୍ଳବିକ ସଂଗ୍ରାମକୁ ଇତିହାସରେ ଲିପିବଦ୍ଧ କରିବା ନିମନ୍ତେ ସମ୍ଭବତଃ ବ୍ରିଟିଶ୍ ଐତିହାସିକମାନେ କୁଣ୍ଠିତ ଥିଲେ । ସେଥିପାଇଁ ଭାରତ ବର୍ଷର ଇତିହାସରେ ବୀର ସୁରେନ୍ଦ୍ର ସାଏ ଯେଉଁ ଉଚ୍ଚ ସ୍ଥାନର ଅଧିକାରୀ, ତାହା ତାଙ୍କୁ ପ୍ରଦାନ କରାଯାଇ ନଥିଲା ।

ସୁରେନ୍ଦ୍ର ସାଏ ଥିଲେ ସମ୍ବଲପୁର୍ର ଚୌହାନ ରାଜ ବଂଶଜ । ୧୮୦୯ ମସିହାରେ ଖିଣ୍ଡା ଗ୍ରାମରେ ତାଙ୍କର ଜନ୍ମ । ମାତ୍ର ୧୮ ବର୍ଷ ବୟସରେ ଯୁବକ ସୁରେନ୍ଦ୍ର ବ୍ରିଟିଶ୍ ଶାସନ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିଥିଲେ । ୧୮୨୭ ମସିହାରୁ ୧୮୪୦ ମସିହା, ଦୀର୍ଘ ୧୩ ବର୍ଷ କାଳ ସୁରେନ୍ଦ୍ର ସାଏଙ୍କର ସଶସ୍ତ୍ର ବିପ୍ଳବକୁ ଦମନ କରିବା ଦିଗରେ ବ୍ରିଟିଶ୍ ଶକ୍ତି ବିଫଳ ହୋଇଥିଲା । ସୁରେନ୍ଦ୍ରଙ୍କର ଏହି ସାଫଲ୍ୟ ପଛରେ ଥିଲା ତାଙ୍କର ଅମ୍ଳାନ ଦେଶପ୍ରେମ ତଥା ସମ୍ବଲପୁର ଅଞ୍ଚଳବାସୀଙ୍କର ତାଙ୍କ ପ୍ରତି ଗଭୀର ସମ୍ମାନ ଓ ଆନ୍ତରିକ ସ୍ନେହ ଶ୍ରଦ୍ଧା । ସେ ଥିଲେ ଜାତୀୟ ଚେତନାର ଏକ ଜୀବନ୍ତ ତଥା ଜ୍ୱଳନ୍ତ ପ୍ରତୀକ ।

୧୮୪୦ ମସିହାରେ ସୁରେନ୍ଦ୍ର ସାଏ ଏକ ବ୍ରିଟିଶ୍ ଛାଉଣି ଉପରେ ଆକ୍ରମଣ କରି ଫେରୁ ଥାନ୍ତି । ସାଥିରେ ତାଙ୍କର ଅନୁଗାମୀ କେତେକ ଅଶିକ୍ଷିତ ଆଦିବାସୀ ଯୁବକ । ଅସ୍ତ୍ର ଶସ୍ତ୍ର ରୂପେ ପାଖରେ ଥାଏ କିଛି ଧନୁଶର ଓ ଖଣ୍ଡା । ଅପ୍ରତ୍ୟାଶିତ ଭାବେ ଏକ ଖୋଲା ପଡ଼ିଆରେ ଆଧୁନିକ ଅସ୍ତ୍ର ଶସ୍ତ୍ରରେ ସଜ୍ଜିତ ଏକ ବ୍ରିଟିଶ୍ ବାହିନୀ ଦ୍ୱାରା ଆକ୍ରାନ୍ତ ହେଲେ । ଚରମ ବୀରତ୍ୱର ସହ ସଂଗ୍ରାମ କରି ମଧ୍ୟ ପରିଶେଷରେ ସେ ବନ୍ଦୀ ହେଲେ । ଏହି ଦେଶ ପ୍ରେମୀକୁ ଓଡ଼ିଶାର କୌଣସି ବନ୍ଦୀଶାଳାରେ ଆବଦ୍ଧ କରି ରଖିବାର ସାହାସ ନଥିଲା ବ୍ରିଟିଶ୍ ପ୍ରଶାସକମାନଙ୍କର । ତେଣୁ ତାଙ୍କୁ ବନ୍ଦୀ କରାଗଲା ବିହାରର ସୁଦୂର ହଜାରିବାଗ ଜେଲ୍‌ରେ । ଦୀର୍ଘ ୧୭ ବର୍ଷ ପରେ ୧୮୫୭ ମସିହାରେ ସମଗ୍ର ଦେଶରେ ଦେଖାଦେଲା ଏକ ବିସ୍ଫୋରଣ । ବ୍ରିଟିଶ୍ ଐତିହାସିକମାନଙ୍କର ଭାଷାରେ ଏହା ସିପାହୀ ବିଦ୍ରୋହ ଆଖ୍ୟା ପାଇଥିଲେ ମଧ୍ୟ ଏହା ଥିଲା ସମଗ୍ର ଦେଶ ପାଇଁ ପ୍ରଥମ ସ୍ୱାଧୀନତା ସଂଗ୍ରାମ । ଏହି ସ୍ୱାଧୀନତା ସଂଗ୍ରାମୀମାନେ ହଜାରିବାଗ ଜେଲ୍‌ରୁ ମୁକ୍ତ କଲେ ସୁରେନ୍ଦ୍ରଙ୍କୁ । ୧୭ ବର୍ଷର ବନ୍ଦୀ ଜୀବନ ଏହି ମହାନ ବିପ୍ଳବୀଙ୍କର ସ୍ୱାଧୀନ ଚେତନାକୁ ନିଷ୍ପ୍ରଭ କରିପାରି ନଥିଲା । ସେ ଫେରି ଆସିଲେ ପୁଣି ନିଜର ଜନ୍ମଭୂମି ସମ୍ବଲପୁରକୁ, ନୂତନ ଉତ୍ସାହ ଓ ଉନ୍ମାଦନା ସହ । ତାଙ୍କ ସହ ଯୋଗଦେଲେ ୧୫୦୦ରୁ ଊର୍ଦ୍ଧ୍ୱ ଦେଶପ୍ରେମୀ ଯୁବକ । ସେତେବେଳେ ସମ୍ବଲପୁରଠାରେ ମାତ୍ର ୨୦୦ ବ୍ରିଟିଶ୍ ସୈନିକଙ୍କୁ ଅବସ୍ଥାନ କରାଯାଇଥିଲା । ସୁରେନ୍ଦ୍ର ଚାହିଁଥିଲେ ଏମାନଙ୍କୁ ଆକ୍ରମଣ କରିପାରି ଥାନ୍ତେ, କିନ୍ତୁ ଏହି ମହାପୁରୁଷଙ୍କର ବୀରତ୍ୱ ଏ ଦିଗରେ ସୃଷ୍ଟିକଲା ପ୍ରତିବନ୍ଧକ । ଯାହାର ବୀରତ୍ୱ ଯେତେ ବେଶି, ତାହାର ମାନବୀୟ ଗୁଣ ମଧ୍ୟ ସେତେ ଅଧିକ । ଦୁର୍ବଳ ଶକ୍ତିକୁ ଆକ୍ରମଣ କରି ବିଜୟୀ ହେବାର ଲିପ୍‌ସା ତାଙ୍କର ନଥିଲା । ତେଣୁ ବ୍ରିଟିଶ୍ ସହକାରୀ କମିଶନର୍ କ୍ୟାପଟାନ୍ ଲିପ୍ ଯେତେବେଳେ ଆଲୋଚନା ପାଇଁ ତାଙ୍କୁ ନିମନ୍ତ୍ରଣ କଲେ ସେ ତାହା ସ୍ୱୀକାରକଲେ । ତାଙ୍କର ଭୁଲ ଥିଲା ଯେ ସେ ଥିଲେ ସରଳ ବିଶ୍ୱାସୀ । ସେ ଭୁଲିଗଲେ ଯେ ଭାରତବର୍ଷରେ ବ୍ରିଟିଶ୍ ଶାସନ ବିଶ୍ୱାସ ଘାତକତା ଓ ଅମାନବିକତାର ଭିତ୍ତି ଭୂମି ଉପରେ ହିଁ ପ୍ରତିଷ୍ଠିତ । ଆଲୋଚନା ପାଇଁ ଏହି ନିମନ୍ତ୍ରଣ ଥିଲା ବିଶ୍ୱାସ ଘାତକତାର ଅନ୍ୟତମ ଦୃଷ୍ଟାନ୍ତ । ନିରସ୍ତ୍ର ସୁରେନ୍ଦ୍ର ସାଏଙ୍କୁ ଆଲୋଚନା ପାଇଁ ଡାକି ବନ୍ଦୀ କରାଗଲା । କିନ୍ତୁ ଏହି ବନ୍ଦୀ ଜୀବନ ଥିଲା ଅତି କ୍ଷୀଣସ୍ଥାୟୀ । ଆଉରଙ୍ଗଜେବଙ୍କର ବନ୍ଦୀଶାଳାରୁ ଛତ୍ରପତି ଶିବାଜୀ ମୁକ୍ତିଲାଭ କରିଥିବା ଭଳି କେତେକ ବିଶ୍ୱସ୍ତ ସହକର୍ମୀଙ୍କର ସହାୟତାରେ ୧୮୫୭ ମସିହା ଅକ୍ଟୋବର ୩୧ ତାରିଖ ଦିନ ସୁରେନ୍ଦ୍ର ସାଏ ବ୍ରିଟିଶ୍ ଜେଲ୍‌ରୁ ଖସି ଆସିଲେ ଓ ତା'ପରେ ଆରମ୍ଭହେଲା ବ୍ରିଟିଶ୍ ଶାସନ ବିରୁଦ୍ଧରେ ତାଙ୍କର ସଶସ୍ତ୍ର ସଂଗ୍ରାମର ଦ୍ୱିତୀୟ ପର୍ଯ୍ୟାୟ ।

ସୁରେନ୍ଦ୍ର ସାଏ ଥିଲେ ଗରିଲା ଯୁଦ୍ଧ କୌଶଳରେ ଅଦ୍ୱିତୀୟ । ଜଙ୍ଗଲରେ ବୁଲି ଅକଥନୀୟ ଦୁଃଖ କଷ୍ଟ ଭୋଗକରି ରାଣାପ୍ରତାପ ଯେପରି ମୋଗଲ ଶାସନ ବିରୁଦ୍ଧରେ ନିରବଚ୍ଛିନ୍ନ ସଂଗ୍ରାମ ଚଳାଇଥିଲେ, ଠିକ୍ ସେହିପରି ବୀର ସୁରେନ୍ଦ୍ର ସାଏ ନିଘଞ୍ଚ ବନ ମଧ୍ୟରେ ରହି ବ୍ରିଟିଶ୍ ଶାସନ ବିରୁଦ୍ଧରେ ତାଙ୍କର ସଂଗ୍ରାମ ଜାରିରଖିଲେ ।

୧୮୫୭ର ସ୍ୱାଧୀନତା ସଂଗ୍ରାମ ସମସ୍ତ ଦେଶରେ ନିର୍ବାପିତ ହେଲା । ଝାନସୀ ରାଣୀ ଲକ୍ଷ୍ମୀ ବାଇ ରଣ ଭୂମିରେ ଶହୀଦ୍ ହେଲେ । ନାନା ସାହେବ ଫାସୀ ପାଇଲେ । ତାନ୍ତିଆ ଟୋପି ନିଖୋଜ ହେଲେ । କିନ୍ତୁ ସୁରେନ୍ଦ୍ର ସାଏ ଥିଲେ ଅଦମନୀୟ । ବ୍ରିଟିଶ୍ ସରକାର ତାଙ୍କର ସମସ୍ତ ଶକ୍ତି ପୁଞ୍ଜିଭୂତ କଲେ ଏହି ମହାନ ସ୍ୱାଧୀନତା ସଂଗ୍ରାମୀକୁ ଦମନ କରିବା ପାଇଁ । ତଥାପି ୧୮୬୪ ମସିହା ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମର ଏହି ଜ୍ୱଳନ୍ତ ଅଗ୍ନିଶିଖା ନିର୍ବାପିତ ହୋଇ ପାରି ନଥିଲା । ପରିଶେଷରେ ବ୍ରିଟିଶ୍ ପ୍ରଶାସକଙ୍କର ଛଳନାବାଦ ଓ ବିଶ୍ୱାସ ଘାତକତା କାମ କଲା ।

ଡାଙ୍ଗମାଳର କୁମ୍ଭୀର ସଂରକ୍ଷଣ ଓ ଗବେଷଣା କେନ୍ଦ୍ରରେ ୧୯୭୫ ମସିହା ଠାରୁ ୯୯ ଫୁଟ ଲମ୍ବର ୧ଟି ମାଈ ଧଳା କୁମ୍ଭୀର (ଶଙ୍ଖୁଆ) ଆବଦ୍ଧ ପରିବେଶରେ ପ୍ରତିପାଳନ କରାଯାଉଛି । ପୃଥିବୀରେ ମାତ୍ର ଦୁଇଟି ଧଳା କୁମ୍ଭୀର ଆବଦ୍ଧ ପରିବେଶ ମଧ୍ୟରେ ରହିଛନ୍ତି । ଅନ୍ୟଟି ଆମେରିକାରେ ଦେଖିବାକୁ ମିଳେ ବୋଲି କୁମ୍ଭୀର ଗବେଷକମାନଙ୍କଠାରୁ ପ୍ରକାଶ ।

ବ୍ୟବସାୟିକ ଭିତ୍ତିରେ କୁମ୍ଭୀର ଚମଡ଼ା ଉତ୍ପାଦନ ଓ କୁମ୍ଭୀର ମାଂସ ରପ୍ତାନି କରି ବୈଦେଶିକ ମୁଦ୍ରା ଅର୍ଜନ କରିବା ପାଇଁ ଗବେଷଣା କେନ୍ଦ୍ର ଉଚିତ୍ ପର୍ଯ୍ୟାପ୍ତ କାର୍ଯ୍ୟ ।

---

ପ୍ରତିନିଧି, ମାତୃଭୂମି
କ୍ୱାର୍ଟର ନମ୍ବର-୨ ଆର୍/ବି-୪,
ୟୁନିଟ୍-୩, ଭୁବନେଶ୍ୱର ।



ବଲାଙ୍ଗୀରସ୍ଥିତ ମନୋହରପୁର ପୋଲିସ ପରେଡ୍ ପଡ଼ିଆର ସାଧାରଣତନ୍ତ୍ର ଉତ୍ସବରେ ଆଇନ୍ ମନ୍ତ୍ରୀ ଶ୍ରୀ ନରସିଂହ ମିଶ୍ରଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ।

# ବଉଳା କୁମ୍ଭୀର ସଂରକ୍ଷଣ ଓ ଗବେଷଣା କେନ୍ଦ୍ର

● ଶ୍ରୀ ବିଜୟ ପଣ୍ଡା

କନିକା ଜମିଦାରୀର ୬୭୨ ବର୍ଗ କିଲୋମିଟର ଜଙ୍ଗଲ ଅଞ୍ଚଳକୁ ୧୯୭୫ ମସିହା ଫେବୃଆରୀରେ ଭିତରକନିକା ଅଭୟାରଣ୍ୟ ରୂପେ ଘୋଷଣା କରାଯାଇ ସେଥି ମଧ୍ୟରୁ ୧୧୫ ବର୍ଗ କିଲୋମିଟର ପରିମିତ ଅଞ୍ଚଳରେ ସେହି ବର୍ଷ ଜୁଲାଇ ମାସରେ ଭାରତର ପ୍ରଥମ ଲୁଣା ବା ବଉଳା କୁମ୍ଭୀର ବଂଶ ବିସ୍ତାର ଓ ସଂରକ୍ଷଣ ପ୍ରକଳ୍ପ ପ୍ରତିଷ୍ଠା କରାଯାଇ ଏହି ଜାତୀୟ କୁମ୍ଭୀରମାନଙ୍କ ଜୀବନଧାରା ଉପରେ ଗବେଷଣା ଆରମ୍ଭ କରାଗଲା । ମିଳିତ ଜାତିସଂଘର କୃଷି ଓ ଖାଦ୍ୟ ଉନ୍ନୟନ ସଂସ୍ଥା ଏବଂ ଭାରତ ସରକାରଙ୍କ ମିଳିତ ସହଯୋଗରେ ଏଠାରେ ବଉଳା କୁମ୍ଭୀର ସଂରକ୍ଷଣ ଓ ଗବେଷଣା କେନ୍ଦ୍ର ଗଢ଼ି ଉଠିଥିଲା । ବଉଳା କୁମ୍ଭୀର ସାଧାରଣତଃ ନଦୀ ମୁହାଣ ଓ ନଦୀ ଗୁଡ଼ିକର ସଙ୍ଗମ ସ୍ଥଳରେ ଦୋକଶା ପାଣି ପ୍ରବାହିତ ହେଉଥିବା ନଦୀ ନାଳଭରା ଲୁଣା ଜଙ୍ଗଲରେ ବସବାସ କରିଥାନ୍ତି । ପୃଥିବୀର ଯେଉଁଠି ଲୁଣା ଜଙ୍ଗଲ ଧ୍ୱଂସ ପାଇଛି ସେଠାରେ ବଉଳା ଜାତୀୟ କୁମ୍ଭୀରଙ୍କ ବଂଶ ନିପାତ ହୋଇ ଯାଇଥିବାର ଦୃଷ୍ଟାନ୍ତ ରହିଥିବା କୁମ୍ଭୀର ଗବେଷକମାନଙ୍କ ଠାରୁ ପ୍ରକାଶ ।

ଭିତର କନିକା ଅଭୟାରଣ୍ୟ ମଧ୍ୟରେ ଥିବା ନଦୀ ନାଳ ଭିତରେ ମାଈ ବଉଳା କୁମ୍ଭୀରମାନେ ଅଣ୍ଡା ଦେଇଥାନ୍ତି । ପ୍ରତିବର୍ଷ ମଇ ଓ ଜୁନ୍ ମାସରେ ସେମାନେ ଜଙ୍ଗଲରୁ କାଠି କୁଟା ସଂଗ୍ରହକରି ବସା ଭିତରେ ଏକ କାଳୀନ ୫୦ରୁ ୬୦ଟି ଯାଏ ଅଣ୍ଡା ଦେଇଥାନ୍ତି ଓ ଅଣ୍ଡା ଫୁଟିବା ପର୍ଯ୍ୟନ୍ତ ଦୁଇମାସ କାଳ ସେହି ସ୍ଥାନକୁ ଜଗି ରହିଥାନ୍ତି । ମାଈ କୁମ୍ଭୀର ଯେଉଁ ସମୟରେ ନିଜର ଖାଦ୍ୟ ସଂଗ୍ରହ ପାଇଁ ନିକଟସ୍ଥ ନଦୀ ମଧ୍ୟକୁ ଯାଇଥାଏ, ସେହି ସମୟରେ କୁମ୍ଭୀର ସଂରକ୍ଷଣ ଓ ଗବେଷଣା କେନ୍ଦ୍ରର କର୍ମଚାରୀମାନେ ମାଈ କୁମ୍ଭୀରର ଅଗୋଚରରେ ଅଣ୍ଡାତକ ଗୋଟାଇ ଆଣି ଥାନ୍ତି । ୧୯୭୫ ମସିହା ଠାରୁ ଏହି ପ୍ରକ୍ରିୟାରେ ଅଣ୍ଡା ସଂଗ୍ରହ କରାଯାଇ ଗବେଷଣା କେନ୍ଦ୍ରରେ ତାର ବାଡ଼ ଭିତରେ ଆବଶ୍ୟକ ଉତ୍ତାପରେ ଅଣ୍ଡା ଗୁଡ଼ିକୁ ରଖାଯାଇ ବଉଳା କୁମ୍ଭୀର ଛୁଆ ଉତ୍ପାଦନ କରାଯାଉଛି । କୁମ୍ଭୀର ଛୁଆମାନଙ୍କୁ ଆବଦ୍ଧ ପରିବେଶରେ ଲୁଣାପାଣି କୁଣ୍ଡରେ ରଖାଯାଇ ବୟସ ଅନୁପାତରେ ଛୋଟ ବଡ଼ ମାଛ ଓ କଙ୍କଡ଼ା ଖାଇବାକୁ ଦିଆ ଯାଇଥାଏ । ଗବେଷଣା କେନ୍ଦ୍ରର ତାର ବାଡ଼ ଭିତରେ ପ୍ରତି ପାଳିତ କୁମ୍ଭୀର ଛୁଆମାନଙ୍କ ମଧ୍ୟରୁ ଯେଉଁମାନଙ୍କର ବୟସ ଦୁଇ ବର୍ଷ କିମ୍ବା ଲମ୍ବ ୪ ଫୁଟ ୬ ଇଞ୍ଚ ହୋଇଯାଏ, ସେମାନଙ୍କୁ ଅଭୟାରଣ୍ୟର ନଦୀ ନାଳ ମଧ୍ୟରେ ଛାଡ଼ି ଦିଆଯାଇଥାଏ । ବିସ୍ମୟକର କଥା ଯେ ନଦୀ ନାଳ ମଧ୍ୟରେ ଛାଡ଼ି ଦିଆଯାଇଥିବା କେତେକ କୁମ୍ଭୀର ଛୁଆ ପୁନର୍ବାର ଆବଦ୍ଧ ପରିବେଶ ମଧ୍ୟକୁ ଫେରି ଆସୁଛନ୍ତି । ତାର ବାଡ଼ ଭିତରେ ଥିବା ଲୁଣାପାଣି କୁଣ୍ଡରେ ରହିଥିବା ପୂର୍ବ ପରିଚିତ କୁମ୍ଭୀର ଛୁଆମାନଙ୍କ ପାଖକୁ ଯିବା ସମ୍ଭବ ହେଉ ନଥିବାରୁ ଗବେଷଣା କେନ୍ଦ୍ର ଭିତରେ ଥିବା ଖୋଲା ପୋଖରୀ ଓ ନାଳ ଗୁଡ଼ିକରେ ରହିଯାଇ ପର୍ଯ୍ୟଟକମାନଙ୍କୁ ଆକ୍ରମଣ କରି ଖଣ୍ଡିଆ ଖାବରା କରୁଥିବା ବହୁ ଦୃଷ୍ଟାନ୍ତ ରହିଛି । ସେଥିପାଇଁ ଗବେଷଣା କେନ୍ଦ୍ରର ୧୧୫ ବର୍ଗ କିଲୋମିଟର ପରିମିତ ଅଞ୍ଚଳରେ ଥିବା କୌଣସି ଜଳାଶୟ ପାଖକୁ ନଯିବା ପାଇଁ ପର୍ଯ୍ୟଟକମାନଙ୍କୁ ସତର୍କ ରହିବା ପାଇଁ ବ୍ୟବସ୍ଥା କରାଯାଇଛି ।

ବଉଳା ଜାତୀୟ ବିରଳ କୁମ୍ଭୀରଙ୍କର ଉତ୍ପାଦନ ସଂରକ୍ଷଣ, ବଂଶବୃଦ୍ଧି ଓ ପାଣି ଭିତରେ ସେମାନଙ୍କ ଗତି ବିଧି ଲକ୍ଷ୍ୟ କରିବା ଆଦି/ଏହି ଗବେଷଣା କେନ୍ଦ୍ରର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ବସ୍ତୁତଃ ଶେଷ ହୋଇ ଯାଇଛି । ଜଙ୍ଗଲରୁ କୁମ୍ଭୀର ଅଣ୍ଡା ସଂଗ୍ରହ କାର୍ଯ୍ୟ ଏକ ଦୁରୂହ ବ୍ୟାପାର । ସେହି ବ୍ୟବସ୍ଥାକୁ ବନ୍ଦ କରି ମାଈ କୁମ୍ଭୀର ଓ ଅଣ୍ଡିରା କୁମ୍ଭୀରଙ୍କୁ ଆବଦ୍ଧ ପରିବେଶ ଭିତରେ ରଖି ଏହାକୁ ଏକ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ପରିଣତ କରିବା ଏହି ଗବେଷଣା କେନ୍ଦ୍ରର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ । ଆବଦ୍ଧ ପରିବେଶର ତାରବାଡ଼ ଗୁଡ଼ିକ ଭାଙ୍ଗି ଯିବା ଦ୍ୱାରା ଗବେଷଣା କେନ୍ଦ୍ରଟି ହତଶ୍ରୀ ହୋଇ ପଡ଼ିଛି । ଗବେଷଣା କେନ୍ଦ୍ର ଭିତରକୁ ଓ ଲୁଣା କୁଣ୍ଡକୁ ଜଳ ଯୋଗାଇ ଥିବା ପମ୍ପଟି ବହୁ ଦିନରୁ ଅଚଳ ହୋଇ ପଡ଼ିଛି । କେନ୍ଦ୍ର ସରକାର ଏଥିପ୍ରତି ତତ୍ପରତା ପ୍ରକାଶ କରି ଆବଶ୍ୟକୀୟ ଅର୍ଥ ଯୋଗାଇ ଦେଲେ, ଆଜିର ସମସ୍ୟା ଆଉ ସମସ୍ୟା ହୋଇ ରହିବ ନାହିଁ । ବ୍ୟାପକ ଶିକାର ହେତୁ ପୃଥିବୀରେ ବଉଳା କୁମ୍ଭୀରଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇବାରୁ ଏହି ଜାତୀୟ କୁମ୍ଭୀରଙ୍କୁ ବିରଳ ଜାତୀୟ କୁମ୍ଭୀର ଭାବେ ଘୋଷଣା କରାଯାଇ ଏମାନଙ୍କ ସଂରକ୍ଷଣ ଓ ବଂଶ ବୃଦ୍ଧି ପାଇଁ ଉଦ୍ୟମ କରା ଯାଇଥିଲା । ଫଳରେ ୧୯୭୫ ମସିହାରେ ଯେଉଁ ଭିତର କନିକା ନଦୀ ନାଳରେ ମାତ୍ର ୨୦/୨୫ ଟି ଏହି ଜାତୀୟ ବିରଳ କୁମ୍ଭୀର ଦେଖିବାକୁ ମିଳୁଥିଲେ; ବର୍ତ୍ତମାନ ସେ ଅଞ୍ଚଳରେ ଏକ ହଜାରରୁ ଅଧିକ ବଉଳା କୁମ୍ଭୀର ଦେଖିବାକୁ ମିଳୁଛନ୍ତି । ପୂର୍ବେ କୁମ୍ଭୀର ଶିକାରୀମାନେ ଏମାନଙ୍କ ଚମଡ଼ାକୁ ବିଦେଶକୁ ରପ୍ତାନୀ କରି ପ୍ରଚୁର ଆୟ କରୁଥିଲେ ।

୧୯୭୫ ମସିହା ପରଠାରୁ ଭିତର କନିକା ଅଭୟାରଣ୍ୟର ନଦୀ ନାଳମାନଙ୍କରେ ଥିବା କୁମ୍ଭୀର ଗୁଡ଼ିକ ମଧ୍ୟରୁ ୪ଟି ବଉଳା କୁମ୍ଭୀରଙ୍କୁ ଧରି ଆବଦ୍ଧ ପରିବେଶ ଭିତରେ ବଡ଼ ପୋଖରୀମାନଙ୍କରେ ରଖାଯାଇ ପ୍ରତିପାଳନ କରାଯାଉଛି । ସେଗୁଡ଼ିକ ମଧ୍ୟରୁ ସର୍ବ ବୃହତ ଅଣ୍ଡିରା କୁମ୍ଭୀରର ଲମ୍ବ ୧୪ ଫୁଟ ଓ ବୟସ ୫୦ ବର୍ଷରୁ ଉର୍ଦ୍ଧ୍ୱ । ତାହାଠାରେ ସବୁବେଳେ ହିଂସ୍ର ସ୍ୱଭାବ ପ୍ରକାଶ ପାଉଛି । ଅନ୍ୟ ଦୁଇଟି ମାଈ କୁମ୍ଭୀରଙ୍କ ଲମ୍ବ ୧୧ ଫୁଟ ଓ ୧୦ ଫୁଟ । ଚତୁର୍ଥ କୁମ୍ଭୀରର ଲମ୍ବ ୮ ଫୁଟ । ଏହାର ଲିଙ୍ଗ ନିର୍ଣ୍ଣୟ କରିବା ପାଇଁ ଆଉ କିଛି ବର୍ଷ ଅପେକ୍ଷା କରିବାକୁ ପଡ଼ିବ ବୋଲି ଗବେଷଣା କେନ୍ଦ୍ର ପକ୍ଷରୁ କୁହାଯାଇଛି ।

# ଭାରତୀୟ ନାରୀ

• ଶ୍ରୀମତୀ ସାନ୍ତ୍ୱନା ମିଶ୍ର

ଏହି ଆର୍ଯ୍ୟଭୂମି ଭାରତ ବର୍ଷର ପରମ୍ପରା ଓ ଐତିହ୍ୟ ଅତି ପ୍ରାଚୀନ ଓ ମହାନ। ଏ ଦେଶର ବାଣୀ ଥିଲା 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା'। ମାତ୍ର ଆଜିର ସାମାଜିକ ସ୍ତରରେ ସବୁ ଦିଗରେ ଅଧଃପତନ ଓ ସ୍ଖଳନ ହେବାଭଳି ନାରୀମାନଙ୍କର ସାମାଜିକ ସମ୍ମାନ ମଧ୍ୟ ଯେ ତଳକୁ ଖସି ଆସିଛି ଏଥିରେ ସନ୍ଦେହ ନାହିଁ। ବର୍ତ୍ତମାନର ଶିକ୍ଷା ସଚେତନ ନାରୀ ସମାଜ ଚିନ୍ତା କରିବାର କଥା। ନାରୀ କିପରି ନିଜର ପୂର୍ବ ଗୌରବ ଓ ସମ୍ମାନକୁ ବଜାୟରଖି ସମାଜର ଗଠନ କ୍ଷେତ୍ରରେ ବିଶିଷ୍ଟ ଭୂମିକା ଗ୍ରହଣ କରିବ। କେହି କାହାକୁ ମର୍ଯ୍ୟାଦା ହାତ ବଢ଼େଇ ଦିଏ ନାହିଁ ବା କେହି ହାତ ବଢ଼େଇ ନିଏ ନାହିଁ। ନିଜର ଆପଣକ୍ତିରେ ନିଜକୁ ପ୍ରତିଷ୍ଠିତ କରିବାକୁ ହୁଏ। ତେଣୁ ବର୍ତ୍ତମାନ ଚିନ୍ତା କରିବାର ସମୟ ଆସିଛି, ତଳକୁ ତଳକୁ ଖସି ଯାଉଥିବା ସମାଜକୁ ରକ୍ଷା କରିବା ଦିଗରେ ନାରୀ କେଉଁ ଭୂମିକା ଗ୍ରହଣ କରି ପାରିବ।

ଅତୀତରେ ଏହି ମହାନ୍ ଦେଶର ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ନାରୀମାନେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରି ଆସିଛନ୍ତି ଓ ଏହା ପରବର୍ତ୍ତୀ ଯୁଗପ୍ରତି ଉଦାହରଣ ହୋଇ ରହି ଆସିଛି। ଅତୀତର ସୀତା, ସାବିତ୍ରୀ, ଅନସୂୟା ଓ ଦମୟନ୍ତୀ ପ୍ରଭୃତି ନାରୀମାନେ ନିଜ ଚରିତ୍ରର ଶୁଦ୍ଧତା ଓ ପବିତ୍ରତା ଦ୍ୱାରା ଅସାଧ୍ୟ ସାଧନ କରିପାରିଥିଲେ।

ପରବର୍ତ୍ତୀ ଯୁଗରେ ଗାର୍ଗୀ, ଖନା, ମୈତ୍ରେୟୀ, ଲୋପାମୁଦ୍ରା ପ୍ରଭୃତି ପ୍ରଜ୍ଞାବତୀ ନାରୀମାନେ ବେଦର ମନ୍ତ୍ର ରଚନା କରି ତଥା ଶାସ୍ତ୍ର ବିଦ୍ୟାରେ ପ୍ରବୀଣା ହୋଇ ଶିକ୍ଷା କ୍ଷେତ୍ରରେ ନୂତନ ପରମ୍ପରା ସୃଷ୍ଟି କରି ପାରିଥିଲେ।

ମୀରା, ରାଧା ଓ ବୃନ୍ଦାବତୀ ପ୍ରଭୃତି ନାରୀମାନେ ଭକ୍ତିଭାବରେ ଚରମ ପରାକାଷ୍ଠା ଦେଖାଇ ଯାଇଛନ୍ତି।

ଇତିହାସର ପୃଷ୍ଠା ଓଲଟାଇଲେ ଆମେ ଏହି ଭାରତ ଭୂମିରେ ଜନ୍ମ ନେଇଥିବା ଝାନସୀର ରାଣୀ, ଅହଲ୍ୟାବାଈ ଇତ୍ୟାଦି ବୀରାଙ୍ଗନାମାନଙ୍କ ସମ୍ବନ୍ଧରେ ଜାଣିପାରୁ ଯେଉଁମାନେ ନିଜର ବୀରତ୍ୱ ପ୍ରଦର୍ଶନ ଦ୍ୱାରା ଏ ଦେଶକୁ ଧନ୍ୟ କରିଯାଇଛନ୍ତି। ସେହିପରି ଭାରତକୁ ସ୍ୱାଧୀନ କରିବା ଦିଗରେ ଭାରତୀୟ ନାରୀମାନଙ୍କର ଅବଦାନ କିଛି କମ୍ ନୁହେଁ। ସ୍ୱାଧୀନତା ସଂଗ୍ରାମରେ ଝାସଦେଇ ସେମାନେ ମଧ୍ୟ ଜେଲ୍‌ବରଣ କରିଥିଲେ ଓ ଦେଶପାଇଁ ସେମାନଙ୍କର ସମସ୍ତ ସୁଖକୁ ଜଳାଞ୍ଜଳି ଦେଇଥିଲେ।

ଆଜି ଆମର ଦେଶ ବିଭିନ୍ନ ସମସ୍ୟାରେ ଜର୍ଜରିତ। ଗୀତା, କୋରାନ୍ ଓ ବାଇବେଲର ଆଦର୍ଶଉପରେ ପ୍ରତିଷ୍ଠିତ ଏ ଦେଶର ପରମ୍ପରା ଆଜି ଧର୍ମାନ୍ଧମାନଙ୍କ ଦ୍ୱାରା ଖଣ୍ଡିତ ହେବାକୁ ବସିଲାଣି। ଏହାର ଶିକାର ହୋଇଛନ୍ତି ଆମର ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ।

ଏ ପରିପ୍ରେକ୍ଷୀରେ ବର୍ତ୍ତମାନର ସମାଜକୁ ସୁନ୍ଦର ଭାବରେ ଗଢ଼ିବାର ଦାୟିତ୍ୱ ହେଉଛି ନାରୀମାନଙ୍କର। Charity begins at home. ଶିଶୁଟିଏ ପ୍ରଥମେ ଶିକ୍ଷାପାଏ ତା'ର ମା' ପାଖରୁ। ଶିବାଜୀ, ବିବେକାନନ୍ଦ, ମହାତ୍ମାଗାନ୍ଧୀ, ନେହେରୁ, ନେତାଜୀ, ମଧୁବାବୁ, ସର୍ଦ୍ଦାର ପଟେଲ, ଶାସ୍ତ୍ରୀଜୀ ପ୍ରଭୃତି ମହାପୁରୁଷଗଣ ନିଜ ମା'ଙ୍କ ପାଖରୁ ପାଇଥିବା ନୀତିଶିକ୍ଷା ଦ୍ୱାରା ପ୍ରଭାବିତ ହୋଇଥିଲେ।

କବିମାନଙ୍କ ଦ୍ୱାରା କୋମଳାଙ୍ଗୀ, ପରିଶ୍ରମକାତରା ନାରୀ ପୁରୁଷଠାରୁ କୌଣସି ଗୁଣରେ କମ୍ ପରିଶ୍ରମ କରିବନାହିଁ। ସେମାନେ ନିଜ ସ୍ୱାମୀର ଉପଯୁକ୍ତ ସହଧର୍ମିଣୀ ତଥା ସହକର୍ମିଣୀ ହୋଇ ଘର ଓ ବାହାର ଉଭୟ ଦିଗକୁ ସମ୍ଭାଳି ଜୀବନକୁ ସୁନ୍ଦର, ନିରାମୟ ତଥା ଆନନ୍ଦଦାୟକ କରି ପାରିନ୍ତି।

ଆଜି ସମାଜରେ ଜନସଂଖ୍ୟାର ଆଶାତୀତ ବୃଦ୍ଧି ଆସମାନଙ୍କୁ ବିଚଳିତ କରି ଦେଇଛି। ଏ କ୍ଷେତ୍ରରେ ଆମର ଶିକ୍ଷିତା ନାରୀମାନେ ଅଶିକ୍ଷିତା ଗ୍ରାମାଞ୍ଚଳର ନାରୀମାନଙ୍କୁ ଉଦ୍‌ବୁଦ୍ଧ କରି ଏ ସମସ୍ୟାର ସମାଧାନ କରିବାରେ ସଫଳ ହୋଇ ପାରିବେ।

ଆମ ସମାଜର ଗୋଟିଏ ବିରାଟ କଳଙ୍କ ହେଉଛି ଯୌତୁକ ପ୍ରଥା। ଏହି ପ୍ରଥା ଯୋଗୁ କେତେ ନିରିହା ବାଳିକା ଅକାଳରେ ଝରି ପଡୁଛନ୍ତି। ଏଥିପାଇଁ ପୁଣି ନାରୀମାନେହିଁ ବିଶେଷ ଭାବରେ ଦାୟୀ। ତେଣୁ ସେହି ଶାଶୁ ବା ନଣନ୍ଦ ରୂପିଣୀ ନାରୀମାନେ ଯଦି ସଚେତନ ହେବେ ତେବେ ହତ୍ୟା ଓ ଆତ୍ମହତ୍ୟାର ଦୀର୍ଘଶ୍ୱାସରେ ଭାରାକ୍ରାନ୍ତ ହୋଇଥିବା ଏହି ଦେଶକୁ ଅଧଃପତନରୁ ରକ୍ଷା କରିପାରିବେ।

ଆଜି ସମାଜରେ ଯେତେ ଅନ୍ଧବିଶ୍ୱାସ ଓ କୁସଂସ୍କାର ଘେରି ରହିଛି ତା'ର ମୂଳ କାରଣ ହେଉଛି ଅଶିକ୍ଷା ଓ ଅଜ୍ଞାନତା। ଆମର ଶିକ୍ଷିତା ମହିଳାମାନେ ବର୍ତ୍ତମାନ ଯଦି ଏକାଠି ହୋଇ ସମାଜର ନାରୀମାନଙ୍କୁ ନିରକ୍ଷରତାର ଅନ୍ଧକାରରୁ ଆଲୋକକୁ ନ ଆଣିବେ ତେବେ ଦେଶର ଉନ୍ନତି ଅସମ୍ଭବ ହେବ। ଆଜି ଆମର ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ତଥା ଆମ ଢେଙ୍କାନାଳ ଜିଲ୍ଲାରେ ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ଅଭିଯାନରେ ଝାସଦେଇ ଆମେ ସମସ୍ତେ ଶିକ୍ଷିତା ମହିଳାମାନେ ଯଦି ଅନ୍ତତଃ ପ୍ରତ୍ୟେକ ଦଶ ଜଣ ମହିଳାଙ୍କୁ ସାକ୍ଷର କରି ପାରିବୁ ତେବେ ସମାଜର ଏକ ବଡ଼ ଅଙ୍ଗକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଅନେକ ଶିଶୁ ତଥା ପରିବାରଙ୍କୁ ମଧ୍ୟ ରକ୍ଷା କରି ପାରିବୁ।

ଶିକ୍ଷା ପ୍ରସାର ସଙ୍ଗେ ସଙ୍ଗେ ଆମ ସମାଜର ଦାରିଦ୍ର୍ୟର ସୀମାରେଖା ତଳେ ଥିବା ଭଉଣୀମାନଙ୍କୁ ତଥା ଶାରୀରିକ ଅକ୍ଷମ ତଥା ବିକଳାଙ୍ଗ ନାରୀମାନଙ୍କୁ ମଧ୍ୟ ଆମେ ସାହାଯ୍ୟ କରିପାରିବା। ଆମ ନାରୀ ଜାତିର ଆଦର୍ଶ ମଦର ଟେରେସା ଏ ଦିଗରେ ହେଉଛନ୍ତି ଆମ୍ଭମାନଙ୍କ ପାଇଁ ପଥ ପ୍ରଦର୍ଶିକା। ତୋ

# ଆଦିବାସୀ ଜୀବନ ଓ ମହୁଲ ଗଛ

• ଶ୍ରୀ ଅଲେଖ ପ୍ରଧାନ

ମହୁଲ ହେଉଛି ମୌସୁମୀ ଜଳବାୟୁର ଏକ ଜଙ୍ଗଲି ଗଛ। ଅବଶ୍ୟ ମାଳଭୂମି ଅଞ୍ଚଳରେ ମଧ୍ୟ ଏ ଗଛ ଦେଖାଯାଏ। ପଶ୍ଚିମ ଓଡ଼ିଶାର ଗାଁ ଗଣ୍ଡାମାନଙ୍କରେ ଏକତ୍ର ଲଗାଲଗି ହୋଇ ଆମ୍ବ ତୋଟା ପରି ମହୁଲ ତୋଟାମାନ ଦେଖାଯାଏ। ଏହାକୁ ସମ୍ବଲପୁରୀ ଭାଷାରେ ମହୁଲ ଜୁଗାଇ କହନ୍ତି। ଜଙ୍ଗଲି ଆଦିବାସୀମାନଙ୍କ ଦୈନନ୍ଦିନ ଜୀବନ ସହିତ ମହୁଲ ଗଛ ଓତପ୍ରୋତ ଭାବରେ ଜଡ଼ିତ। ଏହାର ଫୁଲ ମଧ୍ୟ ଭାରତ ଓ ପଶ୍ଚିମ ଭାରତର ଆଦିବାସୀ ସମ୍ପ୍ରଦାୟର ଏକ ପ୍ରଧାନ ଖାଦ୍ୟ। ଆମ ଓଡ଼ିଶାରେ ମଧ୍ୟ ମହୁଲ ଫୁଲ ସହିତ ଗୁଡ଼ଲ ମିଶାଇ ବାଟି ପିଠାପଣା କରି ଖାଇଥାନ୍ତି। ଆସକଣ୍ଟି, ଗୁରକଣ୍ଟି ଓ ମହୁଲ ଫୁଲର ପିଠା ଫାଲଗୁନ ପୂର୍ଣ୍ଣିମା ଦିନ ଦିଅଁ ଦେବତାଙ୍କୁ ପ୍ରଥମେ ଭୋଗ ଲଗାଇ ପାଣି ଛଡ଼େଇ ପରେ ପ୍ରସାଦ ରୂପେ ବାଣ୍ଟି ଖାଇବାର ପରମ୍ପରା ପଶ୍ଚିମ ଓଡ଼ିଶାରେ ଏ ଯାଏ ରହିଛି। ପ୍ରତି ବର୍ଷ ସେହି ଦିନଠାରୁ ହିଁ ସେ ସବୁ ପଦାର୍ଥ ଲୋକେ ଖାଆନ୍ତି। କଞ୍ଚା ମହୁଲ ଖାଇବାକୁ ମିଠାଲାଗେ। ମହୁଲ ଫୁଲକୁ ଶୁଖାଇ ବର୍ଷା ଋତୁରେ ସିଝାଇ ଓ ଭାଜି ଖାଇଥାନ୍ତି।

ଶୀତ ଋତୁ ଶେଷରେ ମହୁଲ ଗଛର ପତ୍ର ଝଡ଼େ। ପରେ ପରେ ଗ୍ରୀଷ୍ମ ଋତୁର ଆରମ୍ଭରେ ସମଗ୍ର ଗଛଟି ଫୁଲକଢ଼ରେ ଭରପୂର ହୋଇ ଯାଏ। ମହୁଲ ଫୁଲ ରାତିରେ ଫୁଟେ ଓ ସକାଳୁ ଝରି ପଡ଼େ। ସୁବିଧାରେ ମହୁଲ ଫୁଲ ଗୋଟେଇବା ପାଇଁ ଶୁଖାପତ୍ର ଓ କାଠିକୁଟାକୁ ନିଆଁରେ ପୋଡ଼ି ଗଛ ତଳକୁ ଝାଡୁକରି ସଫାସୁତୁରା କରିଥାନ୍ତି। ବସନ୍ତ ଋତୁରେ ଲୋକଙ୍କର ପ୍ରାୟ କାମଧନ୍ଦା କିଛି ନ ଥାଏ। ଏଣୁ ମହୁ ଫୁଲ ସଂଗ୍ରହ ସେମାନଙ୍କର ଏକ ମୁଖ୍ୟ କାମ। ଆଦିବାସୀ ଝିଅ ବୋହୂମାନେ ସକାଳୁ ସକାଳୁ ଟବାହକା ହୋଇ ସାଙ୍ଗସାଥି ହୋଇ ମହୁଲ ଗୋଟାଇ ଯାଆନ୍ତି। ବସନ୍ତ ଋତୁରେ କୋଇଲିର ସୁମଧୁର ଡାକ ଓ ମହୁଲ ଫୁଲର ଗନ୍ଧର ମାଦକତାରେ ସେମାନଙ୍କର ମନ ଚଞ୍ଚଳ ହୋଇ ଉଠେ। ମହୁଲ ଗୋଟାଇ ସାରି ମହୁଲ ଡାଳରେ ଗୀତ ଗାଇ ଗାଇ ଦୋଳି ଖେଳନ୍ତି। ତାଙ୍କ ମୁହଁରୁ ଡାଲଖାଇ, ରସରକେଲି ର ସ୍ୱର ଛୁଟି ବନ ଭୂମିକୁ ମୁଖରିତ କରେ। ଗୋଟାକ ପରେ ଗୋଟାଏ ଟୋକେଇ ମୁଣ୍ଡେଇ ସେମାନେ ସାଙ୍ଗସାଥୀ ହୋଇ ଧାଡ଼ି ଧାଡ଼ି ଖରାବେଳେ ଘରକୁ ଫେରୁଥିବା ଏକ ନିତି ଦିନିଆଁ ଦୃଶ୍ୟ। ବାଡ଼ିପଟେ କିମ୍ବା ଖଳାରେ ଗୋଟିଏ ସ୍ଥାନକୁ ଗୋବର ଖତରେ ଲିପାପୋଛା କରି ସଫା ସୁତୁରାକରି ସେଠାରେ ମହୁଲ ଫୁଲଗୁଡ଼ିକୁ ଛଡ଼ା ଛଡ଼ାକରି ଖରାରେ ଶୁଖାଯାଏ। ସେଗୁଡ଼ିକ ଶୁଖି ଗଲାପରେ ତାକୁ ଘରେ ସାଇତି ରଖନ୍ତି। ଆଗେ ବ୍ୟବସାୟୀମାନେ ଲୋକଙ୍କଠାରୁ ଠକି ଭଣ୍ଡି ଶସ୍ତାଦରରେ ମହୁଲଫୁଲ କିଣି ନେଇ ଯାଉଥିଲେ। ମାତ୍ର ଏବେ ଆମ ରାଜ୍ୟ ସରକାର ମହୁଲ ଫୁଲର ଏକ ସରକାରୀ ଦର ଧାର୍ଯ୍ୟ କରିଛନ୍ତି। ଫଳରେ ଲୋକେ ଅଧିକ ବି ପଇସା ରୋଜଗାର କରି ପାରୁଛନ୍ତି।

ମହୁଲ ଫୁଲକୁ ମେଞ୍ଜି ବାହାର କରିଦେଇ ଆଦିବାସୀମାନେ ଭଜା ଓ ତରକାରୀ ବନାଇ ଖାଆନ୍ତି। ଏହାର ମଞ୍ଜିରୁ ଏକ ପ୍ରକାର ତେଲ ବାହାରେ ଏହାକୁ 'ଟୁରିତେଲ' କହନ୍ତି। ଟୁରିତେଲ ଦେହରେ ମାଖିବାରେ ବ୍ୟବହୃତ ହୁଏ। ଏହାଛଡ଼ା ରନ୍ଧନ ଓ ସାବୁନ୍ ତିଆରିରେ ବ୍ୟବହୃତ ହୁଏ। ବର୍ଷା ଋତୁରେ ଟୁରିତେଲରେ ଛଣା ଗରମ ତାଳବରା ବଣ ମୂଳକର ଆଦିବାସୀମାନଙ୍କର ଏକ ପ୍ରିୟ ଖାଦ୍ୟ। ମହୁଲ ଫୁଲ ଓ ଫଳ ଗାଈ ଗୋରୁମାନଙ୍କର ଏକ ପ୍ରିୟଖାଦ୍ୟ। କୁଣ୍ଡା ସହିତ ମହୁଲ ମିଶାଇ ଖାଇବାକୁ ଦେଲେ ସେମାନଙ୍କ ଦେହ ପୁଷ୍ଟ ହୋଇଥାଏ। ମହୁଲ ମଲାଙ୍ଗ ନାନା ଔଷଧରେ ବ୍ୟବହୃତ ହୁଏ। ବିଲୁଡ଼ି ଓ ମହୁମାଛି କାମୁଡ଼ି ଥିଲେ ମହୁଲ ପିଡ଼ିଆରେ ବିଷ ଝଡ଼ା ଯାଏ। ମହୁଲ ପିଡ଼ିଆକୁ ସାର ରୂପେ ବି କୃଷିକ୍ଷେତ୍ରରେ ଦିଆଯାଏ।

ମହୁଲଗଛ ଏକ ଶୁଭ ସୂଚକ ବୃକ୍ଷ। ପଶ୍ଚିମ ଓଡ଼ିଶାରେ ପତ୍ର ଫୁଲ ଶୋଭିତ ଏକ ମହୁଲ ଡାଳକୁ ବରଣ କରିଆଣି ବିବାହ ବେଦୀରେ ତାକୁ ପୋତା ଯାଏ ଓ ତେଲ ହଳଦୀ ମଖାଇ ପୂଜା କରାଯାଏ। ବୈବାହିକ ଜୀବନକୁ ମଧୁମୟ କରିବାର ପ୍ରତୀକ ହେଉଛି ମହୁଲ ଡାଳ। ଏହି ଅଞ୍ଚଳର ପ୍ରଧାନ ଗଣପର୍ବ ନୂଆଖିଆ ସମୟରେ କୁଳିତା ଜାତିର ଲୋକେ ମହୁଲ ପତ୍ରରେ ଖଲି ଦନା ବନାଇ ଦିଅଁ ଦେବତାଙ୍କୁ ଭୋଗ ବାଢ଼ନ୍ତି ଓ ନିଜେ ବି ସେହି ପତ୍ର ପାତ୍ରରେ ଭାତ ଡାଲି ଖିରି ପୁରୀ ପିଠାପଣା ବାଢ଼ି ଖାଇଥାନ୍ତି। କୌଣସି ଗର୍ହିତ କାର୍ଯ୍ୟକରି ଜାତିରୁ ବାସନ୍ଦ ହୋଇଥିଲେ ସେମାନେ ମହୁଲ ଗଛ ତଳେ ଶୁଦ୍ଧ ହୋଇ ଜାତି ଭାଇମାନଙ୍କୁ ଭୋଜିଭାତ ଦେଇ ଜାତିରେ ମିଶିବାର ପରମ୍ପରା ରହିଛି। ଆଦିବାସୀମାନଙ୍କର କରମା ନାଚ ସମୟରେ ମହୁଲି ମଦ ନିଶାରେ ନାଚି ନାଚି ସାରାରାତି କଟାଇ ଦିଅନ୍ତି।

ପ୍ରତିବର୍ଷ ଗୋଟିଏ ମହୁଲ ଗଛରୁ ଫୁଲ ଓ ଫଳରୁ ଅନ୍ୟୁନ ଏକ ହଜାର ଟଙ୍କା ଲାଭ ମିଳିଥାଏ। ପୁଅ ଝିଅଙ୍କ ବାହା ପାଇଁ ଘର ଦେଖିବାକୁ ଗଲେ କେତେ ଗଛ ମହୁଲ ଅଛି ତାହାବି ପଚରା ଯାଏ। ଏହି ଗଛକୁ ଏକ ସ୍ଥାବର ସମ୍ପତ୍ତି ହିସାବରେ ଧରାଯାଏ। ପାଞ୍ଚ ଗଛ ମହୁଲ ଥିଲେ ପ୍ରତି ବର୍ଷ ଫୋକଟ୍‌ରେ ପାଞ୍ଚ ଛ ହଜାର ଟଙ୍କା ଘରକୁ ଆସେ। ପ୍ରକୃତରେ ଯାହାର ମହୁଲ ଗଛ ଅଛି ତା'ର ନାହିଁ କଣ ? ଏହାର କାଠ ଘର ବନାଇବାରେ ଲାଗେ, ପାଣି ନପାଇଲେ ମହୁଲ ଓରା ଶହ ଶହ ବର୍ଷ ନିଖୁଣ ଅବସ୍ଥାରେ ଥାଏ। ଏହାର ଶୁଖା ଡାଳ ପତ୍ର ଜାଳେଣି ରୂପେ ବ୍ୟବହୃତ ହୁଏ।

ମହୁଲ ଗଛ ଲୋକଙ୍କ ଅର୍ଥ ନୈତିକ ସ୍ଥିତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରୁଥିବାରୁ ସରକାର ଏଡି ଗଛ କାଟିବା ନିଷିଦ୍ଧ କରିଛନ୍ତି। ପାଞ୍ଚଟି ମହୁଲ ଗଛ ବଢ଼ାଇ ~~ଗଛରେ~~ରେ ପରିଣତ କରି ପାରିଲେ ଭବିଷ୍ୟତ ବଂଶଧରଙ୍କ ପାଇଁ ତାହା ହେବ ସୁନା ଖଣି ଭଳି। ଏଣୁ ଆମେ ଆଜିଠୁଁ ମହୁଲ ଗଛର ଯତ୍ନ ନେଲେ ଦିନେ ନା ଦିନେ ଆମକୁ ନିଶ୍ଚୟ ରତ୍ନ ମିଳିପାରିବ।

---

ଗ୍ରା/ପୋ–ଉତ୍ତମ, ଭାୟା–ତୁଣ୍ଡୁରି L.S.Q.,
ଜି–ସମ୍ବଲପୁର, ପିନ: ୭୬୮୦୭୭।

# କଳାହାଣ୍ଡିର ପହରିଆ ସମ୍ପ୍ରଦାୟ

• ଡକ୍ଟର ମହେନ୍ଦ୍ର କୁମାର ମିଶ୍ର

ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ। ତନ୍ମଧ୍ୟରୁ କଳାହାଣ୍ଡି ଏକ ଆଦିବାସୀ ବହୁଳ ଜିଲ୍ଲା। କଳାହାଣ୍ଡି ଜିଲ୍ଲାର ପଶ୍ଚିମ ସୀମାନ୍ତରେ ଥିବା କାଟପାର ସୁନାବେଡ଼ା ପର୍ବତମାଳାର ଭୌଗୋଳିକ ସ୍ଥିତି ନୂଆପଡ଼ା ସବ୍‌ଡିଭିଜନକୁ ଓଡ଼ିଶା ଓ ମଧ୍ୟ ପ୍ରଦେଶର ସୀମା ରୂପେ ବିଚ୍ଛିନ୍ନ କରିଛି। ଏହି ପର୍ବତମାଳା ଅଦ୍ୟାପି ନିସର୍ଗ ଜଙ୍ଗଲ ବେଷ୍ଟିତ ତଥା ଦୁର୍ଗମ ହେତୁ ଏହି ପର୍ବତ ଶ୍ରେଣୀର ପାଦଦେଶରେ ଅବସ୍ଥିତ ଆଦିବାସୀ ଗୋଷ୍ଠୀମାନଙ୍କର ଜୀବନଯାପନ ପ୍ରଣାଳୀ ସମେ ପ୍ରଥା ସର୍ବସ୍ୱ ହୋଇ ରହିଛି। ମାରାଗୁଡ଼ା, ସୁନାବେଡ଼ା ଓ ପାଟଦରହା ଉପତ୍ୟକା ଓ ନଙ୍ଗଲବୋଡ଼ ଅଞ୍ଚଳରେ ପହରିଆ, ଭୁଞ୍ଜିଆ, ଗଣ୍ଡ, ଦଳ, ସଉରା ପ୍ରମୁଖ ଆଦିବାସୀ ଗୋଷ୍ଠୀମାନେ ରହିଆସୁଛନ୍ତି। ଏହି ଗୋଷ୍ଠୀମାନଙ୍କ ମଧ୍ୟରୁ ପହରିଆ ବା ଆଞ୍ଚଳିକ ଭାଷାରେ କମାର ନାମକ ଏକ ଆଦିବାସୀ ସମ୍ପ୍ରଦାୟର ଚଳଣି ଓ ଜୀବନଧାରା ସମ୍ପର୍କରେ ଆଲୋକପାତ କରିବା। ଏହି ଗୋଷ୍ଠୀଙ୍କୁ ଏ ଅଞ୍ଚଳରେ କମାର କହନ୍ତି କିନ୍ତୁ ଏମାନେ ଲୌହକାର ନୁହନ୍ତି। ଉଲ୍ଲେଖଯୋଗ୍ୟ ଯେ କଳାହାଣ୍ଡିର ନୂଆପଡ଼ା ସବ୍‌ଡିଭିଜନ୍ ଅନ୍ତର୍ଗତ ଏହି ପହରିଆ ଗୋଷ୍ଠୀ ଅନ୍ୟତ୍ର ବସବାସ କରନ୍ତି ନାହିଁ। ମଧ୍ୟ ପ୍ରଦେଶର (ବିନ୍ଦ୍ରା) ନୂଆଗଡ଼ ଅଞ୍ଚଳରେ ଏମାନେ ରହନ୍ତି। ଭୌଗୋଳିକ ଓ ସାଂସ୍କୃତିକ ଅଞ୍ଚଳ ବିଚାରରେ ଏମାନେ ମଧ୍ୟ ସଂଖ୍ୟା ଲଘୁ। କୋରାପୁଟର ବଣ୍ଡା ସମ୍ପ୍ରଦାୟ ଯେପରି ଅତ୍ୟନ୍ତ ରକ୍ଷଣଶୀଳ–ତଦ୍ରୂପ ପହରିଆମାନେ ମଧ୍ୟ ରକ୍ଷଣଶୀଳ। ଇତିହାସ ପୃଷ୍ଠାରେ ଏମାନଙ୍କ ସମ୍ପର୍କରେ ସେପରି ବିଶେଷ ତଥ୍ୟ ନାହିଁ। ମୌଖିକ ଇତିହାସରୁ ଜଣାଯାଏ–ମଧ୍ୟ ଭାରତରେ ଗଣ୍ଡ ଓ ଭୁଞ୍ଜିଆ ସମ୍ପ୍ରଦାୟର ଆଗମନ ପୂର୍ବରୁ ପହରିଆମାନେ "ଭୂମି ପୁଅ" ରୂପେ ରହି ଆସିଛନ୍ତି। ଏମାନେ ଏହି ଅଞ୍ଚଳର ମୂଳ ମାନବ ଗୋଷ୍ଠୀ ବୋଲି ଦାବୀ କରିଥାନ୍ତି।

ସେମାନଙ୍କ ଗୋଷ୍ଠୀଗତ ସଂସ୍କୃତିର ପ୍ରଥା ଓ ଶୃଙ୍ଖଳା କଡ଼ା କଡ଼ି ଭାବେ ପାଳିତ ହୁଏ। ଏମାନେ ଏକକ ଗୋଷ୍ଠୀବଦ୍ଧ ହୋଇ ପାହାଡ଼ ତଳେ ଜଙ୍ଗଲ ଭିତରେ ରହିବାକୁ ପସନ୍ଦ କରନ୍ତି। ଅନ୍ୟ କୌଣସି ଜାତିର ବସତି ନିକଟରେ ଘୁଞ୍ଚା ଏମାନେ ରହନ୍ତି ନାହିଁ। ଗୋଟିଏ ଗୋଟିଏ ଦଳରେ ପ୍ରାୟ ପାଞ୍ଚ ଛଅଟି କିମ୍ବା ୧୫/୨୦ଟି ପହରିଆ ପରିବାର ରହିଥାନ୍ତି। ଘରଗୁଡ଼ିକ ଘୁଳ ବାଉଁଶ ନଡ଼ା ଖପର ଆଦିରେ ନିର୍ମିତ ହୋଇଥାଏ। ଏମାନଙ୍କର ଦେବାଦେବୀ ପୂଜା ତଥା ରୋଷେଇ ପାଇଁ ସ୍ୱତନ୍ତ୍ର ବାସଗୃହ ଥାଏ। ସ୍ତ୍ରୀମାନଙ୍କୁ ଋତୁ କାଳରେ ସାତ ଦିନ ପର୍ଯ୍ୟନ୍ତ ରୋଷେଇ ଘରେ କିମ୍ବା ଦେବାଦେବୀ ଗୃହକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଏ ନାହିଁ। ଏଣୁ ସେ ଏକ ସ୍ୱତନ୍ତ୍ର ଘରେ ରହେ। କୌଣସି ନାରୀ ଗର୍ଭବତୀ ହେଲେ ସେ ପ୍ରସୂତୀ ହେବା ପୂର୍ବରୁ ତାହା ପାଇଁ ଏକ ସ୍ୱତନ୍ତ୍ର ଗୃହ ନିର୍ମାଣ କରାଯାଏ ଓ ସେହି ଗୃହରେ ପ୍ରସୂତୀ ହୁଏ। ପ୍ରାୟ ଗୁଡ଼ିଏ ଦିନ ସେହି ସ୍ୱତନ୍ତ୍ର ଗୃହରେ ରହିବାକୁ ପଡ଼େ। ଶିଶୁର ନାମକରଣ ଗୃହ ଦେବତାଙ୍କ ଗାଦିରେ କରାଯାଇ ଥାଏ। ବଂଶର ପୂର୍ବ ପୁରୁଷ କୌଣସି ମୃତ ବ୍ୟକ୍ତିର 'ଜୁମା' ସେହି ଶିଶୁଟି ଦେହରେ ଜନ୍ମଲାଭ କରିଛି ବୋଲି ବିଶ୍ୱାସ ରହିଛି। ଶିଶୁର ନାମ କରଣ ପ୍ରକୃତି, ଅବସ୍ଥା, ପରିସ୍ଥିତି ଅନୁସାରେ କରାଯାଏ।

ପହରିଆମାନଙ୍କର ଦୁଇଟି ମୁଖ୍ୟ ବର୍ଗ ଯଥା–ସଉରୀ ଓ ନେତାମ। ଗୋଟିଏ ବର୍ଗର ଝିଅ ଓ ପୁଅଙ୍କ ମଧ୍ୟରେ ବିବାହ ନିଷିଦ୍ଧ। କିନ୍ତୁ ମାମୁଁ ଝିଅକୁ ବିବାହ କରିବା ପ୍ରଥା ରହିଛି। ଏହା ଏକ ପକ୍ଷୀୟ ଓ ଉଭୟ ପକ୍ଷୀୟ ବିଳଙ୍ଗ ସହୋଦରଜ ସନ୍ତତି ବିବାହର ଅନ୍ତର୍ଗତ। ଏମାନଙ୍କର ବାଲ୍ୟ ବିବାହ ପ୍ରଥା ନାହିଁ। ରୀତି ସମ୍ମତ ବିବାହ, ପ୍ରେମ ବା ଉଦୁଲିଆ ବିବାହ, ଘିଶ୍ଚ ବିବାହ, ବିଧବା ବିବାହ, ପଞ୍ଚା ମୁଡ଼ି ବା ପୁଅ ପାଇଁ ଝିଅ ପଳାଇବା ପ୍ରଥା ଆଦି ବିବାହ ରୀତି ଏହି ସମ୍ପ୍ରଦାୟରେ ପ୍ରଚଳିତ। ବିଧି ସମ୍ମତ ବିବାହରେ ବରପକ୍ଷ କନ୍ୟାପକ୍ଷକୁ ସମସ୍ତ ସାହାଯ୍ୟ ଦିଏ ଓ ବିବାହ କାର୍ଯ୍ୟ ସମ୍ପାଦନ ହୁଏ।

ବିବାହ ଉତ୍ସବ ତିନିଦିନ ଧରି ଚାଲେ। ବିବାହରେ ମଦପିଆ, ଭୋଜି ଭାତ ତଥା ନୃତ୍ୟ ଗୀତର ବ୍ୟବସ୍ଥା ଥାଏ। ବିବାହ କାଳୀନ ଶୃଙ୍ଗାରଧର୍ମୀ ଗୀତ ଓ ନୃତ୍ୟ ତଥା ମନୋହାରୀ ବାଦ୍ୟ ହୃଦୟ ଉଲ୍ଲାସକ ହୋଇଥାଏ। ଏମାନଙ୍କର କୌଣସି ଗୀତ ପୂର୍ବ ରଚିତ ନୁହେଁ, ବରଂ ଏମାନେ ଆଶୁ କବି ରୂପେ ସାଙ୍ଗେ ସାଙ୍ଗେ ମନରୁ ଗୀତ ରଚନା କରି ଗାନ କରନ୍ତି। ଉତ୍ତର ପ୍ରତ୍ୟୁତ୍ତର ମୂଳକ ପ୍ରତିଦ୍ୱନ୍ଦ୍ୱାତ୍ମକ ଗୀତ ଆବାଳ ବୃଦ୍ଧ ବନିତାଙ୍କ ଦ୍ୱାରା ରାତିସାରା ଚାଲେ। ଗୀତ ଗାୟକମାନଙ୍କୁ ଗୀତ କୁଡ଼ିଆ ତଥା ଗାୟିକାମାନଙ୍କୁ ଗୀତ କୁଡ଼ିଏନ୍ କୁହାଯାଏ। ଏମାନେ ପହରିଆ ଭାଷାରେ ହିଁ ଗୀତ ଗାଇ ଥାନ୍ତି।

ଏହି ଗୋଷ୍ଠୀର କୌଣସି ବ୍ୟକ୍ତିର ମୃତ୍ୟୁ ହେଲେ ମୃତ୍ୟୁ ଦିନଠାରୁ ତିନି ଦିନରେ ତେଲଖାମ ବା ତିବି କାମ ହୁଏ। ଦଶମ ଦିନରେ 'ଦଶାହ' କାର୍ଯ୍ୟ ହୁଏ। ଦଶାହ ଦିନ ମୃତ ବ୍ୟକ୍ତିର ଜୀବ ଜୁମାକୁ ଅଣା ହୋଇ ଘରେ ଥାପନା କରାଯାଏ। ଏହି ଜୀବ ଜୁମାକୁ ସମ୍ମାନ ଦେବାପାଇଁ କୁକୁଡ଼ା, ଛାଗ, ମଦ୍ୟ ଆଦି ଦେବତା ପାଖରେ ଅର୍ପଣ କରାଯାଇ ସମାଜରେ ଭୋଜି ଦିଆହୁଏ। ଆତ୍ମାର ମରଣୋତ୍ତର ସ୍ଥିତି ଓ ପୁନର୍ଜନ୍ମ ବିଶ୍ୱାସ ଏହି ସମ୍ପ୍ରଦାୟରେ ଅଛି ବୋଲି ଏହି ପ୍ରକ୍ରିୟାରୁ ଜଣାପଡ଼େ।

ପହରିଆମାନେ ବିଭିନ୍ନ ଦେବାଦେବୀ ପୂଜା କରନ୍ତି। ଏମାନଙ୍କ ପ୍ରଧାନ ଦେବୀ ପାହାର ଭଣାର, ଘୁର ଚୌରାଣୀ, ପାହାର ପହରେନ, ଗୋପାରଣିଏନ୍, ଗଡ଼ିଏନି ଦେବୀ ଓ ଭୀମା ଦେବତା। ଭୀମା ଦେବତା ୧୨ ଭାଇ ରୂପେ କଳ୍ପିତ ଏହା ଛଡ଼ା ଷୋହଳ ଭଉଣୀ ଗଙ୍ଗାଦି ମଧ୍ୟ ପୂଜିତା ହୁଅନ୍ତି। ପୃଥିବୀର ସବୁ ପାହାଡ଼ ଗୋଟିଏ ଗୋଟିଏ ଦେବତାର ଆସ୍ଥାନ ବୋଲି ଏମାନଙ୍କ ବିଶ୍ୱାସ। ଏମାନଙ୍କର ଯେହେତୁ ଗ୍ରାମ ନାହିଁ, କେବଳ ବସତି ରହିଛି ଓ ବସତି ଯେହେତୁ ପାହାଡ଼ ଓ ଜଙ୍ଗଲକୁ ଭିତ୍ତି କରି ନିର୍ଭରଶୀଳ, ତେଣୁ ପାହାଡ଼ ଜଙ୍ଗଲରେ ହିଁ ସେମାନଙ୍କର

ବିନା ସେବାର ମହତ୍ୱ ଉପଲବ୍ଧି କରାଯାଇ ପାରେନା । ଆମର ଲକ୍ଷ୍ୟ ହେବ–"To see one's own existence in others and to realise others' existence in one's own self" ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟ ଓ ସହନ ଶୀଳତାର ପରାକାଷ୍ଠା ଦେଖାଇ ନାରୀଜାତି ସମାଜର ପରିବର୍ତ୍ତନ କରିପାରିବ ।

ଆମର ପରିବେଶକୁ ସୁରକ୍ଷା କରା ନଗଲେ ମାନବ ସମାଜ ଦିନେ ଧ୍ୱଂସ ପାଇଯିବ - ଏହି ଚିନ୍ତାରେ ଆଜି ସମସ୍ତେ ଉଦ୍‌ବିଗ୍ନ । କିନ୍ତୁ ପରିବେଶକୁ ପରିଚ୍ଛନ୍ନ ରଖି ବାଡ଼ି ବଗିଚାରେ ଫଳ, ପରିବା ଚାଷ କରିବାଠାରୁ ଆରମ୍ଭକରି ବଡ଼ ଗଛ ଲଗାଇବା ଭଳି କାମ ସ୍ତ୍ରୀମାନେହିଁ କରିପାରିବେ ।

ବର୍ତ୍ତମାନ ସମୟ ଆସିଛି ଭାରତୀୟ ନାରୀ ଜାଗି ଉଠିବା ପାଇଁ । "ନ ଜାଗିବେ ଯଦି ଭାରତ ଲଳନା, କଦାପି ଭାରତ ଜାଗେନା ଜାଗେନା"–ଏହି ଉକ୍ତିର ସତ୍ୟତା ଆଜି ଆମେ ଉପଲବ୍ଧି କରି ପାରିଛୁ । ନାରୀକୁ ତା'ର ନ୍ୟାର୍ଯ୍ୟ ଅଧିକାର ଦିଆଯିବା ଉଚିତ, ଏ ସ୍ଲୋଗାନର ଆଉ ମୂଲ୍ୟ ନାହିଁ । ନାରୀ ନିଜର ଯୋଗ୍ୟତା ବଳରେ ସେ ଅଧିକାର ହାସଲ କରି ପାରିଲାଣି । ବର୍ତ୍ତମାନ ତା'ର କର୍ତ୍ତବ୍ୟ ହେଉଛି ସେହି ଅଧିକାରର ସଦୁପଯୋଗ କରି ସେ ନିଜକୁ ପରିବାର ଗଠନ, ସମାଜ ଗଠନ ତଥା ଦେଶ ଗଠନରେ ନିୟୋଜିତ କରିବ ଓ ତା'ର ଆଦର୍ଶ ହେବ–

"ସର୍ବେ ଭବନ୍ତୁ ସୁଖିନୋ,
ସର୍ବେ ସନ୍ତୁ ନିରାମୟ ।
ସର୍ବେ ଭଦ୍ରାଣି ପଶ୍ୟନ୍ତୁ,
ମା' କଶ୍ଚିତ ଦୁଃଖ ଭାକ୍ ଭବେତ୍ ।

---

ଗ୍ରା:/ପୋ:/ଜି:– ଢେଙ୍କାନାଳ ।



ଗଞ୍ଜାମ ଜିଲ୍ଲାର ବାଲିପଦରଠାରେ ସାମ୍ପ୍ରତିକ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବକୁ ଉତ୍କଳ ପ୍ରସଙ୍ଗର ମୁଖ୍ୟ ସମ୍ପାଦକ ଶ୍ରୀ ସତୀଶ ପାଢ଼ୀ ଉଦ୍‌ଘାଟନ କରୁଛନ୍ତି ।

ନ୍ଦେ କିମ୍ବା ନୀଳକଣ୍ଠି, ପଦ୍ମ ଓ ଭ୍ରମରର ଆଶ୍ରୟ ନେଇ ନାହାନ୍ତି । ବରଂ ତାଙ୍କ ଖାଦ୍ୟାନ୍ୱେଷଣ ଓ ଜୀବିକା ନିର୍ବାହ କାଳୀନ ଜୀବନର ବିଭିନ୍ନ ବାସ୍ତବ ଅନୁଭୂତିରୁ ହିଁ ଉପମା ସାଉଁଟି ଆଣି ପ୍ରେମିକା ସହିତ ତୁଳନା କରିଛନ୍ତି । ମଣିଷର ମୌଳିକ କବି ଚେତନାର ମନୋଭୂମିରେ ଏହି ଆସପ୍ରକାଶ ହିଁ ସତ୍ୟ ଓ ଶାଶ୍ୱତ । ପହରିଆ ପ୍ରେମିକ ତା'ର ପ୍ରେମିକାକୁ ନେଇ ତା'ର ଜୀବିକା ସହିତ ସମନ୍ୱୟ କରି ଗାଏ

"ଢ଼ାହି ନା ଗଢ଼ିଗି ଭା କୁନେସ୍ କସା, ତିନି କୁନେସ୍ କସା

ମାମାଚ ବେଟି କାସୁନ୍ କୁଲୁକେ ଆଶା,
ଲେ ଲେ ସୁନ୍ଦର ଫୁନି କୁଲୁକେ ଆଶା" ।

ଏହାର ଓଡ଼ିଆ ଭାବାର୍ଥ ହେବ–

"ଡଙ୍ଗରର ଗଛଲଟା ଆଣି, ଭୂମିକୁ ପୋତୁଛିରେ ତିନି
ପୋଡ଼ିଛି ।

ଏବେ ସେଠି ମୁଁ କାଙ୍ଗ କସଲା ବୁଣିଛି
ମାମୁଁର ଝିଅକୁ ମୁଁ ଆଶା କରୁଛି
ଏ ଝିଅ୍‌ନି ! ତୁ କେଡ଼େ ସୁନ୍ଦର ଦିଶୁଛୁ,
ମୁଁ ତୋତେ ଆଶା କରୁଛି ।

ପୁଣି ପ୍ରିୟାର ଆଖିକୁ ମହୁଲ ଫୁଲର ଟୋଲ ମଞ୍ଜି ସହ ତୁଳନା କରି ସେ ଗାଏ–

"ଚଇତ୍ ମାସେ କନ୍ଧାମଲିଏନ୍
ଏଙ୍ଗୁନ୍ ଗୁଲୁନ୍ ଟୋଓ୍ୱା
କନ୍ଧାମଲିଏନ୍ ଏକ ପାଜକୁ ଆଚେ ବିଛି ବିଛି ତୁଆ
ଲେ ଲେ ସୁନ୍ଦର ଫୁନି ବିଛି ବିଛି ତୁଆ ।"

କନ୍ଧାମଲିଏନ୍–

ଚଇତ୍ର ମାସରେ ମୁଁ ଟୋଲ ସଂଗ୍ରହ କରିବାକୁ ଗଲି
ମୋର ପ୍ରେମିକା କନ୍ଧାମଲିଏନ୍‌ର ଆଖି ଯୋଡ଼ିକ
ବହୁତ ସୁନ୍ଦର ଦିଶୁଛି
ଏ କନ୍ଧାମଲିଏନ୍ ତୁ ବହୁତ ସୁନ୍ଦର ଦିଶୁଛୁ ।

ଏହିପରି ପହରିଆ ଜୀବନର ବାସ୍ତବ ଓ କଳ୍ପନା ରୂପାୟିତ ହୋଇଅଛି । ସେମାନଙ୍କ ମୌଖିକ ପରମ୍ପରାରେ ।

---

ଗ୍ରା:/ପୋ:–ସିନାପାଲି,
ଜି: କଳାହାଣ୍ଡି ।



ଭୁବନେଶ୍ୱରଠାରେ ଶିଳ୍ପର ପ୍ରତିଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ସଫଳ ବିନିଯୋଗ ମେଳା–'୯୩ରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଉଦ୍‌ବୋଧନ (୨୬/୨)

ଦେବାଦେବୀଙ୍କ ପୂଜା ସାମୂହିକ ଭାବେ ଅନୁଷ୍ଠିତ ହୋଇଥାଏ । କେବଳ ନାମକୁ ମାତ୍ର ଘରେ ଦେବ ପୂଜା ହୁଏସିନା, ଦେବତାର ମୂଳ ଶକ୍ତି ସେହି ଜଙ୍ଗଲ ମଧ୍ୟରେ ହିଁ ଥାଏ । ଏଣୁ ତାଙ୍କ ବସତି ନିକଟର ପାହାଡ଼ରେ ଦେବତା ଗୁଡ଼ି ଥାଏ । ବର୍ଷର ବିଭିନ୍ନ ପର୍ବ ଯଥା–ଆମ ନୂଆଖାଇ, ଗୁରାଳ ଧୂଆ ଯତରା, ନୂଆ ଖାଇ, ପୁଷପୁନି ଚଇତୀ ଆଦି ସମେତ ଲୌକିକ ଦେବାଦେବୀଙ୍କ ପୂଜା ସାମୂହିକଭାବେ ପାଳିତ ହୋଇଥାଏ । ଭୀମା ବର୍ଷାର ଦେବତାରୂପେ, ପାହାର ପହରେନ୍ ଓ ସ୍ଥର ଗୌରାଣୀ ଦେବତା ପ୍ରକୃତି ରକ୍ଷକରୂପେ, ଗଣ୍ଡୀଦି ଗ୍ରାମ ଦେବତାରୂପେ ତଥା ସୂର୍ଯ୍ୟ ବଡ଼ ଦେବତାରୂପେ ପରିଚିତ । ଏହି ଦେବାଦେବୀ ପ୍ରସନ୍ନ ଥିଲେ ପ୍ରକୃତି ରକ୍ଷା ପାଏ ଓ ପ୍ରକୃତିରୁ ମଣିଷ ଜୀବିକା ଅର୍ଜନ କରି ବଞ୍ଚିବ ବୋଲି ଏମାନଙ୍କ ବିଶ୍ୱାସ । ଏମାନଙ୍କ ଦେବୀ ଦେବତାଙ୍କ ନିକଟରେ ଆବୃତ୍ତି କରୁଥିବା ମନ୍ତ୍ର ଏକାନ୍ତ ଗୋପନୀୟ । ଏହା ପ୍ରକାଶ କଲେ ସେମାନଙ୍କ ଜୀବନ ଯାପନରେ ନାନା କ୍ଷତି ଘଟିବ ବୋଲି ବିଶ୍ୱାସ ରହିଛି । ରୋଗ ଦାଉରୁ ତଥା ଭୂତ ପ୍ରେତ ଦାଉରୁ ରକ୍ଷା ପାଇବା ପାଇଁ ଏମାନେ ଦେବୀ ପୂଜା, ଫୁଙ୍କା ଝଡ଼ା, ଗୁଣି ଗାରେଡ଼ି ଆଦିକୁ ମାନନ୍ତି ।

ପହରିଆମାନଙ୍କର ଆର୍ଥିକ ଓ କାରିଗରୀ ଭିତ୍ତିକ ଜୀବନର ଅନୁଶୀଳନ କଲେ ଜଣାଯାଏ ଯେ ଏମାନେ ମୁଖ୍ୟତଃ ଖାଦ୍ୟ ସଂଗ୍ରହକାରୀ ଗୋଷ୍ଠୀରୂପେ ଚଳି ଆସିଛନ୍ତି । ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ସେ ସବୁକୁ ନିଜ ଘରେ ରଖି କୋଟିଆ ପାଖରେ ବିକି ମୂଲ ପଇସା କିମ୍ବା ଦ୍ରବ୍ୟ ଆକାରରେ ବିନିମୟରେ ପାଇବା ଏମାନଙ୍କ ଜୀବିକା । ଜଙ୍ଗଲର ବାଉଁଶ ଆଣି ଟୋକେଇ, ପାଛିଆ, କୁଲା, ସପ ଆଦି ତିଆରି କରି ଏମାନେ ତମ କୋଟିଆ ବ୍ୟବସାୟୀଙ୍କୁ ଲୁଗା, ଲୁଣ ଓ ଗୁରାଳ ବଦଳରେ ବିକ୍ରୟ କରି ଦିଅନ୍ତି ।

ଏବେ ଏସବୁ ଜିନିଷକୁ ନିଜେ ହାଟରେ ବିକି ପଇସା ହିସାବ ସେମାନେ ଶିଖିଲେଣି । ମାଛ ଧରିବା, କେନ୍ଦୁପତ୍ର ସଂଗ୍ରହ, ଶାଳ ଓ ସାଗୁଆନ ମଞ୍ଜି ସଂଗ୍ରହ କରି ବିକିବା ମଧ୍ୟ ଏମାନଙ୍କ ଜୀବିକାର ଅଂଶ । ଏମାନେ ପାହାଡ଼ର ଡାଲୁ ସମତଳ ଅଞ୍ଚଳ ଦେଖି ପୋଡୁଚାଷ କରନ୍ତି । ବିଶେଷ କରି କାନ୍ଦୁଲ, ମୁଗ, ବିରି, କାଙ୍ଗ କମଳା, ମାଣ୍ଡିଆ, ମକା, କାଙ୍କଡ଼, ଶିମ, ଜହ୍ନି ଆଦି ଚାଷ କରନ୍ତି । ଚଢ଼େଇ ଶିକାର କରି ତଥା ପଶୁ ଶିକାର କରି ମାଂସକୁ ପୋଡ଼ି ଓ ସିଝାଇ ଖାଇବା କଥା ଏବେ ବି ଏମାନଙ୍କର ଚଳେ । ପହରିଆମାନେ ବିଲୁଆ ମାରି ଖାଆନ୍ତି । ଏହି ବିଲୁଆକୁ ମାରି ଖାଇବା ପଛରେ ଏକ କାହାଣୀ ରହିଛି । ଭଗବାନଙ୍କ ଦ୍ୱାରା ପହରିଆ ଜାତିର ସୃଷ୍ଟି ହେଲା ବେଳେ ଏହି ବିଲୁଆ ସେମାନଙ୍କୁ ପ୍ରତାରଣା କରି ଥିବାରୁ ସେମାନେ ବିଲୁଆକୁ ଶତ୍ରୁ ବୋଲି ମାରି ଖାଆନ୍ତି ।

ଏମାନଙ୍କର ଭାଷା ଅନୁଶୀଳନ କଲେ ଜଣାଯାଏ, ଏମାନଙ୍କର ନିଜର ଭାଷା ରହିଛି । ଏମାନଙ୍କ ଭାଷା ଭାତରୀ, ହାଲବୀ ଓ ଦ୍ରାବିଡ଼ ଭାଷା ସମେତ ଆଞ୍ଚଳିକ ଓଡ଼ିଆ ଭାଷାର ରୂପକୁ ନେଇ ମିଶ୍ରିତ ଏକ ମଧୁର ଉପଭାଷା । ଏମାନଙ୍କ ଭାଷାର ଉଚ୍ଚାରଣଗତ ବୈଶିଷ୍ଟ୍ୟ ସ୍ୱତନ୍ତ୍ର । ଏମାନଙ୍କ ପ୍ରତ୍ୟେକ ଶବ୍ଦର ଶେଷ ବର୍ଣ୍ଣରେ ଚନ୍ଦ୍ରବିନ୍ଦୁର ପ୍ରୟୋଗ, ଅଳ୍ପ ପ୍ରାଣ ବର୍ଣ୍ଣର ବ୍ୟବହାର, ବ୍ୟଞ୍ଜନ ବର୍ଣ୍ଣର ସ୍ୱରବର୍ଣ୍ଣରେ ପରିବର୍ତ୍ତନ, ଅନୁନାସିକ ଉଚ୍ଚାରଣ, ଶବ୍ଦର ଶେଷ ବର୍ଣ୍ଣରେ ଘୋଟ ଧ୍ୱନିର ବ୍ୟବହାର ହୋଇଥାଏ । ଏମାନଙ୍କ ଭାଷାର ବୈଶିଷ୍ଟ୍ୟ ରହିଛି । ଯଥା–ମସିଓ ଅର୍ଥ କଳା, ଗାଗର ସୁଦୋ ଅର୍ଥ ମୋଟା, ପାଣ୍ଡରୁ କାରିଓ ଅର୍ଥ ଗୋରା, ଉଜ୍ରୁଡ଼ ଅର୍ଥ ଉଜ୍ଜ୍ୱଳ, ଜୁଆଦ ଅର୍ଥ ସପର, ଅଦଲ ଅର୍ଥ କଣ୍ଠା, ଦ୍ରାବିଡ଼ ଭାଷାର ପ୍ରଭାବ ହେତୁ ଏମାନଙ୍କ ଭାଷାରେ 'ଡ' 'ଗ' ଓ 'ଳ' ର ସଙ୍ଗ ଉଚ୍ଚାରଣ ହୋଇଥାଏ ।

ପହରିଆମାନଙ୍କ ଜୀବନଯାତ୍ରାରୁ ଜଣାଯାଏ ଏମାନେ ଅତି ସରଳ, ନିରାମୟ ଓ ନିଷ୍କପଟ । ଏମାନଙ୍କ ମନ ଏକ ଦେଶ ଦର୍ଶୀ । ମନକୁ ପାଇଥିଲେ କିମ୍ବା ବୁଝିଥିଲେ ତ ଭଲକଥା, ଅନ୍ୟଥା ଏମାନଙ୍କୁ କୌଣସି କଥା ବୁଝାଇବା ଦୁଷ୍କର । ଏଣୁ ବୁଝାମଣା ନଥିବା ହେତୁ ନିଜ ନିଜ ଭିତରେ ବି ଗଣ୍ଡଗୋଳ କରନ୍ତି । ଏମାନେ ସଭ୍ୟ ଶିକ୍ଷିତ ଲୋକଙ୍କୁ ଦେଖିଲେ ଏକ ପ୍ରକାର କୁଣ୍ଠା ଓ ବୀତସ୍ପୃହ ମନୋଭାବ ଦେଖାଇଥାନ୍ତି । ପହରିଆ ସ୍ତ୍ରୀମାନଙ୍କ ପ୍ରତି କୌଣସି ଅନ୍ୟ ଜାତିର ଲୋକ ଦୁର୍ବିନୀତ କିମ୍ବା ଅଶୋଭନୀୟ ଆଚରଣ କଲେ ସେମାନେ କ୍ଷମା ଦିଅନ୍ତି ନାହିଁ । ବରଂ ସେଠାରେ ପ୍ରାଣହାନି ପର୍ଯ୍ୟନ୍ତ ଘଟିବାର ସମ୍ଭାବନା ଥାଏ । ପୁରୁଷମାନେ କର୍ମଠ । ସେମାନଙ୍କ ନାକ ଚେପ୍‌ଟା, ମୁହଁରେ ନିଶ ଦାଢ଼ି ଅପେକ୍ଷାକୃତ କମ୍ ବାହାରି ଥାଏ । ଏମାନଙ୍କ ବାଳ କୁଞ୍ଚକୁଞ୍ଚିଆ । ପୁରୁଷମାନେ ନିଷ୍ଠୁର ଥାଆନ୍ତି । ନାରୀମାନଙ୍କ ପ୍ରତି କୌଣସି ଛୋଟ କଥାରେ ନିଷ୍ଠୁର ଆଚରଣ ଦେଖାନ୍ତି । ପୁରୁଷମାନେ ଖଟରେ ଶୁଅନ୍ତି ଓ ନାରୀମାନେ ଆଜୀବନ ଖଟରେ ନଶୋଇ ତଳେ ହିଁ ବାଉଁଶ ସପପାରି ଶୋଇ ଥାନ୍ତି । ସ୍ତ୍ରୀ ପୋଷି ଥିବା କୁକୁଡ଼ାକୁ ପୁରୁଷ ବିକିବାର ଅଧିକାର ନଥାଏ । ଆଦିମ ସମାଜ ପ୍ରତି ତଥା ପୂର୍ବ ପୁରୁଷାନୁକ୍ରମେ ଏହି ଗୋଷ୍ଠୀ ଚଳି ଆସୁଥିବାରୁ ତଥା ସମତଳର କୃଷିଭିତ୍ତିକ ସମାଜ ସହିତ ଏମାନେ ମିଳିମିଶି ରହିବାକୁ ବୀତସ୍ପୃହ ଥିବା ହେତୁ, ମନେହୁଏ ସେମାନଙ୍କ ଚେତନାରେ ତାଙ୍କର ଜାତି ମାନସିକତା ବା race memory ଏବେ ସୁଦ୍ଧା ସକ୍ରିୟ ଅଛି । କାରଣ ଆଜିଯାଏ ଏମାନେ ସ୍ୱପରମ୍ପରା ଓ ରହଣି ଚଳଣି ଛାଡ଼ିବାକୁ ନାରାଜ । ତାଙ୍କ ଜାତି ମୌଳିକତା ଓ ପ୍ରଥା ପରମ୍ପରାକୁ ରକ୍ଷା କରିବାକୁ ସେମାନେ ଆଗ୍ରହୀ । ଏହା ଫଳରେ ସେମାନଙ୍କ ଆର୍ଥିକ ସାମାଜିକ ଉନ୍ନତି ବହୁ ପରିମାଣରେ ବ୍ୟାହତ ହେଉଛି ।

ଶିକ୍ଷା ପାଇଁ ସୁଦ୍ଧା ଏମାନେ ଆଗ୍ରହ ପ୍ରକାଶ କରୁ ନାହାନ୍ତି, କାରଣ ଏମାନେ ସ୍କୁଲଠାରୁ ବହୁଦୂର ନିକାଞ୍ଚନ ଜଙ୍ଗଲରେ ହିଁ ବସତି କରିଥାନ୍ତି । ଏହି ଗୋଷ୍ଠୀ ଖାଦ୍ୟ ସଂଗ୍ରହକାରୀ ଗୋଷ୍ଠୀରୂପେ ମୁଖ୍ୟତଃ ଚଳି ଆସୁଥିବାରୁ ଏମାନଙ୍କ ଆର୍ଥିକ ଅବସ୍ଥା ବର୍ଷ ସାରା ସ୍ୱଚ୍ଛଳ ନୁହେଁ । କିନ୍ତୁ ଏହି ଗୋଷ୍ଠୀ ମଧ୍ୟରେ ପ୍ରଚଳିତ ଲୋକଗୀତର କର୍ମ ସହିତ ପ୍ରେମର, ଜୀବିକା ସହିତ ପ୍ରେମିକାର କର୍ତ୍ତବ୍ୟବୋଧ ସହ ଆନନ୍ଦାନୁଭୂତିର ଏକ ସମନ୍ୱୟ ରୂପ ଦେଖିବାକୁ ମିଳେ । ପହରିଆମାନଙ୍କର ଲୋକଗୀତ ଓ କାହାଣୀରେ ତଥା ଏମାନଙ୍କ ଗାଥାମାନଙ୍କରେ ଭାବ ଗଭୀରତାର ପ୍ରାଚୁର୍ଯ୍ୟ ରହିଛି । ପହରିଆ ପ୍ରେମ କବିତାରେ ପ୍ରିୟାଙ୍କ ରୂପ, ଚକ୍ଷୁ, ଗୁଣ, ସ୍ୱଭାବାଦିର ତୁଳନାପାଇଁ ତଥା ନିଜ ଭାବନାର ମୁକ୍ତ ପ୍ରକାଶ ପାଇଁ ସେମାନେ

ଯୋଗାଯାଇ ପାରିବ । ଅଭିଭାବକମାନେ ନିଜେ କୌଣସି ପ୍ରକାର ମାଦକଦ୍ରବ୍ୟର ବ୍ୟବହାର କରିବା ଉଚିତ ନୁହେଁ । ଘରେ ଥିବା ବିଭିନ୍ନ ଔଷଧର ଏକ ଚିଠା ଲେଖି ରଖିଲେ ଅଯଥାରେ ପିଲାମାନେ କୌଣସି ଔଷଧ ଖାଇବେ ନାହିଁ ।

ଆଜିକାଲି ଶିକ୍ଷାନୁଷ୍ଠାନମାନଙ୍କରେ ମଧ୍ୟ ନିଶାଦ୍ରବ୍ୟର ବହୁଳ ବ୍ୟବହାର ଦୃଷ୍ଟିଗୋଚର ହେଉଛି । ଏଣୁ ଶିକ୍ଷକମାନଙ୍କର ଦାୟିତ୍ୱ ମଧ୍ୟ ବଢ଼ିଯାଇଛି । ଶିକ୍ଷକମାନେ ଛାତ୍ରମାନଙ୍କ ସହ ଘନିଷ୍ଠଭାବେ ମିଶି ଆଲୋଚନା କରି ସେମାନଙ୍କର ବ୍ୟକ୍ତିଗତ ସମସ୍ୟା ବୁଝିଲେ ସେମାନେ ବିଭିନ୍ନ ପରିସ୍ଥିତିର ମୁକାବିଲା କରିବା ପାଇଁ ଉପଯୁକ୍ତ ଭାବେ ନିଜକୁ ପ୍ରସ୍ତୁତ କରିପାରିବେ । ଏହା ଫଳରେ ଛାତ୍ରମାନେ ଧୈର୍ଯ୍ୟହରା ହୋଇ ହତାଶ ହେବେ ନାହିଁ । ନିଶାସେବନର କୁପରିଣାମ ସମ୍ପର୍କରେ ଶିକ୍ଷାନୁଷ୍ଠାନମାନଙ୍କରେ ବିଭିନ୍ନ ଆଲୋଚନାଚକ୍ର ମାଧ୍ୟମରେ ଗଣଚେତନା ଜାଗ୍ରତ କରାଇବା ଆବଶ୍ୟକ । ଛାତ୍ରମାନଙ୍କ ମଧ୍ୟରେ କ୍ରୀଡ଼ା କୌତୁକ ଓ ଯୋଗସାଧନା ଏବଂ ସାଧାରଣଜ୍ଞାନ ସମ୍ପର୍କରେ ଆଗ୍ରହ ସୃଷ୍ଟି ହେଲେ ଜୀବନ ପ୍ରତି ସେମାନଙ୍କର ହତାଶାଭାବ ଜାଗ୍ରତ ହେବ ନାହିଁ ।

ଘର ପାଖରେ କୌଣସି ନିଶାଜାତୀୟ ବସ୍ତୁ ବା ବୃକ୍ଷ ଦେଖିଲେ ସ୍ଥାନୀୟ ପୋଲିସ ଷ୍ଟେସନରେ ଖବର ଦେବା ଉଚିତ । ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ନିକଟସ୍ଥ ଡାକ୍ତରଖାନା ବା ୱେଲଫେୟାର ମନ୍ତ୍ରଣାଳୟ ଦ୍ୱାରା ଖୋଲାଯାଇଥିବା ସଂସ୍ଥାରେ ଚିକିତ୍ସା ହେବାକୁ ପ୍ରରୋଚନା ଦିଅନ୍ତୁ ।

ନିଶାସେବନ ଗୋଟିଏ ରୋଗ ହିସାବରେ ଗଣାଯାଉଛି । ମଣିପୁରରେ ଏକ ଜିଲ୍ଲାରେ କେବଳ ହିରୋଇନ୍ ନିଶାସକ୍ତଙ୍କ ମଧ୍ୟରୁ ୬୨% ସ୍କୁଲଛାତ୍ର ଓ ୨୮% କଲେଜ ଛାତ୍ର । ଏହି ନିଶା ସେବନ ଆଜିର ଯୁବ ସମାଜକୁ କିପରି ଧ୍ୱଂସ ମୁଖକୁ ଠେଲିଦେଉଛି ତାହା ଏଥିରୁ ଜଣାପଡ଼େ ।

---

କୃଷି ମହାବିଦ୍ୟାଳୟ,
Qrs. No. 3R-43,
ଓ: ୟୁ: ଏ: ଟି:,
ଭୁବନେଶ୍ୱର ।



ମୋଇରେଙ୍ଗଠାରେ ଆଜାଦ୍ ହିନ୍ଦ୍ ଫଉଜ ସୈନିକ ସଙ୍ଘ ଦ୍ୱାରା ଆୟୋଜିତ ୯୭ତମ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ ପାଳନ ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା (ଫଟୋ/୧)

# ନିଶାଗ୍ରସ୍ତମାନଙ୍କ ପ୍ରତି ସାମାଜିକ ଦାୟିତ୍ୱ

● ଅଂଶୁମାନ ପଣ୍ଡା

ଆଜିକାଲି ଆମେ ବହୁ ଯୁବକ ଯୁବତୀ, ଏପରିକି କିଶୋରମାନଙ୍କ ମଧ୍ୟରେ ବହୁଳ ଭାବରେ ନିଶା ଔଷଧ ସେବନ ଓ ତାହାର କୁପ୍ରଭାବ ଦେଖିବାକୁ ପାଉଛୁ । ଅନେକ କ୍ଷେତ୍ରରେ ଉଦୀୟମାନ ନବ ଯୁବକମାନେ ନିଶାଗ୍ରସ୍ତ ହୋଇ ଜୀବନର ମୁଖ୍ୟ ଲକ୍ଷ୍ୟ ପଥରୁ ଦିଗହରା ହେଉଛନ୍ତି । ଏଣୁ ଏପରି ବିପଥଗାମୀ ବ୍ୟକ୍ତିମାନଙ୍କୁ ଚିହ୍ନଟକରି ସେମାନଙ୍କୁ ସତ୍‌ମାର୍ଗରେ ପରିଚାଳିତ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ।

ଆବଶ୍ୟକତା ନଥାଇ କୌଣସି ଔଷଧ ବା ନିଶାଦ୍ରବ୍ୟ ବ୍ୟବହାର କଲେ ଶାରୀରିକ ଓ ମାନସିକ ଦକ୍ଷତା ହ୍ରାସ ପାଏ ଓ ଅବସାଦଗ୍ରସ୍ତ ହୋଇ ବ୍ୟକ୍ତି କ୍ରମେ ସାମାଜିକ ସ୍ତରରୁ ଲକ୍ଷ୍ୟଚ୍ୟୁତ ହୋଇଥାଏ । ଏହାକୁ 'ନିଶା ସେବନ' ବା ଡ୍ରଗ୍ ଆବ୍ୟୁଜ କୁହାଯାଏ ।

ଅନେକେ କେବଳ ଅନୁସନ୍ଧିତ୍ସା ବା କୌତୁହଳ ବଶତଃ ସାଙ୍ଗ ମେଳରେ ବା ଗୁରୁଜନମାନଙ୍କଠାରୁ ଦେଖି ଏହି ଅଭ୍ୟାସ ଆରମ୍ଭ କରିଥାନ୍ତି । ଆଉ କେତେକେ ହତାଶା, ବିରକ୍ତି ଓ ମାନସିକ ଅବସାଦ ଯୋଗୁଁ ମନ ଭୁଲାଇବା ପାଇଁ ନିଶା ସେବନ କରିଥାନ୍ତି । ଆତ୍ମୀୟ ସ୍ୱଜନଙ୍କଠାରୁ ବିଚ୍ଛିନ୍ନ ବ୍ୟକ୍ତି ମଧ୍ୟ ବେଳେ ବେଳେ ନିଶାର ଶିକାର ହୁଅନ୍ତି ।

ନିଶାଦ୍ରବ୍ୟର ପ୍ରକାରଭେଦ ଆଲୋଚନା କଲେ ଆମେ ମୁଖ୍ୟତଃ ତମାଖୁ, ଅଫିମ, ମଦ, ଗଞ୍ଜେଇ, ଭାଙ୍ଗ ବିଭିନ୍ନ ନିଦ ବଟିକା, ଇଞ୍ଜେକସନ୍, କୋକେନ୍, ଆମ୍ଫିଟାମିନ୍, ବେଞ୍ଜିଡ୍ରିନ୍, ମରଫିନ୍, ପେଥିଡିନ୍, ବାରବିଟୁରେଟ୍, କାମ୍ପୋଜ୍ ଇତ୍ୟାଦିର ନାମ ଶୁଣୁ । ଏହା ବ୍ୟତୀତ ଚରସ୍, ବ୍ରାଉନ୍ ସୁଗାର, ଏଲ୍.ଏସ୍.ଡି ଇତ୍ୟାଦି ଅତି ମାରାତ୍ମକ ନିଶାଦ୍ରବ୍ୟ ମଧ୍ୟ ନିଶାସକ୍ତମାନଙ୍କ ମଧ୍ୟରେ ବହୁଳଭାବେ ବ୍ୟବହୃତ ହେଉଛି । ଏଗୁଡ଼ିକ ଥରେ ଦୁଇଥର ବ୍ୟବହାର କଲେ ତାହାକୁ ଛାଡ଼ିବା ଅତି କଷ୍ଟକର ହୋଇ ପଡ଼େ ।

ନିଶାଗ୍ରସ୍ତ ହୋଇପଡ଼ିଲେ ବ୍ୟକ୍ତି ଦୈନନ୍ଦିନ କାର୍ଯ୍ୟପ୍ରତି ଉତ୍ସାହ ହରାଇଥାଏ, ଖେଳା ବୁଲା ପ୍ରତି ଆଗ୍ରହ ରହେନାହିଁ, ଶରୀରର ଓଜନ କମିଯାଏ, କ୍ଷୁଧା କମିଯାଏ । ସେ ଅସ୍ଥିର ଓ ବାଉଳଙ୍କ ପରି ଇତସ୍ତତଃ ବୁଲା ବୁଲିକରେ ଓ ଅସ୍ୱାଭାବିକ ବ୍ୟବହାର ପ୍ରଦର୍ଶନ କରେ, ହାତଗୋଡ଼ ଥରେ, ଆଖି ଲାଲ ଦିଶେ, ଖନେଇ ଖନେଇ ଅସ୍ପଷ୍ଟ କଥା କହିବା ନିଶାସେବନ କରିଥିବା ବ୍ୟକ୍ତିର ଅନ୍ୟ କେତେକ ଲକ୍ଷଣ ।

ନିଶାସକ୍ତ ବ୍ୟକ୍ତିର ବ୍ୟବହାରରେ ପରିବର୍ତ୍ତନ ଦେଖାଯାଏ । ସେ ହଠାତ୍ ରାଗିଯାଏ, ସ୍ମରଣ ଶକ୍ତି କମିଯାଏ, ଏକାଗ୍ରତା ରହେ ନାହିଁ । ଏମାନେ କ୍ରମେ ଘରର ଅନ୍ୟମାନଙ୍କଠାରୁ ଦୂରେଇ ଯାଇଥାନ୍ତି । ନିଶା ବା ଡ୍ରଗ୍‌ସ୍ ବ୍ୟବହାର କରୁଥିବା ବ୍ୟକ୍ତି ଏକୁଟିଆ ରହିବାକୁ ଭଲପାଏ ଓ ଅନେକ କ୍ଷେତ୍ରରେ ପାଇଖାନାରେ ବେଶୀ ସମୟ କଟାଇବାକୁ ଇଚ୍ଛା କରେ ।

ପରିବାରରେ ପି ତା ମା ତା ସନ୍ତାନଠାରେ ଏପରି ଲକ୍ଷଣ ଦେଖିଲେ ହଠାତ୍ ରାଗିଯାଇ ତାକୁ ଗାଳିଗୁଲଜ କରିବା କିମ୍ବା ମାରଧର କରିବା ଉଚିତ ନୁହେଁ । କାରଣ ତା'ଫଳରେ ପିଲା ଘରୁ ଅଧିକ ଦୂରେଇ ଯାଏ ଓ କାହାରି ପାଖରେ ନିଜର ମନକଥା ପ୍ରକାଶ କରେ ନାହିଁ । ଏହା ଫଳରେ ତା'ଠାରେ ନିଶାଦ୍ରବ୍ୟ ପ୍ରତି ଅଧିକ ଆଶକ୍ତି ପ୍ରକାଶ ପାଏ । ପିତାମାତା ଏପରି ପିଲା ସହ ଅଧିକ ଘନିଷ୍ଠ ଭାବେ ମିଶି ତା'ର ବିଶ୍ୱାସ ଜନ୍ମାଇବା ଉଚିତ । ତା'ର ବ୍ୟକ୍ତିଗତ ସୁବିଧା ବୁଝି ତାକୁ କୁସଙ୍ଗରୁ ଫେରାଇ ଆଣିଲେ ଏହି ବିପଦ ଜନକ ନିଶା କବଳରୁ ସେ ମୁକ୍ତିପାଏ । ପିତାମାତା ପିଲା ସହ ଆତ୍ମୀୟତା ବଢ଼ାଇଲେ ସେ ପୁଣି ବାହ୍ୟ ଜଗତରୁ ଗୃହାଭିମୁଖୀ ହୁଏ ଓ ନିଜର ହୃତ ଆତ୍ମବିଶ୍ୱାସ ପୁଣି ଫେରିପାଏ । ତା'ଠାରେ କର୍ମ ପ୍ରବଣତା ବୃଦ୍ଧି ପାଏ । ଏବଂ ସେ ପୁନର୍ଜୀବନ ଲାଭ କଲା ପରି ଅନୁଭବ କରେ ।

ବେଳେବେଳେ କେତେକ ବ୍ୟକ୍ତି ନିଜ ଅଜ୍ଞାତରେ ସାଙ୍ଗସାଥିଙ୍କ ସଙ୍ଗେ ନିଶା ଔଷଧ ସେବନ କରିଥାନ୍ତି । ତେଣୁ କେହି ଯଦି ନିଜର ଅସାବଧାନତା ଯୋଗୁଁ ଏପରି କୌଣସି ଲକ୍ଷଣ ନିଜଠାରେ ଦେଖନ୍ତି ତେବେ ଏପରି ସାଙ୍ଗସାଥିଙ୍କଠାରୁ ଦୂରେଇଯିବା ଉଚିତ ।

ରାଜ୍ୟ ପୋଲିସ, ନାର୍କୋଟିକ କଣ୍ଟ୍ରୋଲ ବ୍ୟୁରୋ, ଭାରତ ସରକାରଙ୍କ ନାର୍କୋଟିକ କମିଶନର, ରାଜସ୍ୱ ଗୁଇନ୍ଦା ବିଭାଗ, କେନ୍ଦ୍ରୀୟ ଅବକାରୀ ବିଭାଗ ଏବଂ କେନ୍ଦ୍ରୀୟ ପୋଲିସ୍ ବାହିନୀ ଏହି ନିଶାଗ୍ରସ୍ତ ବ୍ୟକ୍ତି ଓ ନିଶା ବ୍ୟବସାୟୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ କ୍ଷମତାପ୍ରାପ୍ତ ସଂସ୍ଥା ଅଟନ୍ତି ।

ନିଶାସେବନ ଏକ ସାମାଜିକ ବ୍ୟାଧି । ଏଣୁ ଏହାର ସମ୍ପୂର୍ଣ୍ଣ ନିରାକରଣ ପାଇଁ ପରିବାର, ବନ୍ଧୁବର୍ଗ ଓ ଗଣମାଧ୍ୟମଗୁଡ଼ିକର ଯଥେଷ୍ଟ ଗୁରୁତ୍ୱ ଅଛି । ତା'ନହେଲେ ନିଶାସେବନ କ୍ରମେ ବଢ଼ିଚାଲିବ । ନିଶାସକ୍ତ ବ୍ୟକ୍ତିମାନେ ପୁନର୍ବାର ସମାଜକୁ ପ୍ରତ୍ୟାବର୍ତ୍ତନ କରି ନପାରି ଅକାଳରେ ମୃତ୍ୟୁ ମୁଖରେ ପଡ଼ିବେ ।

ପରିବାରରେ ପିତାମାତା ଯୁବାବସ୍ଥର ପିଲାଙ୍କ ସଙ୍ଗେ ବନ୍ଧୁଭାବେ ମିଶି ସେମାନଙ୍କୁ ନିଜ ମନୋଭାବ ପ୍ରକାଶ କରିବାକୁ ଉତ୍ସାହିତ କରିବା ଆବଶ୍ୟକ । ପିଲାଙ୍କୁ ତାଙ୍କ ମତ ପ୍ରକାଶ କରିବାର ସ୍ୱାଧୀନତା ଦେବା ଦରକାର । ତା ଫଳରେ ତାଙ୍କ ମତ ପ୍ରତି ଅନ୍ୟମାନେ ସମ୍ମାନ ଦେଉଛନ୍ତି ବୋଲି ତାଙ୍କର ହୃଦ୍‌ବୋଧ ହେବ । ଏହାଦ୍ୱାରା ପିଲାଙ୍କର ଆତ୍ମବିଶ୍ୱାସ ବଢ଼େ ।

ପିଲାମାନଙ୍କର କାର୍ଯ୍ୟକଳାପ ଓ ବନ୍ଧୁମାନଙ୍କ ଉପରେ ସତର୍କ ଦୃଷ୍ଟିଦେଲେ ନିଶାସେବନ ଅଭ୍ୟାସକୁ ବହୁ ପରିମାଣରେ



[illegible] ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ [illegible]



[illegible] ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ [illegible] କାର୍ଯ୍ୟକ୍ରମର ଶୁଭାରମ୍ଭ ।



ଭୁବନେଶ୍ୱରଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଉଦ୍‌ବୋଧନ ।



[illegible]



ଭୁବନେଶ୍ୱରଠାରେ ରାମକୃଷ୍ଣ ମିଶନ୍ ପରିସର ମଧ୍ୟରେ ଆୟୋଜିତ ଜାତୀୟ ଯୁବ ଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ।



ପୁରୀ ଜିଲ୍ଲା ନିମାପଡ଼ାଠାରେ ନିର୍ମିତ ଏକ ଗୃହ ନିର୍ମାଣ କେନ୍ଦ୍ରକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ନଳିନୀକାନ୍ତ ମହାନ୍ତି ଉଦ୍‌ଘାଟନ କରୁଛନ୍ତି । ମନ୍ତ୍ରୀ ଶ୍ରୀ ପ୍ରସନ୍ନ କୁମାର ପାଟଶାଣୀ ଓ ଶ୍ରୀ କିରଣ ଚନ୍ଦ୍ର ସିଂହଦେଓ ଉପସ୍ଥିତ ଅଛନ୍ତି ।

ଅଜଗର, ଅହିରାଜ ଓ ଗୋଧି ଜାତୀୟ ସରୀସୃପ ନିର୍ଭୟରେ ଏହି ଅଭୟାରଣ୍ୟର ଅନୁପମ ଶୋଭା ମଣ୍ଡନ କରନ୍ତି ।

୧୯୭୩ ମସିହାରୁ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (Project Tiger) କାର୍ଯ୍ୟକାରୀ ହେବା ଫଳରେ ବ୍ୟାଘ୍ର ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି । ପରିପୂରକ ବନ୍ୟ ଜୀବନ ମଧ୍ୟରେ ପାରସ୍ପରିକ ସୁସମ୍ପର୍କ ତଥା ପାରିପାର୍ଶ୍ୱିକ ଭାରସାମ୍ୟ ପ୍ରତିଷ୍ଠିତ ହୋଇପାରିଛି ।

ଆଦିବାସୀ ସଂସ୍କୃତି ଓ ନୃତତ୍ତ୍ୱ ସମ୍ପର୍କୀୟ ଅନୁସନ୍ଧିତ୍ସୁ ଗବେଷକଙ୍କ ପାଇଁ ଏହା ଏକ ବିସ୍ତୃତ ବିଶାଳ ଗନ୍ତାଘର । ଖଡ଼ିଆ, ମାଙ୍କଡ଼ିଆ, ସାନ୍ତାଳ, କୋହ୍ଲ, ଭୂମିଜ ଓ ଅନ୍ୟ ଗୋଷ୍ଠୀଙ୍କ ଜନଜୀବନ ବାସ୍ତବିକ କୌତୂହଳପୂର୍ଣ୍ଣ ।

ଜଣେ ଗବେଷକ ବିଶେଷଜ୍ଞ ବନ୍ୟପ୍ରାଣୀ, ବନ୍ୟଜାତ ଉଦ୍ଭିଦ, ଆଦିବାସୀ ଜୀବନ ଉପରେ ଅଧ୍ୟୟନ ପାଇଁ ହେଉ ବା ଜଣେ ପର୍ଯ୍ୟଟକ ନିଜର ପ୍ରମୋଦ ପାଇଁ ହେଉ, ଏଠାକୁ ଆସିବା ଉଭୟଙ୍କ ପକ୍ଷେ ଆକର୍ଷଣୀୟ ତଥା ତାତ୍ପର୍ଯ୍ୟପୂର୍ଣ୍ଣ । ଏହି ଅଭୟାରଣ୍ୟ ମଧ୍ୟରେ ପ୍ରବେଶ ନିମନ୍ତେ ଅକ୍ଟୋବରରୁ ମେ' ପର୍ଯ୍ୟନ୍ତ ସର୍ବଶ୍ରେଷ୍ଠ ସମୟ ।

ଶିମିଳିପାଳ ମଧ୍ୟକୁ ୫ମ ଜାତୀୟ ରାଜପଥ (N.H.5)ର ବାରିପଦାରୁ କିମ୍ବା ୬ଷ୍ଠ ଜାତୀୟ ରାଜପଥ (N.H.6)ର ଯଶୀପୁରରୁ ସମସ୍ତ ପ୍ରକାରର ଆବଶ୍ୟକୀୟ ସରଞ୍ଜାମ ସହ ପ୍ରବେଶ କରାଯାଇପାରେ । ନିର୍ଦ୍ଦିଷ୍ଟଭାବେ ଭଡ଼ା ଗାଡ଼ି ବିଶେଷକରି ଜିପ୍, Spot light, କିଛି dry-foods ଏବଂ ଶୀତଦିନେ କିଛି ଶୀତ ବସ୍ତ୍ର ଆଦି ଏକାନ୍ତ ଆବଶ୍ୟକ । ଏତଦ୍ ବ୍ୟତୀତ ଓଡ଼ିଶାର ଏକମାତ୍ର ସ୍ୱୀକୃତିପ୍ରାପ୍ତ ଘରୋଇ ସଂସ୍ଥା ଓରି-ଟୁର ଓ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ (ଓ.ଟି.ଡି.ସି.)ଙ୍କ ମିନିବସ୍ ମଧ୍ୟ ପର୍ଯ୍ୟଟକଙ୍କ ଗମନାଗମନ ପାଇଁ ଯଥେଷ୍ଟ ସହାୟକ ।

ରାତି ଯାପନ ନିମନ୍ତେ ଅଭୟାରଣ୍ୟ ମଧ୍ୟରେ ଗୁରୁଗୁଡ଼ିଆ, ଚହଲା, ନୱାଣା, ବରେହିପାଣି, ଯୋରଣ୍ଡା, ଗୁଡ଼ଗୁଡ଼ିଆ, ଜେନାବିଲ, ଉପର ବାରାକାମୁଡ଼ା, ମେଘାସନୀ, ଭଞ୍ଜବସା ଓ ଯଶିପୁର ବଙ୍ଗଳାରେ ବିଶ୍ରାମାଗାର ଓ ଡାକବଙ୍ଗଳା ରହିଛି । ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ, ଜାତୀୟ ଉଦ୍ୟାନ ରକ୍ଷକ ଓ ଶିମିଳିପାଳ ବନ ଉନ୍ନୟନ ନିଗମ (ଏସ୍.ଏଫ୍.ଡି.ସି.)ର ମେନେଜରଙ୍କଠାରୁ ଏ ବିଷୟରେ ଅନୁମତି ଆଣିବା ଆବଶ୍ୟକ । ଏତଦ୍ ବ୍ୟତୀତ ଯଶୀପୁରଠାରେ ନବ ନିର୍ମିତ Youth Hostel ସ୍ୱଳ୍ପ ବ୍ୟୟକାରୀ ଯୁବ ପର୍ଯ୍ୟଟକଙ୍କ ପାଇଁ ଖୁବ୍ ଉପଯୋଗୀ ।

କ୍ଷୁଦ୍ର ସ୍ୱାର୍ଥ ସିଦ୍ଧି ପାଇଁ ନିର୍ବିଘ୍ନର ଜଙ୍ଗଲ ଧ୍ୱଂସ ଆଜି ଶିମିଳିପାଳର ନୈସର୍ଗିକ ଶୋଭାସମ୍ପଦକୁ ସମୂଳେ ଧ୍ୱଂସ କରିଦେବାକୁ ବସିଛି । ବୃକ୍ଷ ଓ ଅରଣ୍ୟର ସୁରକ୍ଷା ପାଇଁ କେବଳ କେତେଗୁଡ଼ିଏ ସୁନ୍ଦର ସ୍ଲୋଗାନ ଲେଖି ଟାଙ୍ଗିଦେଲେ ଲକ୍ଷ୍ୟ ପୂରଣ ହୋଇଯିବ ନାହିଁ । ଏଥି ପାଇଁ ଆନ୍ତରିକତା ପୂର୍ଣ୍ଣ ଉଦ୍ୟମ ଆବଶ୍ୟକ । ପୁନଶ୍ଚ କେତେକ ବ୍ୟକ୍ତି ପର୍ଯ୍ୟଟନ ବାହାନାରେ ଶିମିଳିପାଳ ଭିତରେ ପ୍ରବେଶ କରି ଜନ୍ତୁ ଶିକାର କରୁଥିବା ମଧ୍ୟ ଦୃଷ୍ଟି ଗୋଚର ହେଉଛି । ଏଭଳି ଅପକର୍ମ ପାଇଁ କଠୋର ଶାସ୍ତିବିଧାନ ହେବା ଉଚିତ । ଏକ ସଙ୍ଗରେ ବହୁ ସଂଖ୍ୟକ ପର୍ଯ୍ୟଟକଙ୍କୁ ଅରଣ୍ୟ ମଧ୍ୟକୁ ପ୍ରବେଶ ଅଧିକାର ଦେବାଫଳରେ ମଧ୍ୟ ଅଭୟାରଣ୍ୟର ସାନ୍ତ ପରିବେଶ ନଷ୍ଟ ହୋଇଯିବାର ଆଶଂକା ରହିଛି । ଏହାଦ୍ୱାରା ଜୀବଜନ୍ତୁଙ୍କ ମୁକ୍ତ ବିଚରଣରେ ମଧ୍ୟ ବାଧା ସୃଷ୍ଟି ହେବା ସହିତ ପ୍ରକଳ୍ପ ବ୍ୟାଘ୍ରଙ୍କ ସଂଖ୍ୟା ହ୍ରାସ ପାଇ ନିଶ୍ଚିହ୍ନ ହୋଇଯିବାର, ଆରଣ୍ୟକ- ଭାରସାମ୍ୟ ନଷ୍ଟ ହେବାର, ପର୍ଯ୍ୟଟନ କେନ୍ଦ୍ର- ଘରୋଇ ତଥା ବିଦେଶୀ ମୁଦ୍ରାର ଆୟକାରୀ କେନ୍ଦ୍ର- କାଳକ୍ରମେ ବିପର୍ଯ୍ୟସ୍ତ ହେବାର ଅବଶ୍ୟମ୍ଭାବୀ ଆଶଙ୍କାକୁ ଅସ୍ୱୀକାର କରାଯାଇ ନ ପାରେ ।

ସଂପ୍ରତି ଆନ୍ତର୍ଜାତିକ ପର୍ଯ୍ୟଟନରେ ଦୁଃସାହିକ ପର୍ଯ୍ୟଟନ(Adventure Tourism)ଏତେ ମାତ୍ରାରେ ପ୍ରଭାବ ବିସ୍ତାର କରିଛି ଯେ, ଏ ଦିଗରେ ଶିମିଳିପାଳର ଉଜ୍ଜ୍ୱଳ ସମ୍ଭାବନାକୁ ଅସ୍ୱୀକାର କରି ହେବନାହିଁ । ଏ ପରିପ୍ରେକ୍ଷୀରେ ଜାତୀୟ ଉଦ୍ୟାନର ବହିର୍ଭାଗରେ ପର୍ବତାରୋହଣ (Mountaineering)ଦୁର୍ଗମ ପଦଯାତ୍ରା (Trekking) ଇତ୍ୟାଦି ପାଇଁ ସୁଯୋଗ ସୃଷ୍ଟି କରାଗଲେ ଏବଂ ଦୁଇ ପର୍ବତ ମଧ୍ୟରେ Rope trolley ବ୍ୟବସ୍ଥା କରାଗଲେ ଏହା ପର୍ଯ୍ୟଟକଙ୍କ ପାଇଁ ଅତ୍ୟନ୍ତ ଆକର୍ଷଣୀୟ ହୋଇ ପାରନ୍ତା । ସ୍ଥାନୀୟ କଳାର ନିଦର୍ଶନ ସ୍ୱରୂପ ଦୋକାନ ବଜାର ବିଶେଷକରି ପ୍ରସ୍ତର ନିର୍ମିତ ବିଭିନ୍ନ ବସ୍ତୁର ସୋ'ରୁମ୍ ଯଶୀପୁରଠାରେ ନିର୍ମାଣ ହେଲେ ଆଗନ୍ତୁକଙ୍କ ଆକର୍ଷଣକୁ ଦ୍ୱିଗୁଣିତ କରିବ ।

କରଞ୍ଜିଆ, ମୟୂରଭଞ୍ଜ ।



# ଅରଣ୍ୟ ସୁନ୍ଦରୀ ଶିମିଳିପାଳ

• ଅଶୋକ ପ୍ରିୟଦର୍ଶୀ

ପର୍ଯ୍ୟଟନ ମାନବ ଜାତିର ସର୍ବପ୍ରାଚୀନ ବୃତ୍ତି ଓ ସର୍ବାଧୁନିକ ପ୍ରବୃତ୍ତି । ସଭ୍ୟତାର ପ୍ରଥମ ସ୍ତରରେ ଯାଯାବର ମଣିଷ ପାଇଁ ପର୍ଯ୍ୟଟନ ଯଦିଓ ଅନ୍ୱେଷଣ ବା ଅନୁସନ୍ଧାନର ଅନ୍ୟ ନାମ ଥିଲା, ତଥାପି ଏହି ଅନ୍ୱେଷଣ ପଛରେ ଯେ ନୂତନ ସ୍ଥାନ ଓ ନୂତନ ପରିବେଶ ସନ୍ଦର୍ଶନ ଜନିତ ନିର୍ମଳ ଆନନ୍ଦ ସେ ପାଉ ନଥିଲା, ତାହା କୁହା ଯାଇ ନପାରେ । ଭାରତୀୟ ଧର୍ମଧାରଣାରେ ବହୁ ପ୍ରାଚୀନ କାଳରୁ "ପ୍ରବ୍ରଜ୍ୟା" ଓ "ତୀର୍ଥାଟନ" ଧାର୍ମିକ କ୍ରିୟାନୁଷ୍ଠାନ ଭାବରେ ପରିଗଣିତ ହୋଇ ଆସୁଛି । ଆଧୁନିକ ମଣିଷ ଜଳବାୟୁ ପରିବର୍ତ୍ତନ ପାଇଁ ମାନସିକ ପରିବର୍ତ୍ତନ ଓ ନିଛକ୍ ଆନନ୍ଦ ଉପଭୋଗ ପାଇଁ ନିଜର ଦୈନନ୍ଦିନ କର୍ମବ୍ୟସ୍ତ ଜୀବନରୁ ସାମୟିକ ଅବସର ନେଇ ନୂଆ ସ୍ଥାନ ପରିଦର୍ଶନରେ ବାହାରୁଛନ୍ତି । ତେଣୁ ଉଦ୍ଦେଶ୍ୟ ଯାହା ହେଉନା କାହିଁକି, ପର୍ଯ୍ୟଟନ ସବୁ ଯୁଗରେ ଥିଲା ଓ ଅଛି । ଆଧୁନିକ ମାନବ ପାଇଁ ଏହା ପୁଣି ବିଶେଷ ପ୍ରୟୋଜନୀୟ ହୋଇ ପଡ଼ିଛି । କାରଣ ଯନ୍ତ୍ର ସଭ୍ୟତାରେ ଅତିଷ୍ଠ ଓ ପିଷ୍ଟ ସହରୀ ମଣିଷ ଯଦି ଅରଣ୍ୟ, ପର୍ବତ ବା ସମୁଦ୍ର ଆଦି ପ୍ରାକୃତିକ ପରିବେଶରେ ଜୀବନର କିଛି ସମୟ ଅତିବାହିତ ନକରେ । ତେବେ ବିଭିନ୍ନ ଶାରୀରିକ ତଥା ମାନସିକ ବ୍ୟାଧିର ଶିକାର ହେବାର ଯଥେଷ୍ଟ ଆଶଙ୍କା ରହିଛି । ପ୍ରକୃତ ପକ୍ଷେ ସହରୀ ଯନ୍ତ୍ର ସଭ୍ୟତାରେ ପରିପାଳିତ ମଣିଷ ଏହି ଦୃଷ୍ଟିରୁ ଅନେକଟା ଅସୁସ୍ଥ ଓ ମାନସିକ ବିକାରଗ୍ରସ୍ତ ।

ଆଧୁନିକ ମାନବର ଏହି ଆବଶ୍ୟକତା ଓ ରୁଚିକୁ ଗ୍ରହି ସାରା ପୃଥିବୀରେ ଏବେ ପର୍ଯ୍ୟଟନ ଏକ ଶିଳ୍ପ ତଥା ବ୍ୟବସାୟରେ ପରିଣତ ହୋଇ ପାରିଛି । ଆମ ଭାରତ ବର୍ଷ ବହୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହୋଇ ରହିଥିବାରୁ ବହୁ ବିଦେଶୀ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିବା ସ୍ୱଭାବିକ । ଆମ ଦେଶବାସୀ ମଧ୍ୟ ପାଶ୍ଚାତ୍ୟ ଢାଞ୍ଚା ଅନୁସରଣରେ ଅଧୁନା ପର୍ଯ୍ୟଟନ ଉପରେ ବେଶ୍ ଗୁରୁତ୍ୱ ଆରୋପ କଲେଣି । ବିଶେଷକରି ବିଗତ ୩/୪ ବର୍ଷ ହେବ ଏହା ଖୁବ୍ ପ୍ରଭାବଶାଳୀ ହୋଇ ଉଠିଛି । ଆମର ସୌଭାଗ୍ୟ ଯେ 'ମୟୂରଭଞ୍ଜ' ଏହିଭଳି ଏକ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ସ୍ଥାନ । ପାରିପାର୍ଶ୍ୱିକ ସନ୍ତୁଳନର ସୁରକ୍ଷା ହେବା ସହିତ ଏହାକୁ ପର୍ଯ୍ୟଟନ କେନ୍ଦ୍ର ଭାବରେ ଉନ୍ନତ କରାଯାଇ ପାରିଲେ ଦୂରାଗତ ପର୍ଯ୍ୟଟକଙ୍କ ଆବଶ୍ୟକତା ପୂରଣ କରିବା ସହ ସ୍ଥାନୀୟ ଲୋକଙ୍କ ଆର୍ଥିକ ଉନ୍ନତିରେ ସହାୟକ ହୋଇପାରନ୍ତା ।

ଅରଣ୍ୟ ସୁନ୍ଦରୀ ଶିମିଳିପାଳ କେବଳ ଜିଲ୍ଲାର ନୁହେଁ, ଆମ ଦେଶର ଏକ ବିଶିଷ୍ଟ ପର୍ଯ୍ୟଟନ କେନ୍ଦ୍ର । ଏହି ଶିମିଳିପାଳ କବିବର ରାଧାନାଥଙ୍କ କବିତାରେ ମଧ୍ୟ ସୌନ୍ଦର୍ଯ୍ୟମୁଗ୍ଧ ସ୍ଥାନ ଅଧିକାର କରିଛି ।

ପର୍ଯ୍ୟଟନ ନିମନ୍ତେ ତିନୋଟି ବସ୍ତୁ ଏକାନ୍ତ ଅପରିହାର୍ଯ୍ୟ । ପ୍ରଥମଟି ଦୃଶ୍ୟାବଳୀ ଉପଭୋଗ ଓ ମନୋରଞ୍ଜନ ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ । ଦ୍ୱିତୀୟଟି, ଗମନାଗମନର ସୁବିଧା ଏବଂ ତୃତୀୟଟି, ଭୋଜନ ଓ ବିଶ୍ରାମର ସୁବ୍ୟବସ୍ଥା । ଏ ତିନୋଟି ଉପସ୍ଥିତ ଥିଲେ ବିଭିନ୍ନ ପ୍ରକାର ଉଦ୍ଦେଶ୍ୟରେ ଯଥା– ଗବେଷଣା ଓ ଅବସର ବିନୋଦନ ନିମନ୍ତେ ମଣିଷ ପର୍ଯ୍ୟଟନ ପ୍ରତି ଆକୃଷ୍ଟ ହୋଇଥାଏ ।

ଶିମିଳିପାଳ ଅଭୟାରଣ୍ୟ ମୟୂରଭଞ୍ଜ ଜିଲ୍ଲାର କେନ୍ଦ୍ରରେ ଅବସ୍ଥିତ । ୨,୭୫୦ ବର୍ଗ କିଲୋମିଟର ପରିମିତ ଅଞ୍ଚଳରେ ଚିତ୍ତ ସମ୍ମୋହକ ଜଳପ୍ରପାତ, ଚିରସ୍ରୋତା ନିର୍ଝରିଣୀ, ସମ୍ପ୍ରସାରିତ ସବୁଜ ଉପତ୍ୟକା, ବିସ୍ତୀର୍ଣ୍ଣ ଉତ୍ତୁଙ୍ଗ ଶାଳ ଜଙ୍ଗଲ ଇତ୍ୟାଦି ପ୍ରାକୃତିକ ବିଭବ ବିଭିନ୍ନ ପ୍ରକାର ଘନ ବୃକ୍ଷଲତା ଓ ଜୀବଜନ୍ତୁଙ୍କ ପରିବେଶରେ ବେଶ୍ ସମୃଦ୍ଧ । ସମଗ୍ର ବନାଞ୍ଚଳଟି ୧୯୭୯ ମସିହାରୁ ଅଭୟାରଣ୍ୟ ଭାବେ ଘୋଷିତ ହୋଇଛି । ତନ୍ମଧ୍ୟରୁ ୮୪୫.୭୦ ବର୍ଗ କିଲୋମିଟରର ଏକ ସୁନ୍ଦର, ସୁରମ୍ୟ, ପ୍ରଦୂଷଣ ମୁକ୍ତ ପ୍ରାକୃତିକ ପରିବେଶକୁ ନେଇ ଶିମିଳିପାଳ ଜାତୀୟ ଉଦ୍ୟାନ (National Park)ର ସୃଷ୍ଟି । ଏହି ଉଦ୍ୟାନ ବା କୋର୍ ଏରିଆ (Core Area) ଭାରତର ୧୯ଟି ବୃହତ୍ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର (Tiger Reserve) ମଧ୍ୟରୁ ଅନ୍ୟତମ ।

ସମୁଦ୍ର ପତ୍ତନ ଠାରୁ ସର୍ବନିମ୍ନ ୫୦ ମିଟରରୁ ଆରମ୍ଭକରି ସର୍ବୋଚ୍ଚ ୧୧୬୬.୩୨ ମିଟର ଉଚ୍ଚତା ବିଶିଷ୍ଟ ମେଘାସନ ପର୍ଯ୍ୟନ୍ତ ଶିମିଳିପାଳ ପର୍ବତମାଳାର ଅବସ୍ଥିତି ବିସ୍ତୃତି । ବୁଢ଼ାବଳଙ୍ଗ, ଖଇରୀ, ଭଣ୍ଡାନ, ଖଡ଼କେଇ, ପୂର୍ବ ଦେଓ ଓ ପଶ୍ଚିମ ଦେଓ ଆଦି ଚିରସ୍ରୋତା ନଦନଦୀ ଓ ଝରଣା ପରିବେଷ୍ଟନୀରେ ଛୋଟବଡ଼ ଗିରି ଉପତ୍ୟକା ଏବଂ ବିଶେଷକରି ଶୀତ ଦିନର (ଡିସେମ୍ବର/ଜାନୁଆରୀ) ବାଦୁରୀଚରା, ଗ୍ରୀଷ୍ମ ଦିନର (ମେ/ଜୁନ୍) ମାଳାଞ୍ଚଳ ତଥା ବର୍ଷ ବ୍ୟାପୀ ଜୋରଣ୍ଡା ଓ ବରେଇପାଣି ପ୍ରପାତ ଦର୍ଶକ– ଭାବୁକଙ୍କ ପାଇଁ ସର୍ବାଧିକ ମନୋରମ ଓ ଉପଭୋଗ୍ୟ ହୋଇଥାଏ ।

ବାର୍ଷିକ ପ୍ରାୟ ୧,୬୦୦ରୁ ୧,୭୦୦ ମିଲିମିଟର ବର୍ଷା ହେଉଥିବାରୁ ଏହି ଅରଣ୍ୟଟି ଅତ୍ୟନ୍ତ ଘଞ୍ଚ ଓ ନାନା ରୂପର ବୃକ୍ଷ ଲତାରେ ପରିପୂର୍ଣ୍ଣ । ଶାଳ, ପିଆଶାଳ, ଶିଶୁ, ସାଗୁଆନ୍, ଗମ୍ଭାରୀ, ଆମ୍ବ, ପଣସ, କେନ୍ଦୁ, ଚମ୍ପା, କଦମ୍ବ, ମହୁଲ, ହରିଡ଼ା, ବାହାଡ଼ା, କୁସୁମ ଆଦି ମୁଖ୍ୟ ବୃକ୍ଷରାଜି, ଗ୍ରୀଷ୍ମ ଦିନରେ 'ମେ–ଜୁନ୍' ପ୍ରସ୍ଫୁଟିତ ରଙ୍ଗ ବେରଙ୍ଗର ସୁଶୋଭିତ ଆର୍କିଡ୍, ଝରଣା କୂଳବର୍ତ୍ତୀ ଆକର୍ଷଣୀୟ ଗୁଳ୍ମଲତା, ଔଷଧି ଗୁରା ଏବଂ ବିସ୍ତୃତ ତୃଣ ପ୍ରାନ୍ତର ଅତୁଳନୀୟ ସ୍ନିଗ୍ଧ ପରିବେଶର ଅବତାରଣା କରିଥା'ନ୍ତି ।

ଭୟଶୂନ୍ୟ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ, ସ୍ୱାଭାବିକ୍ ଉତ୍ତାପ (ପାଣି ପାଗ) ଓ ଉଦ୍ଭିଦ ପ୍ରାଚୁର୍ଯ୍ୟ ମଧ୍ୟରେ ଏହା ବନ୍ୟପ୍ରାଣୀଙ୍କର ପ୍ରକୃଷ୍ଟ ନିବାସ ସ୍ଥଳି । ମୁଖ୍ୟତଃ ମହାବଳ, ଚିତା, କଲରାପତ୍ରିଆ, ହେଟା, ହାତୀ, ଭାଲୁ, ବାରହା, ଗଧିଆ, ଗମ୍ବଲ, ହରିଣ, ସମ୍ବର, ଚଉଶିଙ୍ଗା, ଝିଙ୍କ, ବଜ୍ରକାପ୍ଟା ପ୍ରଭୃତି ଜନ୍ତୁ, ମୟୂର, ଶୁଆ, ଶାରୀ, ବଣ କୁକୁଡ଼ା, ପେଚା, ଛଞ୍ଚାଣ, ବାଦୁଡ଼ି, କୋଚିଲାଖାଇ ଆଦି ପକ୍ଷୀ ତଥା

# ପରିବେଶ ସୁରକ୍ଷା ପାଇଁ ଲୁହା

● ସୁବାସ ସାହୁ

ପରିବେଶ ପ୍ରଦୂଷଣ ଚିନ୍ତା ଆଉ ରହିବ ନାହିଁ। ସେମିନାରମାନ ଆୟୋଜନ କରାଯିବନି ପରିବେଶ ସୁରକ୍ଷା ପାଇଁ। ଚିତ୍କାର କରି କେହି କହିବେନି ଧ୍ୱଂସ ଆଡ଼କୁ ଗତି କରୁଛି ପୃଥିବୀ। ବଢ଼ି ଯାଉଛି ପୃଥିବୀର ଉତ୍ତାପ। ବୃଦ୍ଧି ପାଉଛି ବାୟୁମଣ୍ଡଳର ଅଙ୍ଗାରକାମ୍ଳ ପରିମାଣ।

ଆଶଙ୍କା କରିବେନି ଭବିଷ୍ୟଦ୍‌ବିଦ୍‌ମାନେ–ଜୀବଜଗତ ଲୋପ ପାଇଯିବ ପୃଥିବୀରୁ। ଗଛବୃଛର ସତ୍ତା ରହିବନି ପୃଥିବୀରେ। ଖାଁ ଖାଁ ହୋଇଯିବ ପୃଥିବୀ। ବଢ଼ିଯିବ ଉତ୍ତାପ। ହିମାଳୟର ବରଫ ତରଳିବ। ବଢ଼ିଯିବ ସମୁଦ୍ର ଜଳର ପତନ। ଖଣ୍ଡପ୍ରଳୟ ଘଟିଯିବ ପୃଥିବୀରେ।

ଏ ବିଷୟରେ ବେଶ୍ ସଚେତନ ଅଛନ୍ତି ପରିବେଶ ବିଜ୍ଞାନୀମାନେ। ପରିବେଶ ସୁରକ୍ଷା ପାଇଁ ଉପାୟ ବାହାର କରୁଛନ୍ତି ବୈଜ୍ଞାନିକମାନେ। ବାୟୁମଣ୍ଡଳର ବର୍ଦ୍ଧିତ ଅଙ୍ଗାରକାମ୍ଳ ପରିମାଣ କମାଇବା ନିମିତ୍ତ ଚେଷ୍ଟା ଚଳାଇଛନ୍ତି ସେମାନେ।

ଏ ଦିଗରେ ବେଶ୍ ସଫଳତା ହାସଲ କରିଛନ୍ତି ଆମେରିକାର ବୈଜ୍ଞାନିକ ଜନ୍ ମାର୍ଟିନ୍। ବାୟୁମଣ୍ଡଳର ଅଙ୍ଗାରକାମ୍ଳ ପରିମାଣ କମାଇ ଦେବା ପାଇଁ ସହଜ ଉପାୟ ଜାଣି ପାରିଛନ୍ତି ସେ। ତାଙ୍କ ମତରେ ଆଣ୍ଟାର୍କଟିକା ନିକଟସ୍ଥ ସମୁଦ୍ରରେ ଜମା କରି ଦିଆଯିବ କେତେ ହଜାର ଟନ୍ ଲୁହା। କେତେ ବର୍ଷ ପରେ ଅଙ୍ଗାରକାମ୍ଳ ପରିମାଣ କମିଯିବ ପୃଥିବୀରେ। ବଢ଼ିଯିବ ଅମ୍ଳଜାନ ପରିମାଣ।

ଜାଣିପାରିଛନ୍ତି ମାର୍ଟିନ୍, ସମୁଦ୍ର ଜଳରେ ସାମାନ୍ୟ ପରିମାଣରେ ରହିଥାଏ ଲୌହ ଧାତୁ। ସମୁଦ୍ରରେ ବଢ଼ୁଥିବା ପ୍ଲାଙ୍କଟନ୍ ଉଦ୍ଭିଦର ବୃଦ୍ଧି ପାଇଁ ଏହା ସାହାଯ୍ୟ କରିଥାଏ। ପ୍ଲାଙ୍କଟନ୍‌ର ସବୁଜକଣା ଓ ଡିଏନ–ଏ ପ୍ରସ୍ତୁତ ପାଇଁ ଦରକାର ହୋଇଥାଏ ଲୌହ। ଏଥି ସହିତ ନାଇଟ୍ରେଟ୍ ରିଡକ୍‌ଟେଜ୍ ନାମକ ଏଞ୍ଜାଇମ୍ ସୃଷ୍ଟି ପାଇଁ ଦରକାର ହୋଇଥାଏ ଲୁହା। ତେଣୁ ଲୌହ ନମିଳିଲେ ବ୍ୟାଘାତ ଘଟେ ପ୍ଲାଙ୍କଟନ୍‌ବୃଦ୍ଧିରେ।

ବିଶ୍ୱାସ କରନ୍ତି ବୈଜ୍ଞାନିକମାନେ, କମ୍ ଲୌହଥିବା ସାମୁଦ୍ରିକ ଅଞ୍ଚଳରେ ଭଲ ବଢ଼ି ନଥାଏ ପ୍ଲାଙ୍କଟନ୍। ସେଇଥିପାଇଁ ପ୍ଲାଙ୍କଟନ୍ ପରିମାଣ ହ୍ରାସ ପାଇଥାଏ ଆଣ୍ଟାର୍କଟିକା ଅଞ୍ଚଳର ସମୁଦ୍ର ବକ୍ଷରେ।

ମତ ଦିଅନ୍ତି କେତେକ ବୈଜ୍ଞାନିକ। ସମୁଦ୍ର ଜଳରେ ଖୁବ୍ କମ୍ ପରିମାଣରେ ଥାଏ ଲୌହ। ତେଣୁ ପ୍ଲାଙ୍କଟନ୍ ଦରକାର କରୁଥିବା ଲୌହର ଶତକଡ଼ା ୯୫ ଭାଗ ସଂଗ୍ରହ କରିଥାଏ ବାୟୁମଣ୍ଡଳର ଧୂଳିକଣାରୁ। କିନ୍ତୁ ଆଣ୍ଟାର୍କଟିକା ଅଞ୍ଚଳରେ ଧୂଳିକଣା ପ୍ରାୟ ଦେଖାଯାଏ ନାହିଁ। ସେଠାରେ ଲୌହ ମିଳିବା ମଧ୍ୟ ଦୁଷ୍ପ୍ରାପ୍ୟ ହୋଇଥାଏ ସେଥିପାଇଁ।

ଅବଶ୍ୟ ଉପକୂଳବର୍ତ୍ତୀ ଅଞ୍ଚଳରେ କିଛି ପରିମାଣରେ ଲୌହ ମିଳିବାର ମତ ଦିଅନ୍ତି ବୈଜ୍ଞାନିକମାନେ। ଏହା ଉପକୂଳବର୍ତ୍ତୀ ମୃତ୍ତିକାରୁ ମିଳିଥାଏ। କିନ୍ତୁ ଗଭୀର ସମୁଦ୍ରରେ ମିଳେ ନାହିଁ ଲୌହଧାତୁ। ତେଣୁ ଉପକୂଳରେ ସାମାନ୍ୟ ପ୍ଲାଙ୍କଟନ୍ ଥିଲେ ବି ଗଭୀର ସମୁଦ୍ରରେ ଏହା ଦେଖାଯାଏ ନାହିଁ।

ତେଣୁ ସମୁଦ୍ରରେ ଲୌହ ଢାଳିଲେ ବଢ଼ିଯିବ ପ୍ଲାଙ୍କଟନ୍ ପରିମାଣ। ହିସାବ କରି ଦେଖିଛନ୍ତି ମାର୍ଟିନ୍, ତିନି ଲକ୍ଷ ଟନ୍ ଲୁହା ଢାଳିଲେ ୨୦୦କୋଟି ଟନ୍ ଅ ଙ୍ଗା ର କା ମ୍ଳ କମିଯିବ ବାୟୁମଣ୍ଡଳରୁ। ବର୍ଷ ବର୍ଷ ଯାଏ କମିଯିବ ପୃଥିବୀର ଅଙ୍ଗାରକାମ୍ଳ ପରିମାଣ।

ଆଲୋକ ସଂଶ୍ଳେଷଣ ପାଇଁ ଅଙ୍ଗାରକାମ୍ଳ ଗ୍ରହଣ କରିବ ପ୍ଲାଙ୍କଟନ୍। ବାୟୁମଣ୍ଡଳକୁ ଛାଡ଼ିଦେବ ଅମ୍ଳଜାନ। ହଜାର ହଜାର ଟନ୍ ଜୈବିକ ପଦାର୍ଥ ସୃଷ୍ଟି ହେବ ସମୁଦ୍ର ବକ୍ଷରେ। ମଣିଷର ଖାଦ୍ୟ ଉତ୍ପାଦନ ପାଇଁ ପରବର୍ତ୍ତୀ ସମୟରେ ଏହା ବ୍ୟବହାର କରାଯାଇ ପାରିବ।

ନିଜ ତତ୍ତ୍ୱକୁ ପରୀକ୍ଷା କରି ଦେଖିଛନ୍ତି ମାର୍ଟିନ୍। ଦୁଇଟି ପାତ୍ରରେ ପାଣି ଦେଇ ବଢ଼ାଇଛନ୍ତି ପ୍ଲାଙ୍କଟନ୍। ଗୋଟିକରେ ଲୌହ ମିଶାଇ, ଅନ୍ୟଟି ରଖିଛନ୍ତି ସେମିତି। ପାଞ୍ଚଦିନ ପରେ ଜଣା ପଡ଼ିଛି ଏହା, ଲୁହା ମିଶିଥିବା ପାଣିରେ ନଅଗୁଣ ଅଧିକ ବଢ଼ିଛି ପ୍ଲାଙ୍କଟନ୍। ଏହା ପରେ ନିଶ୍ଚିତ ହୋଇଛନ୍ତି ପ୍ଲାଙ୍କଟନ୍ ବଢ଼ିବା ପାଇଁ ଲୌହର ଭୂମିକା ବିଷୟରେ।

ସନ୍ଦେହ କରନ୍ତି କେତେକ ବିଶେଷଜ୍ଞ। ତାଙ୍କ ହିସାବ ତୁଳନାରେ ଯଥେଷ୍ଟ କମ୍ ପ୍ଲାଙ୍କଟନ୍ ସୃଷ୍ଟି ହେବ ଲୌହ ବ୍ୟବହାର କରି। ହୁଏତ ଏମିତି ହୋଇପାରେ, ସମୁଦ୍ରରେ ଲୁହା ଢାଳିଲେ ସୃଷ୍ଟି ହୋଇପାରେ କିଛି ନୂତନ ସମସ୍ୟା। ଅନ୍ୟ କେତେକ ଅନିଷ୍ଟକାରୀ ଜୀବଙ୍କ ବଂଶବୃଦ୍ଧି ଘଟିପାରେ ଏହା ଦ୍ୱାରା।

ତଥାପି ଆଶାବାଦୀ ଦୃଷ୍ଟିରେ ଗ୍ରହଣ କରାଯାଇ ପାରେ ମାର୍ଟିନଙ୍କ ତତ୍ତ୍ୱ। ପରିବେଶ ସୁରକ୍ଷା ପାଇଁ ତାଙ୍କ ତତ୍ତ୍ୱର ପ୍ରୟୋଗ କିଛି ଅସମୀଚୀନ ନୁହେଁ। ଏଥିପାଇଁ ଯଦି ନୂଆ ସମସ୍ୟା ଦେଖାଯାଏ, ତେବେ କଷ୍ଟକର ହେବ ନାହିଁ ତାକୁ ସମାଧାନ କରିବା।

ଅବଶ୍ୟ ବ୍ୟୟସାପେକ୍ଷ ହୋଇପାରେ ସମୁଦ୍ରରେ କେତେ ଲକ୍ଷଟନ୍ ଲୌହ ଢାଳିବା। କିନ୍ତୁ ଅଙ୍ଗାରକାମ୍ଳ ପରିମାଣ ହ୍ରାସ ପାଇଁ ଏ ଖର୍ଚ୍ଚ ସେମିତି କିଛି ବଡ଼ କଥା ନୁହେଁ। ମାନବ ଜାତିର ସୁରକ୍ଷା ପାଇଁ ଯେତେ ଅର୍ଥ ବ୍ୟୟ ହେଲେ ମଧ୍ୟ କୁଣ୍ଠିତ ହେବାର କୌଣସି କାରଣ ନାହିଁ।

ଆଶା ଜାଗୁଛି ମନରେ, ବୈଜ୍ଞାନିକମାନେ ପୁଣିଥରେ ସବୁଜିମାଭରା କରିଦେବେ ଏ ପୃଥିବୀ। ନିଃଶ୍ୱାସ ପ୍ରଶ୍ୱାସ ପାଇଁ ବଢ଼େଇ ଦେବେ ବାୟୁମଣ୍ଡଳର ଅମ୍ଳଜାନ ପରିମାଣ। ଏକ ମନୋଜ୍ଞ ପରିବେଶ ସୃଷ୍ଟି କରିବେ ଆମ ସୁନ୍ଦର ପୃଥିବୀରେ।

---

ଦୂରଶିକ୍ଷା କାର୍ଯ୍ୟକ୍ରମ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର।

# ଆମର ଉପକାରୀ ବୃକ୍ଷ : ଚନ୍ଦନ

● ଡାକ୍ତର ଦୀନବନ୍ଧୁ ମହାରଣା

ବାସଭରା ଚନ୍ଦନ କାଠ । ଯେ କୌଣସି ପୂଜା, ପାର୍ବଣ, ଶ୍ରାଦ୍ଧ, ସବୁଥିରେ ଆଗ ଚନ୍ଦନ ଗଛର କାଠ ଖୋଜା ହୁଏ । ଠାକୁରଙ୍କ ପୂଜା ପରେ ଚନ୍ଦନ ଟୋପା କପାଳରେ ଲେପନ କରିବାକୁ ସମସ୍ତେ ବ୍ୟାକୁଳ ହୁଅନ୍ତି । ଚନ୍ଦନର ସୁଗନ୍ଧ ପୂଜା ସ୍ଥାନରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ । ଏହାକୁ ପ୍ରତ୍ୟେକ ଦିନ ଗାଧୋଇସାରି ମୁଣ୍ଡରେ ଲଗାଇଲେ ମୁଣ୍ଡ ଥଣ୍ଡା ରହେ ଏବଂ ମାନସିକ ଅଶାନ୍ତି ଦୂର ହୁଏ । କେହି କେହି ଚନ୍ଦନକୁ ମୁଣ୍ଡ, ବାହୁ ଓ ହୃତ୍‌ପିଣ୍ଡ ବା ଛାତିରେ ଲଗାଇ ପୂଜା ଅର୍ଚ୍ଚନା କରିଥାନ୍ତି । କେବଳ ଯେ ଚନ୍ଦନ ଏକ ସୁବାସିତ ବୃକ୍ଷ ଓ ଏକ ଆଧ୍ୟାତ୍ମିକ ବୃକ୍ଷ ରୂପେ ଆମ ପାଖରେ ପରିଚିତ ତାହା ନୁହେଁ । ଏହାର ଗୁଣ ଅପାର ।

ଓଡ଼ିଆରେ ଆମେ ଚନ୍ଦନ, ହିନ୍ଦିରେ ଚନ୍ଦନ ସାଁଣ୍ଡଲ, ବଙ୍ଗଳା ଓ ଗୁଜୁରାଟୀରେ ସୁଖାଡ଼, କନଡ଼ ଭାଷାରେ ଅଗରୁ ଗନ୍ଧ, ମରାଠୀରେ ଚନ୍ଦନ, ସଂସ୍କୃତରେ ମଳୟଦା ଭୋଗୀ ବଲ୍ଲଭ, ତାମିଲ୍‌ରେ ଚନ୍ଦନ, ଓ ତେଲୁଗୁରେ ସ୍ୟାଣ୍ଡାଲ୍ ବୋଲି କୁହାଯାଇ ଥାଏ ।

ଏହି ପରିବାର ସାରା ପୃଥିବୀରେ ପ୍ରାୟ ଛଅଶହ ପ୍ରକାରର ଗଛ ଦେଖାଯାଆନ୍ତି । ଆମ ଭାରତରେ ପ୍ରାୟ ୯୫ ପ୍ରକାରର ଗଛ ଦେଖାଯାଏ । ଏହି ପରିବାରର ଗଛମାନେ ସାଧାରଣତଃ ଚନ୍ଦନ ଗଛ ପରିବାର ଭୁକ୍ତ ଭାବେ ପରିଚିତ । ଏହି ଗଛ ଭାରତର ମହୀଶୂର ଓ ଦକ୍ଷିଣ ଭାରତରେ ଦେଖାଯାଏ ।

ଚନ୍ଦନ ଗଛର ଉଚ୍ଚତା ମଧ୍ୟମ ଧରଣର ହୋଇଥାଏ । ବର୍ଷର ସବୁ ସମୟରେ ଏହା ଦେଖା ଯାଏ । ଗଛର ଶାଖା ପ୍ରଶାଖା ଆବଡ଼ା ଖାବଡ଼ା ଓ କଳାରଙ୍ଗର ହୋଇଥାଏ । ପତ୍ରର ଲମ୍ବ ସାଧାରଣତଃ ୪ ରୁ ୭ ସେଣ୍ଟିମିଟର ହୋଇ ଥାଏ । ପତ୍ର ବିପରୀତ ଦିଗରେ ଥାଏ । ପତ୍ରର ଉପର ପାଖ ଉଜ୍ଜ୍ୱଳ ଦେଖାଯାଏ । ଫୁଲଗୁଡ଼ିକ ଛୋଟ ଛୋଟ ସୁନ୍ଦର ଏବଂ ଶାଖା ପ୍ରଶାଖାରେ ଥାଏ । ଏହି ଗଛର ଫଳ ସାଧାରଣତଃ ଗୋଲାକାର, ଏହାର ବ୍ୟାସାର୍ଦ୍ଧ ୬ ମିଲିମିଟର ଯାଏ ହୋଇଥାଏ । ରଙ୍ଗ କଳା ଓ ଚିକ୍କଣ । ଏହି ଗଛର କାଠରୁ ମିଳୁଥିବା ଏକ ପ୍ରକାର ତୈଳର ଔଷଧ ଗୁଣ ଅଧିକ । ମୂତ୍ରାଶୟ ରୋଗର ଆରୋଗ୍ୟ ପାଇଁ ଏହି ତେଲ ଅବ୍ୟର୍ଥ ଔଷଧ ରୂପେ ବ୍ୟବହୃତ ହୋଇଥାଏ । ଏହା ବ୍ୟତୀତ ମୂତ୍ରାଶୟ ଥଳୀର ଯେକୌଣସି ରୋଗ ଗନେରିଆ ଓ କାଶ ରୋଗ ଆରୋଗ୍ୟ ପାଇଁ ଏହି ତୈଳ ବ୍ୟବହୃତ ହୋଇଥାଏ । ଏହି ତୈଳରୁ ପ୍ରସ୍ତୁତ ଔଷଧ ଯକ୍ଷ୍ମା ଓ ଗଲ୍ ବ୍ଲାଡରରେ ସୃଷ୍ଟି ହେଉଥିବା ରୋଗ ଆରୋଗ୍ୟ କରିଥାଏ ।

## ଚନ୍ଦନକୁ କିପରି ଚିହ୍ନିବା :

ଯେଉଁ ଚନ୍ଦନ ଶୁଖିଲେ ପିତାଲାଗେ, ଘୋରିଲେ ବହଳିଆ ଦିଶେ, ହାଣିଲେ ରକ୍ତବର୍ଣ୍ଣ ଦେଖାଯାଏ ଏବଂ ଦେଖିଲେ ଧୋବ ଦିଶେ, ପୁଣି ଗଣ୍ଠି ଓ କୋରଡ଼ ଯହିଁରେ ଥାଏ, ତାହା ଶ୍ରେଷ୍ଠ ଚନ୍ଦନ ବୋଲି ପ୍ରମାଣିତ ହୋଇଯାଏ ।

ଚନ୍ଦନର କ୍ୱାଥ ବା ଚୂର୍ଣ୍ଣ ତିକ୍ତ, କଷାୟ ଓ ଶୀତଳ । ଏହା ସମସ୍ତ ପ୍ରକାର ପିତ୍ତ ବିକାର, ଭ୍ରମ, ବାନ୍ତି, ଜ୍ୱର, ତୃଷା, ଦାହ, ବିଷଦୋଷ, ରକ୍ତଦୋଷ, କ୍ରିମି, ମୁଖରୋଗ, ପ୍ରଦର, ରକ୍ତପିତ୍ତ, ପିତ୍ତଜ୍ୱର, ରାଜ ଯକ୍ଷ୍ମା, ଶ୍ୱାସ, କାଶ, ପୀନସ, ପାଣ୍ଡୁ, ବିଦ୍ରଧି ପ୍ରଶମନ କରେ ଓ ଆନନ୍ଦ ପ୍ରଦାନ କରେ । (୧) ଚନ୍ଦନ କାଠର ଚୂର୍ଣ୍ଣକୁ ଗାଈଦୁଧ ସହିତ ସେବନ କଲେ ପ୍ରମେହ ରୋଗ ନିବାରିତ ହୁଏ । ଚନ୍ଦନ ଘୋରି ଦେହରେ ଲେପନକଲେ କାନ୍ତି ବୃଦ୍ଧି ହୁଏ । (୨) ଚନ୍ଦନ ଘୋରାରେ ରସ କର୍ପୂର ମିଶାଇ ବାଳମୁଳିଆ ଓ ବଥରେ ତାହା ଲେପନ କଲେ ବାଳମୁଳିଆ ଓ ବଥ ବସିଯାଏ । ଅରୁଚି, କୁଷ୍ଠ, ଉନ୍ମାଦ, ବିସର୍ପ ଓ ବି ସ୍ଫୋଟ ରୋଗରେ ଚନ୍ଦନ ଉପକାର କରେ ।

## ଚନ୍ଦନ ତୈଳ :

ଏହା ତିକ୍ତ, ଉଷ୍ଣ, ଧାରକ, କଫ ନିଃସାରକ ଓ ମୂତ୍ର କାରକ। ଗୁଡ଼ୂଚ୍ଛ ଓ ବଂଶ ଲୋଚନାର ଚୂର୍ଣ୍ଣ ସହିତ ଏହି ତୈଳ ସେବନ କଲେ ଗନେରିଆ, ସିଫଲିସ୍, ମୂତ୍ର ଶୟର ଜ୍ୱାଳା, କାଶ ଓ ପୁରାତନ ଅତିସାର ରୋଗ ପ୍ରଶମିତ ହୁଏ ।

## ଚନ୍ଦନ ମଞ୍ଜି :

ଏହା ଗର୍ଭସ୍ରାବରେ ଫଳପ୍ରଦ । ରକ୍ତ ପିତ୍ତ ରୋଗରେ ବେଣା ଓ ଚନ୍ଦନକୁ ସମାନ ଭାଗରେ ଚାଉଳ ଧୁଆ ପାଣିରେ ବାଟି ତହିଁରେ ଚିନି ମିଶାଇ ପିଇଲେ ରକ୍ତପିତ୍ତ ପ୍ରଶମିତ ହୁଏ ବୋଲି ଚରକ ସଂହିତାରେ ବର୍ଣ୍ଣନା ରହିଛି । ସେହିପରି ଗଣ୍ଡା ଶିରେ ଚନ୍ଦନ ଓ ଶୁଣ୍ଠୀର କ୍ୱାଥ ପାନକଲେ ଅର୍ଶ ରୋଗୀର ରକ୍ତ ସ୍ରାବ ବନ୍ଦହୁଏ । ହିକ୍କା ରୋଗରେ ସ୍ତ୍ରୀର କ୍ଷୀରରେ ଚନ୍ଦନକୁ ଘୋରି ତା'ର ନସ୍ୟ ଗ୍ରହଣ କଲେ ହିକ୍କା ବନ୍ଦହୁଏ ।ବାନ୍ତି ରୋଗରେ ଅଁଳା ରସରେ ଚନ୍ଦନକୁ ଘୋରି ପିଇଲେ ବାନ୍ତି ଶାନ୍ତହୁଏ । ରକ୍ତାତିସାରରେ, ଚନ୍ଦନ ଘୋରା ପାଣି , ଚାଉଳ ଧୁଆ ପାଣି, ଚିନି ଓ ମହୁ ମିଶାଇ ପିଇଲେ ତୃଷା, ଦାହ, ପ୍ରମେହ ଓ ରକ୍ତାତିସାର ନିବାରିତ ହୁଏ ।

ଚନ୍ଦନ କାଠ ବହୁ କ୍ଷୁଦ୍ର ଘର କରଣା ପଦାର୍ଥ ତିଆରି କରିବାରେ ବ୍ୟବହୃତ ହୋଇଥାଏ । ଚନ୍ଦନ କାଠ ନିର୍ମିତ ପଦାର୍ଥ ଘରେ ରହିଲେ ଘରେ ସୁଗନ୍ଧ ଭରି ରହିଥାଏ । ଚନ୍ଦନ କାଠ ଗୁଣ୍ଡ, ଧୂପକାଠି ତିଆରିରେ ବ୍ୟବହୃତ ହୋଇଥାଏ । ଚନ୍ଦନ ତେଲ ମଧ୍ୟ କୀଟନାଶକ ଔଷଧ ତିଆରିରେ କେତେକାଂଶରେ ବ୍ୟବହୃତ ହୋଇଥାଏ । ଚନ୍ଦନ ଗଛର ଉଦ୍ଭିଦ ବିଜ୍ଞାନ ନାମ ସ୍ୟାଣ୍ଟାଲମ୍ ଆଲବମ୍ ଏବଂ ଏହା ସ୍ୟାଣ୍ଟାଲାସ୍ତୀ ପରିବାର ଭୁକ୍ତ ।

ତେଣୁ ଚନ୍ଦନ ଗଛ ଅତି ଉପକାରୀ ଓ ତାର ଏତେ ଔଷଧୀୟ ଗୁଣ ଥିବାରୁ ପ୍ରତ୍ୟେକ ବାଡ଼ି ବଗିଚାରେ ଏହାକୁ ଲଗାଇବା ଉଚିତ୍ ।

---

ଓଡ଼ିଶା ଆୟୁର୍ବେଦ ସେବା ସଦନ,
ଓ.ଏମ୍.ପି. ମାର୍କେଟ କମ୍ପ୍ଲେକ୍ସ, କଟକ–୩ ।

ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ଉପରେ ବିଶେଷଜ୍ଞମାନେ ବର୍ତ୍ତମାନ ଗୁରୁତ୍ୱ ଦେଉଛନ୍ତି । ଏ ଦିଗରୁ ଓଡ଼ିଶାରେ ଇସ୍ପାତ ଶିଳ୍ପ ପ୍ରତିଷ୍ଠା [illegible] ବିଶେଷ ସୁଯୋଗ [illegible] ମଧ୍ୟ [illegible] ବର୍ତ୍ତମାନ [illegible] କାର୍ଯ୍ୟକାରୀ [illegible] । ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ [illegible] ଶିଳ୍ପ ନୀତି [illegible] ଅନୁକୂଳ [illegible] କାରଖାନା [illegible] ଉଦ୍ଦେଶ୍ୟ [illegible] । ଏହା [illegible] ନଗରଠାରେ ବର୍ତ୍ତମାନ ତୃତୀୟ ଇସ୍ପାତ୍ କାରଖାନା ନିର୍ମିତ ହେବାକୁ ଯାଉଛି । ଫଳରେ ଏହା ଦେଶର ବୃହତ୍ତମ ଇସ୍ପାତ୍ ନଗରୀରେ ପରିଣତ ହେବ । ପର୍ଯ୍ୟାୟକ୍ରମେ ଏହି ତୃତୀୟ ଇସ୍ପାତ୍ କାରଖାନାର ଉତ୍ପାଦନ କ୍ଷମତା ୨୦ ଲକ୍ଷ ଟନକୁ ବୃଦ୍ଧି କରାଯିବ । ଅବଶ୍ୟ ଭାରତ-ଚୀନ୍‌ର ସମ୍ମିଳିତ ଉଦ୍ୟମର ସାଫଲ୍ୟ ଉପରେ ଏହି ସମ୍ପ୍ରସାରଣ ନିର୍ଭରଶୀଳ ।

ଏହି ସମନ୍ୱିତ ଇସ୍ପାତ୍ କାରଖାନା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଦିଗରେ ବିଶେଷ ସହାୟକ ହୋଇପାରିବ । ବାଣିଜ୍ୟ ଟିକସ, ଅବକାରୀ ଟିକସ ପ୍ରଭୃତିର ଆୟ ବ୍ୟତୀତ କର୍ମ ନିଯୁକ୍ତି କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ । ରାଉରକେଲା, ଭିଲାଇ ପ୍ରଭୃତି ଇସ୍ପାତ୍ ଶିଳ୍ପ ନଗରୀ ପରି ଏହି ଦୁବୁରି [illegible] ଆତ୍ମନିଯୁକ୍ତି ପାଇଁ ବିଭିନ୍ନ ସୁଯୋଗ ସୃଷ୍ଟି କରିପାରିବ । ଏହା ଫଳରେ ବିଭିନ୍ନ ସହାୟକ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ମଧ୍ୟ ବିକଶିତ ହେବ । ବେକାରୀ ସମସ୍ୟା ଦୂରୀକରଣ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କର ବିଭିନ୍ନ ଯୋଜନା ମଧ୍ୟରୁ ଏହା ହେବ ଅନ୍ୟତମ ସୋପାନ । ଓଡ଼ିଶାର ଯୁବକମାନଙ୍କ ନିମନ୍ତେ ଏହା ସୃଷ୍ଟି କରିପାରିବ ଆଶା ଓ ବିଶ୍ୱାସର ଏକ ନୂତନ ଦିଗନ୍ତ ।




ଓଡ଼ିଶାର ଦୁବୁରିଠାରେ ଭାରତ-ଚୀନ୍ ସମ୍ମିଳିତ ଉଦ୍ୟମରେ ନିର୍ମିତ ହେବାକୁ ଯାଉଥିବା ତୃତୀୟ ଇସ୍ପାତ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ, ଚୀନ୍ ରାଷ୍ଟ୍ରଦୂତ ଶ୍ରୀ ଚେଙ୍ଗ୍ ରୁଇସେଙ୍ଗ୍ ଏବଂ ମିଡ୍ ଇଷ୍ଟ ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ।

# ଓଡ଼ିଶାର ତୃତୀୟ ଇସ୍ପାତ୍ କାରଖାନା ଭାରତ–ଚୀନ୍ ସମ୍ମିଳିତ ଉଦ୍ୟମର ପ୍ରଥମ ପ୍ରକଳ୍ପ

ଜାନୁଆରୀ ୧୫. ୧୯୯୩ । କଟକ ଜିଲ୍ଲା ଦୁବୁରିଠାରେ ଭାରତବର୍ଷର ମିତ୍ ଇଞ୍ଚ ଇଣ୍ଡିଆ ଲିମିଟେଡ୍ ଏବଂ ଚୀନ୍ ସରକାରଙ୍କର ଅନ୍ୟତମ ଶିଳ୍ପ ସଂସ୍ଥା ଶ୍ରୀଲକା ମେଟାଲର୍ଜିକାଲ୍ ଇମ୍ପୋର୍ଟ ଏବଂ ଏକ୍ସପୋର୍ଟ କର୍ପୋରେସନର ସମ୍ମିଳିତ ଉଦ୍ୟମରେ ବାର୍ଷିକ ପାଞ୍ଚଲକ୍ଷ ଟନ୍ ଉତ୍ପାଦନକ୍ଷମ ଓଡ଼ିଶାର ତୃତୀୟ ଇସ୍ପାତ୍ କାରଖାନାର ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି । ଏହି ଶିଳ୍ପ ପ୍ରତିଷ୍ଠାନ ଭାରତ ଓ ଚୀନ୍ ମୈତ୍ରୀ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ, କାରଣ ଭାରତବର୍ଷର କୌଣସି ପ୍ରକଳ୍ପରେ ଚୀନ୍‌ର ଏହା ପ୍ରଥମ ଅଂଶ ଗ୍ରହଣ ।

ଭାରତ–ଚୀନ୍‌ର ଏହି ମିଳିତ ସଂସ୍ଥା "ମିତ୍ ଇଞ୍ଚ୍ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ଲିମିଟେଡ୍" ନାମରେ ନାମିତ ହୋଇଛି । ଏହି ସଂସ୍ଥା ପକ୍ଷରୁ ସମଗ୍ର ଦେଶରେ ଇସ୍ପାତ୍ କାରଖାନା ନିମନ୍ତେ ଉପଯୁକ୍ତ ସ୍ଥାନ ନିରୂପଣ ପାଇଁ ଉଦ୍ୟମ କରାଯାଇଥିଲା, କିନ୍ତୁ ଓଡ଼ିଶାର ଦୁବୁରି ସନ୍ନିକଟ ସ୍ଥାନ ଉଭୟ ଚୀନ୍ ଓ ଭାରତୀୟ ବିଶେଷଜ୍ଞମାନଙ୍କ ଦ୍ୱାରା ଏଥି ନିମନ୍ତେ ସର୍ବଶ୍ରେଷ୍ଠ ରୂପେ ନିରୂପିତ ହେଲା । ଏହି ସ୍ଥାନ ଦୁବୁରି ଲୁହା ପଥର ଖଣି ଓ ପାରାଦ୍ୱୀପ ବନ୍ଦରର ମଧ୍ୟବର୍ତ୍ତୀ ସ୍ଥାନ ହୋଇଥିବାରୁ ଏହି ଇସ୍ପାତ୍ କାରଖାନା ପାଇଁ ଆବଶ୍ୟକୀୟ କୋକ୍, ଯାହାକି ମୁଖ୍ୟତଃ ଚୀନ୍ ଦେଶରୁ ଆସିବ, ତାହା ପାରାଦ୍ୱୀପ ବନ୍ଦର ବାଟ ଦେଇ ଆଣିବା ସୁବିଧାଜନକ ହେବ । ଉଭୟ ବାଂଶପାଣି ଓ ଦୁବୁରିଠାରୁ ଲୁହାପଥର ସ୍ୱଳ୍ପ ବ୍ୟୟରେ ଆଣି ହେବ । ଦୁବୁରିଠାରେ ଥିବା ୧୩୨ କେ.ଭି. ସବଷ୍ଟେସନ୍, ଚିରସ୍ରୋତା ବ୍ରାହ୍ମଣୀ ନଦୀ ତଥା ହାଓଡ଼ା–ମାଡ୍ରାସ୍ ରେଳପଥ ଓ ଏହା ସହ ଏକ ଶାଖା ରେଳପଥ ଦ୍ୱାରା ଦୁବୁରି ସଂଯୁକ୍ତ ହୋଇଥିବା ଦୃଷ୍ଟିରୁ ଏହି ସ୍ଥାନ ଇସ୍ପାତ୍ ଶିଳ୍ପ ପ୍ରତିଷ୍ଠା ପାଇଁ ସର୍ବୋତ୍କୃଷ୍ଟ ବିବେଚିତ ହେବା ସ୍ୱାଭାବିକ । ସର୍ବୋପରି ଏହି ନିଷ୍ପତ୍ତି ପାଇଁ ମୁଖ୍ୟତଃ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କର ବ୍ୟକ୍ତିଗତ ପ୍ରଚେଷ୍ଟା ତଥା ବର୍ତ୍ତମାନ ସରକାରଙ୍କର ଆନ୍ତରିକ ଉଦ୍ୟମ ତଥା ନୂତନ ଶିଳ୍ପ ନୀତି ଏକ ପ୍ରଧାନ ଭୂମିକା ଗ୍ରହଣ କରିଛି । ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ଫଳରେ ବାଂଶପାଣିଠାରୁ ଦୁବୁରି ପର୍ଯ୍ୟନ୍ତ ଏକ ନୂତନ ରେଳପଥର ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି ।

ଏହି କାରଖାନା ଦୁଇଟି ପର୍ଯ୍ୟାୟରେ ନିର୍ମିତ ହେବ । ପ୍ରଥମ ପର୍ଯ୍ୟାୟ କାମ ଶେଷ ହେବା ପୂର୍ବରୁ ହିଁ ଦ୍ୱିତୀୟ ପର୍ଯ୍ୟାୟ କାମ ଆରମ୍ଭ କରିବା ନିଷ୍ପତ୍ତି ନିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ୩୫୦ କ୍ୟୁବିକ୍ ମିଟର (cum) ଉତ୍ପାଦନକ୍ଷମ ଏକ ବ୍ଲାଷ୍ଟ ଫର୍ଣ୍ଣେସ୍, ଏକ ସିଣ୍ଟେରିଙ୍ଗ୍ ପ୍ଲାଣ୍ଟ ଏବଂ ବିଲେଟ୍ ରୂପେ ଇସ୍ପାତ୍ ଉତ୍ପାଦନ ପାଇଁ ଏକ ସମନ୍ୱିତ ପରିକଳ୍ପନା କାର୍ଯ୍ୟକାରୀ କରିବା ପ୍ରସ୍ତାବ ରହିଛି । ଦ୍ୱିତୀୟ ପର୍ଯ୍ୟାୟରେ ଇସ୍ପାତ୍ ଉତ୍ପାଦନକୁ ଦ୍ୱିଗୁଣିତ କରିବା ସହ ବିକ୍ରିଯୋଗ୍ୟ ଇସ୍ପାତ୍ ଉତ୍ପାଦନ ପାଇଁ ଏକ ରୋଲିଙ୍ଗ ମିଲ୍ ପ୍ରତିଷ୍ଠା କରାଯିବ । ସିଣ୍ଟେରିଙ୍ଗ୍ ଓ କୋଲ୍ ଇଞ୍ଜେକସନ୍ ପ୍ରଣାଳୀ ସମ୍ପର୍କରେ ବିଶେଷ ବୈଷୟିକ ଜ୍ଞାନ ପ୍ରୟୋଗ ତଥା ଉନ୍ନତମାନର କଞ୍ଚାମାଲ ବ୍ୟବହାର ଫଳରେ ଏହି କାରଖାନା ଦୈନିକ କ୍ୟୁବିକ୍ ମିଟର୍ (cum) ପିଛା ୨.୧ ଟନ୍ ଇସ୍ପାତ୍ ଉତ୍ପାଦନ କରି ପାରିବ ବୋଲି ଚୀନ୍ ବିଶେଷଜ୍ଞମାନେ ଦୃଢ଼ ନିଶ୍ଚିତ ।

ମିତ୍ ଇଞ୍ଚ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ବୈଷୟିକ ପରାମର୍ଶଦାତା ରୂପେ ନିଯୁକ୍ତ ମେକନ୍ ପକ୍ଷରୁ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହୋଇ ସାରିଛି ଏବଂ ଏହି ସମ୍ଭାବ୍ୟ ରିପୋର୍ଟରେ ଏହି ଶିଳ୍ପ ପ୍ରତିଷ୍ଠା ସପକ୍ଷରେ ନିର୍ଦ୍ଦିଷ୍ଟ ମତ ଦିଆଯାଇଛି । ପ୍ରଥମ ପର୍ଯ୍ୟାୟ କାମ ୧୮ ମାସରୁ ୨୪ ମାସ ମଧ୍ୟରେ ଶେଷ ହେବ । ନିର୍ମାଣ କାର୍ଯ୍ୟ ପରିଚାଳନା ଓ ତଦାରଖ ପାଇଁ ଚୀନା ଇଞ୍ଜିନିୟରମାନେ ଦୁବୁରିଠାରେ ଉପସ୍ଥିତ ରହିବେ ।

ପ୍ରଥମ ପର୍ଯ୍ୟାୟ ନିର୍ମାଣ ପାଇଁ ୨୨୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏହି ବ୍ୟୟ ସମ୍ପୂର୍ଣ୍ଣ ଭାବରେ ମିତ୍ ଇଞ୍ଚ ଇଣ୍ଡିଆ ଲିମିଟେଡ୍ ବହନ କରିବ । ଏଥିପାଇଁ ସେମାନେ ବିଭିନ୍ନ ସୂତ୍ର ତଥା ପି. ସି. ଡି. ଏସ୍. ମାଧ୍ୟମରେ ଅର୍ଥ ସଂଗ୍ରହ କରିବେ । ଅଂଶ ଗ୍ରହଣକାରୀ ଚୀନ୍ ଶିଳ୍ପୋଦ୍ୟୋଗୀ ସଂସ୍ଥା ପ୍ରଶିକ୍ଷଣ, କେତେକ ବିଶେଷ ଯନ୍ତ୍ରପାତିର ମୂଲ୍ୟ, ଚୀନ୍ ବିଶେଷଜ୍ଞ ଓ ଇଞ୍ଜିନିୟରମାନଙ୍କର ଦରମା ପ୍ରଭୃତି ବାବଦରେ ପ୍ରାୟ ୩୦ କୋଟି ଟଙ୍କା ଖର୍ଚ୍ଚ କରିବେ ।

ଚୀନ୍‌ରେ ବାର୍ଷିକ ପ୍ରାୟ ୭୦୦ ଲକ୍ଷ ଟନ୍ ଇସ୍ପାତ୍ ଉତ୍ପାଦନ କରାଯାଉଥିଲା ବେଳେ ଭାରତବର୍ଷରେ ବର୍ତ୍ତମାନ ମାତ୍ର ୧୭୦ ଲକ୍ଷ ଟନ୍ ଇସ୍ପାତ୍ ଉତ୍ପାଦନ କରାଯାଉଛି । ଦେଶର ଅର୍ଥନୈତିକ ବିକାଶ, ସାଧାରଣ ଜୀବନ ମାନର ଉନ୍ନତି, ଯୋଜନାର ସମ୍ପ୍ରସାରଣ ତଥା କୋହଳ ଅର୍ଥନୀତି ଫଳରେ ଶିଳ୍ପର ସମ୍ପ୍ରସାରଣ ଯୋଗୁଁ ଦେଶରେ ଇସ୍ପାତ୍ ଚାହିଦା ଆଶାତୀତ ଭାବରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ତେଣୁ ଇସ୍ପାତ୍ ଶିଳ୍ପର ସମ୍ପ୍ରସାରଣର ଆବଶ୍ୟକତା ଆଜି ବିଶେଷ ଭାବରେ ଉପଲବ୍ଧ ହେଉଛି ।

ପ୍ରକୃତି ତାହାର ସମସ୍ତ ଦାନ, ମୁକ୍ତ ହସ୍ତରେ ଅଜାଡ଼ି ଦେଇଛି ଆମ ରାଜ୍ୟ ଉପରେ । ତଥାପି ଓଡ଼ିଶା ଭାରତବର୍ଷର ଅନ୍ୟତମ ଅନୁନ୍ନତ ରାଜ୍ୟ । ପ୍ରାକୃତିକ ସମ୍ପଦର ଉପଯୁକ୍ତ ବିନିଯୋଗ କରି ଏହାକୁ ଏକ ଶିଳ୍ପୋନ୍ନତ ରାଜ୍ୟରେ ପରିଣତ କରିବା ଦିଗରେ ଆନ୍ତରିକତାର ଅଭାବ ହିଁ ଆମ ପ୍ରଦେଶର ବର୍ତ୍ତମାନ ଅବସ୍ଥା ପାଇଁ ମୁଖ୍ୟତଃ ଦାୟୀ । ରାଉରକେଲା ଇସ୍ପାତ୍ କାରଖାନା ପ୍ରତିଷ୍ଠାର ଦୀର୍ଘ ଦିନ ପରେ ମଧ୍ୟ ରାଜ୍ୟରେ ଇସ୍ପାତ୍ ଶିଳ୍ପର ସମ୍ପ୍ରସାରଣ ପାଇଁ ବିଶେଷ ଦୃଷ୍ଟି ଦିଆଯାଇ ନଥିଲା । ଆମେ ଇସ୍ପାତ୍ ଉତ୍ପାଦନ ଅପେକ୍ଷା ଲୁହା ପଥର ରପ୍ତାନୀ ଉପରେ ଗୁରୁତ୍ୱ ଦେଇ ଆସିଲୁ । ଓଡ଼ିଶାରେ ଥିବା ଲୁହା ପଥର ବିନିଯୋଗ କରି ଏହି ରାଜ୍ୟରେ ୨୦ ଲକ୍ଷ ଟନ୍ ଉତ୍ପାଦନକ୍ଷମ ଆହୁରି ତିନି ଗୋଟି ଇସ୍ପାତ୍ କାରଖାନା ପ୍ରତିଷ୍ଠା ସମ୍ଭବପର ହେଲେ ମଧ୍ୟ ସେ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଇ ନଥିଲା । ପରିବହନ ଖର୍ଚ୍ଚ ହ୍ରାସ କରି କମ୍ ବ୍ୟୟରେ ଇସ୍ପାତ୍ ଉତ୍ପାଦନ କରିବା ନିମନ୍ତେ ଖଣି ସନ୍ନିକଟ

ବାସ୍ତବିକ୍ ବିଚାର କଲେ ଜଣାଯାଏ ମହାରାଣୀ ସୁକ ଦେଇ ଥିଲେ ଜଣେ ପରମ ଦେଶ ଭକ୍ତ । ସେ ନିଜର ଅସୀମ ସାହାସ ଓ ଅପୂର୍ବ ବୀରତ୍ୱ ଫଳରେ ଦେଶର ମର୍ଯ୍ୟାଦା ରକ୍ଷିବାକୁ ସମର୍ଥ ହୋଇଥିଲେ । କିନ୍ତୁ ସେ ତାଙ୍କ ହୃଦୟରୁ ବୈଦେଶ୍ୟ ଯନ୍ତ୍ରଣା ଭୁଲିପାରି ନ ଥିଲେ । ଏହି ସୁଅବସରରେ ସେ ପ୍ରଜାମାନଙ୍କର ମଙ୍ଗଳ ପାଇଁ ନିଜର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ମହାରାଣୀଙ୍କର ଶାସନ ଥିଲା ଲୋକପ୍ରିୟ ଏବଂ ତାଙ୍କର ଚାରିତ୍ର ଥିଲା ଅତ୍ୟନ୍ତ ଗୌରବମୟ । ତାଙ୍କର **ବୀରତ୍ୱ ସାହାସ** ଓ ଦେଶପ୍ରେମ ପାଇଁ ଓଡ଼ିଶା ଇତିହାସରେ ସେ **ଏକ ସ୍ୱତନ୍ତ୍ର ସ୍ଥାନ** ଅଧିକାର କରିଛନ୍ତି ।

---

ଇତିହାସ ବିଭାଗ,
ଆଠମଲ୍ଲିକ ମହାବିଦ୍ୟାଳୟ,
ଆଠମଲ୍ଲିକ, ଢେଙ୍କାନାଳ ।



**ବଲାଙ୍ଗୀରସ୍ଥିତ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଜିଲ୍ଲା ସାକ୍ଷରତା ଅଭିଯାନ ସମିତି ତରଫରୁ ଆୟୋଜିତ ଏକ ଜିଲ୍ଲାସ୍ତରୀୟ ମହିଳା ସମାବେଶରେ ଆଇନ୍ ମନ୍ତ୍ରୀ ଶ୍ରୀ ନରସିଂହ ମିଶ୍ର ।(୨୯/୨)**

# ଓଡ଼ିଶାର ଏକ ଲୁକ୍କାୟିତ ନାରୀ ପ୍ରତିଭା ମହାରାଣୀ ଶୁକଦେଇ

• ଅଧ୍ୟାପକ ହିମାଂଶୁ ଶେଖର ପାଢ଼ୀ

ଭାରତ ଇତିହାସରେ ଯେଉଁ କେତେ ଜଣ ନାରୀ ନିଜର ଅପୂର୍ବ ବୀରତ୍ୱ ଓ ଦେଶଭକ୍ତିର ପରାକାଷ୍ଠା ପ୍ରଦର୍ଶନ କରି ଯାଇଛନ୍ତି ସେମାନଙ୍କ ମଧ୍ୟରେ ରାଣୀ ଦୁର୍ଗାବତୀ, ରାଣୀ ଅହଲ୍ୟାବାଈ, ରଜିଆ ସୁଲତାନା, ରାଣୀ ଲକ୍ଷ୍ମୀବାଈ ପ୍ରଭୃତିଙ୍କ ନାମ ସର୍ବାଗ୍ରେ ସ୍ମରଣୀୟ । ଯୁଗ ଯୁଗକୁ ସେମାନେ ଆଦର୍ଶ ହୋଇ ରହି ଯାଇଛନ୍ତି, ଯାହାଙ୍କ ଦାୟାଦ ରୂପେ ଆଜି ସମାଜରେ ନାରୀ ନିଜକୁ ଅବଳା ନ ଭାବି ଅଣ୍ଟାଭିଡ଼ି ଆଗକୁ ବାହାରି ପଡ଼େ ସମାଜର ପ୍ରତ୍ୟେକ ଘଟଣା ସହ ନିଜକୁ ସମ୍ମୁଖୀନ କରାଇବାକୁ । ସେମାନେ ଜୀବନର ସମସ୍ତ ସୁଖ ଓ ସ୍ୱାଚ୍ଛନ୍ଦ୍ୟକୁ ଆଡ଼େଇ ଦେଇ, ସାଧାରଣ ନାରୀ ସୁଲଭ ଲଜ୍ୟା, ଅସହାୟତା ଏବଂ ସରଳତାର ବନ୍ଧନରୁ ନିଜକୁ ମୁକ୍ତକରି ଜନ୍ମଭୂମି ସମ୍ମାନାର୍ଥେ ନିଜକୁ ଉତ୍ସର୍ଗ କରି ଯାଇଛନ୍ତି । ଏହି ପରିପ୍ରେକ୍ଷୀରେ ଏତିକି କୁହା ଯାଇପାରେ ସେମାନଙ୍କ ସହିତ ତୁଳନୀୟ ଜଣେ ମହିୟସୀ ନାରୀ ଓଡ଼ିଶା ମାଟିରେ ଜନ୍ମଗ୍ରହଣ କରିଥିଲେ । ସେ ହେଉଛନ୍ତି ବାଙ୍କୀ ରାଜ୍ୟର ମହାରାଣୀ ଶୁକଦେଇ ।

ଓଡ଼ିଶା ଇତିହାସରେ ମହାରାଣୀ ଶୁକଦେଇ ଏକ ବିରଳ ବ୍ୟକ୍ତିତ୍ୱ । ତାଙ୍କର ଅସୀମ ସାହାସ, ଅପୂର୍ବ ବିରତ୍ୱ ଓ ଅନାବିଳ ଦେଶଭକ୍ତି ପାଇଁ ଇତିହାସ ତାଙ୍କୁ ସବୁ ଦିନ ମନେ ରଖିବ । ଦେଶ ମାତୃକାର ସେବା ପାଇଁ ନିଜର ବୈଧବ୍ୟ ଯନ୍ତ୍ରଣାକୁ ଭୁଲିଯାଇ ସ୍ୱବକ୍ଷର ରକ୍ତକୁ ହାତରେ ପୋଛିଦେଇ ସେ ଯୁଦ୍ଧକ୍ଷେତ୍ରରେ ଯେଉଁ ଅପୂର୍ବ ବୀରତ୍ୱ ପ୍ରଦର୍ଶନ କରିଥିଲେ ତାହା ଯୁଗ ଯୁଗ ଧରି ଆମ ପାଇଁ ନିଦର୍ଶନ ହୋଇ ରହି ଆସିଅଛି । ତଥାପି ମଧ୍ୟ ସେ ଓଡ଼ିଶା ବାହାରେ ଖ୍ୟାତି ଅର୍ଜନ କରି ପାରିନାହାନ୍ତି । ଏଇଥିପାଇଁ ଯେ ସେ ଗୋଟିଏ କ୍ଷୁଦ୍ର ରାଜ୍ୟର ରାଣୀ ଥିଲେ ଏବଂ ଏକ କ୍ଷୁଦ୍ର ରାଜ୍ୟର ରାଜାଙ୍କ ସହିତ ଯୁଦ୍ଧକରି ବୀରତ୍ୱ ପ୍ରଦର୍ଶନ କରିଥିଲେ ।

ମହାରାଣୀ ଶୁକଦେଇ ତତ୍‌କାଳୀନ ବାଙ୍କୀ ରାଜ୍ୟର ରାଜା ଧନଞ୍ଜୟ ଶ୍ରୀଚନ୍ଦନଙ୍କ ପତ୍ନୀ । ଧନଞ୍ଜୟ ଶ୍ରୀଚନ୍ଦନ ୧୭୦୦ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ସିଂହାସନ ଆରୋହଣ କରିବାର କିଛି ଦିନ ପରେ ଖୋର୍ଦ୍ଧା ରାଜାଙ୍କ ସହିତ ବାଙ୍କୀ ରାଜ୍ୟର ସୀମାନ୍ତରେ ଘୋର ସଂଘର୍ଷ ହୋଇଥିଲା ଏବଂ ଏହା ଦୀର୍ଘଦିନ ଧରି ଚାଲିଥିଲା । ଯୁଦ୍ଧ ଚାଲିଥିବା ସମୟରେ ଦିନେ ଖୋର୍ଦ୍ଧାର ସୈନ୍ୟମାନେ ତାଙ୍କୁ ଶୋଇଥିବା ସମୟରେ ଗଭୀର ରାତ୍ରରେ ନିର୍ମମ ଭାବରେ ହତ୍ୟାକଲେ । ସେତେବେଳେ ରାଜା ଧନଞ୍ଜୟଙ୍କ ପୁତ୍ର ଦୟାନିଧି ଥିଲେ ନାବାଳକ । ତେଣୁ ରାଜ୍ୟର ଏ ଘଡ଼ି ସନ୍ଧି ମୁହୂର୍ତ୍ତରେ ମହାରାଣୀ ଶୁକଦେଇ ନିଜର ଛାତିକୁ ପଥରକରି ବୈଧବ୍ୟ ଯନ୍ତ୍ରଣାକୁ ଭୁଲିଯାଇ ,ପତିହନ୍ତାର ପ୍ରତିଶୋଧ ନେବାପାଇଁ ପାତ୍ର ମନ୍ତ୍ରୀମାନଙ୍କ ବାରଣ ସତ୍ତ୍ୱେ ଯୁଦ୍ଧକ୍ଷେତ୍ରକୁ ବାହାରି ଥିଲେ । ଏହି ସମୟରେ ଖୋର୍ଦ୍ଧା ରାଜାଙ୍କ ସୈନ୍ୟବାହିନୀ ବୀର ଦର୍ପରେ ବାଙ୍କୀ ଆଡ଼କୁ ମାଡ଼ିଆସି ବାଙ୍କୀ ନିକଟବର୍ତ୍ତୀ ଗୋପାଳପୁର ଗଡ଼ରେ ପହଞ୍ଚି ଥାନ୍ତି । ଉପସ୍ଥିତହୋଇ ବାଙ୍କୀର ବୃଦ୍ଧମନ୍ତ୍ରୀ ରାଜ୍ୟର ଏକ ଅଂଶ ଖୋର୍ଦ୍ଧା ରାଜାଙ୍କୁ ଦେଇ ତାଙ୍କ ସହିତ ସନ୍ଧି କରିବା ପାଇଁ ମହାରାଣୀ ଶୁକଦେଇ ଆଗରେ ପ୍ରସ୍ତାବ ଆଗତ କରନ୍ତେ ସେ ତାକୁ ଅଗ୍ରାହ୍ୟ କରି ନିଜେ ଏକାକୀ ଖୋର୍ଦ୍ଧା ରାଜାଙ୍କ ସହିତ ଯୁଦ୍ଧ କରିବା ପାଇଁ ଶପଥ ନେଇଥିଲେ । ଏ ସମ୍ବାଦ ବାଙ୍କୀର ପୁରପଲ୍ଲୀରେ ପ୍ରଚାରିତ ହେବା ମାତ୍ରେ ବାଙ୍କୀର ବିରାଟ ପାଇକ ବାହିନୀ ମହାରାଣୀଙ୍କ ନେତୃତ୍ୱରେ ନିଜର ପାରମ୍ପରିକ ଅସ୍ତ୍ର, ଶସ୍ତ୍ର, ଧନୁଶର, ଖଣ୍ଡା, ବର୍ଛା ଇତ୍ୟାଦି ଧରି ବାଙ୍କୀର ଆରାଧ୍ୟ ଦେବୀ ଚର୍ଚ୍ଚିକାଙ୍କ ସିନ୍ଦୁର ମଥାରେ ବୋଳି ଜୟ ଚର୍ଚ୍ଚିକା ନାଦରେ ସମଗ୍ର ଗଗନ ପବନ ମୁଖରିତ କରି ଖୋର୍ଦ୍ଧା ସୈନ୍ୟ ବାହିନୀର ସମ୍ମୁଖୀନ ହେବାପାଇଁ ବୀର ଦର୍ପରେ ଆଗକୁ ମାଡ଼ି ଚାଲିଲେ । କଥିତ ଅଛି ଉତ୍କଳର ମାନରକ୍ଷା ପାଇଁ ପ୍ରଭୁ ଜଗନ୍ନାଥ ନିଜେ ଗଜପତି ପୁରୁଷୋତ୍ତମଙ୍କ ସହାୟତା କରିଥିଲେ ଠିକ୍ ସେହିପରି ମା' ଚର୍ଚ୍ଚିକା ମହାରାଣୀ ଶୁକ ଦେଇଙ୍କୁ ଯୁଦ୍ଧ କ୍ଷେତ୍ରରେ ସହାୟତା କରିଥିଲେ । ମା' ଚର୍ଚ୍ଚିକାଙ୍କ ସିନ୍ଦୁର ମସ୍ତକରେ ଧାରଣ କରିବା ପର ଠାରୁ ସେମାନଙ୍କର ଏକ ଐଶି ଶକ୍ତି ପ୍ରବେଶ କଲାପରି ସେମାନେ ଅନୁଭବ କରିଥିଲେ । ମହାରାଣୀ ଶୁକଦେଇ ନିଜେ ପୁରୁଷ ବେଶରେ ସୈନ୍ୟ ଚାଳନା କଲେ ଓ ଅପୂର୍ବ ବୀରତ୍ୱର ସହିତ ଖୋର୍ଦ୍ଧା ସୈନ୍ୟ ବାହିନୀର ସମ୍ମୁଖୀନ ହେବାକୁ ଲାଗିଲେ । ଖୋର୍ଦ୍ଧାର ସୈନ୍ୟମାନେ ଭାବି ନଥିଲେ ଯେ ବାଙ୍କୀର ସୈନ୍ୟମାନେ ରାଜାଙ୍କର ମୃତ୍ୟୁ ପରେ ପୁନର୍ବାର ଯୁଦ୍ଧ କରିବେ । ସୁତରାଂ ସେମାନେ ଯୁଦ୍ଧପାଇଁ ଅପ୍ରସ୍ତୁତ ଥିଲେ । ଏତିକି ବେଳକୁ ପିତୃରାଜ୍ୟ ବଡ଼ମ୍ବା, ସରଣ୍ଡା, ତିଗିରିଆ, ଓ ନରସିଂହପୁର ସୈନ୍ୟମାନେ ଆସି ବାଙ୍କୀ ସୈନ୍ୟବାହିନୀ ସହିତ ଯୋଗ ଦେବାରୁ ମହାରାଣୀ ଶୁକ ଦେଇଙ୍କର ମନୋବଳ ଯଥେଷ୍ଟ ବଢ଼ି ଯାଇଥିଲା । ସେ ଶତସିଂହର ପରାକ୍ରମ ନେଇ ସୈନ୍ୟ ଚାଳନା କରି ଖୋର୍ଦ୍ଧା ବାହିନୀକୁ ବିପର୍ଯ୍ୟସ୍ତ କରିପକାଇଥିଲେ । ଖୋର୍ଦ୍ଧାର ସେନାପତି ଯୁଦ୍ଧରେ ନିହତ ହେବାରୁ ଅବଶିଷ୍ଟ ସୈନ୍ୟ ଛତ୍ରଭଙ୍ଗ ଦେଇ ପଳାୟନ କରିଥିଲେ । ଏହାପରେ ଖୋର୍ଦ୍ଧା ରାଜାଙ୍କୁ ବନ୍ଦୀ ରୂପେ ବାଙ୍କୀ ଦରବାରକୁ ନିଆ ଯାଇଥିଲା । ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ତାଙ୍କୁ ହତ୍ୟା କରିବାପାଇଁ ମହାରାଣୀଙ୍କ ନିକଟରେ ଦାବୀ କରିଥିଲେ । କିନ୍ତୁ ରାଣୀ ଶୁକ ଦେଇ ଥିଲେ ଦୟା ଓ କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ । ଖୋର୍ଦ୍ଧା ରାଜାଙ୍କୁ ହତ୍ୟାକରି ତାଙ୍କର ରାଣୀଙ୍କୁ ସେ ବୈଧବ୍ୟ ଯନ୍ତ୍ରଣାରେ ଜର୍ଜ୍ଜରିତ କରିବାକୁ ଚାହିଁ ନ ଥିଲେ । ତେଣୁ ସେ ସର୍ବ ସମକ୍ଷରେ ଖୋର୍ଦ୍ଧା ରାଜାଙ୍କୁ ରାଜକ୍ଷମା ପ୍ରଦାନ କରି ନିଜର ମହନୀୟତାର ପ୍ରମାଣ କରିପାରିଥିଲେ । ଖୋର୍ଦ୍ଧା ରାଜା ବାଙ୍କୀ ରାଣୀଙ୍କର ବଶ୍ୟତା ସ୍ୱୀକାର କରି ସନ୍ଧି ପ୍ରସ୍ତାବ ଆଗତ କରିଥିଲେ ଏବଂ ସନ୍ଧିର ସର୍ତ୍ତ ଅନୁସାରେ କୁଶପଲା ପ୍ରଗଣା ବାଙ୍କୀ ରାଜ୍ୟ ସହିତ ମିଶା ଯାଇଥିଲା ।

ଆମେ ଶିକ୍ଷିତ ଭୂୟାଁ ସମାଜରୁ ସ୍ୱଳ୍ପ ଅପସୃତ ହୋଇଯାଉଛି କିନ୍ତୁ ସଙ୍ଗୀତ ସେମାନଙ୍କ ଜୀବନଚର୍ଯ୍ୟାରୁ ଅପସରି ଯାଇନାହିଁ। ଅବିବାହିତ ଯୁବକ ଯୁବତୀମାନେ ଯାନିଯାତ୍ରା, ହାଟ ବାଟରୁ ଫେରିବେଳେ ବା ଗୋଟିଏ ଗ୍ରାମକୁ ଅନ୍ୟଗ୍ରାମର ଯୁବକ ଯୁବତୀମାନେ ଆସିଲେ ସେମାନଙ୍କ ମଧ୍ୟରେ ସଙ୍ଗୀତର ଅଫୁରନ୍ତ ଫୁଆରା ଛୁଟି ଚାଲେ। ଯୁବକ ଓ ଯୁବତୀଙ୍କ ମଧ୍ୟରେ ନାଚ ଚାଲେ। ଧୂଳି ଉଡ଼ି ଆକାଶର ନିଳିମା ସହ ମିଶି ଏକାକାର ହୋଇଯାଏ। ଶ୍ରେଷ୍ଠ ସ୍ଥାନ ନେଇଛି "ଚାଳକର୍ମୀ"ର ଗୀତ। ଗୀତ ଗାଇବାକୁ ଆହ୍ୱାନ ଦେଇ କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା'ତାରିଣୀଙ୍କୁ ପ୍ରଣତି ବାଢ଼ି କେହି ଗାଉଥାନ୍ତି :-

"ସାଥୀ ଶବରୀଙ୍କ ଭେଟ
ତାରିଣୀ ପାଦକୁ ମୋ ଦଣ୍ଡବତ
ବିଶ୍ୱରୀ ପାଦକୁ ମୋଦଣ୍ଡବତ
ଚାଳ କର୍ମୀରରେ କର ଅନୁକୂଳ ଗୀତ"

ଗୀତ ଅନୁକୂଳ କରିବାର ଆହ୍ୱାନ ପରେ ଗୀତର ଧୁମ୍ ଛୁଟେ। ସଙ୍ଗୀତର ତାଳରେ ମତୁଆଲା ହୋଇଉଠନ୍ତି ରସପ୍ରାଣ ଯୁବକ ଯୁବତୀ। ସେମାନଙ୍କ ବଚନ ଓ ଉକ୍ତି ପ୍ରତ୍ୟୁକ୍ତି ଭିତରେ ଯୁବ ପ୍ରାଣର ଉଚ୍ଛ୍ୱାସ କିପରି ଉଦ୍ବେଳିତ ଲାଭ କରିଥାଏ ତାହା ନିମ୍ନ ଉଦାହରଣରୁ ସ୍ପଷ୍ଟ ପ୍ରତୀୟମାନ ହୋଇଥାଏ। ରସପ୍ରାଣ ଯୁବକ ହୃଦୟର ଆବେଗକୁ ଖୋଲି ଧରେ :-

"ଚାଳକର୍ମୀରରେ ନଈକୁ ଫିଙ୍ଗିଲି ଚିଲ
ରାଣୀମା ନଈରେ ଜବାବ ଦେଲ
ଚାଳକର୍ମୀରରେ ବଚନ ପାଶୁରି ଦେଲ।"

ଯୁବକର କଥା ଶୁଣି ଯୁବତୀ ଉତ୍ତର ଦିଏ :-

"ଚାଳ କର୍ମୀରରେ ପାଶୁରୀ ନାହିଁ ମୁଁ ତତେ
ଏକୁଟିଆ ବେଳେ କହିମି କଥେ
ଚାଳ କର୍ମୀରରେ ମନେ ରଖିଥିବୁ ମତେ।"

ଏମିତି ଅସରିତ ପ୍ରଶ୍ନ ଉତ୍ତର। ରାତି ବିତେ କିନ୍ତୁ ଆବେଗର କଥା ସରେ ନାହିଁ। କେଉଁ ଆଦିମ କାଳରୁ କେନ୍ଦୁଝରର ଗିରି କନ୍ଦର ଭୂୟାଁ ବାଳାର କଳକଣ୍ଠରେ ମୁଖରିତ ହୋଇ ଆସୁଛି ତାହା କିଏ କହି ପାରିବ।

ନୃତାତ୍ତ୍ୱିକଙ୍କ ବିଶ୍ୱାସମତେ କୋହ୍ଲ ବା ମୁଣ୍ଡା ଆଦିବାସୀଙ୍କ ଆଦିନିବାସ ଛୋଟନାଗପୁର ବା ସିଂହଭୂମି। ଏମାନେ ଦୁଇ ପ୍ରକାର। ସିଂହଭୂମିଆ ଓ କେନ୍ଦୁଝରିଆ। ସିଂହଭୂମି ଓ କେନ୍ଦୁଝର ମଧ୍ୟରେ ସୀମାରେଖା ବୈତରଣୀ ନଦୀ। ସିଂହଭୂମି ଭଳି କେନ୍ଦୁଝରରେ ମଧ୍ୟ କୋହ୍ଲମାନେ ଆଦିମ ଅଧିବାସୀ। କୋହ୍ଲମାନେ ନୃତ୍ୟପ୍ରିୟ। ଦୈନନ୍ଦିନ ଜୀବନର କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ନୃତ୍ୟଗୀତ ଅଙ୍ଗୀଭୂତ ହୋଇଯାଇଛି। ଜନ୍ମ, ବିବାହ ଓ ମୃତାହ ଆଦି ସାମାଜିକ ଆସର ମଧ୍ୟ ନୃତ୍ୟଗୀତରେ ମତୁଆଲା ହୋଇଉଠେ। ସେମାନଙ୍କ ମଧ୍ୟରେ ପ୍ରଚଳିତ ମାସମାସରେ "ମାଘେପରବ୍" ଫାଲ୍ଗୁନ ଓ ଚୈତ୍ରମାସରେ ବାହାବଙ୍ଗା (ଫୁଲଭାଙ୍ଗୁଣୀପର୍ବ) ନବାନ୍ନ ବା ଯମନ୍ନ ବା ଯମନ୍ନା ପରବ, ଦଶହରା ବେଳେ ଦାଶାଇଁ ପରବ୍ ଇତ୍ୟାଦିରେ ନୃତ୍ୟ, ଗୀତ ଓ ବାଦ୍ୟରେ ଚତୁର୍ଦ୍ଦିଗ ମୁଖରିତ ହୋଇ ଉଠେ। ସାତଦିନ ବ୍ୟାପୀ ଉତ୍ସବ ମାଘେପରବର ତୃତୀୟ ଦିବସ "ମାଘେଗୁରି" ବା "ମାଘେବଙ୍ଗା" ଅତ୍ୟନ୍ତ ହର୍ଷୋଲ୍ଲାସ ମଧ୍ୟରେ ପାଳିତ ହୋଇଥାଏ। ବନ୍ଧୁବାନ୍ଧବଙ୍କ ସହ ମିଳିତ ହୋଇ ରାତିରେ କୋହ୍ଲ ଯୁବକ ଯୁବତୀଙ୍କ ମଧ୍ୟରେ ଛୁଟେ ସଙ୍ଗୀତର ଫୁଆରା। ଗୀତରେ ପ୍ରଶ୍ନ। ଗୀତରେ ଉତ୍ତର। ଅକ୍ଷରଜ୍ଞାନ ଶୂନ୍ୟ କୋହ୍ଲବାଳାର କଳକଣ୍ଠରେ ଚତୁର୍ଦ୍ଦିଗ ଗୀତିମୟ ହୋଇଉଠେ। ଯୁବକ ତା ପ୍ରଶ୍ନରେ କୁହେ କାଷ୍ଠ ଯେମିତି ଶରର ସାଙ୍ଗ ଆମେ ସେମିତି ସାଙ୍ଗ (ଯୋଡ଼ି) ହେବାକୁ ଆସିଛୁ। ଧୀର ପବନରେ କଦଳୀପତ୍ର ଆନନ୍ଦରେ ଫର୍‌ଫର୍ କରି ଦୋହଲି ଉଠେ। ମୁଁ ଦେଖୁଛି ତୁମେ ସେପରି ଆମ ସଙ୍ଗରେ ଆସି ମୁରୁକି ହସା ଦେଲଣି। ସୁନ୍ଦର କଥା କହିଲଣି। ତୁମ ସୌନ୍ଦର୍ଯ୍ୟରେ ମୁଁ ବିଭୋର। ମୁଁ ତୁମକୁ ଜୀବନ ସାଥି କରିବାକୁ ଚାହେଁ। କିନ୍ତୁ ତା ଚାତୁରିରେ ସେ ଭୁଲେ ନାହିଁ। ଚତୁରତାର ସହ ସେ ଯୁବକର ଆବେଦନକୁ ପ୍ରତ୍ୟାଖ୍ୟାନ କରି କୁହେ–

"ନାପେ ଗୋ ଦପେ ନାଇଙ୍କି ଚାନା
ନାପେ ଗୋ ଦପେ କିସାନେ ଚାନା
ଦଶା ରୋ ତାପେ ଜାଜ ଠେଳେକା
ରାସ୍ ରୋ ତପେ କଲମେ ନେକା
ନଶା ଗୋ ରେଦ ବିଦ୍‌ଲି ବାଡ଼ି
ନଶା ଗୋ ଦଶା ବିଦ୍‌ଲି ବିଲ୍ଲୀ
ବରି ଗ ସାନାଙ୍ଗୀ"।

ଅର୍ଥାତ୍– ତୁମେ ଯେ ମୋତେ ଜୀବନ ସାଥି କରିବାକୁ ଚାହୁଁଛ ତୁମେ ଭୁଲ କରୁଛ। ମୁଁ କ'ଣ ତୁମ ସରିସା ହେବିକି ? ତୁମେ ଧନୀ ଘର ପିଲା। ତୁମ ଘରଗୁଡ଼ିକ ଜାହାଜ ପରି ବଡ଼। ତୁମ ଅଗଣା ଧାନଖଳା ପରି ପ୍ରଶସ୍ତ। ତୁମ ଘର ବିଜୁଳିବତୀରେ ଉଦ୍ଭାସିତ। ମୁଁ ଗରିବ ଘର ଝିଅ। ଏତେବଡ଼ ଘରରେ ବୋହୂ ହେବାକୁ ମତେ ଭୟ ଲାଗୁଛି। ସାତ ଦିନ ବ୍ୟାପୀ ଉତ୍ସବର ଉଦ୍ଯାପନ ଶେଷଦିନ। ଉଦ୍‌ଯାପନୀ ସଙ୍ଗୀତରେ ରୋଗ ଶୋକ ଦୂର କରି ଆଲୋକର ପଥ ଦେଖାଇବାକୁ ବିଶ୍ୱନିୟନ୍ତାଙ୍କ ନିକଟରେ ନିବେଦନ କରନ୍ତି।

ଏତଦ୍ ବ୍ୟତୀତ କେନ୍ଦୁଝରରେ ପାଳିତ ରଜ ଓ କର୍ମା ଆଦି ମଧ୍ୟ ଲୋକଗୀତର ଲଳିତ ମଧୁର ସ୍ପର୍ଶରେ କମନୀୟ ହୋଇଉଠେ। ଗିରିମେଖଳା ବେଷ୍ଟିତ କେନ୍ଦୁଝରର ବନପକ୍ଷୀଙ୍କ କାକଳି ସହ ସରଳ ପ୍ରାଣର ଭାବୋଚ୍ଛ୍ୱାସର ମଧୁର ସମନ୍ୱୟ ରସପ୍ରାଣ ଜନତାର ରସ ତୃଷ୍ଣାକୁ କେଉଁ ଅନାଦି କାଳରୁ ପ୍ରଶମିତ କରି ଆସୁଛି ତାହା କିଏ କହି ପାରିବ ?

ମଣ୍ଡୁଆ, କେନ୍ଦୁଝର-୭୫୮୦୨୬।

# କେନ୍ଦୁଝରର ଆଦିବାସୀ ଲୋକଗୀତ – ଏକ ଅଧ୍ୟୟନ

❖ ଦେବାଶିଷ ଚକ୍ରବର୍ତ୍ତୀ

ଲୋକ ସାହିତ୍ୟ ଜଣର ନୁହେଁ, ଗଣର । ବୈଦିକ ସାହିତ୍ୟର ବୁଦ୍ଧିର କସରତ ତା'ପାଇଁ ଲୋଡ଼ା ନୁହେଁ । ଗଣ ଜୀବନର ମାର୍ମିକ ଆଲେଖ୍ୟ ଅଙ୍କିତ ହୋଇଥାଏ ଲୋକ ସାହିତ୍ୟରେ । ପାଷାଣ ଗାତ୍ରରେ ନିହାଣ ମନରେ କବିତା ଲେଖି ଶିଳ୍ପୀ ଚିତ୍ର ଛପା ହେଲା ଭଳି ଲୋକ ସାହିତ୍ୟର ସ୍ରଷ୍ଟା ଆତ୍ମଗୋପନ କରେ । ସେ ସ୍ରଷ୍ଟା ନୁହେଁ ପ୍ରଶଂସାର ଫୁଲ ତୋଡ଼ା, ସ୍ୱୀକୃତି, କୌଣସି ସାରସ୍ୱତ ପ୍ରତିଷ୍ଠାନର ସ୍ୱୀକୃତି ବା ସାହିତ୍ୟାନୁରାଗୀ ବଦାନ୍ୟଙ୍କ ସଶ୍ରଦ୍ଧ ଅନୁଦାନ । ତା ହୃଦୟରୁ ସ୍ୱତଃ ନିଃସରି ଆସିଥିବା ଭାବର ମନ୍ଦାକିନୀ କାନରୁ କାନକୁ ସ୍ୱତଃ ପ୍ରସରି ଯାଏ । ଭଉଁରୀ ଲାଗି ହୁଏତ ପରପାରିକୁ ବାହୁଡ଼ି ଯାଏ କବି ହେଲେ ତା' ହୃଦୟରୁ ସ୍ୱତଃ ନିଃସରି ଆସିଥିବା ଏ ସ୍ରୋତସ୍ୱିନୀ ପରବର୍ତ୍ତୀ କାଳରେ ବସୁବନ୍ତ ହୁଏ ସିନା କ୍ଷୟଶୀଳତାର ପଥରେ ପାଦ ଦେଇ ବିଲୀନ ହୁଏନା । ଅନ୍ୟ ସାହିତ୍ୟ ଭଳି ଏହା ତାଳପତ୍ର, ଭୂର୍ଜପତ୍ର ବା କାଗଜର ଆଶ୍ରୟ ଲୋଡ଼େନା । କାରଣ ଶ୍ରୋତାହିଁ ଏହାର ହୃଦୟ ବେଦୀ । ଏହା କାନରୁ କାନକୁ ଯାଇ ବଞ୍ଚିରହେ ଯୁଗରୁ ଯୁଗାନ୍ତର ପର୍ଯ୍ୟନ୍ତ ।

ଆଧୁନିକ ସମାଜ ଭଳି କେନ୍ଦୁଝରର ଆଦିବାସୀ ସମାଜରେ ମଧ୍ୟ ବହୁ ପ୍ରାଚୀନ କାଳରୁ ଲୋକଗୀତର ପ୍ରଚଳନ ପରିଦୃଷ୍ଟ ହୋଇଥାଏ । ଜହ୍ନରୁ ଝରି ଆସୁଥିବା ଜ୍ୟୋତ୍ସ୍ନା ବା ଆକାଶ ବୁକୁରୁ ଝରି ପଡ଼ୁଥିବା ବାରିଧାରା ଯେମିତି ଧରା ପୃଷ୍ଠକୁ ସ୍ପର୍ଶ କଲାବେଳେ ଜାତି, ଅଜାତି ଧନୀ ଦରିଦ୍ରର ବିଭେଦ ରଖେନା । ଠିକ୍ ସେହିପରି ଲୋକ ସାହିତ୍ୟ ସମଗ୍ର ମାନବ ଜାତି ପ୍ରାଣର କଳ ଗୀତି । ଆର୍ଯ୍ୟ ଅନାର୍ଯ୍ୟ ନିର୍ବିଶେଷରେ ଏହା ପ୍ରତ୍ୟେକ ପ୍ରାଣର ଗାଥା ବହନ କରେ । ଶ୍ୟାମଳ ଅରଣ୍ୟ ବେଷ୍ଟିତ, ଆଦିବାସୀ ଅଧ୍ୟୁଷିତ ଏଇ କେନ୍ଦୁଝରର ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଏହାର ଉପସ୍ଥିତି ଲେଖକକୁ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ବାଧ୍ୟ କରିଥାଏ ।

ଜୁଆଙ୍ଗ କେନ୍ଦୁଝରର ଆଦିମତମ ଅଧିବାସୀ । ଏ ମାନେ କେବଳ କେନ୍ଦୁଝର କାହିଁକି ଭାରତର ଆଦିମତମ ଅଧିବାସୀ ରୂପେ ପରି ଗଣିତ । ଏମାନଙ୍କ ମଧ୍ୟରେ ଲିପି ବିହୀନ ଜୁଆଙ୍ଗ ଭାଷା ପ୍ରଚଳିତ । ଆଦିମ ଯୁଗରୁ ସେମାନେ 'ଗୀତ'କୁ ଦୈନନ୍ଦିନ ଜୀବନର ସାଥି କରି ନେଇଛନ୍ତି । ପାରମ୍ପରିକ ଚାଙ୍ଗୁ ନୃତ୍ୟରେ ଜୁଆଙ୍ଗ ତରୁଣୀମାନେ ଗୀତ ଗାଇବା ମନା । ସେମାନେ ବିବାହ ବେଳେ ଓ ଧାଙ୍ଗଡ଼ାମାନଙ୍କ ସହ ଯାଆଁଯାସି ବା ହାଟ ବାଟକୁ ଗଲାବେଳେ ସୁର ଭରାନ୍ତି:–

"କୁଜୁଲ କମରୋ ସେଙ୍ଗା ଭାଲକୁ
ବରାଗୁଡ଼ି ଥିରା ଲାମଣ ସାରଡେ ବନା ନାରାକୁ
କୁଜୁଲ ସେମେଲେ ସେପ୍ପା ଭାଲକୁ"

ଅର୍ଥାତ୍ ଅଦୂରରେ କୁଜୁ କୁଜିଆ ପାହାଡ଼ ଲସି ଯାଉଛି । ସେଠାରେ ଅସୁମାରୀ ଫୁଲ ଫୁଟିଛି । ଜେଙ୍ଗିଆମାନେ ଆସ, ସେ ଶୋଭା ଦେଖ । ଆମ ମଥାରେ ସେ ଫୁଲ ପିନ୍ଧି ଦିଅ । ସାଲେନ୍ (ଧାଙ୍ଗିଡ଼ୀ)ମାନଙ୍କ ଆବେଦନକୁ ଉପେକ୍ଷା କରିପାରେନା ଜୁଆଙ୍ଗ ଯୁବକ । ଯୌବନ ଦୀପ୍ତ ପ୍ରାଣତାର ପାହାଡ଼ି ଝରଣା ପରି ଗୀତିମୟ ହୋଇ ଉଠେ । ହୃଦୟର ଗୀତିମୟ ଆବେଗକୁ ସେ ରସମୟୀ ସାଲେନ୍ ନିକଟରେ ଖୋଲି ଧରେ ଅକପଟ ଭାବରେ :–

"ଶିଶିର ଡାକଡ଼ା ଲାଲାଞ୍ଜି ଲୋ ବାଙ୍ଗରୀ
ଶିଶିର ଡାକଡ଼ା ଲାଲାଞ୍ଜି.........
ଲାଲାନ୍ ଜଳେ ରଣ୍ଡିଲୋ ଜଳେରେ ଆଣ୍ଡମା କାଟେଜେ
ଲାଲାୟୁଖା ରକି ସେକେଲୋ ବାଙ୍ଗରୀ
କିରିମିକିବାନ୍ ଏରାଡେ.........

ଅର୍ଥାତ୍–"ଶିଶିରରେ ସୂର୍ଯ୍ୟକିରଣ ପଡ଼ି ନିଆଁ ଜଳିବା ପରି ଦେଖା ଯାଉଛି । ନିଆଁ ଜଳୁଜଳୁ ମନ ମଧ୍ୟ ଜଳୁଛି । ଝିଅଟି ଗୋଡ଼ ଲମ୍ବାଇ ଭାତ ହାଣ୍ଡିକୁ ଆଉଜି ବସିଛି । ଲୋ ବାଙ୍ଗରୀ ! ତୁ ଗାଧୋଇବାକୁ ଯାଇ କାହାକୁ ମନ ବଳେଇଲୁ ! ଆଖିଠାରି କାହାକୁ ପ୍ରୀତି କଲୁ ।"

ପିଲାଟି ଜନ୍ମ ହେଲୁ ଏକ ଗୀତିମୟତା ମଧ୍ୟରେ ହିଁ ଗଢ଼ି ଗୁଲିଥାଏ ତା'ର ଜୀବନ । ତେଣୁ ଜୀବନର ପ୍ରତ୍ୟେକ କର୍ମରେ ନୃତ୍ୟଗୀତ ଅଙ୍ଗୀଭୂତ ହୋଇଯାଏ । ଜୀବନର ରସଘନ ମୁହୂର୍ତ୍ତ ବିବାହ ନୃତ୍ୟଗୀତରେ ଉପଯୋଗୀତା ଲାଭ କରେ । ଶିକ୍ଷାଲୋକରୁ ଦୂରରେ ଥିବା ଜୁଆଙ୍ଗର ରସପ୍ରାଣତା ଆମକୁ ମୁଗ୍ଧ ହେବାକୁ ପ୍ରଲୁବ୍ଧ କରିଥାଏ ।

ଭୂୟାଁ କେନ୍ଦୁଝରର ଅନ୍ୟତମ ବନବାସୀ ଜନଜାତି । ଭାରତର ଏମାନେ ମଧ୍ୟ ପ୍ରାଚୀନତମ ଆଦିବାସୀ (Primitive tribes) । ଏମାନଙ୍କ ଭାଷା ଓଡ଼ିଆ । ଏମାନଙ୍କ ଭାଷାରେ ପ୍ରାଚୀନ ଚର୍ଯ୍ୟାଗୀତିର କେତେକ ଶବ୍ଦ ଅଦ୍ୟାବଧି ପ୍ରଚଳିତ ଅଛି । ଜୁଆଙ୍ଗଙ୍କ ଭଳି ଏମାନଙ୍କ ଜୀବନର ଏକ ଅଙ୍ଗ ହୋଇଯାଇଛି ଚାଙ୍ଗୁ । ମଣ୍ଡପର ଦୁଆରେ ଚାଙ୍ଗୁନାଚ କରିବା ଏକ ପ୍ରାଚୀନ ପରମ୍ପରା । ଚାଙ୍ଗୁନାଚ ସହ ଚାଙ୍ଗୁ ଗୀତ ବୋଲାଯାଏ । ଏହି ଗୀତ ଭିତରେ ଉକୁଟି ଉଠେ କେନ୍ଦୁଝରର ପ୍ରାଚୀନ ଇତିହାସ । ହରିପୁର ଗଡ଼ରୁ ରାଜକୁମାରଙ୍କୁ ଆଣି ଭୂୟାଁମାନେ କଟିରାଗଡ଼ ଓ କରୁଆଗଡ଼ ଆଦି ସ୍ଥାନରେ ରଖିଥିବାର ଜନଶ୍ରୁତିରୁ ଶୁଣାଯାଏ । ଏହି ପ୍ରସଙ୍ଗକୁ ଉପଜୀବ୍ୟ କରି ସେମାନେ ଗାଆନ୍ତି–

"ଜଟି ଭଞ୍ଜକେ ଚରାଏ ନେଲେ
କଟିରାଗଡ଼ ରାଜା
ମୁନିଭାବେ ରହଣୀ" ।

କେବଳ ଅତୀତର ସ୍ମୃତିଚାରଣ ନୁହେଁ, କେନ୍ଦୁଝର ମାଟିର କୀର୍ତ୍ତିଗାଥା ମଧ୍ୟ ରୂପ ନିଏ ଚାଙ୍ଗୁଗୀତ ଭିତରେ ।



# ସ୍ମୃତି ମନ୍ଥନ

• ରାମନାଥ ଶତପଥୀ

ମୂଲ୍ୟବୋଧର ମୂଲ୍ୟାୟନ ଆଜିର ଉପହସିତ ହେଲାଣି। ଯୌଥୀନ ଓ ମଣ୍ଡଳୀବାଦନେ ପଦକ୍ଷେପ ରହିଲେ ଦ୍ୱିଧାନ୍ତି ହେବନାହିଁ। ବୁଦ୍ଧିଜୀବୀଙ୍କ ଲେଖନୀରେ ମୃତ-ଦାନ୍ତ, ଚିନ୍ତ-ଚାତୁର୍ଯ୍ୟ ପ୍ରଚାରିତ ହେଉଛି। କେତେ ବଳିଷ୍ଠ ଯୋଗଜନ୍ମା ପଛରେ ପଡ଼ିଲେ ତ ଅନ୍ୟକେତେ କନିଷ୍ଠ ପ୍ରତାରକଙ୍କୁ ଉଠେଇଲେ। କେତେ ଗାଦି ପାଉଛନ୍ତି ପ୍ରଶ୍ନବାଚୀ। ପୁଣ୍ୟଶ୍ଳୋକ ବିବେକାନନ୍ଦ କେଉଁଠି? ବିଶ୍ୱ ବିରଳ ବ୍ୟକ୍ତିତ୍ୱ ଉପେକ୍ଷିତ। ଏହାହିଁ ଆଜିର ଅବଧାନ। ଏହି ପ୍ରହେଳିକା ଦେଖି ପ୍ରକୃତି କବିଙ୍କ ଖେଦୋକ୍ତି ଥିଲା--

ଧନ ଯାର ବିଦଳିତ ଗଣିକା ଚରଣେ,
ମନ ଯାର ବ୍ୟସ୍ତ ସଦା ପରସ୍ୱହରଣେ।
ଜୀବନ ଯା' ଲକ୍ଷଲକ୍ଷ ଲୋକଙ୍କର ଡର,
ତାଙ୍କୁ ମଧ୍ୟ ବୋଲୁଛନ୍ତି ଧର୍ମ ଅବତାର।

ମହାନୁଭବ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରଚଣ୍ଡ ପ୍ରତିଭା ଓଡ଼ିଶା ଭିତରେ ସୀମିତ ରହିଗଲା, ତାଙ୍କ ପ୍ରଣୀତ ଗ୍ରନ୍ଥାବଳୀଗୁଡ଼ିକ ଭାଷା ବିଜ୍ଞବର ଗନ୍ଧାଗର। ସ୍ୱତନ୍ତ୍ର ଭାଷାକୋଷ ହିଁ ତାଂର ପ୍ରାଚୁର୍ଯ୍ୟ। ରସଗ୍ରାହୀଙ୍କ ପକ୍ଷେ ତାହା ମହିମାନ୍ୱିତ–ବିଶ୍ୱର ସମସାମୟିକ କବିମାନଙ୍କ ଗ୍ରନ୍ଥାବଳୀ ଅନୁଶୀଳନ କଲେ ଉପେନ୍ଦ୍ର ବହୁ ଉର୍ଦ୍ଧ୍ୱରେ। ଅଷ୍ଟସଖୀଲୀଳା ଫଳଗୁଡ଼ିକ ସେ ଭାଷାର ମାଧୁର୍ଯ୍ୟ। ବିଶ୍ୱ କବି ହେବା ଦୂରେ ଥାଉ ସେ ଜାତୀୟ କବି ହେବାର ସୌଭାଗ୍ୟ ପାଇନାହାନ୍ତି। ସେହି ଅନୁପମ କାବ୍ୟକୁ ଜନ-ଦରବାରରେ ପ୍ରତିଭାବନ କରିବା ପାଇଁ ଆମର ପାଣ୍ଡିତ୍ୟ ବା ସାମର୍ଥ୍ୟ ନାହିଁ। ସଂକୀର୍ଣ୍ଣତା ଆମର ମଜ୍ଜାଗତ, ଆଞ୍ଚଳିକ ଭେଦ ସତେ ଯେପରି ଆମର ଜନ୍ମଗତ। ଫଳତଃ ଆମ ଆକାଂକ୍ଷା ସ୍ୱରେସ୍ୱରେ ପ୍ରତିହତ। ଏ ବିଡ଼ମ୍ବନା ଭିତରେ ମୁଁ ଆଜି ମୋ କବିତ୍ୱେ ଗୁରୁଜୀ ସୋମନାଥ ପାଢ଼ୀଙ୍କ ସ୍ମୃତି ମନ୍ଥନ କରୁଛି ଭାବାବେଗରେ, ତାଙ୍କରି ପ୍ରେରଣା। ତାଙ୍କରି ଶିକ୍ଷା. ତାଙ୍କରି ଚରିତ୍ର ବିଭିନ୍ନ ପାଥେୟ କରି ମୁଁ ଭୋଗଯାଉଛି "ଜାତୀୟ ଶିକ୍ଷକ"। କିନ୍ତୁ ସେ ଏ ଉପାଧିରୁ ଉର୍ଦ୍ଧ୍ୱରେ। "ଜଗନ୍ନାଥ ଯେ ଖୋଳକଲା, ଦେଇଁଲୁ କଳାଏ ନଦେବୀ" ମନେ ହୁଏ, ସବୁ ଉପାଧିର ଯେ ସମାହାର ସେଇଠି ଏକେ ଉପାଧିରୁ ଆବଶ୍ୟକତା କେଉଁଠି?

ମୁଁ ଜଣେ ଶିକ୍ଷକ, ଆମେ ଶିକ୍ଷାଦାନ ଦେଲା ବେଳକୁ ବିଶେଷ କରିବ କେତେ ସଦବତ ଓ ସାଥୀ ବହି ପ୍ରକାଶ ପାଇଲାଣି କିନ୍ତୁ ତାଙ୍କ ସମୟରେ ଏ ସବୁ ଅନୁଭୂତିଶାଳର ସୀମା ମାଡ଼ି ନଥିଲେ। ସେଥିରେ ତାଙ୍କରି ଅନନ୍ୟ ସାଧାରଣ ବିଦ୍ୱତ୍ତା ହିଁ ତାଙ୍କର ଥିଲା ସାଧନ। ସେ ଏ ଗୁରୁଜୀଙ୍କ ଅଧାରୀଭୂତ, ଅନୁଷ୍ଠାନଟି ତାଙ୍କ ଅନୁଗ, ଆମେ ଥିଲୁ ତାଙ୍କ ପରିବାର। ସେ ଥିଲେ ଆମର ପିତା ମାତା, ଗୁରୁ। ସେତେବେଳେ ଥିଲା ତାଙ୍କରି ସାନ୍ନିଧ୍ୟ ଆମର ଏକାନ୍ତ କାମ୍ୟ ଘରର ମମତାଠାରୁ ଅନୁଷ୍ଠାନର ମମତା ଆମପକ୍ଷେ ଥିଲା ନିବିଡ଼ତର। ସତେରେ ଗୁରୁଜୀ ଥିଲେ ଆମର ପ୍ରାଣକେନ୍ଦ୍ର। ସମୟ ନିର୍ଘଣ୍ଟ ଥିଲା କେବଳ ଶ୍ରେଣୀକୋଠରୀ ପାଇଁ। ଅନ୍ୟ ସମସ୍ତଙ୍କ ଗତାନୁଗତିକ ରୀତିରେ ଆମ ପାଠପଢ଼ା ଚାଲେ ନିଦ୍ରାଗତ ସମୟକୁ ବାଦ୍ ଦେଇ ଆମଜ୍ଞାନ ଆହରଣ ଅବ୍ୟାହତ ଥିଲା। ସିଲାବସ୍ ଥିଲା ଶ୍ରେଣୀ ପାଇଁ। ଅବଶିଷ୍ଟ ଶିକ୍ଷା ସମୟ ପାଇଁ ଗୁରୁଜୀ ରଖିଥିଲେ ସ୍ୱତନ୍ତ୍ର ସିଲାବସ। ବ୍ରହ୍ମାଙ୍କର ପାଟିଟି ଥିଲା ବେଦ ଆଉ ଆମ ଗୁରୁଜୀଙ୍କ ପାଟିଟି ଥିଲା ସିଲାବସ୍। ରାମାୟଣ– ମହାଭାରତ ସୁନ୍ଦର ସୁନ୍ଦର ଗପ। ମହାପୁରୁଷଙ୍କ ଅଙ୍ଗ ନିଭାଇବା ଘଟଣା, ପାରିପାର୍ଶ୍ୱରେ ଥିବା ଜୀବ, ଜନ୍ତୁ, ପଶୁ, ପକ୍ଷୀ, ସରୀସୃପଙ୍କ ଶରୀର ଗଠନ, ପ୍ରକୃତି, ଆହାର ସମ୍ପର୍କରେ ମୂଳଧାରଣା, ହସ କୌତୁକିଆ ସାଧାରଣ ଜ୍ଞାନ ସବୁକିଛି। ମନ୍ତ୍ରମୁଗ୍ଧ ଭଳି ଶୁଣୁଥିଲୁ ତାଙ୍କ ମୁହଁରୁ। ସେ ଥିଲେ ଆମରି ଭାଗ୍ୟ–ବିଧାତା। ତାଙ୍କଠାରୁ ଦଣ୍ଡର ଅନୁଶାସନ ସ୍ୱପ୍ନ ଥିଲେ ସୁଦ୍ଧା ଆମେ ଥିଲୁ ଶୃଙ୍ଖଳିତ। ସତେ ଯେପରି ଫୌଜବାହିନୀ। ତାଙ୍କର ସ୍ୱତନ୍ତ୍ର ରୁଚିଥିଲା ବର୍ତ୍ତୁଳ ହସ୍ତାକ୍ଷର ପ୍ରତି। ହସ୍ତାକ୍ଷର ପ୍ରତିଯୋଗିତାରେ ଆମେ ଖେଳୁଆଡ଼ ମନୋବୃତ୍ତି ନେଇ ଆଗଉଥିଲୁ। ଅକ୍ଷର କଦର୍ଯ୍ୟ ହେଲେ ଶୁଣୁଥିଲୁ ମୃଦୁ ଭର୍ତ୍ସନା। ଆମର ସଦ୍ୟାନ୍ତ ପ୍ରତିଯୋଗିତା ମଧ୍ୟ ଥିଲା ଅନୁରୂପ ଆକର୍ଷଣୀୟ। ସର୍ବୋପରି ବିଦ୍ୟାର୍ଥୀଙ୍କ ଚରିତ୍ର ଉପରେ ହିଁ ଥିଲା ତାଙ୍କର ତୀକ୍ଷ୍ଣଦୃଷ୍ଟି ଗୁରୁଜୀଙ୍କ ତୀର୍ଯ୍ୟକ ଦୃଷ୍ଟିରୁ ସାହି ପାଇବା ଆମ ପକ୍ଷେ ଥିଲା ଦୁରୂହ ବ୍ୟାପାର। ସଚେତନଶୀଳ ବିଦ୍ୟାର୍ଥୀ ସୃଷ୍ଟି କରିବା ନିମନ୍ତେ ସେ ପ୍ରାଣପାତ କରି ଚାଲିଥିଲେ। ସେ ଥିଲେ ଅକ୍ଳାନ୍ତ ପରିଶ୍ରମୀ– ସେ ଶ୍ରମର ଗତିଥିଲା ଅକୁଣ୍ଠ–ସେ ଶ୍ରମର ଲକ୍ଷ୍ୟ ଥିଲା, ସୁଦୂର ପ୍ରସାରୀ, ସେ ଶ୍ରମର ଭାବ ଥିଲା ଭାବାତୀତ। ତାଙ୍କର ଆକାଂକ୍ଷା ଥିଲା ମାନବୀୟ ଗୁଣସମ୍ପନ୍ନ ଅସଂଖ୍ୟ ମାନବ ସୃଷ୍ଟି କରିବା। ସେ ହେବ ଗୁଣ ଧର୍ମର ପ୍ରତୀକ ଆଉ ଧରାର ଦ୍ୟୋତକ।

ଏତଟା ପରିଶ୍ରମ କଲେ ସ୍ୱାସ୍ଥ୍ୟଭଗ୍ନ ହେବ ନାହିଁ କି, ଏ କଥା ଜିଜ୍ଞାସା କଲେ ସେହି ଶ୍ରମ ଅକାତର କଣ୍ଠରୁ ଶୁଣିବାକୁ ମିଳୁଥିଲା। ବିଶ୍ୱର କଲ୍ୟାଣ ନିମନ୍ତେ ଆମେ ସଳିତା ଭଳି ଆତ୍ମୋତ୍ସର୍ଗ କରିବା ପାଇଁ ଆସିଛେ– ଗୁରୁ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ଭାଷାରେ–

"ମାନବ ଜୀବନ
ନୁହଇ କେବଳ
ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜିଏଁ ନର
କର୍ମ ଏକାତାର
ଜୀବନର ମାନ ଦଣ୍ଡ"

# ବିପଦ ଯିବ ଟଳି

• ବାଞ୍ଛାନିଧି ପଣ୍ଡା

ଭାରତ ଆମ ଜନମ ମାଟି, ଭାରତ ଆମ ମାଆ,
ତାହାରି ମାଟି ପାଣି ପବନେ, ଚଳିଛି ପ୍ରାଣ ନାଆ ।

ଗୋଟିଏ ଦେଶ ଗୋଟିଏ ମାଆ, ସଭିଏଁ ଭାଇ ଭାଇ,
କିଏ ସେ ଆଜି ଉଠାଏ କଳି, ଛୁଟାଇ ଭେଦ ନଈ ।

କିଏ ବା ହିନ୍ଦୁ କିଏ ସେ ଶିଖ୍, କିଏ ମୁସଲମାନ,
ମଣିଷ ଏକ ରକତ ଏକ, ଜାତିଟା ଖାଲି ଭିନ୍ନ ।

ମନ୍ଦିର, ମସ୍ଜିଦ୍, ଗୁରୁଦୁଆର, ହେଲେ ବି ଭିନ୍ନ ଭିନ,
ଈଶ୍ୱର, ଆଲ୍ଲା, ସବୁ ସମାନ, ଏକଇ ଭଗବାନ ।

ଭାଇ ଭାଇରେ ଝଗଡ଼ା କିଆଁ, ଭାଙ୍ଗିବା କଥା ନେଇ,
ଯିଏ ଯାହାର ଗଢ଼ନ୍ତୁ ଦିଅଁ, ଭକତି ଭାବ ବହି ।

ଧରମ ନାମେ ମିଛକୁ ଆମେ, ଝଗଡ଼ା କରୁ ଏଠି,
ମୁରୁଖ ହେତୁ ଚୁବୁକ ଖାଉଁ, ପିଠିରେ ବାଜେ ଲାଠି ।

ଇମିତି କେତେ ଖାଇବୁ ମାଡ଼, ଭାଙ୍ଗିବ ଆମ ହାଡ଼,
ଉଜୁଡ଼ି ଯିବ ସୁନାର ଦେଶ, ଭାଇଏ ହେବେ ପର ।

ଗୁହାରି ଘେନ ହେ ଭଗବାନ, ହେ ଆଲ୍ଲା ସତ୍ୟ ପୀର,
ଯିମିତି ଆମେ ରହିବୁଁ ସୁଖେ, ସୁବ୍ୟବସ୍ଥା ଟିକେ କର ।

ଶାନ୍ତିରେ ଟିକେ ରହିବୁଁ ଏବେ, କରିବୁ ନାହିଁ କଳି,
ଦେଶକୁ ଆମ କରିବୁ ଏକ, ବିପଦ ଯିବ ଟଳି ।

ସଭିଙ୍କି ଆଜି ଦିଅ ସୁମତି, ହେ ଆଲ୍ଲା ଭଗବାନ,
ରାମ ରହୀମ୍ ଜୟ ରାଘବ, (ଜୟ) ରାମ ରହୀମ୍ ରାମ ।

---

ବଣ ପାରିଆ ଶାସନ, ପୋ: ଖଇରା,
ବାଲେଶ୍ୱର-୭୫୬୦୪୮ ।



# ପ୍ରାଚୀନ ଓଡ଼ିଶାର ଇତିହାସ ଓ ସଂସ୍କୃତି

• ସଦାନନ୍ଦ ଅଗ୍ରୱାଲ

କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଗୁଡ଼ହାଣ୍ଡିଠାରୁ ପ୍ରାଗୈତିହାସିକ ଯୁଗର ଚିତ୍ରାଙ୍କନ ଆବିଷ୍କୃତ ହେବାପରେ ଓଡ଼ିଶା ଭାରତବର୍ଷର କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିପାରିଛି । ଏହା ପୂର୍ବରୁ ଭାରତରେ ଯେଉଁ ଅଳ୍ପ କେତୋଟି ପ୍ରାଗୈତିହାସିକ ଚିତ୍ର ଆବିଷ୍କୃତ ହୋଇଥିଲା ତନ୍ମଧ୍ୟରୁ ଉତ୍ତର ପ୍ରଦେଶର ମିର୍ଜାପୁର ନିକଟସ୍ଥ ପର୍ବତ ଗୁମ୍ଫାରେ ଥିବା ଚିତ୍ର ଏବଂ ମଧ୍ୟପ୍ରଦେଶର ରାୟଗଡ଼ ଜିଲ୍ଲାର ସିଂଘନପୁର ନିକଟସ୍ଥ ଚିତ୍ରମାନ ଉଲ୍ଲେଖ ଯୋଗ୍ୟ । ଏଗୁଡ଼ିକ ଭିନ୍ନ ଭାରତରେ ଅନ୍ୟତ୍ର ପ୍ରାଗୈତିହାସିକ ଚିତ୍ରାଙ୍କନ ଥିବାର ନିଶ୍ଚିତ ଭାବେ ଜଣାପଡ଼ି ନଥିଲା । ସମ୍ପ୍ରତି ଓଡ଼ିଶାର ଗୁଡ଼ହାଣ୍ଡି ଚିତ୍ରାବଳୀ ଭାରତର ପ୍ରାଗୈତିହାସିକ ମାନବର ଅନ୍ୟତମ କୃତି ରୂପେ ଗୃହୀତ । ଗୁଡ଼ହାଣ୍ଡିର ଚିତ୍ରଗୁଡ଼ିକ ମଧ୍ୟରେ ଏକ ଶିକାର ଚିତ୍ର ବିଶେଷ ରୂପେ ଚିତ୍ତାକର୍ଷକ ହୋଇଛି । ଗୁଡ଼ହାଣ୍ଡି ବ୍ୟତୀତ ସମ୍ବଲପୁର ଜିଲ୍ଲାର ଉଲାପଗଡ଼, ସୁନ୍ଦରଗଡ଼ ଜିଲ୍ଲାର ଉଷାକୋଠି ଓ ମାଣିକମଡ଼ା ତଥା କଳାହାଣ୍ଡି ଜିଲ୍ଲାର ଯୋଗୀମଠ ଆଦି ସ୍ଥାନରୁ ମଧ୍ୟ ପ୍ରାଗୈତିହାସିକ ଚିତ୍ର ଆବିଷ୍କୃତ ହୋଇଛି । ସେହିପରି ଆଜିପର୍ଯ୍ୟନ୍ତ ସମଗ୍ର ଓଡ଼ିଶାରୁ ଆବିଷ୍କୃତ ଅଭିଲେଖଗୁଡ଼ିକ ମଧ୍ୟରେ ସମ୍ବଲପୁର ଜିଲ୍ଲାର ବିକ୍ରମଖୋଲର ପ୍ରାଗୈତିହାସିକ ଲିପି ସର୍ବ ପ୍ରାଚୀନ । ଲିପିବିଦ୍ ଡ. ସତ୍ୟନାରାୟଣ ରାଜଗୁରୁ ସ୍ୱରଚିତ "ଓଡ଼ିଆ ଲିପିର କ୍ରମ ବିକାଶ" ପୁସ୍ତକର ପ୍ରଥମ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି ଯେ, ପୁରୀ ଜିଲ୍ଲାର ଧଉଳି ଓ ଗଞ୍ଜାମ ଜିଲ୍ଲାର ଜଉଗଡ଼ଠାରେ ମୌର୍ଯ୍ୟବଂଶୀୟ ରାଜା ଅଶୋକ ଖ୍ରୀ.ପୂ. ତୃତୀୟ ଶତାବ୍ଦୀରେ ଶିଳାଗାତ୍ରରେ ଖୋଳାଇ ଥିବା ଅନୁଶାସନରେ ବ୍ୟବହୃତ ଲିପି (ପ୍ରାଚୀନ ବ୍ରାହ୍ମୀ ଲିପି) ହିଁ ଏ ଦେଶର ସର୍ବ ପ୍ରଥମ ଲିପି । କିନ୍ତୁ ଅନ୍ୟ ଲିପି ଜ୍ଞାନୀମାନେ ଏ ସମ୍ପର୍କରେ ବିଭିନ୍ନ ମତପୋଷଣ କରିଛନ୍ତି । ବିକ୍ରମଖୋଲଠାରେ ପ୍ରାଗୈତିହାସିକ ଅଭିଲେଖ ଆବିଷ୍କୃତ ହେବା ପରେ ସର୍ବ ପ୍ରଥମେ ଲିପି ବିଜ୍ଞାନୀ ଡ. କାଶୀପ୍ରସାଦ ଜୟସ୍ୱାଲ୍‌ଙ୍କ ଦ୍ୱାରା ଖ୍ରୀ. ୧୯୩୩ରେ ଏ ସମ୍ବନ୍ଧରେ ଏକ ତଥ୍ୟ ସମ୍ବଳିତ ପ୍ରବନ୍ଧ ପ୍ରକାଶିତ ହୋଇଥିଲା । (Ind. Ant., LXII) । ଜୟସ୍ୱାଲ୍ ମତ ପ୍ରଦାନ କରିଥିଲେ ଯେ, "The writing is not of Pictographic nature but has reached syllabary or alphabetic stage." ପରବର୍ତ୍ତୀ କାଳର ବିଦ୍ୱାନମାନଙ୍କ ଦ୍ୱାରା ମଧ୍ୟ ଏହି ମତ ସ୍ୱୀକୃତ ହୋଇଛି । ମହେଞ୍ଜୋଦାରୋ ଏବଂ ହରପ୍ପା ଲିପି ଆବିଷ୍କୃତ ହେବା ପରେ ପ୍ରାଚ୍ୟ ଏବଂ ପ୍ରାଶ୍ଚାତ୍ୟ ଜଗତରେ ସମସ୍ତ ବିଦ୍ୱାନ ଆଦି ଏକ ମତ ଯେ, ବ୍ରାହ୍ମୀଲିପିର ବହୁ ପୂର୍ବରୁ ଏ ଦେଶରେ ଏକପ୍ରକାର ଲିପିର ପ୍ରଚଳନ ହୋଇ ସାରିଥିଲା । ମାତ୍ର ବ୍ରାହ୍ମୀ ପୂର୍ବବର୍ତ୍ତୀ ଲିପି ଆଜି ମଧ୍ୟ ଅପାଠ୍ୟ ହୋଇ ରହିଛି । ଏହାର ଭାଷା ଅଜ୍ଞାତ ହୋଇଥିବାରୁ ପାଠୋଦ୍ଧାର ସମ୍ଭବପର ହୋଇ ନାହିଁ । ସେ ଯାହା ହେଉ ବ୍ରାହ୍ମୀକୁ ଓଡ଼ିଶାର ପ୍ରାଚୀନତମ ଲିପି ରୂପେ ପ୍ରତିପାଦିତ କରିବା ଯେ, ବାସ୍ତବ ଉଦ୍ୟମ ତାହା ନିଶ୍ଚିତ ଭାବେ କୁହାଯାଇପାରେ ।

ପ୍ରାଚୀନ କାଳରେ ଅଧୁନାତନ ପଶ୍ଚିମ ଓଡ଼ିଶାର ବହୁଳାଂଶ ଦକ୍ଷିଣ କୋଶଳାନ୍ତର୍ଗତ ହୋଇଥିଲା । ପୁରାଣରୁ ପ୍ରାପ୍ତ ବିବରଣୀ ଅନୁସାରେ ଇକ୍ଷ୍ୱାକୁ ରାଜବଂଶ ଦକ୍ଷିଣ କୋଶଳରେ ବହୁକାଳ ଯାଏ ରାଜତ୍ୱ କରୁଥିଲେ । ଏହି ବଂଶର ଶେଷ ରାଜା ସୁମିତ୍ର ପ୍ରାୟ ଖ୍ରୀ.ପୂ. ୩୬୦ରେ ମଗଧରାଜ ମହାପଦ୍ମ ନନ୍ଦଙ୍କ ଦ୍ୱାରା ପରାସ୍ତ ହେବା ଫଳରେ ଦକ୍ଷିଣ କୋଶଳ ମଗଧ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେଲା । ମହାପଦ୍ମ ନନ୍ଦ କଳିଙ୍ଗକୁ ମଧ୍ୟ ପରାଜିତ କରି ଏହାର ଆରାଧ୍ୟ ଦେବତା କାଳିଙ୍ଗଜିନ ପ୍ରତିମାକୁ ମଗଧକୁ ନେଇଯାଇଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ସୋନପୁର, ଶୁକ୍‌ତେଲ ନଦୀ କୂଳସ୍ଥ ଲୋକାପଡ଼ା ଏବଂ କଳାହାଣ୍ଡି ଜିଲ୍ଲାର ଅସୁରଗଡ଼ଠାରୁ ବହୁପରିମାଣରେ ନନ୍ଦବଂଶୀୟ ଲାଞ୍ଛିତ ମୁଦ୍ରା (Punched marked coins) ମିଳି ପାରିଛି ଖ୍ରୀ.ପୂ. ଷଷ୍ଠ/ପଞ୍ଚମ ଶତାବ୍ଦୀରେ ରଚିତ ପାଣିନୀଙ୍କ ଅଷ୍ଟାଧ୍ୟାୟୀରୁ ପ୍ରମାଣ ମିଳେ ଯେ, କଳିଙ୍ଗର ପଶ୍ଚିମରେ ଅବସ୍ଥିତ ତୈତିଳକ ଜନପଦ ଗଣ୍ଡାର ରମଡ଼ା ରପ୍ତାନୀ କରିବାରେ ବିଶେଷ ପ୍ରସିଦ୍ଧି ଲାଭ କରିଥିଲା । ସମ୍ଭବତଃ ସେକାଳର ତୈତିଳକ ଜନପଦ ଅଧୁନାତନ ଟିଟିଲାଗଡ଼ ଏବଂ ସୋନପୁର ଅଞ୍ଚଳକୁ ନେଇ ସଙ୍ଗଠିତ ହୋଇଥିଲା । ନନ୍ଦ ରାଜତ୍ୱ ପରେ ଏହି ଅଞ୍ଚଳ ଚେଦି ରାଜବଂଶ ଦ୍ୱାରା ଅଧିକୃତ ହୋଇ ଶୁକ୍ତିମତୀ ନଦୀ ତଟରେ ଏହାଙ୍କ ରାଜଧାନୀ ଶୁକ୍ତିମତୀପୁର ରାଜା ଅଭିଚନ୍ଦ୍ରଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା :—

ବିନ୍ଧ୍ୟପୃଷ୍ଠେ ଽଭିଚନ୍ଦ୍ରେଣ ଚେଦିରାଷ୍ଟ୍ରମଧିଷ୍ଠିତମ୍ ।<br>
ଶୁକ୍ତିମତ୍ୟାସ୍ତଟେ ଽଧାୟି ନାମ୍ନା ଶୁକ୍ତିମତୀ ପୁରୀ ॥

(ଜୈନ ହରିବଂଶ, ୧୭/୩୬)

ଐତିହାସିକ ପାର୍ଜିଟର ଶୁକ୍ତିମତୀକୁ ମଧ୍ୟପ୍ରଦେଶରେ ପ୍ରବାହିତ କେନ୍ ନଦୀ ସହ ଚିହ୍ନିତ କରିଛନ୍ତି । ମାତ୍ର ପାର୍ଜିଟରଙ୍କ ମତ ଗ୍ରହଣଯୋଗ୍ୟ ନୁହେଁ । କାରଣ ବେସସାନ୍ତର ଜାତକରୁ ସ୍ପଷ୍ଟ ରୂପେ ପ୍ରତିପାଦିତ ହୁଏ ଯେ, ଚେଦିରାଷ୍ଟ୍ରର ରାଜଧାନୀଠାରୁ କଳିଙ୍ଗର ଦୁନ୍ନିବିଟ୍ଠ ନାମକ ବ୍ରାହ୍ମଣ ବସତି ଦୂରତାରେ ମାତ୍ର ଦଶ ଯୋଜନ ଥିଲା । ଶୁକ୍ତିମତୀ ହେଉଛି ବଲାଙ୍ଗୀର ଜିଲ୍ଲାରେ ପ୍ରବାହିତ ଅଧୁନାତନ ଶୁକ୍‌ତେଲ ନଦୀ । ଏହି ନଦୀ କୂଳରେ ଅବସ୍ଥିତ ଆଧୁନିକ ଲୋକାପଡ଼ା ଗ୍ରାମରୁ ଏହି ଲେଖକ ଖ୍ରୀ.ପୂ. ଚତୁର୍ଥ ଶତକରୁ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀର ମୁଦ୍ରା, ପ୍ରସ୍ତରମାଳି, ମୃତ୍‌ପାତ୍ର ଆଦି ପ୍ରତ୍ନ ସମ୍ପଦ ଉଦ୍ଧାର କରି ପାରିଛି । ଏଣୁ ଏହି ସ୍ଥାନକୁ ପ୍ରାଚୀନ ଶୁକ୍ତିମତୀପୁରୀ ରୂପେ ଆମେ ପରିଚିହ୍ନିତ କରିଥାଉଁ । ଓଡ଼ିଶାର ପ୍ରଖ୍ୟାତ ନାମା ମହାରାଜା ଖାରବେଳ ହାତୀଗୁମ୍ଫା ଶିଳାଲେଖରେ ନିଜକୁ ଯେଉଁ ରାଜର୍ଷି ବସୁଙ୍କର ବଂଶୋଦ୍ଭବ ବୋଲି ପରିଚୟ ଦିଅନ୍ତି, ସେ ହେଉଛନ୍ତି ଉପରୋକ୍ତ ଅଭିଚନ୍ଦ୍ରଙ୍କ ପୁତ୍ର ଖ୍ୟାତନାମା ବସୁ ।

ଅତିକ୍ରାନ୍ତ ସମୟରେ ଶିକ୍ଷା ଥିଲା ଶିଶୁ କେନ୍ଦ୍ରିକ । ବିଦ୍ୟାଳୟ ହିଁ ଶିଶୁର ଜୀବନ ସର୍ବସ୍ୱ ଏବଂ ଶିକ୍ଷକ ଥିଲେ ତା'ର ଧ୍ରୁବତାରା– ପ୍ରକାରାନ୍ତରେ ଅଭିଭାବକମାନେ ଶିଶୁର ବୌଦ୍ଧିକ ବିକାଶ ପ୍ରତି ସଚେତନ ଥିଲେ ଆଉ ଶିକ୍ଷକ ଥିଲେ ତାଙ୍କର ଆସ୍ଥାବାନ । ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ବିଦ୍ୟୋନ୍ନତି ନେଇ ଶୀତଳ ପ୍ରତିଯୋଗିତା ବି ଥିଲା କହିବା ବାହୁଲ୍ୟ ଯେ ପ୍ରତିଯୋଗିତା ହିଁ ପ୍ରତିଭା ବିକାଶର ମାଧ୍ୟମ–ସେ ଚିନ୍ତାଧାରା କ୍ରମଶଃ ନିମ୍ପ୍ରାୟମାନ ହେଲାଣି । ଅଭିଭାବକମାନେ ସନ୍ତାନମାନଙ୍କ ସୃଜନଶୀଳ ପ୍ରତିଭାର ବିକାଶ ନିମନ୍ତେ ଘରୋଇ ଶିକ୍ଷକଙ୍କ ଆଶ୍ରିତ । ଟ୍ୟୁସନ ହିଁ ଆସ୍ପୃତୀୟ ପନ୍ଥା । ଉତ୍ସାହଜନକ ପରିବେଶ ସୃଷ୍ଟି କରିବା ଦିଗରେ ଅଭିଭାବକମାନେ ନିଶ୍ଚେଷ୍ଟ । ଫଳତଃ ଶିଶୁ ପୁସ୍ତକ କୀଟ ହେବାକୁ ବାଧ୍ୟ । ଏ ପନ୍ଥା ପରୀକ୍ଷାରେ କେତେକାଂଶରେ ସଫଳତା ଆଣିପାରେ କିନ୍ତୁ ଏଥିରେ ଶିକ୍ଷାର ସଫଳ ରୂପାୟନ ପ୍ରତିଫଳିତ ହୁଏ ନାହିଁ । ଗୃହଶିକ୍ଷକ ସର୍ବସ୍ୱ ଶିକ୍ଷା ଆତ୍ମନିର୍ଭରଶୀଳତ୍ୱର ପରିପନ୍ଥୀ । ଆଜି ଅଭିଭାବକ ଓ ଶିକ୍ଷକ ପରସ୍ପର ପ୍ରତି ଆସ୍ଥାବାନ ନୁହନ୍ତି । ଶିକ୍ଷାର ମାନବୃଦ୍ଧିରେ ଅନ୍ତରାୟ ଥିବା ଅନ୍ୟତମ କାରଣ । ଏହା କିନ୍ତୁ ଆମ ସାର ଗୁରୁଜୀ ଅଭିଭାବକମାନଙ୍କ ସହ ସୁସମ୍ପର୍କ ରଖୁଥାନ୍ତି । ତାଙ୍କ ସୌଜନ୍ୟତା ସମସ୍ତଙ୍କୁ ମୁଗ୍ଧ କରିଥାଏ । ଦାରିଦ୍ର୍ୟର କଷାଘାତ ତାଙ୍କ ମନୋବଳକୁ ଭାଙ୍ଗି ପାରିନଥିଲା । ସେ କହନ୍ତି, ଶିକ୍ଷକ ବିତ୍ତରେ ବିପନ୍ନ ହେଲେ ହେଁ ଚିତ୍ତ ସମୃଦ୍ଧ । ଅର୍ଥ ମୋହରୁ ସେ ଉର୍ଦ୍ଧ୍ୱରେ । ଶିଶୁମାନେ ନିଷ୍ପାପ ବାଳଗୋପାଳ । ତାଙ୍କ ସେବାରେ ଅନିର୍ବଚନୀୟ ଆନନ୍ଦ ମିଳେ ।

ଆମ ଗୁରୁ ଥିଲେ ସଂସ୍କାର ବାଦୀ । ସେ ଆମକୁ କହିଥିଲେ, ଅନ୍ଧ ବିଶ୍ୱାସ କେବଳ ଦୋଷ ନୁହ ପାପ ମଧ୍ୟ । ତାଙ୍କ ଭଳି ସ୍ନେହଶୀଳ ତଥା ଛାତ୍ରବତ୍ସଳ ଶିକ୍ଷକ ଆଜି ବିରଳ । ସେ ଏକାଧାରରେ କର୍ମଠ, ଛାତ୍ରବତ୍ସଳ, ଗୁଣଗ୍ରାହୀ, ବିଦ୍ୟାନୁରାଗୀ, ସଂସ୍କାରକ, ସ୍ୱାବଲମ୍ବୀ ସର୍ବୋପରି ସତ୍ୟ ଅନୁସନ୍ଧିତ୍ସୁ । ତାଙ୍କ ବ୍ୟକ୍ତିତ୍ୱ ଥିଲା ଚୁମ୍ବକୀୟ । ସେ ମରି ମଧ୍ୟ ଅମର, କାଳଜୟୀ । ସେ ଥିଲେ ଆମ ପାଇଁ ଦେବଦୂତ । ତାଙ୍କ ପ୍ରେରଣା ହିଁ ଆମର ପାଥେୟ । ସେ ସ୍ମୃତି–ମନ୍ଥନରେ ଅପୂର୍ବ ଶାନ୍ତି ମିଳେ ।

ମୋର ଏ ଲେଖା ଦେଖି ପୁଣ୍ୟଶ୍ଳୋକ ଗୁରୁଜୀଙ୍କ ଆତ୍ମା ହସିବ । ଋତୁରାଜ ବସନ୍ତ ଆସିଲେ ପିକକଣ୍ଠ ଖୋଲେ । ଜନମାନସକୁ ବିମୋହିତ କରେ । ସେହି ଭଳି ମୋ ଶ୍ରାଦ୍ଧ ବାର୍ଷିକୀ ଆସିଗଲେ ଏ ବାଲୁଙ୍ଗୀଗୁଡ଼ାକ ଅଣ୍ଟାଭିଡ଼ୁଛନ୍ତି ଆଉ ପାଟି ଖୋଲୁଛନ୍ତି– ସତେକି ଭକ୍ତି ଗଦ୍‌ଗଦ୍ ॥

ସତକଥା ଏହା ଏକରକମ ଗୁରୁଋଣ ସୁଝିବା ବାହନା । ଗୁରୁଜୀ ! ବଣମଲ୍ଲୀ ବଣରେ ଫୁଟି ବଣର ଧୂଳିମାଟିରେ ଝଡ଼ିପଡ଼େ, ତା' ଗନ୍ଧ ଇତିହାସ ପୃଷ୍ଠାକୁ ସୁରଭିତ କରେ ନାହିଁ । କିନ୍ତୁ ଯୁଗେ ଯୁଗେ ତା'ର ଭୁରି ଭୁରି ଗନ୍ଧରେ ଗୁଣଗ୍ରାହୀ ପାନ୍ଥ ମୁହ୍ୟମାନ–

ତୁହାଇ ତୁହାଇ ସ୍ମୃତିକୁ ମନ୍ଥିଲେ
ପରାଣ ବିଳପି ବସେ
ଭାବନା ସୁଅରେ ଭାସି ଭାସି ଗଲେ
ଆଖିରୁ ଲୋତକ ଖସେ ।

---

ଅବସରପ୍ରାପ୍ତ ଶିକ୍ଷକ ।



ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ସମ୍ବଲପୁର (ସମ୍ବଲକା)ର ରାଜା ଥିଲେ ଇନ୍ଦ୍ରଭୂତି । ସେ ବଜ୍ରଯାନ ବୌଦ୍ଧ ଧର୍ମର ପ୍ରବର୍ତ୍ତକ । ତାଙ୍କ ଦ୍ୱାରା ପ୍ରଣୀତ ଜ୍ଞାନସିଦ୍ଧି ଗ୍ରନ୍ଥର ମଙ୍ଗଳାଚରଣ ଧର୍ମ ତଥା ଇତିହାସ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ :-

"ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜିନ ବରାର୍ଚ୍ଚିତମ୍
ସର୍ବ ବୁଦ୍ଧ ମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ।"

ଏହାଙ୍କର ଭଗିନୀ ଲକ୍ଷ୍ମୀ କରା ଲଙ୍କାର ରାଜା ଜଳେନ୍ଦ୍ରଙ୍କ ରାଜବଧୂ । ତନ୍ତ୍ର ଶାସ୍ତ୍ର ବର୍ଣ୍ଣିତ ଲଙ୍କାକୁ ଆଧୁନିକ ସୋନପୁର ଅଞ୍ଚଳ ବ୍ୟତୀତ ଅନ୍ୟତ୍ର ଚିହ୍ନିତ କରାଯାଇ ନପାରେ । ମାତ୍ର ଅନେକ ବିଦ୍ୱାନ ଭାରତର ପ୍ରାଚୀନ ରାଜନୈତିକ ମାନଚିତ୍ରର ଲଙ୍କା ଏବଂ ତନ୍ତ୍ର ଶାସ୍ତ୍ରର ଲଙ୍କାକୁ ଏକ ବୋଲି ଗ୍ରହଣ କରି ଭିନ୍ନ ମତ ପୋଷଣ କରିଛନ୍ତି ।

ସହଜଯାନର ପ୍ରବର୍ତ୍ତିକା ଲକ୍ଷ୍ମୀକରା ଦେହ ମାଧ୍ୟମରେ ଦେହାତୀତର, ପ୍ରବୃତ୍ତି ମାଧ୍ୟମରେ ନିବୃତ୍ତିର ଓ ଇନ୍ଦ୍ରିୟ ମାଧ୍ୟମରେ ଅତୀନ୍ଦ୍ରିୟର ବାର୍ତ୍ତା ପ୍ରଚାର କରି ଖ୍ୟାତ ହୋଇଥିଲେ :-

ନ କଷ୍ଟ କଳ୍ପନାଂ କୁର୍ଯ୍ୟାଦ୍- ନୋପବାସୋ ନଚ କ୍ରିୟାମ୍
ସ୍ନାନଂ ଶୌଚଂ ନ ଚୈବାତ୍ର- ଗ୍ରାମଧର୍ମ ବିବର୍ଜନମ୍
ନ ସ୍ତୁତି ବନ୍ଦୟେଦ୍ଦେବାନ୍- କାଷ୍ଠ ପାଷାଣ ମୃଣ୍ମୟାନ୍
ପୂଜା ମସ୍ଯୈବ କାୟସ୍ୟ- କୁର୍ଯ୍ୟାନ୍ନିତ୍ୟଂ ସମାହିତଃ ॥

(ଅଦ୍ୱୟସିଦ୍ଧି)

ଏହି କାୟସାଧନ ତତ୍କାଳୀନ ଧର୍ମ ଓ ସାମାଜିକ ଜୀବନରେ ଏକ ବିରାଟ ବିପ୍ଳବ ଆଣି ପାରିଥିଲା । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ତିବ୍ବତ, ନେପାଳ, ସିକିମ୍ ଓ ମଙ୍ଗୋଲିଆ ଆଦି ଦେଶରେ ପ୍ରଚଳିତ ଲାମାଧର୍ମ ଲକ୍ଷ୍ମୀକରାଙ୍କ ପ୍ରବର୍ତ୍ତିତ ସହଜଯାନର ରୂପାନ୍ତର ମାତ୍ର । ଲକ୍ଷ୍ମୀକରାଙ୍କ ପଦାଙ୍କ ଅନୁସରଣ କରି ସମ୍ବଲପୁର ପାଟଣା, ଓ ସୋନେପୁର ଅଞ୍ଚଳର ବହୁ କୁମାରୀ ତନ୍ତ୍ର ସାଧନାରେ ଅଗ୍ରଣୀ ହୋଇଥିଲେ । ଜ୍ଞାନଦେଈ ମାଲୁଣୀ, ସୁକୁଟୀ ଚମାରୁଣୀ, ସୁଆଡେଲୁଣୀ, ଗେଣ୍ଡାଲି ଧୋବଣୀ, ଲାଡୁକୁଟୀ ଲହୁରୁଣୀ, ଗାଙ୍ଗୀ ଗଉଡୁଣୀ ଏବଂ ପରେ ସିଦ୍ଧ ଶବରୁଣୀ ପ୍ରମୁଖ ସାତଜଣ କନ୍ୟା ସହଜ ଯୋଗରେ ଖୁବ୍ ପ୍ରସିଦ୍ଧି ଲାଭ କରିଥିଲେ । ଉପରୋକ୍ତ ସପ୍ତକୁମାରୀଙ୍କ ପୂଜା "ସାତ୍ ବହନି ପୂଜା" ରୂପେ ଆଜି ମଧ୍ୟ ଏହି ଅଞ୍ଚଳରେ ପ୍ରଚଳିତ । ସପ୍ତଦଶ ଶତାବ୍ଦୀର କବି ପ୍ରତାପ ରାୟଙ୍କ ଦ୍ୱାରା ରଚିତ "ଶଶିସେଣା" କାବ୍ୟରେ ସୋନପୁରର ଜ୍ଞାନଦେଈ ମାଳୁଣୀର ଆଖ୍ୟାୟିକା ଚମତ୍କାର ଭାବେ ବର୍ଣ୍ଣିତ । ଉଲ୍ଲେଖଯୋଗ୍ୟ ଯେ, ଆଜି ମଧ୍ୟ ସୋନପୁରଠାରେ ଶଶିସେଣା କାବ୍ୟ ବର୍ଣ୍ଣିତ ଅନେକ ପ୍ରତ୍ନତାତ୍ତ୍ୱିକ ଅବଶେଷ ରହିଛି । ତେବେ ଏହି କାଳର ରାଜା ଜଳେନ୍ଦ୍ର ଏବଂ ଇନ୍ଦ୍ରଭୂତିଙ୍କ ସମ୍ବନ୍ଧରେ କୌଣସି ଅଭିଲେଖୀୟ ପ୍ରମାଣ ମିଳି ପାରି ନାହିଁ ଏବଂ ଏହାଙ୍କ ସମ୍ବନ୍ଧରେ ବହୁ ତଥ୍ୟ ଅଜ୍ଞାତ ହୋଇ ରହିଛି ।

ସେହି ସମୟରେ ଶ୍ରୀପୁର ରାଜଧାନୀରୁ ସୋମବଂଶୀ ରାଜାମାନେ କୋଶଳକୁ ଶାସନ କରୁଥିଲେ । ସେହି ସମୟରେ ସୋନପୁର ଏବଂ ବଉଦ ଅଞ୍ଚଳରେ ଭଞ୍ଜ ରାଜାମାନେ ରାଜତ୍ୱ କରୁଥିଲେ । ଏହାଙ୍କ ରାଜଧାନୀ ଥିଲା ଧୃତିପୁର ଏବଂ ରାଜ୍ୟକୁ ଖିଞ୍ଜଳୀ ମଣ୍ଡଳ ରୂପେ ନାମିତ କରିଥିଲେ । ସେହି ସମୟରେ ଉପକୂଳବର୍ତ୍ତୀ ଓଡ଼ିଶାର ଭୌମକର ରାଜାମାନେ ଅତୀବ ଶକ୍ତିଶାଳୀ ଥିଲେ ଏବଂ ଏହି ଭଞ୍ଜମାନେ ସମ୍ଭବତଃ ତାଙ୍କର ସାମନ୍ତ ରାଜା ଥିଲେ ।

ଖ୍ରୀଷ୍ଟୀୟ ନବମ ଶତାବ୍ଦୀର ପ୍ରଥମାର୍ଦ୍ଧରେ କଳଚୁରୀ ରାଜବଂଶ ଦ୍ୱାରା ଶ୍ରୀପୁରରୁ ବିତାଡ଼ିତ ହୋଇ ସୋମବଂଶୀ ରାଜାମାନେ ଓଡ଼ିଶାର ପଶ୍ଚିମାଞ୍ଚଳକୁ ଚାଲିଆସିଲେ । ଏହି ବଂଶର ରାଜା ଜନ୍ମେଜୟ ମହାଭବଗୁପ୍ତଙ୍କ ଅଭିଷେକ ଉତ୍ସବ ପ୍ରାୟ ୮୫୦ ଖ୍ରୀ.ରେ ସୁବର୍ଣ୍ଣପୁର (ଅଧୁନାତନ ସୋନପୁର)ଠାରେ ଅନୁଷ୍ଠିତ ହୋଇଥିବା ଏହାଙ୍କ ଦ୍ୱାରା ରାଜତ୍ୱର ପ୍ରଥମ ବର୍ଷରେ ଉଦ୍‌ଘୋଷିତ ତାମ୍ରଶାସନରୁ ସ୍ପଷ୍ଟ ରୂପେ ପ୍ରତିପାଦିତ ହୋଇଥାଏ । ଏହାଙ୍କ ଦ୍ୱାରା ଭଞ୍ଜ ରାଜାମାନେ ସୋନପୁର-ବଉଦ ଅଞ୍ଚଳରୁ ବିତାଡ଼ିତ ହୋଇ ଗଞ୍ଜାମର ମାଳ ଅଞ୍ଚଳକୁ ଚାଲିଆସି ବଞ୍ଜୁଲ୍ୱକ ରାଜଧାନୀରୁ ଶାସନ ପ୍ରାରମ୍ଭ କରିଥିଲେ । କୋଶଳର ସୋମବଂଶୀ ଏବଂ ତୋଷଳୀର ଭୌମକର ରାଜବଂଶୀମାନଙ୍କ ମଧ୍ୟରେ ବୈବାହିକ ସମ୍ପର୍କ ସ୍ଥାପିତ ହେଲା ଏବଂ କାଳକ୍ରମେ ସୋମବଂଶୀମାନେ ଅଧୁନାତନ ଓଡ଼ିଶାର ପ୍ରାୟ ସମସ୍ତ ଅଞ୍ଚଳର ଶାସକ ହୋଇ ପାରିଥିଲେ । ଐତିହାସିକ ବିଜୟ ଚନ୍ଦ୍ର ମଜୁମ୍‌ଦାର୍ ଏମାନଙ୍କୁ ଆଧୁନିକ ଓଡ଼ିଶାର ନିର୍ମାତା ରୂପେ ଅଭିହିତ କରିଛନ୍ତି । ପ୍ରଖ୍ୟାତ ଐତିହାସିକ ଡ଼ଃ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀଙ୍କ ଭାଷାରେ :-

"ବର୍ତ୍ତମାନ ଯାହାକୁ ଓଡ଼ିଶା କୁହାଯାଉଛି ତାର ସ୍ରଷ୍ଟା ଥିଲେ ସୋମବଂଶୀ କେଶରୀମାନେ ।"

ଓଡ଼ିଶାର କଳା ଓ ସ୍ଥାପତ୍ୟ ପ୍ରତି ମଧ୍ୟ ସୋମବଂଶୀଙ୍କ ଦାନ ଅତୁଳନୀୟ । ଓଡ଼ିଶାର ମନ୍ଦିର ନଗରୀ ଭୁବନେଶ୍ୱର, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ରାଣୀପୁର ଝରିଆଲ୍, ବୈଦ୍ୟନାଥ, ପାଟଣାଗଡ଼, ଚରଦା, କୁସଙ୍ଗ ଦଶପୁରଗୁରଡ଼ା, ତଥା ବଉଦ ଆଦି ବହୁ ସ୍ଥାନର ଅନେକ ମନ୍ଦିରର ନିର୍ମାଣ ଏହି ସୋମବଂଶୀମାନେ । ଭୁବନେଶ୍ୱର ବ୍ରହ୍ମେଶ୍ୱର ମନ୍ଦିର ତେଲ ମହାନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ ସୁବର୍ଣ୍ଣପୁର ରାଜଧାନୀରେ ଅଭିଷିକ୍ତ ଚଣ୍ଡୀହର ଯଯାତିଙ୍କ ରାଣୀ କୋଳାବତୀ ଦେବୀଙ୍କ ଦ୍ୱାରା ଏବଂ ଲିଙ୍ଗରାଜ ମନ୍ଦିର ଏହାଙ୍କ ପୁତ୍ର ଉଦ୍ୟୋତ କେଶରୀଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଶ୍ରୀକ୍ଷେତ୍ରଠାରେ ଚୋଡ଼ଗଙ୍ଗ ଦେବ ଜଗନ୍ନାଥଙ୍କର ବିଶାଳ ମନ୍ଦିର ନିର୍ମାଣ କରିବାର ବହୁ ପୂର୍ବରୁ ସୋମବଂଶୀମାନଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିର ନିର୍ମିତ ହୋଇଥିବାର ନିଶ୍ଚିତ ଭାବେ କୁହାଯାଇ ପାରେ । ଧର୍ମ କ୍ଷେତ୍ରରେ ସୋମବଂଶୀମାନେ ଅତି ଉଦାରନୀତି ଗ୍ରହଣ କରିଥିଲେ ।

ସୋମବଂଶୀ ରାଜତ୍ୱକାଳରେ ଓଡ଼ିଆ ଭାଷା ଏବଂ ଲିପିର ଗଠନର ସୂତ୍ରପାତ ହୋଇଥିଲା । ଏମାନଙ୍କ ଦ୍ୱାରା ପ୍ରଦତ୍ତ ତାମ୍ର ଶାସନଗୁଡ଼ିକର ଭାଷା ମୁଖ୍ୟତଃ ସଂସ୍କୃତ ହୋଇଥିଲେ ମଧ୍ୟ ସେଥିରେ ଅନେକ ନିରୋଳ ଓଡ଼ିଆ ଶବ୍ଦ ବ୍ୟବହୃତ ହୋଇଥିବା ତାତ୍ପର୍ଯ୍ୟପୂର୍ଣ୍ଣ । କୁମାର ସୋମେଶ୍ୱର ଦେବଙ୍କ ସୋନପୁର ତାମ୍ର ଶାସନରେ "ବାପଚଳ" ଶବ୍ଦଟି ବ୍ୟବହୃତ । ଆଧୁନିକ ଓଡ଼ିଆ ବର୍ଣ୍ଣମାଳାର ଅନେକଗୁଡ଼ିଏ ଅକ୍ଷର ମଧ୍ୟ ଅଭିଲେଖରେ ପରିଦୃଷ୍ଟ ହୋଇଥାଏ । ଆମେ ଲିପିପଞ୍ଜ ଦ୍ୱାରା ଏହିକାଳର ବର୍ଣ୍ଣମାଳାକୁ ପାଠକମାନଙ୍କ ଅବଗତି ନିମନ୍ତେ ଏଠାରେ ପ୍ରଦାନ କରିଅଛୁ ।

ଚେଦି ବଂଶର ପତନ ପରେ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ସାତବାହନ ବଂଶୀୟ ରାଜା ଗୌତମୀ ପୁତ୍ର ସାତକର୍ଣ୍ଣୀ ଏହି ଅଞ୍ଚଳକୁ କରଗତ କରି ନଅକୋଟି ସ୍ୱର୍ଣ୍ଣମୁଦ୍ରା ବ୍ୟୟରେ ମହାନ ଦାର୍ଶନିକ ନାଗାର୍ଜ୍ଜୁନଙ୍କ ସକାଶେ ପରିମଳ ଗିରି ବୌଦ୍ଧ ବିହାର ପ୍ରତିଷ୍ଠା କରିଥିଲେ । ଏହି ବୌଦ୍ଧ ବିହାରର ଯଶ ଅନ୍ତତଃ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ ଯାଏ ଅକ୍ଷୁଣ୍ଣ ରହିଥିବା ଚୀନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ ବିବରଣୀରୁ ଜଣା ପଡ଼ିଥାଏ । ସମ୍ପ୍ରତି ହରିଶଙ୍କର ଏବଂ ନରସିଂହନାଥଙ୍କ ଅଧିଷ୍ଠାନ ଦ୍ୱାରା ପବିତ୍ରୀକୃତ ଗନ୍ଧମାର୍ଦ୍ଦନ ପର୍ବତ ସହ ଉପରୋକ୍ତ ପରିମଳ ଗିରି ବୌଦ୍ଧ ବିହାର ସନ୍ତୋଷଜନକ ଭାବେ ଚିହ୍ନିତ ହୋଇପାରିଛି ।

ସାତବାହନ ବଂଶର ପତନ ପରେ ପରେ ମେଘ ରାଜବଂଶର ନଅଜଣ ରାଜା କୋଶଳକୁ ଶାସନ କରିଥିବାର ଜଣାପଡ଼ିଥାଏ ।:-

"କୋଶଳାନାଂ ତୁ ରାଜନୋ ଭବିଷ୍ୟନ୍ତି ମହାବଳାଃ ।
ମେଘାଇତି ସମାଖ୍ୟାତା ବୁଦ୍ଧିମନ୍ତ ନବୈବତୁ ॥

(ବାୟୁ, ୯/୩୫୭)

ମାତ୍ର ଏମାନଙ୍କ ସଠିକ୍ ନାମ ଓ ଶାସନ ବିବରଣୀ ଏଯାବତ୍ ପ୍ରାପ୍ତ ହୋଇ ପାରିନାହିଁ । ଚତୁର୍ଥ ଶତାବ୍ଦୀର ମଧ୍ୟ ଭାଗରେ ଗୁପ୍ତ ସମ୍ରାଟ ସମୁଦ୍ର ଗୁପ୍ତ ଦକ୍ଷିଣାପଥ ଅଭିଯାନ କ୍ରମରେ କୋଶଳ ଏବଂ କଳିଙ୍ଗ ରାଜ୍ୟ ଜୟ କରିଥିବା ଏଲାହାବାଦ୍ ସ୍ତମ୍ଭ ଅଭିଲେଖରୁ ଜଣା ପଡ଼ିଥାଏ । ସେହି ସମୟରେ କୋଶଳର ରାଜା ଥିଲେ ମହେନ୍ଦ୍ର । ତାଙ୍କୁ ଉପରୋକ୍ତ ପୁରାଣ ବର୍ଣ୍ଣିତ ମେଘ ରାଜା ରୂପେ ପରିଚିହ୍ନିତ କରାଯାଇପାରେ । ଆଧୁନିକ, ସମ୍ବଲପୁର, ବିଳାସପୁର ଏବଂ ରାୟପୁର ଅଞ୍ଚଳକୁ ନେଇ ତତ୍କାଳୀନ କୋଶଳ ରାଜ୍ୟ ଗଠିତ ହୋଇଥିବା ସ୍ଥଳେ, ଅଧୁନାତନ ବଲାଙ୍ଗୀର ଜିଲ୍ଲାର କେତେକାଞ୍ଚଳ, କୋରାପୁଟ ଏବଂ କଳାହାଣ୍ଡି ଜିଲ୍ଲାକୁ ନେଇ କାନ୍ତାର ଏବଂ ସୋନପୁର, ବିନିକା, ରାମପୁର ଆଦି ଅଞ୍ଚଳକୁ ନେଇ କୋରାଳ ରାଜ୍ୟ ସଙ୍ଗଠିତ ହୋଇଥିଲା । ସମୁଦ୍ରଗୁପ୍ତ ଏହି ସବୁ ଅଞ୍ଚଳକୁ ଜୟ କରିଥିଲେ ସୁଦ୍ଧା ଏହାର ଶାସନ ଭାର ଗ୍ରହଣ ନ କରି ପରାଜିତ ରାଜାମାନଙ୍କୁ ପୁଣି ସେମାନଙ୍କ ରାଜ୍ୟ ଫେରାଇ ଦେଇଥିଲେ ।

ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ କଳିଙ୍ଗରେ ମାଠର ବଂଶ ରାଜତ୍ୱ କରୁଥିବା ସମୟରେ କୋଶଳରେ ନଳ ରାଜବଂଶର ଅଭ୍ୟୁଦୟ ହୋଇଥିଲା । ଏମାନଙ୍କ ଦ୍ୱାରା ପ୍ରଦତ୍ତ ତାମ୍ରଶାସନଗୁଡ଼ିକରୁ ଏହା ସ୍ପଷ୍ଟ ରୂପେ ପ୍ରତିପାଦିତ ହୁଏ ଯେ, ଅଧୁନାତନ ଓଡ଼ିଶାର କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର ଜିଲ୍ଲାର କେତେକାଂଶ ଏବଂ ମଧ୍ୟପ୍ରଦେଶର ବସ୍ତର ଅଞ୍ଚଳରେ ଏମାନଙ୍କ ରାଜ୍ୟ ପରିବ୍ୟାପ୍ତ ଥିଲା । ପ୍ରାୟ ଖ୍ରୀ: ୬୦୦ ବେଳେ ଭାରତବର୍ଷରେ ରାଜନୈତିକ ଅସ୍ଥିରତା ଏବଂ ଅରାଜକ ଅବସ୍ଥାର ସୁଯୋଗ ନେଇ ବିଭିନ୍ନ ଅଞ୍ଚଳରେ ବହୁ ନୂତନ ରାଜବଂଶର ଅଭ୍ୟୁଦୟ ହୋଇଥିଲା । କଳିଙ୍ଗ ଅଞ୍ଚଳରେ ବିଗ୍ରହ, ଦୁର୍ଜ୍ଜୟ, ଗଙ୍ଗ ତଥା ଶୈଳୋଦ୍ଭବ ରାଜବଂଶ ଏବଂ ପଶ୍ଚିମ ଓଡ଼ିଶାରେ ପର୍ବତ ଦ୍ୱାରକ, ମହାରାଜା ଶୂରଙ୍କ ବଂଶଧର (ବଂଶର ନାମ ଅଜ୍ଞାତ) ଏବଂ ଶରଭପୁରୀୟ (ଅମରାର୍ଯ୍ୟକୁଳ) ଆଦି ରାଜବଂଶ ସେହି କାଳରେ ଶକ୍ତି ସଂଗ୍ରହ କରି ନୂତନ ରାଜ୍ୟମାନ ସ୍ଥାପନ କରିଥିଲେ ।

ପର୍ବତ ଦ୍ୱାରକ ନରପତିମାନେ ତେଲ ନଦୀ ଉପତ୍ୟକାରେ ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀରେ ରାଜତ୍ୱ କରୁଥିଲେ । ଏହି ରାଜବଂଶର ନାମ ନିଶ୍ଚିତ ରୂପେ ଜଣାପଡୁ ନାହିଁ । .ମାନଙ୍କ ଆରାଧ୍ୟ ଦେବତା ସ୍ତମ୍ଭେଶ୍ୱରୀଙ୍କର ପୀଠସ୍ଥାନ ଥିଲା ପର୍ବତଦ୍ୱାର । ତେଣୁ ଡ଼: ନବୀନ କୁମାର ସାହୁ ପ୍ରମୁଖ ଐତିହାସିକମାନେ ଉକ୍ତ ରାଜବଂଶକୁ ପର୍ବତ ଦ୍ୱାରକ ନାମରେ ଅଭିହିତ କରିଛନ୍ତି । ଏହି ବଂଶର ବିବରଣୀ କେବଳ ତେରାସିଙ୍ଗା ତାମ୍ର ଶାସନରୁ ମିଳିଥାଏ । ଏଥିରେ ରାଜଜନନୀ ଶ୍ରୀଶୋଭିନୀ କୌସ୍ତୁଭେଶ୍ୱରୀ ଏବଂ ମହାରାଜ ତୁଷ୍ଟିକାର ଉଭୟେ ନିଜନିଜକୁ ସ୍ତମ୍ଭେଶ୍ୱରୀ ପାଦଭକ୍ତ ରୂପେ ଅଭିହିତ କରିଥିବା ତାତ୍ପର୍ଯ୍ୟ ପୂର୍ଣ୍ଣ । ଆମର ବର୍ତ୍ତମାନ ଜ୍ଞାନରେ କହିପାରୁ ଯେ, ଓଡ଼ିଶାରୁ ଏପର୍ଯ୍ୟନ୍ତ ମିଳିଥିବା ଅଭିଲେଖଗୁଡ଼ିକ ମଧ୍ୟରୁ କୌଣସି ଶାକ୍ତ ଦେବୀଙ୍କୁ ସୂଚିତ କରିବାରେ ଏହାହିଁ ସର୍ବ ପ୍ରାଚୀନ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ପଶ୍ଚିମ ଓଡ଼ିଶାର ପରବର୍ତ୍ତୀ କାଳୀନ ବହୁ ରାଜ ବଂଶର ନରପତିମାନେ ସ୍ୱପ୍ରଦତ୍ତ ଦାନପତ୍ରଗୁଡ଼ିକରେ ନିଜକୁ ସ୍ତମ୍ଭେଶ୍ୱରୀଙ୍କର ପାଦ ଭକ୍ତ ରୂପେ ଘୋଷଣା କରିଛନ୍ତି ।

ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ଶେଷ ଦଶନ୍ଧିରୁ ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀର ପ୍ରଥମ ଦଶନ୍ଧି ମଧ୍ୟରେ ନଳବଂଶର ପତନ ହୋଇ ଅମରାର୍ଯ୍ୟକୁଳ (ଶରଭପୁରୀୟ) ନାମକ ଏକ ରାଜବଂଶ କୋଶଳରେ ନୂତନ ଭାବେ ପ୍ରତିଷ୍ଠିତ ହୋଇ ପାରିଥିଲେ । ଏହି ରାଜବଂଶର ପ୍ରତିଷ୍ଠାତା ରାଜା ଶରଭଙ୍କ ନାମାନୁସାରେ ଏମାନଙ୍କ ରାଜଧାନୀ "ଶରଭପୁର" ନାମରେ ନାମିତ ହୋଇଥିଲା । ଶରଭପୁର ରାଜଧାନୀର ଅବସ୍ଥିତିକୁ ନେଇ ଐତିହାସିକମାନଙ୍କ ମଧ୍ୟରେ ବହୁବିଧ ମତ ପରିଲକ୍ଷିତ ହୋଇଥାଏ । କଳାହାଣ୍ଡି ଜିଲ୍ଲାର ମାଗାଗୁଡ଼ା ପାର୍ବତ୍ୟ ଅଞ୍ଚଳ ଅନ୍ତର୍ଗତ ଜୁମାଲଗଡ଼ଠାରେ ଏକ ପ୍ରାଚୀନ ଦୁର୍ଗର ଅବଶେଷ ଆବିଷ୍କୃତ ହେବା ସଙ୍ଗେ ସଙ୍ଗେ ଏହାର ନିକଟବର୍ତ୍ତୀ ଅଞ୍ଚଳରୁ ଅନେକ ଶରଭପୁରୀୟ ଅଭିଲେଖ ଏବଂ ମୁଦ୍ରା ମଧ୍ୟ ମିଳିଛି । ଭୂଖନନ ଦ୍ୱାରା ବହୁ ପ୍ରତ୍ନ ସମ୍ପଦ ମଧ୍ୟ ଉଦ୍ଧାର କରାଯାଇଛି । ଏଣୁ ଏହାକୁ ଶରଭପୁର ରୂପେ ଚିହ୍ନିତ କରାଯିବା ଯୁକ୍ତି ସଙ୍ଗତ ମନେ ହୁଏ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, କିଛି ବର୍ଷ ତଳେ ବଲାଙ୍ଗୀର ଜିଲ୍ଲାର ସୈନ୍ତଳା ନିକଟସ୍ଥ ଡ଼ଙ୍ଗରମୁଣ୍ଡା ଗ୍ରାମରୁ ୫୪ ଗୋଟି ଶରଭପୁରୀୟ ସ୍ୱର୍ଣ୍ଣମୁଦ୍ରା ଆବିଷ୍କୃତ ହୋଇଛି । ମୁଦ୍ରାଙ୍କିତ ଲିପିକୁ ପାଠକରି ଏହି ଲେଖକ ସର୍ବ ପ୍ରଥମେ ଏ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଛି । ପରବର୍ତ୍ତୀ ସମୟରେ ରାଜା ସୁଦେବ ରାଜ (ପ୍ରାୟ ଖ୍ରୀ: ୬୩୦-୬୫୫) ଉକ୍ତ ଶରଭପୁର ରାଜଧାନୀରୁ ରାଜତ୍ୱ କରୁଥିବା ସମୟରେ ତାଙ୍କର ଭ୍ରାତା ପ୍ରବରରାଜ ମହାନଦୀ କୂଳସ୍ଥ ଶ୍ରୀପୁରଠାରେ ଆଉ ଏକ ରାଜଧାନୀ ସ୍ଥାପନ କରି ରାଜୁତି କରିଥିଲେ । ଅଧୁନାତନ ମଧ୍ୟପ୍ରଦେଶ ଅନ୍ତର୍ଗତ ରାୟପୁରଠାରୁ ୩୭ ମାଇଲ୍ ଉତ୍ତରପୂର୍ବରେ ଅବସ୍ଥିତ ଶିରପୁରକୁ ଅଭିଲେଖ ବର୍ଣ୍ଣିତ ଶ୍ରୀପୁର ସହ ପରିଚିହ୍ନିତ କରାଯାଇଛି । ପ୍ରାୟ ଖ୍ରୀ: ୭୦୦ରେ ଶରଭପୁରୀୟ ରାଜବଂଶର ପତନ ହୋଇ ପାଣ୍ଡୁ (ଅପର ନାମ 'ସୋମ') ବଂଶୀ ରାଜା ତିବର ଦେବ ସକଳ "କୋଶଳାଧିପତି" ରୂପେ ଶ୍ରୀପୁର ରାଜଧାନୀରୁ ଶାସନ ପ୍ରାରମ୍ଭ କଲେ ।

ପ୍ରାୟ ୧୦୭୦ ଖ୍ରୀ:ରେ ବସ୍ତରର ଛିନ୍ଦକନାଗ-ତେଲୁଗୁଚୋଡ ରାଜବଂଶ ସୋମବଂଶୀମାନଙ୍କୁ ପରାସ୍ତ କରି ସୋନପୁର ଅଞ୍ଚଳ କରଗତ କରି ସୋନପୁର ରାଜଧାନୀରୁ କୋଶଳକୁ ଶାସନ କଲେ । ସୁବର୍ଣ୍ଣପୁର ରାଜଧାନୀରୁ ଉଦ୍‌ଘୋଷିତ ଏହି ରାଜବଂଶର ତିନୋଟି ମାତ୍ର ତାମ୍ର ଶାସନ ଏପର୍ଯ୍ୟନ୍ତ ଉପଲବ୍ଧ ହୋଇଛି । ଖ୍ରୀ: ୧୧୧୮ରେ ଗଙ୍ଗବଂଶୀ ରାଜା ଚୋଡଗଙ୍ଗ ଦେବ ଶେଷ ସୋମବଂଶୀ ରାଜା କର୍ଣ୍ଣ ଦେବଙ୍କୁ ଗାଦିଚ୍ୟୁତ କରି ଉତ୍କଳର ଶାସନ ଦାୟିତ୍ୱ ସ୍ୱହସ୍ତରେ ଗ୍ରହଣ କଲେ । ଏହି ସମୟରେ ପ୍ରାଚୀନ କଳିଙ୍ଗର ସମସ୍ତ ଅଞ୍ଚଳ ଅର୍ଥାତ୍ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଚୋଡଗଙ୍ଗଙ୍କ ସାମ୍ରାଜ୍ୟ ପରିବ୍ୟାପ୍ତ ଥିଲା; ମାତ୍ର ସେ ନିଜକୁ ସକଳ କଳିଙ୍ଗାଧିପତି ପରିବର୍ତ୍ତେ 'ସକଳ ଉତ୍କଳାଧିପତି ରୂପେ ପରିଘୋଷିତ କଲେ । ସୋମବଂଶୀଙ୍କ ଉତ୍କଳ ଅଧିକାର ପରେପରେ ଚୋଡଗଙ୍ଗ ଏବଂ ତାଙ୍କର ଉତ୍ତରାଧିକାରୀ ଗଣ କୋଶଳ ଅଧିକାର ପାଇଁ ମଧ୍ୟ ଉଦ୍ୟମ ଅବ୍ୟାହତ ରଖିଲେ । ଏହି ସମୟରେ କୋଶଳରୁ ତେଲୁଗୁଚୋଡ଼ ଶାସନର ଅବସାନ ହୋଇ କଳଚୁରୀମାନେ ସିଂହାସନାସୀନ ହୋଇସାରିଥିଲେ । ଗଙ୍ଗ ଏବଂ କଳଚୁରୀ ମଧ୍ୟରେ ପ୍ରାୟ ଏକ ଶତ ବର୍ଷ ଧରି ଯୁଦ୍ଧ ଲାଗି ରହିଲା । ପରିଶେଷରେ ଗଙ୍ଗବଂଶୀୟ ରାଜା ଅନଙ୍ଗଭୀମ ଦେବ-ତୃତୀୟଙ୍କ ପ୍ରବଳ ପରାକ୍ରାନ୍ତ ସେନାପତି ବିଷ୍ଣୁ ପ୍ରାୟ ୧୨୨୦ ଖ୍ରୀ:ରେ ଅତି ବୟସ୍କ ତଥା ଅନଭିଜ୍ଞ କଳଚୁରୀ ରାଜା ପ୍ରତାପ ମଲ୍ଲଙ୍କୁ ଯୁଦ୍ଧରେ ନିହତ କରି ସୋନପୁର, ସମ୍ବଲପୁର ଅଞ୍ଚଳ କରଗତ କଲେ । ଅନଙ୍ଗଭୀମ ଦେବଙ୍କ ସୁବର୍ଣ୍ଣପୁର ବିଜୟ ଓଡ଼ିଶା ଇତିହାସରେ ଅନେକ ଦିଗରୁ ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା କଳଚୁରୀ ଏବଂ ଗଙ୍ଗ ବଂଶ ମଧ୍ୟରେ ପ୍ରାୟ ଏକଶତ ବର୍ଷ ଧରି ଚାଲିଥିବା ଯୁଦ୍ଧର ଅବସାନହୋଇ ଉଭୟ ବଂଶ ମଧ୍ୟରେ ବୈବାହିକ ସମ୍ପର୍କ ସ୍ଥାପିତ ହୋଇଥିଲା । ଅନଙ୍ଗଭୀମଙ୍କ କନ୍ୟା ଚନ୍ଦ୍ରିକା ଦେବୀ କଳଚୁରୀ ରାଜକୁମାର ପରମର୍ଦ୍ଦୀ ଦେବଙ୍କ ପାଣିଗ୍ରହଣ କଲେ । ପରମର୍ଦ୍ଦୀ ଦେବ ଚନ୍ଦ୍ରିକାଦେବୀଙ୍କଭ୍ରାତା ନରସିଂହ ଦେବଙ୍କ ସେନାପତି ରୂପେ ନିଯୁକ୍ତ ହେଲେ । ଏହା ପ୍ରଣିଧାନ ଯୋଗ୍ୟ ଯେ, ତ୍ରୟୋଦଶ ଶତାବ୍ଦୀର ମଧ୍ୟ ଭାଗରେ ଅତୀବ ପରାକ୍ରମ ଶାଳୀ ମୁସଲମାନ ଶକ୍ତିର ଭୟରେ ଭାରତର ହିନ୍ଦୁ ରାଜାମାନେ ଥରହର ହେଉଥିବା ସମୟରେ ନରସିଂହ ଦେବ ଖ୍ରୀ: ୧୨୪୩-୪୪ ଏବଂ ଖ୍ରୀ: ୧୨୪୭ରେ ମୁସଲମାନ ରାଜ୍ୟ ଉପରେ ଆକ୍ରମଣ କରି ବିଜୟ ହାସଲ କରିପାରି ଥିଲେ । ଉପରୋକ୍ତ ସାମରିକ ଅଭିଯାନର ନେତୃତ୍ୱ ନେଇଥିଲେ ପରମର୍ଦ୍ଦୀ ଦେବ । ସୋମବଂଶୀ ଶାସନ କାଳରେ ଓଡ଼ିଶାର ପୂର୍ବାଞ୍ଚଳ ଏବଂ ପଶ୍ଚିମାଞ୍ଚଳ ମଧ୍ୟରେ ଐକ୍ୟ ସ୍ଥାପନ ଦିଗରେ ଯେଉଁ ମୂଳଦୁଆ ପଡ଼ିଥିଲା ଗଙ୍ଗ ରାଜତ୍ୱ କାଳରେ ତାହା ଆହୁରି ସୁଦୃଢ଼ୀକୃତ ହେଲା । ସୋମବଂଶୀ ଶାସନ କାଳରେ ଓଡ଼ିଆ ଭାଷାର ଗଠନର ସୂତ୍ରପାତ ହୋଇ ଗଙ୍ଗ ରାଜତ୍ୱ କାଳରେ ତାହା ପରିମାର୍ଜିତ ରୂପ ଧାରଣ କରି ସାରିଥିବା ସୋନପୁର ରମେଶ୍ୱରୀ ମନ୍ଦିର ଶିଳାଲେଖରୁ ପ୍ରମାଣିତ :

"ସ୍ୱସ୍ତି (।) ଶ୍ରୀ ବୀରଭାନୁ ଦେବସ୍ୟ ପ୍ରବର୍ଦ୍ଧମାନ ବୀଜୟ ରାଜେ ସମ୍ବତ୍ ୭ ପ୍ରାତି ମୀନକୃଷ୍ଣ ୩ ସଉରିବାରେ ସୁନପୁର କଟକ ପଶ୍ଚିମ ଦେସ ଅଧିକାରି ସାମନ୍ତ ପଢ଼ିଆ ବିସପତିଆଙ୍କ ଅଧିକାରେ ଶ୍ରୀବୀରଭାନୁ ଦେବ ରାଜାଙ୍କର ଆରସ୍ୱ କାମାର୍ଥେ ଶ୍ରୀ ବୈଦ୍ୟନାଥ ଦେବଙ୍କର ନଏଡ଼ ବିଷୟ (ଗ୍ରାମ ବାରହ ବଡ ୧୨ ।।xxxxxxxxxଗଣନା ଦ୍ୱାରା ଜଣା ଯାଇଛି ଯେ, ଉପରୋକ୍ତ ଶିଳାଲେଖଟି ତା୭-୩-୧୨୬୮ ଖ୍ରୀରେ ଉଦ୍‌ଘୋଷିତ ହୋଇଥିଲା । ଏହି ସମୟରେ ଗଙ୍ଗରାଜାମାନଙ୍କ ସମସ୍ତ ରାଜକୀୟ ଘୋଷଣା ସଂସ୍କୃତ ଭାଷାରେ କରାଯାଉଥିବା ବେଳେ, ସୋନପୁରଠାରେ ଗଙ୍ଗ ପ୍ରଶାସକଙ୍କ ଅଭିଲେଖରେ ଓଡ଼ିଆ ଭାଷାର ଆଦିମ ସ୍ୱରୂପ ପ୍ରକାଶ ପାଉଥିବା ତାତ୍ପର୍ଯ୍ୟପୂର୍ଣ୍ଣ । ଏହି ଅଭିଲେଖରୁ ଆହୁରିମଧ୍ୟ ଜଣାପଡ଼େ ଯେ, ପଶ୍ଚିମ ଓଡ଼ିଶାର ଶାସନ କାର୍ଯ୍ୟର ପରିଚାଳନାପାଇଁ ସୋନପୁର ରାଜଧାନୀରେ ଜଣେ ପ୍ରଶାସକ ଗଙ୍ଗରାଜାଙ୍କ ଦ୍ୱାରା ଅବସ୍ଥାପିତ ହେଉଥିଲେ । ପରବର୍ତ୍ତୀ ସମୟରେ ଗଙ୍ଗରାଜାମାନେ ବହିଃଶତ୍ରୁ, ବିଶେଷତଃ ମୁସଲମାନ ଆକ୍ରମଣ ଦ୍ୱାରା ବ୍ୟତିବ୍ୟସ୍ତ ହୋଇ ପଶ୍ଚିମ ଓଡ଼ିଶାର ଶାସନ ପ୍ରତି ଧ୍ୟାନ ଦେଇ ପାରିଲେ ନାହିଁ । ଗଙ୍ଗରାଜାଙ୍କ ଏତାଦୃଶ ଉଦାସୀନତାର ସୁଯୋଗ ନେଇ ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀରେ ପଶ୍ଚିମ ଓଡ଼ିଶାର କେତେକ ରାଜବଂଶ ଗଙ୍ଗରାଜାଙ୍କ ଆନୁଗତ୍ୟକୁ ଅସ୍ୱୀକାର କରି ଛୋଟ ଛୋଟ ରାଜ୍ୟ ମାନ ସ୍ଥାପନ କରିଥିଲେ । ସେମାନଙ୍କ ମଧ୍ୟରେ ପାଟଣାର 'ଚୌହାନ', ବଉଦ , ସୋନପୁରର 'ଭଞ୍ଜ' ବଣାଇର କାଦମ୍ବ ଏବଂ ଗାଙ୍ଗପୁରର ପରମାର ରାଜବଂଶ ଅନ୍ୟତମ ।ପାଟଣାରେ ଚୌହାନ ବଂଶର ସ୍ଥାପୟିତା ରମାଇ ଦେବଙ୍କ ପରେ ପରେ ଦିନକୁ ଦିନ ପାଟଣା ରାଜ୍ୟ ସମୃଦ୍ଧ ହେବାରେ ଲାଗିଲା ଏବଂ ଏହି ବଂଶର ଦଶମ ରାଜା ନରସିଂହ ଦେବଙ୍କ ଭ୍ରାତା ବଳରାମ ଦେବ ସ୍ୱାଧୀନ ସମ୍ବଲପୁର ରାଜ୍ୟ ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ସମ୍ବଲପୁରର ଏହି ଚୌହାନ ନରପତିଗଣ ସମଗ୍ର ପଶ୍ଚିମ ଓଡ଼ିଶା ଅର୍ଥାତ୍ ପ୍ରାଚୀନ ଦକ୍ଷିଣ କୋଶଳର ପ୍ରାୟ ସମସ୍ତ ଅଞ୍ଚଳରେ ନିଜର ପ୍ରଭୁତ୍ୱ ବିସ୍ତାର କରି ଏମାନେ ଅଠରଗଡ଼-ମଉଡ଼ମଣି ଉପାଧିରେ ବିଭୂଷିତ ହେଲେ । ସମ୍ବଲପୁରର ଚୌହାନ ରାଜା ବଳୀୟାର ସିଂହଙ୍କ ସଭାପଣ୍ଡିତ ଗଙ୍ଗାଧର ମିଶ୍ର ସଂସ୍କୃତ ଭାଷାରେ ଏକ ଐତିହାସିକ ମହାକାବ୍ୟ ରଚନା କରି ତା'ର ନାମ କରଣ କରିଥିଲେ "କୋଶଳାନନ୍ଦ କାବ୍ୟଂ" । ଶଂସିତ କାବ୍ୟଟି ଖ୍ରୀ: ୧୬୬୪ରେ ରଚିତ ହୋଇଥିବାର ନିଶ୍ଚିତ ରୂପେ କୁହାଯାଇପାରେ । ଏହି କାବ୍ୟରୁ ସ୍ପଷ୍ଟ ରୂପେ ଜଣାପଡ଼େ ଯେ, ବଳରାମ ଦେବ ଅତୀବ ପରାକ୍ରମଶାଳୀ ରାଜା ଥିଲେ । ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧରେ ମୁସଲମାନ ଆକ୍ରମଣ ସମୟରେ ସମ୍ବଲପୁର ଚୌହାନ ସାମ୍ରାଜ୍ୟର ସାମରିକ ଶକ୍ତିର ଅଯାଚିତ ସାହାଯ୍ୟ ଫଳରେ ଖୋରଧାର ଭୋଇ ବଂଶ ଧ୍ୱଂସ ମୁଖରୁ ରକ୍ଷା ପାଇଲେ; ନଚେତ୍ ଓଡ଼ିଶା ଯବନାମ୍ବୁଧିରେ ନିମଜ୍ଜିତ ହୋଇ ରହିଥାନ୍ତା ଏବଂ ତା'ର ନେତୃତ୍ୱ ନେଇଥିଲେ ବଳରାମ ଦେବ :

ନିମଗ୍ନ ଆବୀକ୍ଷସ ଯାବନାମ୍ବୁଧୌତମୁତ୍କଳଂ
ଦେଶମଶେଷ ଭାବନମ୍ ।
ବଦ୍ଧମମାନାମନୟତ୍ ଯମକ୍ଷୟଂ
ମୁଦାସମାରୁହ୍ୟ ମହାରସ ହସ୍ତମ ।।
ବିଧାୟ ମୈତ୍ରୀମଧିରତ୍ୟ ସାଦରଂ
ସୁଗର୍ବିମୁର୍ବୀତଳଶର୍ବ ସୋଦରଃ
ତ୍ରୁଶାସ୍ୱନେନୋନ୍ୟ ମହୀଶ ସଂହତିଂ
କ୍ଷମାକ୍ଷୁଜାନୋନ ସବାମଭୂପତିଃ ।।

(କୋଶଳାନନ୍ଦ-୨୦/୨-୭-ସୋନପୁର ଦରବାର ପ୍ରକାଶିତ)

# ସୋମବଂଶୀ ବର୍ଣ୍ଣମାଳା




- ଜନମେଜୟଙ୍କ ବକ୍ରତେନ୍ତୁଳୀ ତାମ୍ରଶାସନରୁ -



ପାଠ - ସ୍ୱସ୍ତି ସୁବର୍ଣ୍ଣପୁର ସମାବାସିତ ଶ୍ରୀମତୋ ବିଜୟ
ସ୍କନ୍ଧାବାରାତ ପରମଭଟ୍ଟାରକ ମହାରାଜାଧିରାଜ ପରମେଶ୍ୱର
ଶ୍ରୀଶିବଗୁପ୍ତଦେବ ପାଦାନୁଧ୍ୟାତ ପରମମାହେଶ୍ୱର ପରମଭଟ୍ଟାରକ

# ସ୍ୱାଧୀନତା ସଂଗ୍ରାମର ଏକ ଆଗ୍ନେୟ ଝଲକ – ନେତାଜୀ ସୁଭାଷଚନ୍ଦ୍ର ବୋଷ

• ଶ୍ରୀ ସୁନୀଲ କୁମାର ରାୟ

ଦେଶ ଓ ଜାତିକୁ ପରାଧୀନତାର ଶୃଙ୍ଖଳ ଭାଙ୍ଗି ଯେଉଁ କେତେକ ସ୍ୱନାମଧନ୍ୟ ଜାତୀୟ ନେତା ବିପ୍ଳବ ମାନ ସଂଗଠିତ କରି ଇତିହାସରେ ଅଭିନବ ଆଲୋଡ଼ନ ସୃଷ୍ଟି କରି ଯାଇଛନ୍ତି ସେମାନଙ୍କ ମଧ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅଗ୍ରଗଣ୍ୟ । ତାଙ୍କର ବୈପ୍ଳବିକ ଚେତନା ସମଗ୍ର ବିଶ୍ୱର ଜନମାନସକୁ ଚକିତ କରିଥିଲା । ତାଙ୍କର ଏକନିଷ୍ଠ ଦେଶ ପ୍ରେମ ଓ ଅଭୂତପୂର୍ବ ବୀରତ୍ୱ ସମଗ୍ର ବ୍ରିଟିଶ ପ୍ରଶାସନକୁ ସ୍ତମ୍ଭିତ କରିଥିଲା । ତାଙ୍କର ବିପ୍ଳବର ବହ୍ନିଶିଖା ସମଗ୍ର ବ୍ରିଟିଶ ସାମ୍ରାଜ୍ୟକୁ ପ୍ରବଳ ଆକାରରେ ଦୋହଲାଇ ଦେଇ ଥିଲା । ସେ ଥିଲେ ସ୍ୱାଧୀନତା ସଂଗ୍ରାମର ମୂଳ ପୁରୋଧା । ଦେଶ ଓ ଜାତିକୁ ଉଦ୍ଧାର ପାଇଁ ସେ ଯେଉଁ ରଣ ହୁଙ୍କାରର ଆହ୍ୱାନ କରିଥିଲେ ତା'ଦ୍ୱାରା ଦେଶ ସ୍ୱାଧୀନ ହେଲା ଓ ଇତିହାସରେ ଏକ ନବ ଅଧ୍ୟାୟ ସଂଗଠିତ ହେଲା ।

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ୧୮୯୭ ମସିହା ଜାନୁଆରୀ ୨୩ ତାରିଖରେ ଐତିହାସିକ କଟକ ସହରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ସ୍ୱର୍ଗୀୟ ଜାନକୀନାଥ ବୋଷ ଥିଲେ ଜଣେ ପ୍ରଖ୍ୟାତନାମା ଆଇନଜୀବୀ । ତାଙ୍କର ଆଠଟି ପୁତ୍ର ଓ ଛଅଟି କନ୍ୟା ଥିଲେ । ସୁଭାଷ ଥିଲେ ତାଙ୍କର ଷଷ୍ଠ ସନ୍ତାନ । ତାଙ୍କର ବାଲ୍ୟଶିକ୍ଷା କଟକ ସହରରୁ ହିଁ ଆରମ୍ଭ ହୋଇଥିଲା । ୟୁରୋପରେ ଥିବା ସମୟରେ ସେ Indian Struggle ନାମକ ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ ଦୁଇଟି ବହି ଲେଖି, ଯେଉଁଥିରେ ସ୍ୱାଧୀନତା ଆନ୍ଦୋଳନ ଓ ବ୍ରିଟିଶ ଶାସନରେ ଅତ୍ୟାଚାର ବିଷୟରେ ସାରା ୟୁରୋପରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲେ । ସୁଭାଷଙ୍କ ଦ୍ୱାରା ଲିଖିତ ଏହି ଦୁଇଟି ବହି ଭାରତର ଅମୂଲ୍ୟ ସମ୍ପଦ ହୋଇ ରହିଛି । ବ୍ରିଟିଶ ସରକାର ଏହି ବହି ଭାରତରେ ପ୍ରଚଳନ ହୋଇ ପାରିବ ନାହିଁ ବୋଲି ନିଷେଧାଦେଶ ଜାରୀ କରିଥିଲେ ।

ଓଡ଼ିଶା ପ୍ରତି କିପରି ତାଙ୍କର ଏକାନ୍ତ ଅନୁରାଗ ଥିଲା, ଗୋପବନ୍ଧୁ ଦାସଙ୍କ ନିକଟକୁ ମାଣ୍ଡାଲେ ଜେଲରେ ବନ୍ଦୀଥିବା ସମୟରେ ସେ ଯେଉଁ ପତ୍ର ଦେଇଥିଲେ ସେଥିରୁ ଜଣାପଡ଼େ । ଓଡ଼ିଶାର ଜାତୀୟତାବାଦ ଆନ୍ଦୋଳନ ବିଷୟରେ ଯାହାସବୁ ଘଟୁଛି, ସେ ବିଷୟରେ ସେ ଗୋପବନ୍ଧୁ ଦାସଙ୍କୁ ପତ୍ର ଜରିଆରେ ସୁଚିନ୍ତିତ ପରାମର୍ଶ ଦେଇଥିଲେ । ପୁରୀଜିଲ୍ଲାର ବନ୍ୟା ଓ ଭୟାବହ ଦୁର୍ଗତି ବିଷୟରେ ବଙ୍ଗଳାର 'ସାହାଯ୍ୟ ସମିତି' ସଦସ୍ୟ ଓ ସେକ୍ରେଟାରୀ ସତୀଶ ଚନ୍ଦ୍ର ଦାସଗୁପ୍ତ ଓ ପି. ସି. ରାୟଙ୍କୁ ଚିଠି ଲେଖି ତୁରନ୍ତ ଅଧିକ ସାହାଯ୍ୟ ଗୋପବନ୍ଧୁ ଦାସଙ୍କ ନିକଟକୁ ପଠାଇବାକୁ ଲେଖିଥିଲେ । ଅନ୍ୟ ଏକ ପତ୍ରରେ ଗୋପବନ୍ଧୁ ଦାସଙ୍କ ନିକଟକୁ ଲେଖିଥିଲେ, ଓଡ଼ିଶାର ବନ୍ୟା ପୀଡ଼ିତଙ୍କ ସମ୍ବାଦ ଶୁଣି ମୁଁ ବିଶେଷ ଦୁଃଖିତ । ସେଠାରେ ପରିସ୍ଥିତି ଓ କି ପ୍ରକାର ସାହାଯ୍ୟ ଦରକାର ମୋତେ ଜଣାଇବେ । ସେ ଆହୁରି ମଧ୍ୟ ଲେଖିଥିଲେ, ସିଲହଟକୁ ଯେତେବେଳେ ଆସାମରେ ମିଶ୍ରିତ କରାଗଲା, ସେତେବେଳେ ଗଞ୍ଜାମ ଅଞ୍ଚଳ ଓଡ଼ିଶାକୁ ଫେରାଇ ନ ଦେବାର କୌଣସି କାରଣ ନାହିଁ । ଶୀଘ୍ର ହେଉ ବା ବିଳମ୍ବରେ ହେଉ ଏ ମିଶ୍ରଣ ନିଶ୍ଚୟ ଘଟିବ । ମାନ୍ଦ୍ରାଜ ସରକାର ଏହାର ବିରୋଧ କରି ଘଟଣାକୁ କେବଳ ବିଳମ୍ବ କରୁଛନ୍ତି । ମୁଁ ଏ ବିଷୟରେ କଂଗ୍ରେସର ପ୍ରସିଦ୍ଧ ନେତା ଶ୍ରୀନିବାସ ଆୟଙ୍ଗାରଙ୍କୁ ଜଣାଇ ଦେଇଛି, ଗଞ୍ଜାମ ଜିଲ୍ଲା ଓଡ଼ିଶାରେ ନିଶ୍ଚୟ ମିଶିବ । ଏହାକୁ କେହି ବାଧା ଦେଇ ପାରିବେ ନାହିଁ । ସେ ମଧ୍ୟ ମୋ ସହିତ ଏକ ମତ ହୋଇଛନ୍ତି । ମାନ୍ଦ୍ରାଜ ସରକାର ଅଯଥା ବିଳମ୍ବ କରୁଛନ୍ତି । ଖୁବ୍ ଶୀଘ୍ର ଏହା ଓଡ଼ିଶାରେ ମିଶିବ । ଉତ୍କଳ ବାଳକୃଷ୍ଣ ମିଶ୍ର ଓ କୃପାସିନ୍ଧୁ ମିଶ୍ରଙ୍କ ଅକାଳ ବିୟୋଗରେ ଆପଣ କିପରି ବ୍ୟଥିତ ହୋଇଥିବେ ତାହା ମୁଁ କଳ୍ପନା କରି ପାରୁଛି । ମୁଁ ବା କି ସାନ୍ତ୍ୱନା ଦେବି ? ଏ ବିଚ୍ଛେଦ ସହ୍ୟ କରିବାକୁ ପରମେଶ୍ୱର ଆପଣଙ୍କୁ ଶକ୍ତି ଦିଅନ୍ତୁ ଏହାହିଁ କାମନା । ଈଶ୍ୱର ଯାହାକୁ ସ୍ନେହ କରନ୍ତି ସେମାନେ ଶୀଘ୍ର ମୃତ୍ୟୁମୁଖରେ ପଡ଼ନ୍ତି । ମୋର ଆଶା ପୁରୀଜିଲ୍ଲାର ଜଳ ନିଷ୍କାସନ ପାଇଁ କିଛି କାର୍ଯ୍ୟ କରାଯିବ । ଓଡ଼ିଆ ସାଧୁ ସନ୍ନ୍ୟାସୀଙ୍କ ଜୀବନୀ ଏବଂ ସେମାନଙ୍କ ସାଧନା ସମ୍ବନ୍ଧରେ ଯଦି କୌଣସି ପୁସ୍ତକ ଥାଏ ତେବେ ମୋତେ ଦୟାକରି ଜଣାଇବେ । (ଇତି)

ଆପଣଙ୍କର ବନ୍ଧୁ
ସୁଭାଷ ଚନ୍ଦ୍ର ବୋଷ

ଦେଶ ପ୍ରତି ଜାତି ପ୍ରତି ଓ ନିଜ ଜନ୍ମଭୂମି ପ୍ରତି ତାଙ୍କର କିଭଳି ମମତା ଥିଲା ଉପରୋକ୍ତ ପତ୍ରରୁ ବେଶ୍ ଜଣାପଡ଼େ । କେବଳ ସେତିକି ନୁହେଁ, ଆଜିର ଓଡ଼ିଆ ପୁଅ ବିଦେଶରେ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ଲଜ୍ଜ୍ୟାବୋଧ କରୁଥିଲାବେଳେ, ସୁଭାଷ ଚନ୍ଦ୍ର ୧୯୨୭ ମସିହାରେ ମାଣ୍ଡାଲେ ଜେଲରୁ ବଙ୍ଗଳାର ଜଣେ ବିଶିଷ୍ଟ ଲେଖକ ଓ ଗବେଷକ ଅଧ୍ୟାପକ ନିର୍ମଳ କୁମାର ବସୁଙ୍କୁ ଯେଉଁଚିଠି ଲେଖିଥିଲେ ତା'ର କେତେକାଂଶ ନିମ୍ନରେ ପ୍ରଦତ୍ତ ହେଲା ।

ଆପଣ ମୋଠାରୁ କୋଣାର୍କ ବିଷୟ ଶୁଣି ସେଠାକୁ ଯାଇ ଯେଉଁ ପୁସ୍ତକ ରଚନା କରି ମୋ ପାଖକୁ ପଠାଇଛନ୍ତି, ତାହା ମୁଁ ପଢ଼ିଛି । ଆପଣଙ୍କର ପରିଶ୍ରମ ପ୍ରତି ଶ୍ରଦ୍ଧାରେ ପ୍ରତିଫଳିତ ହୋଇଛି । ଆପଣଙ୍କ ଭଳି ଜଣେ ବ୍ୟକ୍ତି ଓଡ଼ିଶାର ଶିଳ୍ପ ଓ ସଂସ୍କୃତି ପ୍ରତି ଆକୃଷ୍ଟ ହୋଇଥିବା ବିଷୟ ମୋ ପକ୍ଷେ କମ୍ ଆନନ୍ଦର କଥା ନୁହେଁ । କାରଣ ମୋର ଜନ୍ମ ଓଡ଼ିଶାଭୂମିରେ ଓ ମୁଁ ଓଡ଼ିଶାକୁ ଅତ୍ୟନ୍ତ ଭଲପାଏ ।

ଆପଣଙ୍କର 'ଓଡ଼ିଶାର ଶିଳ୍ପ ଶାସ୍ତ୍ର' ବହି ଖଣ୍ଡିକ ଦେଖି ମଧ୍ୟ ଆନନ୍ଦ ଲାଭ କରିଛି । ଏହି ସବୁ ଲେଖିବା ପାଇଁ ଆପଣଙ୍କୁ ଏହି ଓଡ଼ିଆ ପୋଥିପତ୍ର ସଂଗ୍ରହ ଓ ଅଧ୍ୟୟନ କରିବାକୁ ପଡ଼ିଥିବ । ସେସବୁ ପ୍ରାଚୀନ ଗ୍ରନ୍ଥ ଗୁଡ଼ିକୁ ପୁନରୁଦ୍ଧାର କରିପାରିଲେ ଓଡ଼ିଶା ତଥା ବଙ୍ଗ ଦେଶ ଉଭୟର ଉପକାର ହେବ ।

ଖ୍ରୀ: ୧୪୩୫ରେ ଗଜପତି ରାଜା କପିଳେନ୍ଦ୍ର ଦେବ ଉପକୂଳବର୍ତ୍ତୀ ଓଡ଼ିଶାରେ ସୂର୍ଯ୍ୟବଂଶୀ ଶାସନର ସଂସ୍ଥାପନା କଲେ । ଓଡ଼ିଶାର ଜାତୀୟ ଇତିହାସରେ କେବଳ ନୁହେଁ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଇତିହାସରେ ମଧ୍ୟ, ସୂର୍ଯ୍ୟବଂଶ ଏକ ନୂତନ ସୂର୍ଯ୍ୟୋଦୟ ଓ ଅଭ୍ୟୁଦୟର ବାର୍ତ୍ତାଘେନି ପ୍ରକାଶ ପାଇଥିଲା । ଏହି କାଳର ଓଡ଼ିଆ ସାହିତ୍ୟର ଆଦିକବି ସାରଳା ଦାସ ଚିର ଦିନ ପାଇଁ ଓଡ଼ିଆ ସାହିତ୍ୟରେ ପ୍ରେରଣାର ଉତ୍ସ ହୋଇ ରହିଥିବେ ତାହା ନିଶ୍ଚିତ ଭାବେ ସ୍ୱୀକାର୍ଯ୍ୟ । ଏହି ବଂଶର ରାଜାମାନେ ଓଡ଼ିଆ ଲିପି ଭାଷାକୁ ରାଜକୀୟ ଭାଷା ଓ ଲିପି ରୂପେ ଗ୍ରହଣ କରି ଚିର ଦିନ ପାଇଁ ସ୍ମରଣୀୟ । ଏହାଙ୍କ ଅଭିଲେଖରେ ବ୍ୟବହୃତ ଲିପି ସମ୍ପର୍କରେ ଶ୍ରୀ ସୁରେନ୍ଦ୍ର ମହାନ୍ତି କହନ୍ତି :—

"ସୂର୍ଯ୍ୟବଂଶୀ କପିଳେନ୍ଦ୍ରଙ୍କ ଶାସନ କାଳକୁ ଓଡ଼ିଆ ଲିପି ପୂର୍ଣ୍ଣ ବିବର୍ତ୍ତିତ ଅବସ୍ଥାରେ ପହଞ୍ଚି ସାରିଥିଲା । ଜୟ—ବିଜୟ ଶିଳାଲିପି ଓ କପିଳେନ୍ଦ୍ରଙ୍କ କାଳର ଗୋପୀନାଥପୁର ଶିଳାଲିପି ଉତ୍କୀର୍ଣ୍ଣ ହେବା ବେଳକୁ ଆଧୁନିକ ଓଡ଼ିଆ ଲିପି ଏକ ନିର୍ଦ୍ଦିଷ୍ଟ ରୀତି ଓ ଆକାର ଧାରଣ କରି ସାରିଥିଲା ।"

(ଓଡ଼ିଆ ସାହିତ୍ୟର ଆଦିପର୍ବ—ପୃ—୩୫)

ପ୍ରଣିଧାନର ବିଷୟ ଯେ, ଓଡ଼ିଶାର ସୂର୍ଯ୍ୟବଂଶୀ ଶାସନ ପ୍ରତିଷ୍ଠିତ ହେବାର ବହୁ ପୂର୍ବରୁ ପଶ୍ଚିମ ଓଡ଼ିଶାରେ ଚୌହାନ ରାଜତ୍ୱ ପ୍ରତିଷ୍ଠିତ ହୋଇ ସାରିଥିଲା ଏବଂ କପିଳେନ୍ଦ୍ର ଦେବଙ୍କ ଦ୍ୱାରା ବ୍ୟବହୃତ ଲିପି ଓ ଭାଷା ଏମାନେ ବହୁ ପୂର୍ବରୁ ବ୍ୟବହାର କରିଥିବା "ନରସିଂହନାଥ ଶିଳାଲେଖ"ରୁ ସ୍ପଷ୍ଟ ରୂପେ ପ୍ରମାଣିତ ହୋଇଥାଏ । ଏହି ଶିଳାଲେଖଟି ପାଟଣାର ଚତୁର୍ଥ ଚୌହାନବଂଶୀ ନରପତି ବୈଜଳ ଦେବଙ୍କ ଦ୍ୱାରା ତା୨୭ ମାର୍ଚ୍ଚ ୧୪୧୩ ଖ୍ରୀ:ରେ ଉତ୍କୀର୍ଣ୍ଣ ହୋଇଥିବାର ପ୍ରମାଣିତ ହୋଇସାରିଛି । ଶିଳାଲେଖରେ ବର୍ଣ୍ଣିତ ହୋଇଛି ଯେ, ବିକାରି ନାମକ ସମ୍ବତ୍ସରରେ ଚୈତ୍ର ପୂର୍ଣ୍ଣିମୀ ଶୁକ୍ରବାର ଦିନ ଉକ୍ତ ଅଭିଲେଖଟି ଉତ୍କୀର୍ଣ୍ଣ ହୋଇଥିଲା । ଏଣୁ ଏହାର ସଠିକ୍ ତାରିଖ ନିରୂପଣ କରିବାରେ କୌଣସି ଦ୍ୱିରୁକ୍ତି ରହି ନପାରେ ।

ପରବର୍ତ୍ତୀ ସମୟରେ ମଧ୍ୟ ପଶ୍ଚିମ ଓଡ଼ିଶାର ଏହି ଚୌହାନ ରାଜାଗଣ ଓଡ଼ିଆ ଭାଷା ଓ ସାହିତ୍ୟର ଅଭିବୃଦ୍ଧି ନିମନ୍ତେ ଆଶାତୀତ ଭାବରେ ଯତ୍ନବାନ ହୋଇଥିବାର ବହୁଳ ପ୍ରମାଣ ରହିଛି । ମାତ୍ର ପରିତାପର ବିଷୟ ଯେ, ଓଡ଼ିଆ ସାହିତ୍ୟର ଇତିହାସ ରଚନା କଲା ସମୟରେ ଗବେଷକ ଗଣ ଏମାନଙ୍କୁ ଯଥୋଚିତ ସ୍ଥାନ ଦେଇ ନାହାନ୍ତି । କିନ୍ତୁ ଏକଥା ସତ୍ୟ ଯେ, ପଶ୍ଚିମ ଓଡ଼ିଶାର ରାଜନ୍ୟ ବର୍ଗ ଓଡ଼ିଆ ଭାଷା ଓ ସାହିତ୍ୟକୁ ରାଜକୀୟ ଭାଷା ଓ ସାହିତ୍ୟ ରୂପେ ଗ୍ରହଣ କରିନଥିଲେ ଆଜିର ଏହି ଓଡ଼ିଶା ମାନଚିତ୍ର ପ୍ରସ୍ତୁତ ହୋଇ ପାରିନଥାନ୍ତା ।

ସୁତରାଂ ଏତିକି କୁହା ଯାଇପାରେ ଯେ, ପ୍ରାଚୀନ କାଳରୁ କୋଶଳ (ପଶ୍ଚିମ ଓଡ଼ିଶା) ସହିତ କଳିଙ୍ଗ (ଉପକୂଳ ଓଡ଼ିଶା)ର ସାଂସ୍କୃତିକ ତଥା ରାଜନୈତିକ ସମ୍ପର୍କ ଅତି ଘନିଷ୍ଠ ଥିଲା ଏବଂ ପ୍ରତ୍ୟେକ କ୍ଷେତ୍ରରେ ଏକ ଅନ୍ୟର ପରିପୂରକ ଭାବେ ବିବେଚିତ ହେଉଥିଲା, ଯଦିଓ ଅନେକ ସମୟରେ ଉଭୟ ଅଞ୍ଚଳ ଏକ ଶାସନାଧୀନ ନଥିଲା । ଓଡ଼ିଶାର ଇତିହାସ—ସଂସ୍କୃତି ପର୍ଯ୍ୟାଲୋଚନା କଲା ସମୟରେ ଏହାର କୌଣସି ଅଞ୍ଚଳର ଐତିହ୍ୟକୁ ଅବହେଳା କଲେ ଓଡ଼ିଶାର ଇତିହାସ ଯେ, ପୂର୍ଣ୍ଣାଙ୍ଗ ହେବ ନାହିଁ, ଏହା ନିଃସନ୍ଦେହ ।

---

ମେଣ୍ଡା, ବଲାଙ୍ଗୀର ।



ରାଜଧାନୀ ଉଚ୍ଚ ଇଂରାଜୀ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନି ଉତ୍ସବରେ ବିଧାନ ସଭା ବାଚସ୍ପତି ଶ୍ରୀ ଯୁଧିଷ୍ଠିର ଦାସ ।

୧୯୪୦ରେ ବିହାରର ରାମଗଡ଼ଠାରେ ଅଣସାଲିସ୍ ସଭା ବା ଆପୋଷ ବିରୋଧୀ ସମ୍ମିଳନୀ ଅନୁଷ୍ଠିତ ହେଲା । ସୁଭାଷ ଚନ୍ଦ୍ର ବୋଷ ଏଥିରେ ସଭାପତିତ୍ୱ କରିଥିଲେ । ସେ କହିଥିଲେ "ମୋର ଦେଶ ଭାରତ ବର୍ଷ ଏକ ମହାନ୍ ଦେଶ" ଏବଂ ମୁଁ ଭାରତମାତାର ସନ୍ତାନ, ଭାରତବର୍ଷ ଭାରତ ଅଧିବାସୀମାନଙ୍କର । ଆହୁରି ମଧ କହିଥିଲେ ଆବେଦନ, ନିବେଦନ କିମ୍ବା ଗୁହାରୀରେ ସ୍ୱାଧୀନତା ଆସେ ନାହିଁ । ଏହା ଆସେ ପରାକ୍ରମ ଶକ୍ତି, ବିପ୍ଳବ, ରକ୍ତପାତରେ ଓ ଯୁଦ୍ଧରେ ଜୀବନ ବିନିମୟରେ ।

ସୁଭାଷ ବୋଷଙ୍କ ନେତୃତ୍ୱରେ ଚାଲିଥିବା ପ୍ରବଳ ଆନ୍ଦୋଳନରେ ବ୍ରିଟିଶ୍ ସରକାର ଭୀତତ୍ରସ୍ତ ହୋଇ ତାଙ୍କୁ ବନ୍ଦୀ କଲେ । ନଜର ବନ୍ଦୀ ଭାବେ ଥିବା ସମୟରେ ବ୍ରିଟିଶ୍ ସରକାରଙ୍କୁ ଫାଙ୍କିଦେଇ ଛଦ୍ମ ବେଶରେ କାବୁଲ ବାଟ ଦେଇ ଜର୍ମାନୀକୁ ପଳାଇ ଯାଇଥିଲେ ।

୧୯୪୧ ମସିହା ଜାନୁଆରୀ ୨୬ ତାରିଖ ଦିନ ଚାରିଆଡ଼େ ଏହି ସମ୍ବାଦ ବ୍ୟାପିଗଲା ।

ଜର୍ମାନୀରେ ଥିବା ସମୟରେ ୧୯୪୨ ମସିହା ଅପ୍ରେଲ ୨୦ ତାରିଖ ଦିନ ଏକ ବେତାର ବାର୍ତ୍ତାରେ କହିଥିଲେ, "ହେ ମୋର ଦେଶବାସୀ ବନ୍ଧୁଗଣ ? ବ୍ରିଟିଶ୍ ସାମ୍ରାଜ୍ୟବାଦ ନିଶ୍ଚିହ୍ନ ହୋଇ ଆସିଲା ବେଳକୁ ଭାରତର ମୁକ୍ତି ଦିବସ ମଧ୍ୟ ସନ୍ନିକଟ ହୋଇ ଆସୁଛି ।" ମୁଁ ଆପଣମାନଙ୍କୁ ସ୍ମରଣ କରାଇ ଦେବାକୁ ଚାହେଁ ଯେ, ୧୮୫୭ ମସିହାରେ ଭାରତର ପ୍ରଥମ ମୁକ୍ତି ସଂଗ୍ରାମ ଆରମ୍ଭ ହୋଇଥିଲା ।

ତତ୍ପରେ ଗାନ୍ଧିଜୀ ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନ ଆହ୍ୱାନ ଦେଲେ । ଜର୍ମାନୀରେ ରହି ଭାରତର ସ୍ୱାଧୀନତା ବିଶେଷ ସୁଗମ ହେବନାହିଁ ଭାବି, ଜାପାନ ଯାଇ ସେଠାରେ ତାଙ୍କର ପୁରୁଣା ବନ୍ଧୁ ସହକର୍ମୀ ବିପ୍ଳବୀ ରାସବିହାରୀ ବୋଷଙ୍କ ସଙ୍ଗେ ମିଶି ଜାପାନୀମାନଙ୍କ ହାତରେ ବନ୍ଦୀ ହୋଇଥିବା ଭାରତୀୟ ସୈନ୍ୟମାନଙ୍କୁ ମୁକ୍ତ କରି ଆଜାଦ୍ ହିନ୍ଦ୍ ଫୌଜ ଗଠନ କଲେ ଓ ଆଜାଦ୍ ହିନ୍ଦ୍ ଫୌଜର ସର୍ବୋଚ୍ଚ ସେନାପତି ହେଲେ । ସୁଭାଷ ବାବୁଙ୍କ ଆଜାଦ୍ ହିନ୍ଦ୍ ଫୌଜ "ଜୟହିନ୍ଦ୍" ଧ୍ୱନୀ ଦେଇ ଲଢ଼େଇ ଚଳାଇଲେ । ସୁଭାଷଙ୍କର ଧ୍ୱନୀ ଥିଲା "Give me the blood, I will give you the freedom" ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି ।

୧୯୪୪ ମସିହା ମାର୍ଚ୍ଚ ମାସ ୨୧ ତାରିଖରେ ନେତାଜୀଙ୍କ ନେତୃତ୍ୱରେ ଭାରତୀୟ ଜାତୀୟ ବାହିନୀ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହେଲା । ଭାରତର ସୀମାନ୍ତରେ ଇମ୍ଫଲ ଏବଂ କୋହିମା ତଥା ଆଣ୍ଡାମାନ୍ ନିକୋବର ଦ୍ୱୀପପୁଞ୍ଜ ଦଖଲ ବିଷୟରେ ଏକ ଐତିହାସିକ ଘୋଷଣା ରେଡିଓ ମାଧ୍ୟମରେ ପ୍ରଚାର କରିଥିଲେ । ଏହା ସାରା ବିଶ୍ୱକୁ ବିସ୍ମିତ କରିଥିଲା । ଏହି ଦିନ "ଆଜାଦ୍ ହିନ୍ଦ୍ ଫୌଜର" ସ୍ମୃତିଦିବସ ।

୧୯୪୪ ମଇ ମାସରେ ଆସାମର ନାଗାପର୍ବତମାଳା କୋହିମ ନାମକ ସ୍ଥାନରେ ସେ ସ୍ୱାଧୀନ ଭାରତର ତିରଙ୍ଗା ପତାକା ଉତ୍ତୋଳନ କରାଇଲେ । ସେହିଠାରୁ ସେ "ଦିଲ୍ଲୀ ଚଲୋ" ବୋଲି ସୈନ୍ୟବାହିନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

୧୯୪୪ ଜୁଲାଇ ମାସରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ବେତାର ଭାଷଣରେ ଗାନ୍ଧିଜୀଙ୍କୁ ନିବେଦନ କରି କହିଲେ "ହେ ମୋର ଦେଶବାସୀ ବନ୍ଧୁଗଣ, ବ୍ରିଟିଶ୍ ସାମ୍ରାଜ୍ୟ ନିଶ୍ଚିହ୍ନ ହୋଇ ଆସିଲା ବେଳେ, ଭାରତର ମୁକ୍ତି ଦିବସ ସନ୍ନିକଟ ହୋଇ ଆସୁଛି । "ଆଜାଦ ହିନ୍ଦ୍ ଫୌଜର" ସୈନ୍ୟମାନେ ବର୍ତ୍ତମାନ ବୀରତ୍ୱ ସହକାରେ ଭାରତ ମାଟିରେ ଲଢୁଛନ୍ତି । ସମସ୍ତ ବାଧା ବିଘ୍ନ ସତ୍ତ୍ୱେ, ସେମାନେ ଦୃଢ଼ ଭାବରେ ଆଗେଇ ଚାଲିଛନ୍ତି । ହେ ଆମର ଜାତିର ଜନକ ଭାରତର ମୁକ୍ତି ପାଇଁ ପବିତ୍ର ଯୁଦ୍ଧରେ ଆମେ ଆପଣଙ୍କର ସଦିଚ୍ଛା କାମନା କରୁଛୁ । ଭାରତ ନିଶ୍ଚୟ ସ୍ୱାଧୀନ ହେବ । ପୃଥିବୀର କୌଣସି ଶକ୍ତି ନାହିଁ ଭାରତକୁ ଆଉ ପରାଧୀନ କରି ରଖିବ । ଏହା ହିଁ ଥିଲା ନେତାଜୀଙ୍କର ଶେଷ ବେତାର ବାର୍ତ୍ତା । ଭାରତବାସୀ ଓ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ।

୧୯୪୫ ମସିହାରେ ଜାପାନର ହିରୋସୀମା ଓ ନାଗାସାକି ସହର ଦ୍ୱୟ ଉପରେ ଆମେରିକା ପକ୍ଷରୁ ପରମାଣୁ ବୋମା ନିକ୍ଷେପ କରାଗଲା । ଫଳରେ ଜାପାନ ଆତ୍ମ ସମର୍ପଣ କଲା । ନେତାଜୀ ସୁଭାଷ ବୋଷଙ୍କର ସଠିକ୍ ସମ୍ବାଦ ଏପର୍ଯ୍ୟନ୍ତ ଭାରତବାସୀ ପାଇଲେ ନାହିଁ । ନେତାଜୀ ଜୀବିତ ଅଛନ୍ତି କିମ୍ବା କିଭଳି ଭାବେ ମୃତ୍ୟୁବରଣ କରିଛନ୍ତି ତାହା ଏପର୍ଯ୍ୟନ୍ତ ରହସ୍ୟାବୃତ ହୋଇ ରହିଛି ।

ତାଙ୍କର ଏକନିଷ୍ଠ ଦେଶପ୍ରେମ, ଅସାଧାରଣ ବୀରତ୍ୱ ଓ ଅତୁଳନୀୟ ତ୍ୟାଗ ଫଳରେ ଆଜି ସ୍ୱାଧୀନ ଭାରତ ବିଶ୍ୱ ଦରବାରରେ ସମୁଚିତ ସମ୍ମାନ ଲାଭ କରିଛି ।

ଓଡ଼ିଶାର ଅତୀତ ଯେ ଗୌରବମୟ, ତାହା ଐତିହାସିକମାନେ ଜାଣନ୍ତି । କଳିଙ୍ଗ ଦିନେ ବଙ୍ଗ ବିଜୟ ମଧ୍ୟ କରିଥିଲା । ଏହାଛଡ଼ା ଓଡ଼ିଶା ଓ ବଙ୍ଗ ଦେଶ ସାଂସ୍କୃତିକ ଦିଗରୁ ଏକ । ଓଡ଼ିଶାର ଲୁପ୍ତ ଗୌରବ ଉଦ୍ଧାର କରାଯାଇ ପାରିଲେ କେବଳ ଯେ ଉକ୍ତ ଭୂମିର ପୂଜା କରାଯାଇପାରିବ, ତା ନୁହେଁ ବଙ୍ଗ ଦେଶ ଓ ସମଗ୍ର ଭାରତବର୍ଷର ମଧ୍ୟ ସେବା କରାଯାଇପାରିବ ।

ଆପଣ ଯେଉଁଭଳି ଭାବରେ ଓଡ଼ିଶାର ଶିଳ୍ପ ଶାସ୍ତ୍ର ଅଧ୍ୟୟନ କରିପାରିଛନ୍ତି, ମୋର ମଧ୍ୟ ସେଭଳି ଅଧ୍ୟୟନର ଇଚ୍ଛା ହୁଏ । କିନ୍ତୁ ତା'ର ଉପାୟ ନାହିଁ । ବସ୍ତୁତଃ ଓଡ଼ିଶାର ଶିଳ୍ପ ମୋର ଅତି ଆଦରର ଜିନିଷ ।ଏ ବହିରୁ ଭାରତବାସୀଙ୍କୁ ଶିଳ୍ପ ସଂକ୍ରାନ୍ତ ବହୁ ବିଷୟ ଶିକ୍ଷା କରିବାର ଉପାଦାନ ମିଳିପାରିବ । ମୋର ସମ୍ଭାଷଣ ଗ୍ରହଣ କରିବେ । (ଇତି) ।

ଭବଦୀୟ

ସୁବାଷଚନ୍ଦ୍ର ବୋଷ

ଏଥିରୁ ଅନୁମେୟ ଓଡ଼ିଶା ପ୍ରତି ସୁଭାଷଚନ୍ଦ୍ର ବୋଷଙ୍କର କିପରି ମମତା ଥିଲା ।

ସେ ଭାରତରେ ଥିବା ସମୟରେ ତାଙ୍କର ସ୍ୱଦେଶ ପ୍ରେମ ପାଇଁ ତାଙ୍କୁ ରାଷ୍ଟ୍ର ଗୌରବ ଉପାଧିରେ ଭୂଷିତ କରାଯାଇଥିଲା । ପରେ ଆଜାଦ୍‌ହିନ୍ଦ୍ ଫୌଜର ସେନାପତି ହିସାବରେ ଲଢ଼ିବା ସମୟରେ ନେତାଜୀ ବୋଲି ସମ୍ବୋଧନ କରାଗଲା ।

୧୯୨୭ ମସିହାରେ ମାନ୍ଦ୍ରାଜଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା ଭାରତର ଲକ୍ଷ୍ୟ ହେବା ଉଚିତ ବୋଲି ପ୍ରସ୍ତାବ ଗ୍ରହଣ କରାଗଲା । ଔପନିବେଶିକ ସ୍ୱାଧୀନତା ଗ୍ରହଣଯୋଗ୍ୟ ନୁହେଁ ବୋଲି ସୁଭାଷ ବୋଷ ଓ ଚିତରଞ୍ଜନ ଦାସ ମତ ପ୍ରକାଶ କଲେ । ସେମାନଙ୍କ ନେତୃତ୍ୱରେ କଂଗ୍ରେସର ପ୍ରଗତିପନ୍ଥୀ ସଭ୍ୟମାନେ ପୂର୍ଣ୍ଣସ୍ୱାଧୀନତା ହାସଲ କରିବା ପାଇଁ ବଦ୍ଧପରିକର ହେଲେ । ସମସ୍ତ ବାମପନ୍ଥୀ ସୁଭାଷଙ୍କର ପୂର୍ଣ୍ଣ ସ୍ୱାଧୀନତା ଦାବୀକୁ ସ୍ୱାଗତ ଜଣାଇଲେ ।

୧୯୨୮ରେ କଲିକତାଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ସୁଭାଷ ବୋଷ ପୂର୍ଣ୍ଣ ସ୍ୱାଧୀନତା ପ୍ରସ୍ତାବ ଆଗତକଲେ । କିନ୍ତୁ ଗାନ୍ଧିଜୀ ଔପନିବେଶିକ ସ୍ୱାଧୀନତା ଦାବୀ କରିବାରୁ ନେତାଜୀ ନିଜେ ସ୍ୱାଧୀନତା ଦାବୀକରି ଗାନ୍ଧିଜୀଙ୍କ ବିରୁଦ୍ଧରେ ଭୋଟ ଦାବୀ କରିଥିଲେ । ଅଳ୍ପ ଭୋଟରେ ସୁଭାଷଙ୍କର ପୂର୍ଣ୍ଣ ସ୍ୱାଧୀନତା ପ୍ରସ୍ତାବକୁ ଏଡ଼ାଇ ଦିଆ ଯାଇଥିଲା ।

କିନ୍ତୁ ୩-୧୧-୧୯୨୮ ତାରିଖରେ ଦିଲ୍ଲୀଠାରେ ଅନୁଷ୍ଠିତ ସର୍ବଭାରତୀୟ ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା ପ୍ରସ୍ତାବ ଗୃହୀତ ହୋଇଥିଲା । ପଣ୍ଡିତ ଜବାହରଲାଲ ନେହେରୁ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ । ସେହିଭଳି ୧୯୨୯ ସାଲ ଅକ୍ଟୋବର ମାସରେ ପଣ୍ଡିତ ନେହେରୁଙ୍କ ସଭାପତିତ୍ୱରେ ଲାହୋର ଜାତୀୟ କଂଗ୍ରେସର ଅଧିବେଶନର ପୂର୍ଣ୍ଣ ସ୍ୱାଧୀନତା ପ୍ରସ୍ତାବ ଗୃହୀତ ହୋଇଥିଲା ।

କିନ୍ତୁ ଉକ୍ତ ଅଧିବେଶନରେ ସୁଭାଷ ସଂଶୋଧନ ପ୍ରସ୍ତାବ ଆଗତ କରି ସମାନ୍ତରାଳ ସରକାର ଗଠନ କରିବାକୁ ଓ ବିପ୍ଳବ ଚଳାଇବାକୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ମହାତ୍ମା ଗାନ୍ଧୀ ଓ ଦକ୍ଷିଣପନ୍ଥୀ ନେତାମାନଙ୍କର ବିରୋଧ ଦ୍ୱାରା ଉକ୍ତ ପ୍ରସ୍ତାବ ଗୃହୀତ ହୋଇ ପାରିଲା ନାହିଁ ।

୧୯୩୧ ମାର୍ଚ୍ଚ ୨୭ରେ କରାଚିଠାରେ ନୌଜଓ୍ୱାନ୍ ସମ୍ମିଳନୀରେ ସୁବାଷ ଚନ୍ଦ୍ର ସଭାପତିତ୍ୱ କରି ଲାହୋର ଜେଲ୍‌ରେ ଭଗତ ସିଂହ, ରାଜଗୁରୁ, ଶୁକଦେବଙ୍କୁ ଫାଶୀ ଦଣ୍ଡ ହୋଇଥିବାର ଦୃଢ଼ ପ୍ରତିବାଦ କରି ବ୍ରିଟିଶ୍ ସରକାରଙ୍କୁ କଡ଼ା ଭାଷାରେ ତାଗିଦ୍ କରାଇ ଥିଲେ ଓ ସମ୍ମିଳନୀରେ କହିଥିଲେ ଲାଲାଜୀ, ଭଗତ ସିଂହ, ଶୁକ ଦେବ, ରାଜଗୁରୁଙ୍କର ପ୍ରତିଶୋଧ ନେବା ପାଇଁ ଘୋଷଣା କରିଥିଲେ । ସେହିଭଳି "ଗାନ୍ଧୀ ଇରଉଇନ୍ ଚୁକ୍ତି"କୁ ପ୍ରତିବାଦ କରି ଏହା ଦେଶର ଗ୍ରହଣଯୋଗ୍ୟ ନୁହେଁ ବୋଲି ଘୋଷଣା କରିଥିଲେ । ଏହାଫଳରେ ଗାନ୍ଧୀ ଇରଉଇନ୍ ଚୁକ୍ତି ଗ୍ରହଣ ହୋଇ ପାରିନଥିଲା ।

୧୯୩୮ ମସିହାରେ ସୁଭାଷ ଚନ୍ଦ୍ର ୪୦ ବର୍ଷ ବୟସରେ ହରିପୁରା କଂଗ୍ରେସରେ ସଭାପତିତ୍ୱ କରିଥିଲେ । ଏହି ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା ପାଇଁ ସମଗ୍ର ଭାରତବାସୀ ହିନ୍ଦୁ, ମୁସଲମାନ, ଶିଖ୍, ଖ୍ରୀଷ୍ଟିଆନ ଆଦି ସମସ୍ତ ସମ୍ପ୍ରଦାୟକୁ ଆହ୍ୱାନ ଦେଇଥିଲେ । ସେ ପରାଧୀନ ଦେଶବାସୀଙ୍କୁ କହିଥିଲେ "ଆମର ଯୁଦ୍ଧ କେବଳ ଇଂରେଜ ସାମ୍ରାଜ୍ୟବାଦ୍ ବିରୁଦ୍ଧରେ ନୁହେଁ, ପୃଥିବୀର ସ୍ୱାଧୀନତା ସହିତ ଭାରତର ସ୍ୱାଧୀନତା ଜଡ଼ିତ । ଗାନ୍ଧିଜୀ ଏହି ଅଧିବେଶନରେ ସୁଭାଷ ବୋଷଙ୍କୁ ରାଷ୍ଟ୍ରପତି ରୂପେ ସମ୍ବୋଧନ କରିଥିଲେ ।

୧୯୩୯ରେ ନେତାଜୀ ସୁଭାଷ ବ୍ରିଟିଶ୍ ସରକାରଙ୍କ ସହିତ ଲଢ଼େଇ କରିବାକୁ ପ୍ରସ୍ତୁତ ହୋଇ ଆଉଥରେ ତ୍ରୀପୁରୀ କଂଗ୍ରେସର ସଭାପତିତ୍ୱ ପାଇଁ ମନ ବଳାଇଲେ । ତାଙ୍କର ତ୍ରୀପୁରୀ କଂଗ୍ରେସର ସଭାପତିତ୍ୱ କରିବା ମୂଳ ଉଦ୍ଦେଶ୍ୟ ଥିଲା ବ୍ରିଟିଶ୍ ସରକାରଙ୍କୁ ଛଅମାସିଆ ଚରମ ପତ୍ର ଦେଇ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ଦେଇ ବ୍ରିଟିଶ୍ ସରକାରଙ୍କୁ ବିଦାୟ ଦେବା । କିନ୍ତୁ ଗାନ୍ଧିଜୀ ପୂର୍ଣ୍ଣ ସ୍ୱାଧୀନତା ପାଇଁ ବିପ୍ଳବ ଚଳାଇବାକୁ ରାଜିନଥିଲେ ।

ଏଣୁ ଗାନ୍ଧିଜୀ ସୁଭାଷଙ୍କୁ ଦ୍ୱିତୀୟଥର ପାଇଁ ସଭାପତି କରିବାକୁ ମନାକଲେ । କିନ୍ତୁ ସୁଭାଷ ଗାନ୍ଧିଜୀଙ୍କ ଇଚ୍ଛା ବିରୁଦ୍ଧରେ ଯାଇ ପ୍ରାର୍ଥୀ ହେଲେ ଓ ଗାନ୍ଧିଜୀଙ୍କ ସମର୍ଥିତ ପ୍ରାର୍ଥୀ ପଟ୍ଟାଭିଙ୍କୁ ବହୁ ଭୋଟରେ ପରାସ୍ତ କରି ତ୍ରୀପୁରୀ କଂଗ୍ରେସର ସଭାପତି ରୂପେ ନିର୍ବାଚିତ ହେଲେ ।

ସୁଭାଷ ବୋଷ ସଭାପତି ନିର୍ବାଚିତ ହେବାର ସମ୍ବାଦ ସାରା ୟୁରୋପ ତଥା ବିଲାତରେ ଚହଳ ପକାଇ ଦେଲା । ବିଲାତ୍‌ର ତତ୍କାଳୀନ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ ନେତାଜୀ ପୁଣିଥରେ କଂଗ୍ରେସ ସଭାପତି ନିର୍ବାଚିତ ହେବାରୁ ବହୁତ ବିବ୍ରତ ହୋଇ ପଡ଼ିଥିଲେ । ସୁଭାଷ ବୋଷଙ୍କର ଗାନ୍ଧୀଙ୍କ ସହିତ ଅମେଳ ହେବାରୁ କଂଗ୍ରେସକୁ ଭାଙ୍ଗି ଦେବାକୁ ଚେଷ୍ଟା ନ କରି ବ୍ରିଟିଶ୍ ସରକାର ଏହି ସୁବିଧା ନେବେ ଭାବି, ତ୍ରୀପୁରୀ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଲେ । ସୁଭାଷ ବାବୁ କଂଗ୍ରେସରୁ ଇସ୍ତଫା ଦେଇ ଫରୱାର୍ଡ଼ ବ୍ଲକ୍ ଗଢ଼ିଲେ । ଏହି ସଙ୍ଗଠନରେ ଯୁବକମାନେ ଯୋଗ ଦେଇ ସାରା ଦେଶରେ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ବିପ୍ଳବ ଚଳାଇଲେ ।

# ସମ୍ବାଦ ପରିକ୍ରମା

## ଭୁବନେଶ୍ୱର ସୈନିକ ସ୍କୁଲ୍

ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଭାରତୀୟ ପ୍ରତିରକ୍ଷା ବାହିନୀରେ କମିଶନଡ୍ ପଦମାନ ଭାବରେ ଉପାଧିପ୍ରାପ୍ତ ପାରିବାରେ ସମ୍ଭ୍ରାନ୍ତ ପରିବାରର ଲୋକମାନଙ୍କୁ ହିଁ ନିଯୁକ୍ତି ଦିଆଯାଉଥିଲା । ଏହା ବ୍ୟତୀତ ସୈନ୍ୟ ବାହିନୀରେ ନିଯୁକ୍ତି କ୍ଷେତ୍ରରେ କେତେକ ସୀମିତ ରାଜ୍ୟର ଅଧିବାସୀମାନଙ୍କୁ ଅଗ୍ରାଧିକାର ଦିଆଯାଉଥିବା ଫଳରେ ଏ କ୍ଷେତ୍ରରେ ଆଞ୍ଚଳିକ ବୈଷମ୍ୟ ସୃଷ୍ଟି ହୋଇଥିଲା ।

ସ୍ୱାଧୀନତା ପରେ ଏହି ଆଭିମୁଖ୍ୟରେ ପରିବର୍ତ୍ତନ ଦେଖାଦେଲା ଏବଂ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ସବୁ ଅଞ୍ଚଳ ତଥା ସବୁ ଶ୍ରେଣୀର ଲୋକମାନଙ୍କୁ ସୈନ୍ୟ ବାହିନୀରେ ନିଯୁକ୍ତି ନିମନ୍ତେ ସମାନ ଅଧିକାର ପ୍ରଦାନ କରାଗଲା । ଏହି ଲକ୍ଷ୍ୟ ହାସଲ ଉଦ୍ଦେଶ୍ୟରେ ୧୯୬୧ ମସିହାରେ ଦେଶରେ ସୈନିକ ସ୍କୁଲ ସୋସାଇଟି ଗଠିତ ଓ ପଞ୍ଜିକୃତ ହେଲା । ଏହା ଥିଲା ସୈନିକ ସ୍କୁଲ ଆନ୍ଦୋଳନର ଆରମ୍ଭ । ତତ୍କାଳୀନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତ ପଣ୍ଡିତ ଜବାହରଲାଲ୍ ନେହେରୁ, ପ୍ରତିରକ୍ଷା ମନ୍ତ୍ରୀ ସ୍ୱର୍ଗତ କୃଷ୍ଣ ମେନନ୍, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଓ ବହୁ ବିଶିଷ୍ଟ ଶିକ୍ଷାବିତ୍ ଥିଲେ ଏହି ଆନ୍ଦୋଳନର ମୁଖ୍ୟ ପ୍ରବର୍ତ୍ତକ ।

୧୯୬୧ ମସିହାରେ ମହାରାଷ୍ଟ୍ରର ସତାରା ଓ ପଞ୍ଜାବର କପୁରଥାଲାଠାରେ ଦୁଇଟି ସୈନିକ ସ୍କୁଲ ଓ ତା'ପର ବର୍ଷ ଜାନୁଆରୀ ମାସରେ ଭୁବନେଶ୍ୱର ସୈନିକ ସ୍କୁଲ ପ୍ରତିଷ୍ଠିତ ହେଲା । ବର୍ତ୍ତମାନ ଦେଶରେ ୧୮ଟି ସୈନିକ ସ୍କୁଲ ପ୍ରତିଷ୍ଠିତ ହୋଇ ସାରିଛି । ପୁନାର ଖଡ଼କ୍ୱାସଲାସ୍ଥିତ ଜାତୀୟ ପ୍ରତିରକ୍ଷା ଏକାଡ଼େମୀ ନିମନ୍ତେ ଶିକ୍ଷାର୍ଥୀ ପ୍ରସ୍ତୁତ କରିବା ସୈନିକ ସ୍କୁଲ ପ୍ରତିଷ୍ଠାର ମୁଖ୍ୟ ଲକ୍ଷ୍ୟ । ଏହା ବ୍ୟତୀତ ଛାତ୍ରମାନଙ୍କ ମଧ୍ୟରେ ପ୍ରତିରକ୍ଷା ଚେତନା ସୃଷ୍ଟି କରି ସେମାନଙ୍କୁ ଭାରତବର୍ଷର ଶୃଙ୍ଖଳିତ ଓ ପରିଶ୍ରମଶୀଳ ନାଗରିକ ରୂପେ ଗଠନ କରିବା ଏହାର ଅନ୍ୟତମ ଉଦ୍ଦେଶ୍ୟ । ତେଣୁ ଏହି ସ୍କୁଲଗୁଡ଼ିକ ଇଂରାଜୀ ମାଧ୍ୟମ ଆବାସୀ ବିଦ୍ୟାଳୟ ହୋଇଥିଲେ ମଧ୍ୟ ବିଭିନ୍ନ ବିଭାଗରେ ଏହାର ଅସାଧାରଣତା ପରିଲକ୍ଷିତ ହୁଏ ।

ସୈନିକ ସ୍କୁଲ ସୋସାଇଟିଦ୍ୱାରା ଏହି ବିଦ୍ୟାଳୟଗୁଡ଼ିକ ପରିଚାଳିତ ହୁଏ । ପ୍ରତିରକ୍ଷା ମନ୍ତ୍ରୀଙ୍କର ଅଧକ୍ଷତାରେ ଗଠିତ ଏହି ସୋସାଇଟିରେ ରାଜ୍ୟର ଶିକ୍ଷାମନ୍ତ୍ରୀ ତଥା କେତେକ ଶିକ୍ଷାବିତ ସଦସ୍ୟ ଅଛନ୍ତି । ପ୍ରତିରକ୍ଷା ମନ୍ତ୍ରଣାଳୟର ଉପ ଶାସନ ସଚିବ ଏହି ସମିତିର ଅବୈତନିକ ସମ୍ପାଦକ । ପ୍ରତ୍ୟେକ ସ୍କୁଲ ପାଇଁ ସ୍ଥାନୀୟ ପରିଚାଳନା କମିଟି ମଧ୍ୟ ଗଠନ କରାଯାଇଛି । ସମ୍ପୃକ୍ତ ଅଞ୍ଚଳର ସାମରିକ କମାଣ୍ଡର ଏହି ସମିତିର ଅଧ୍ୟକ୍ଷ ଏବଂ ରାଜ୍ୟ ଶିକ୍ଷା ଓ ଅର୍ଥ ବିଭାଗର ସଚିବ, ଜଣେ ମନୋନୀତ ଲବ୍ଧପ୍ରତିଷ୍ଠିତ ଶିକ୍ଷାବିତ୍, ସ୍ଥାନୀୟ ପାର୍ଲାମେଣ୍ଟ ସଦସ୍ୟ ଓ ଅଭିଭାବକମାନଙ୍କର ଜଣେ ନିର୍ବାଚିତ ପ୍ରତିନିଧି ଏହାର ସଦସ୍ୟ ରହନ୍ତି । ସ୍କୁଲ ପରିଦର୍ଶନ ପାଇଁ ଦୁଇଜଣ ବ୍ରିଗେଡ଼ିଅର ବା ତତ୍ତୁଲ୍ୟ ପାହ୍ୟାର ଦୁଇଜଣ ଅଫିସରଙ୍କୁ ନିଯୁକ୍ତି ଦିଆଯାଏ ।

ଏହି ସ୍କୁଲଗୁଡ଼ିକ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ର ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ । ଏହାର ଛାତ୍ରମାନେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ବୃତ୍ତି ପାଇଥାନ୍ତି । ପ୍ରତ୍ୟେକ ବର୍ଷ ଫେବ୍ରୁଆରୀ ମାସରେ ଅନୁଷ୍ଠିତ ସର୍ବ ଭାରତୀୟ ସ୍ତରର ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଷଷ୍ଠ ଶ୍ରେଣୀ ପାଇଁ ଛାତ୍ର ଗ୍ରହଣ କରାଯାଉଥିଲା । ଚଳିତ ବର୍ଷଠାରୁ ନବମ ଶ୍ରେଣୀ ପାଇଁ ଛାତ୍ର ମନୋନୟନ କରାଯାଉଛି ।

ପ୍ରତିରକ୍ଷା ବିଭାଗର ଶିକ୍ଷା ଶାଖାର ଜଣେ ଜଣେ କର୍ଣ୍ଣେଲ୍ ବା ତତ୍ତୁଲ୍ୟ ବରିଷ୍ଠ ଅଧିକାରୀ ସୈନିକ ସ୍କୁଲର ଅଧକ୍ଷ ରୂପେ ନିଯୁକ୍ତି ପାଆନ୍ତି । ଅନ୍ୟ ଦୁଇଜଣ ବରିଷ୍ଠ ଅଧିକାରୀ ପ୍ରଧାନ ଶିକ୍ଷକ ଏବଂ ରେଜିଷ୍ଟ୍ରାର୍ ରୂପେ ନିଯୁକ୍ତ ହୁଅନ୍ତି । ଶିକ୍ଷକ ତଥା ସହକାରୀ ଶିକ୍ଷକମାନେ ଏକ ବୋର୍ଡ ଦ୍ୱାରା ମନୋନୀତ ହୋଇ ଅଧକ୍ଷଙ୍କ ଦ୍ୱାରା ନିଯୁକ୍ତି ପାଆନ୍ତି । ଆବାସୀ ବିଦ୍ୟାଳୟର କୋମଳମତି ଛାତ୍ରମାନଙ୍କର ଅଭିଭାବକ ଭାବେ ସେମାନଙ୍କର ସୁବିଧା ଅସୁବିଧାରେ ଭାଗିଦାର ହୁଅନ୍ତି, ଏହି ଶିକ୍ଷକମାନେ । ଭୁବନେଶ୍ୱର ସମେତ କେତେକ ସୈନିକ ସ୍କୁଲରେ ଛାତ୍ରମାନଙ୍କର ସ୍ୱାସ୍ଥ୍ୟରକ୍ଷା ତଥା ଚିକିତ୍ସା ପାଇଁ ଜଣେ ଲେଖାଏଁ ଡାକ୍ତର ନିଯୁକ୍ତ ହୋଇଛନ୍ତି । ଏହା ବ୍ୟତୀତ ଆବଶ୍ୟକୀୟ ସଂଖ୍ୟକ ପ୍ରଶାସନିକ ତଥା ଅନ୍ୟ କର୍ମଚାରୀ ମଧ୍ୟ ବିଦ୍ୟାଳୟରେ କାର୍ଯ୍ୟ କରନ୍ତି ।

୧୯୬୨ ମସିହାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କର ବ୍ୟକ୍ତିଗତ ପ୍ରଚେଷ୍ଟା, ସାହାଯ୍ୟ, ସହଯୋଗ ଓ ପ୍ରେରଣା ଫଳରେ ଭୁବନେଶ୍ୱର ସୈନିକ ସ୍କୁଲ ପ୍ରତିଷ୍ଠିତ ହେଲା । ଓଡ଼ିଶାର ସାମରିକ ଐତିହ୍ୟ ଥିଲା ଅତି ଗୌରବମୟ । କଳିଙ୍ଗର ଦୁର୍ଦ୍ଧର୍ଷ ସୈନ୍ୟବାହିନୀ ଦିନେ ସମଗ୍ର ଭାରତବର୍ଷରେ ଥିଲା ସୁପ୍ରସିଦ୍ଧ । ଏହି ଅଦମ୍ୟ ସାହାସୀ ଜାତିକୁ ପଙ୍ଗୁ କରି ରଖିବା ଉଦ୍ଦେଶ୍ୟରେ ବ୍ରିଟିଶ ସରକାର ସୈନ୍ୟ ବାହିନୀରେ ବହୁ କମ୍ ସଂଖ୍ୟକ ଓଡ଼ିଆଙ୍କୁ ନିଯୁକ୍ତି ଦେଉଥିଲେ । ଏହି ଅବସ୍ଥାର ପରିବର୍ତ୍ତନ ପାଇଁ ଭୁବନେଶ୍ୱର ସୈନିକ ସ୍କୁଲ ପ୍ରତିଷ୍ଠା ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ ।

ପ୍ରାୟ ୨୦୦ ଏକର ଜମିରେ ଶ୍ୟାମଳ ଉଦ୍ୟାନ, ସୁନ୍ଦର ପରିବେଶ, ସୁଶୋଭିତ ଅଟ୍ଟାଳିକା ଓ ବିସ୍ତୀର୍ଣ୍ଣ କ୍ରୀଡ଼ା ପ୍ରାଙ୍ଗଣ ପରିବେଷ୍ଟିତ ଭୁବନେଶ୍ୱର ସୈନିକ ସ୍କୁଲ ଭାରତବର୍ଷରେ ଅନନ୍ୟ । ଦେଶର ଦଶଟି ମୁଖ୍ୟ ନଦୀ ନାମରେ ନାମିତ ଏହାର ଛାତ୍ରାବାସ ।

ଛାତ୍ରମାନେ ସକାଳ ଛଅଟାରୁ ରାତି ଦଶଟା ପର୍ଯ୍ୟନ୍ତ ଶୃଙ୍ଖଳିତ ଏବଂ କର୍ମମୟ ଜୀବନ ଯାପନ କରନ୍ତି । ଶ୍ରେଣୀଗୃହ, କ୍ରୀଡ଼ାଙ୍ଗନ, ପାଠାଗାର ଓ ବ୍ୟାୟାମ ଶାଳାରେ ଛାତ୍ରମାନଙ୍କୁ ସମନ୍ୱିତ ଶି

## ଶମ୍ଭୁ ସମ୍ପଦଙ୍କ ସଂସାର ହସୁଛି



ମହାନଦୀରେ ଯାହାର ପଟାନ୍ତର ନାହିଁ । ଓଡ଼ିଶାର ସୁଖ ସମୃଦ୍ଧି ସହ ଶସ୍ୟ ଭଣ୍ଡାର ଯିଏ ଅଜାଡ଼ି ଦିଏ, ସେହି ମହାନଦୀ ପଠାରେ ପାହାଡ଼ ତଳେ ଡମ୍ବୁରଗାଡ଼ ପଲ୍ଲୀ । ବଉଦ ବ୍ଲକ୍‌ର ତାଳପଗଡା ଗ୍ରାମ ପଞ୍ଚାୟତର ଅଦୂର ପଲ୍ଲୀର ତଫସିଲ୍‌ଭୁକ୍ତ ସମ୍ପ୍ରଦାୟର ଲୋକମାନେ ସାଲାନୀ ନଦୀ କେନାଲ ପାଣି ଦ୍ୱାରା ଶସ୍ୟ କରିଥାନ୍ତି । ପଥୁରିଆ ପାହାଡ଼ିଆ ଗ୍ରାମ । ଜମି କିନ୍ତୁ ମହାନଦୀ ପଠାରେ । ମହାନଦୀର ଅବବାହିକାରେ ଏମାନେ ମରୁଡ଼ି ସମୟରେ ଶସ୍ୟହରା ହୋଇପଡ଼ନ୍ତି ।କାରଣ ନଦୀର ଜଳପତନ ତଥା ପ୍ରବାହ ବହୁତ ଗମ୍ଭୀର । ଉଠା ଜଳସେଚନ ଟେଣ୍ଡା ଦ୍ୱାରା ଅଳ୍ପ ମାଡ଼ିଥାଏ । ହରିଜନ ଆଦିବାସୀ ତଥା ତଫସିଲ୍‌ଭୁକ୍ତ ଲୋକଙ୍କର ସମାଜିକ ଅର୍ଥନୈତିକ ଜୀବନରେ ବିକାଶ ନିମନ୍ତେ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା ମଧ୍ୟରେ "ଜୀବନଧାରା" ସେଚକୂପ ଅନ୍ୟତମ ।

୪୫ ବର୍ଷ ବୟସ୍କ ସମ୍ପଦ ନାୟକ ଡମ୍ବୁରଗାଡ଼ ଗ୍ରାମର ଜଣେ ପରିଶ୍ରମୀ, କୁଶଳୀ ଗୃଷୀ । ୭-୫ ଏକର ଗୃଷଜମି ବଞ୍ଚିବାର ଏକମାତ୍ର ଅବଲମ୍ବନ । ବାପା ସ୍ୱର୍ଗତ ଭଗବାନ ନାୟକଙ୍କ ଅମଳରୁ ଏ ଜମି ଗୃଷ କରି ଘର ସଂସାର ନିମନ୍ତେ ସଂଗ୍ରାମ ଚଳାଇଛନ୍ତି । କିନ୍ତୁ ତେଲ ଲୁଣ ସଂସାର ଚଳାଇବାକୁ ହାତରେ ପଇସାଟିଏ ନାହିଁ । ପନିପରିବା ରବି ଫସଲ ନିମନ୍ତେ ପାଣିର ଅଭାବ । ସେଚକୂପଟିଏ ଖୋଳିବାକୁ ବହୁତ ଉଦ୍ୟମ କରିଛି । ସାହୁକାରଠାରୁ ଧାର, କରଜ ଆଣି ସୁଧ ଦେଇ ଦେଇ ସର୍ବସ୍ୱାନ୍ତ ହେବାକୁ ସେ ପସନ୍ଦ କରନ୍ତି ନାହିଁ । ୨ ଝିଅ ଓ ପୁଅଟିକୁ ପାଠ ପଢ଼ାଇବାକୁ ସମ୍ବଳ ଅଭାବ । "ଜୀବନଧାରା" ସେଚକୂପର ସହାୟତା ନିମନ୍ତେ ବଉଦ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦରଖାସ୍ତ କଲେ । ୧୪ ଫୁଟରୁ ୨୫ ଫୁଟର କୂପ ଖନନ ନିମନ୍ତେ ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥାର ଅର୍ଥ ଲଗାଣ ଦ୍ୱାରା ୧୩ ହଜାର ଟଙ୍କା ମଞ୍ଜୁର ହେଲା । ଏପ୍ରିଲ୍ ୧୯୯୨ରେ ସମ୍ପଦ ନାୟକଙ୍କର ଜମିରେ ସେଚକୂପ ଖନନ୍ ହୋଇପାରିଲା । ଆଜି ସେ ଟେଣ୍ଡା ଲଗାଇ ପାଣି ମଡ଼ାଇ ଧରିତ୍ରୀରାଣୀକୁ ସବୁଜ ଶାଢ଼ୀରେ ଘୋଡ଼ାଇ ରଖିଛି । ପନି-ପରିବା ବିହି କରିବା ସହ ମରିଚ, ମାଣ୍ଡିଆ ଓ ଅନ୍ୟାନ୍ୟ ଫସଲ କରିଛନ୍ତି । ହଠାତ୍ ତାଙ୍କର ଭାଗ୍ୟ ପରିବର୍ତ୍ତନ ହେଲା । ସ୍କୁଲରେ ପୁଅ ଝିଅକୁ ପଢ଼ାଇବାକୁ ସମ୍ପଦ ଛାଡ଼ିଛି । ଅଦୂର ପଲ୍ଲୀ ପାହାଡ଼ ତଳେ ସରକାରଙ୍କର "ଜୀବନଧାରା" ସେଚକୂପର ବଳରେ ସମ୍ପଦ ନାୟକଙ୍କର ପରିବାର ହସି ଉଠିଛି । ସମ୍ପଦଙ୍କୁ ୧୩,୦୦୦ ଟଙ୍କା ଓ ଜୀବନଧାରା କୂପ ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟବୋଧ ହେଉଛି । ତା' ଜୀବନରେ, ଏ "ଜୀବନଧାରା" ବୈପ୍ଳବିକ ପରିବର୍ତ୍ତନ ଆଣିଛି । ଏହା ତାଙ୍କ ପାଇଁ ଆଶୀର୍ବାଦ

ସେହି ଗ୍ରାମର ୪୦ ବର୍ଷ ବୟସ୍କ ଶମ୍ଭୁ ନାୟକ ବାପା ସ୍ୱର୍ଗତ ଚନ୍ଦ୍ର ନାୟକଙ୍କ ଅମଳରୁ ୨ ଏକର ଜମିରେ ଗୃଷ କରି ପରର ଜମିକୁ ଖଟି ଖାଆନ୍ତି । ଆଦିବାସୀ ସମ୍ପ୍ରଦାୟର ଶମ୍ଭୁ ନାୟକଙ୍କୁ ବର୍ଷା ଜଳ ଉପରେ ନିର୍ଭର କରିବାକୁ ପଡୁଥିଲା । ୨ଟି ଝିଅ ଓ ସ୍ତ୍ରୀ ସହିତ ବହୁତ ପରିଶ୍ରମ କରି ଆର୍ଥିକ ଅନାଟନ ମଧ୍ୟରେ ତା'ର ସଂସାର ଗ୍ଳଳିଥାଏ । ଜୀବନରେ ସୁଖ-ସରସତା ନଥାଏ । ୧୯୯୨ ଏପ୍ରିଲ୍ ମାସରେ ବଉଦ ବି.ଡି.ଓ.ଙ୍କ ଦ୍ୱାରା ୧୩ ହଜାର ଟଙ୍କାର "ଜୀବନଧାରା" ସେଚକୂପ ମଞ୍ଜୁର ହେଲା । ଫୁଲବାଣୀ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅର୍ଥ ଲଗାଣ ସହାୟତା ବଉଦ ଉପ ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ଶମ୍ଭୁ ନାୟକର ଶସ୍ୟ ଜମିରେ ଏହା ଖୋଳାଗଲା । ଏ ସେଚକୂପ ପାଣିରେ ସେ ଧରିତ୍ରୀରେ ସବୁଜିମା ଫୁଟି ଉଠିଛି ଓ ପନିପରିବା ବିହି ଦ୍ୱାରା ଘର ଖର୍ଚ୍ଚ ଚଳୁଛି । ସାମାଜିକ ଜୀବନରେ ଅର୍ଥନୈତିକ ବିକାଶର ମୁଖ୍ୟ ସାଧନ ବର୍ଷ ତମାମ୍ ସବୁଜିମା ଶମ୍ଭୁ ନାୟକଙ୍କୁ ନୂତନ ଜୀବନର ସନ୍ଧାନ ଦେଇ ପାରିଥିବା ସେ ନିଜେ ସୂଚନା ଓ ଲୋକ ସମ୍ପର୍କ ବିଭାଗୀୟ ଉପଖଣ୍ଡ ଅଧିକାରୀଙ୍କ ନିକଟରେ ପ୍ରକାଶ କରିଛି ।

ଆଜି ଶମ୍ଭୁ ନାୟକ ଓ ସମ୍ପଦ ନାୟକଙ୍କ ଜୀବନ ସରସ ସୁନ୍ଦର ହୋଇ ପାରିଛି ଏବଂ ସରକାରଙ୍କର ଏହି କାର୍ଯ୍ୟକ୍ରମ ପାଇଁ ସେମାନେ କୃତଜ୍ଞତା ପ୍ରକାଶ କରିଛନ୍ତି ।

---

**ଶ୍ରୀ ଦାମୋଦର ପାଢ଼ୀ,**
**ଅନୁବିଭାଗୀୟ ସୂଚନା ଓ**
**ଲୋକ ସମ୍ପର୍କ ଅଧିକାରୀ,**
**ବଉଦ ।**

## କଟକ ମେଡ଼ିକାଲ ସୁପରିଚାଳନା ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ସହ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଆଲୋଚନା

ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରି ରାଜ୍ୟର ସର୍ବ ବୃହତ୍ ଡାକ୍ତରଖାନା କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହାସ୍ପାତାଳର ସୁନାମ ଫେରାଇ ଆଣିବା ପାଇଁ ପ୍ରତ୍ୟେକେ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ଯତ୍ନବାନ ହେବାକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ସୟଦ ମୁସ୍ତାଫିଜ୍ ଅହମଦ୍ ସମ୍ପୃକ୍ତ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ସମ୍ପ୍ରତି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, କଟକ ସହର ଜନତା ଦଳ ଓ ଯୁବ ଜନତା ପକ୍ଷରୁ ମିଳିତ ଭାବରେ କରାଯାଉଥିବା କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଡାକ୍ତରଖାନାର ସଫେଇ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କଲେଜର ଅଧ୍ୟକ୍ଷ, ସୁପରିନ୍‌ଟେଣ୍ଡେଣ୍ଟ୍, ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଓ ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନଙ୍କ ସହ ଏକ ବୈଠକରେ ମିଳିତ ହୋଇ ଶ୍ରୀ ଅହମଦ୍ ମେଡ଼ିକାଲ କଲେଜ ଡାକ୍ତରଖାନାର ବିଭିନ୍ନ ସମସ୍ୟା ଓ ଏହାର ସୁପରିଚାଳନା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ପ୍ରତି ମାସର ଶେଷ ରବିବାର ଦିନ ପ୍ରିନ୍‌ସିପାଲ, ସୁପରିନ୍‌ଟେଣ୍ଡେଣ୍ଟ୍, ପୂର୍ତ୍ତ, ବିଦ୍ୟୁତ୍ ଓ ଜନସ୍ୱାସ୍ଥ୍ୟ ବିଭାଗର ସମ୍ପୃକ୍ତ ଇଞ୍ଜିନିୟରମାନେ ଏକତ୍ରିତ ହୋଇ, ଡାକ୍ତରଖାନା ସମ୍ପର୍କୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ସମୀକ୍ଷା କରି, ପ୍ରତ୍ୟେକ ମାସର ମାସିକିଆ ରିପୋର୍ଟ ସରକାରଙ୍କୁ ଉପସ୍ଥାପନା କରାଯିବା ପାଇଁ ଶ୍ରୀ ଅହମଦ୍ ନିର୍ଦ୍ଦେଶ ଦେଇଥିଲେ । ଡାକ୍ତରଖାନା ମଧ୍ୟରେ ଥିବା ବଡ଼ ବଡ଼ ନାଳଗୁଡ଼ିକର ନିୟମିତ ସଫେଇ ମ୍ୟୁନିସିପାଲଟି ପକ୍ଷରୁ ଓ ଛୋଟ ଛୋଟ ନାଳଗୁଡ଼ିକର ସଫେଇ କାର୍ଯ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ପ୍ରତି ୱାର୍ଡର ରୋଗୀଙ୍କୁ ଖଟିଆ ଅନୁଯାୟୀ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସଂଖ୍ୟା ଅନୁପାତରେ ସେହି ୱାର୍ଡର ସଫେଇ କାର୍ଯ୍ୟ ନିର୍ଦ୍ଦିଷ୍ଟ ଭାବରେ, ସମ୍ପୃକ୍ତ ଚତୁର୍ଥ ଶ୍ରେଣୀ ସଫେଇ କର୍ମଚାରୀମାନେ କରିବେ । ଏ ପ୍ରକାର କର୍ମଚାରୀମାନଙ୍କ କାର୍ଯ୍ୟ ସମ୍ପୃକ୍ତ ୱାର୍ଡର ମୁଖ୍ୟଙ୍କ ଦ୍ୱାରା ତନଖି ଓ ସୁପାରିଶ ଉପରେ ସେହି କର୍ମଚାରୀମାନଙ୍କୁ ବେତନ ପ୍ରଦାନ କରାଯିବାକୁ ଶ୍ରୀ ଅହମଦ୍ ପରାମର୍ଶ ଦେଇଥିଲେ । ସେହିଭଳି ମେଡ଼ିକାଲ କଲେଜ ପରିସର ଭିତରେ ରହୁଥିବା କର୍ମଚାରୀମାନେ, ସେମାନଙ୍କ ବାସଗୃହରେ ଘୋଡ଼ାଗାଈ, ଛେଳି, ମେଣ୍ଢା, ଘୁଷୁରି ଇତ୍ୟାଦି ଗୃହପାଳିତ ପଶୁ ରଖିପାରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଛି । ଡାକ୍ତରଖାନା ମଧ୍ୟ ଦେଇ ଯାଉଥିବା ରାସ୍ତାରେ ସର୍ବସାଧାରଣ ଯାନବାହନ ଚଳାଚଳକୁ ନିଷିଦ୍ଧ କରାଯିବ । ରୋଗୀମାନଙ୍କ ସହାୟକମାନଙ୍କ ପାଇଁ ବିଶ୍ରାମ ଘର ନିର୍ମାଣ, ପ୍ରଧାନ ରାସ୍ତାକୁ ସମ୍ପ୍ରସାରଣ କରି ଛୋଟ ଛୋଟ ଦୋକାନ ଘର ନିର୍ମାଣ ଓ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ମେଡ଼ିକାଲ କଲେଜ ପରିଚାଳନା ବୋର୍ଡ ବୈଠକରେ ଉପସ୍ଥାପନ କରାଯାଇ ଆଲୋଚନା କରାଯିବାକୁ ସେ ପରାମର୍ଶ ଦେଇଥିଲେ ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଗଣେଶ ଚନ୍ଦ୍ର ସାହୁ, ଶ୍ରୀ କୃଷ୍ଣ ବିହାରୀ ସାହୁ, ଶ୍ରୀ ଯୁଗଳ କିଶୋର ନାୟକ, ଶ୍ରୀ ଶରତ ଚନ୍ଦ୍ର ଦାସ, ବୀଣାପାଣି ପଣ୍ଡା, ଭାରତୀ ଦାସ, ସମର ମହମ୍ମଦ୍, କାଲେ ଖାନ୍, ସର୍ବଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିରେନ୍ ରାଉ, ମାଧବାନନ୍ଦ ପାଳ, ଦେବୀ ରାୟ, ରାଧାକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଡାକ୍ତରଖାନା ସଫେଇ କାର୍ଯ୍ୟରେ ମ୍ୟୁନିସିପାଲିଟିର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ ବହୁ କର୍ମଚାରୀ ମଧ୍ୟ ଯୋଗ ଦେଇଥିଲେ ।

## ଜଳାତଙ୍କ ରୋଗ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ପରିମାଣରେ ଇଞ୍ଜେକ୍ସନ୍ ଆସିଲା

ଜଳାତଙ୍କ ରୋଗର (କୁକୁର, ବିଲେଇ ଆଦି ଜନ୍ତୁଙ୍କ କାମୁଡ଼ା ରୋଗରେ) ଚିକିତ୍ସା ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକଲକ୍ଷ ଏମ୍.ଏଲ୍.ଏ.ଆର୍.ଭି. ଇଞ୍ଜେକ୍ସନ୍ ହାଇଦ୍ରାବାଦସ୍ଥିତ ପ୍ଲାସ୍ତିଅର୍ ଇନ୍‌ଷ୍ଟିଚ୍ୟୁଟ୍‌ରୁ କିଣି ଅଣାଯାଇ ରାଜ୍ୟର ଶ୍ରୀ ... ମେଡ଼ିକାଲ କଲେଜ, କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, ବ୍ରହ୍ମପୁର ଏମ୍.କେ.ସି.ଜି. ମେଡ଼ିକାଲ କଲେଜ ଏବଂ ବୁର୍ଲା ଭି.ଏସ୍.ଏସ୍. ମେଡ଼ିକାଲ କଲେଜଗୁଡ଼ିକୁ ଯୋଗାଇ ଦିଆଯାଇଥିବା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ପ୍ରକାଶ । ଏହା ବ୍ୟତୀତ ରାଜ୍ୟର ବିଭିନ୍ନ ଡାକ୍ତରଖାନାମାନଙ୍କରେ ରହିଥିବା ଏ ପ୍ରକାର ବଳକା ଇଞ୍ଜେକ୍ସନ୍‌ଗୁଡ଼ିକୁ ତୁରନ୍ତ ମେଡ଼ିକାଲ କଲେଜଗୁଡ଼ିକୁ ଯୋଗାଇ ଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଏହା ଫଳରେ ରାଜ୍ୟରେ ଜଳାତଙ୍କ ପରି ମାରାତ୍ମକ ରୋଗର ଚିକିତ୍ସାରେ ସୁବିଧା ହୋଇପାରିବ ।

## ଦେଶର ଏକତା ଓ ଅଖଣ୍ଡତା ପାଇଁ ସମସ୍ତ ନାଗରିକ ଯତ୍ନବାନ ହେବା ଆବଶ୍ୟକ

ଗତ ଜାନୁଆରୀ ୨୬ ତାରିଖ ଦିନ ଫୁଲବାଣୀଠାରେ ଜିଲ୍ଲାସ୍ତରୀୟ ଗଣତନ୍ତ୍ର ଦିବସ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା ଜାତୀୟ ପତାକା ଉତ୍ତୋଳନ କରିଥିଲେ ସଙ୍ଗେ ସଙ୍ଗେ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଜେନା କହିଲେ ଯେ ଦେଶର ଏକତା ଓ ଅଖଣ୍ଡତା ନିମନ୍ତେ ନାଗରିକ ଯତ୍ନବାନ ହେବା ଆବଶ୍ୟକ । ଆମ ସମ୍ବିଧାନର ମୂଳ ମନ୍ତ୍ରକୁ ଭୁଲି ଆଜି ଯେଉଁଭଳି ଭାବେ ଦେଶ ମଧ୍ୟରେ ସାମ୍ପ୍ରଦାୟିକ କାର୍ଯ୍ୟକଳାପ ବୃଦ୍ଧି ହେବାକୁ ଲାଗିଛି ଏବଂ ତାରି ଫଳରେ ଆମ ଜାତୀୟ ସଂହତି ପ୍ରତି ଘୋର ବିପଦ ଦେଖାଦେଉଛି, ତାକୁ ପ୍ରତିହତ କରିବା ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଜନସାଧାରଣ ଐକ୍ୟବଦ୍ଧ ଭାବେ ଆଗେଇ ଆସିବାକୁ ଶ୍ରୀ ଜେନା ଆହ୍ୱାନ ଦେଇଥିଲେ ।

ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଏହି ଉତ୍ସବରେ ମନ୍ତ୍ରୀ ଶ୍ରୀ ଜେନା ପୁରସ୍କାର ବିତରଣ କରିଥିଲେ । ଏହା ବ୍ୟତୀତ ମିଳିତ ପରେଡ୍‌ରେ ଶ୍ରେଷ୍ଠ ବିବେଚିତ ସରକାରୀ ବାଳିକା ବିଦ୍ୟାଳୟର 'ବାଳିକା ଗାଇଡ୍' ଦଳକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ରନିଂ ସିଲ୍ଡ ଓ କପ୍ ପ୍ରଦାନ କରିଥିଲେ ଏବଂ ବେସାମରିକ ଦଳମାନଙ୍କ ମଧ୍ୟରେ ଶ୍ରେଷ୍ଠ ବିବେଚିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଏନ୍.ଏ.ସି. ଦ୍ୱାରା ପ୍ରଦତ୍ତ ରନିଂ ସିଲ୍ଡ ପ୍ରଦାନ କରିଥିଲେ । ଅନ୍ୟାନ୍ୟ କାର୍ଯ୍ୟ...

ପ୍ରଦାନ କରାଯାଏ । ସେମାନଙ୍କର ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ ।

ଗତ ୩୨ ବର୍ଷ ମଧ୍ୟରେ ଏହି ସ୍କୁଲର ଚାରି ଶତରୁ ଊର୍ଦ୍ଧ୍ୱ ସଂଖ୍ୟକ ଛାତ୍ର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିପାରିଛନ୍ତି । ସେମାନେ ଆଜି ସମାଜରେ ସୁପ୍ରତିଷ୍ଠିତ ।

## ନିଗମ ଓ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକର ସମୀକ୍ଷା ବୈଠକ

ପରିଚାଳନାଗତ ସଂସ୍କାର, ଅନାବଶ୍ୟକ ଖର୍ଚ୍ଚକାଟ ତଥା ସାମୂହିକ ଯତ୍ନଶୀଳତା ଦ୍ୱାରା ନିଗମ ତଥା ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକର ଆର୍ଥିକ ଅଭିବୃଦ୍ଧି ଘଟାଇବା ସହ ସେଗୁଡ଼ିକୁ ଅଧିକ ଲାଭଦାୟକ ସଂସ୍ଥା ରୂପେ ଗଢ଼ି ତୋଳିବାକୁ ଶିଳ୍ପ ଓ ସରକାରୀ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯାଦବ ମାଝୀ ସମ୍ପୃକ୍ତ କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି ।

ସଚିବାଳୟଠାରେ ନିଗମ ଓ ରାଷ୍ଟ୍ରଗୁଡ଼ିକର ଅଗ୍ରଗତି ସମ୍ପର୍କୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ମାଝୀ କହିଲେ ଯେ କ୍ଷତିରେ ଚାଲୁଥିବା ନିଗମଗୁଡ଼ିକର କ୍ଷତି ଭରଣା ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା, ନିଗମଗୁଡ଼ିକର ସ୍ଥିତାବସ୍ଥାରେ ପରିବର୍ତ୍ତନ ତଥା ପରିବର୍ଦ୍ଧନ କରାଯାଇ, ଯେପରି କ୍ଷତି ନହୁଏ, ସେଥିପ୍ରତି ଧ୍ୟାନ ଦେବା ପାଇଁ ସମ୍ପୃକ୍ତ କର୍ମକର୍ତ୍ତାମାନେ ନିଷ୍ଠାର ସହ କାର୍ଯ୍ୟ କରିବା ଉଚିତ । ସରକାରୀ ସାହାଯ୍ୟ ବୃଦ୍ଧି କରିବା ସମ୍ଭବପର ହେଉ ନଥିବା ହେତୁ ସମ୍ପୃକ୍ତ ନିଗମଗୁଡ଼ିକ ବ୍ୟାଙ୍କ୍ ଋଣ କରି କ୍ଷତିର ଭରଣା ସଙ୍ଗେ ସଙ୍ଗେ ଅଧିକ ଲାଭବାନ ହେବା ପାଇଁ ସେ ପରାମର୍ଶ ଦେଇଥିଲେ । ଲାଭରେ ଚାଲୁଥିବା ସଂସ୍ଥାଗୁଡ଼ିକ ମଧ୍ୟ ନିଜର ସ୍ଥିତାବସ୍ଥା ବଜାୟ ରଖିବା ସଙ୍ଗେ ସଙ୍ଗେ ଅଧିକରୁ ଅଧିକତର ଲାଭ କରି ସଂସ୍ଥାଗୁଡ଼ିକର ମର୍ଯ୍ୟାଦା ବଜାୟ ରଖିବା ଉଚିତ ବୋଲି ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ । କେତେକ ସମଭାବାପନ୍ନ ଉଦ୍ୟୋଗର ଏକତ୍ରୀକରଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ । କାଜୁ ଶିଳ୍ପକୁ ଅଧିକ ଉନ୍ନତ କରିବା ନିମନ୍ତେ ଅଧିକ ଅମଳକ୍ଷମ କାଜୁ ଚାରା ରୋପଣ, ଚମଡ଼ା ନିଗମ ତରଫରୁ ରାଜ୍ୟର ପୋଲିସ୍, ବନ ବିଭାଗ କର୍ମଚାରୀ ତଥା ଅନ୍ୟମାନଙ୍କ ନିମନ୍ତେ ଆବଶ୍ୟକୀୟ ଚମଡ଼ାଜାତ ସାମଗ୍ରୀର ଯୋଗାଣ ଏବଂ ରାଜ୍ୟ ଭିତରେ ଓ ବାହାରେ ଓ.ଟି.ଏମ୍. କପଡ଼ାର ଚାହିଦାକୁ ଅଧିକ ଲୋକପ୍ରିୟ କରିବା ନିମନ୍ତେ ସମ୍ପୃକ୍ତ କର୍ମକର୍ତ୍ତାମାନଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଶ୍ରୀ ପି. କେ. ପଟ୍ଟନାୟକ ଓ ନିର୍ଦ୍ଦେଶକ ଶ୍ରୀ ସିଦ୍ଧାର୍ଥ ପ୍ରଧାନଙ୍କ ସମେତ ବିଭିନ୍ନ ନିଗମର ପରିଚାଳନା ନିର୍ଦ୍ଦେଶକ ଏବଂ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକବୃନ୍ଦ ଯୋଗ ଦେଇଥିଲେ ।

## ୭୯ ତମ ପେନ୍‌ସନ୍ ଅଦାଲତ ବୈଠକ ଘଟଣା ସ୍ଥଳରେ ୬୯ଟି କେସ୍‌ର ଫଇସଲା

ସମ୍ପ୍ରତି ରାଜ୍ୟ ସଚିବାଳୟଠାରେ ୭୯ତମ ପେନ୍‌ସନ୍ ଅଦାଲତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରସନ୍ନ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରି ଦୀର୍ଘଦିନ ଧରି ପଡ଼ିରହିଥିବା ପେନ୍‌ସନ୍ ଓ ଗ୍ରାଚ୍ୟୁଟି ସମ୍ବନ୍ଧୀୟ ମାମଲାଗୁଡ଼ିକର ତୁରନ୍ତ ଫଇସଲା ନିମନ୍ତେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମ୍ପୃକ୍ତ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ବୈଠକରେ ୧୦୦ଟି ପେନ୍‌ସନ୍ ଓ ଗ୍ରାଚ୍ୟୁଟି ସମ୍ବନ୍ଧୀୟ ମାମଲା ଉପସ୍ଥାପନ କରାଯାଇ ତନ୍ମଧ୍ୟରୁ ଘଟଣା ସ୍ଥଳରେ ୬୯ଟି ମାମଲାର ଫଇସଲା କରାଯାଇଥିଲା ।

ଏହି ବୈଠକରେ ଓଡ଼ିଶା ଡି.ଏ.ଜି., ଅର୍ଥ ବିଭାଗ ଯୁଗ୍ମ ଶାସନ ସଚିବ, ବିଭାଗୀୟ ନିର୍ଦ୍ଦେଶକ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ସମ୍ପୃକ୍ତ ବିଭାଗୀୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

## କୋରାପୁଟ ଜିଲ୍ଲାରେ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଇଣ୍ଡୋ–ଡାନିସ୍ ଗୋ–ସମ୍ପଦ ବିକାଶ ପ୍ରକଳ୍ପ

କୋରାପୁଟ ଜିଲ୍ଲାରେ ଏକ ସମନ୍ୱିତ ଗୋ–ସମ୍ପଦ ବିକାଶ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଭାରତ ସରକାର ଓ ଡେନ୍‌ମାର୍କ ସରକାରଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି । ଏହି ପ୍ରକଳ୍ପରେ ଡେନ୍‌ମାର୍କ ସରକାର ୫ ବର୍ଷ ମଧ୍ୟରେ ୬.୬୯ କୋଟି ଟଙ୍କା ପୁଞ୍ଜି ଖଟାଇବେ ଓ ଓଡ଼ିଶା ସରକାର ଆବଶ୍ୟକୀୟ ଜମି ଯୋଗାଇ ଦେବେ ।

ଏହି ପ୍ରକଳ୍ପ କୋରାପୁଟ ଜିଲ୍ଲାର କୋରାପୁଟ, ଲକ୍ଷ୍ମୀପୁର, ଜୟପୁର ଓ କୁନ୍ଦ୍ରା ବ୍ଲକ୍‌ରେ କାର୍ଯ୍ୟକାରୀ ହେବ ଏବଂ ପ୍ରତି ବ୍ଲକ୍‌ର ୨୫ଟି କରି ମୋଟ୍ ୧୦୦ଟି ଗ୍ରାମକୁ ଏହାର ଅନ୍ତର୍ଭୁକ୍ତ କରାଯିବ । ଆନୁମାନିକ ୫ ହଜାର ପରିବାର ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ ।

ଘାସ ଚାଷର ଉନ୍ନତି, ଉନ୍ନତ ଗୋପାଳନ, ଗ୍ରାମାଞ୍ଚଳରେ ଗୋପାଳନ ପ୍ରତି ଗୋପାଳକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଏହି ପ୍ରକଳ୍ପର କାର୍ଯ୍ୟକ୍ରମ ସହିତ ସେମାନଙ୍କୁ ଅଙ୍ଗାଙ୍ଗୀ ଭାବେ ଜଡ଼ିତ କରିବା, ଦରିଦ୍ର ଆଦିବାସୀମାନଙ୍କର ଗୋ–ସମ୍ପଦ ତଥା ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ ଦ୍ୱାରା ଆର୍ଥିକ ବିକାଶ କରିବା ଏବଂ ସର୍ବୋପରି ଘାସଚାଷ ଦ୍ୱାରା ସମ୍ପୃକ୍ତ ଅଞ୍ଚଳର ପରିବେଶ ସୁରକ୍ଷା କରିବା ହେଉଛି ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ।

ଏହା ବ୍ୟତୀତ ଏହି ପ୍ରକଳ୍ପ, ଜିଲ୍ଲାର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳର ଗରିବ ଲୋକମାନଙ୍କୁ ଅତିରିକ୍ତ ରୋଜଗାର ଯୋଗାଇବାରେ ସାହାଯ୍ୟ କରିବ ବୋଲି ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ପ୍ରକାଶ କରିଛନ୍ତି ।

## ଫୁଲବାଣୀ ଜିଲ୍ଲାରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପୁନରୁଦ୍ଧାର ପାଇଁ ୭୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର

ଫୁଲବାଣୀ ଜିଲ୍ଲାର ଫୁଲବାଣୀ ସଦର ବ୍ଲକ୍ ଅନ୍ତର୍ଗତ ବିଶିପଡ଼ା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ନିମନ୍ତେ ୭୬ ଲକ୍ଷ ୭୪ ହଜାର ୯୦୦ ଟଙ୍କାର ପ୍ରଶାସନିକ ମଞ୍ଜୁରି ଦିଆଯାଇଥିବା, ଗ୍ରାମ୍ୟ ଉନ୍ନୟନ ବିଭାଗ ସୂତ୍ରରୁ ପ୍ରକାଶ । ଏହି ପ୍ରକଳ୍ପର ପୁନରୁଦ୍ଧାର କାର୍ଯ୍ୟ ଚଳିତ ଆର୍ଥିକ ବର୍ଷରେ ଆରମ୍ଭ କରାଯାଇଛି ।

ଶ୍ରୀ ବୈରାଗୀ ଜେନା କହିଲେ ଯେ ବକ୍ସି ଖୁର୍ଦ୍ଧିଆ ଥିଲେ ଓଡ଼ିଶାରେ ଜଣେ ମହାନ୍ ଜଗନ୍ନାଥ ଭକ୍ତ, ସେବକ, ସାହିତ୍ୟିକ, ପର୍ଗିଭେକ୍ତ ଏବଂ ସର୍ବୋପରି ଜଣେ ମହାନ୍ ଯୋଦ୍ଧା । ଝାନ୍ସିର ରାଣୀ ଲକ୍ଷ୍ମୀବାଈ ତାଙ୍କର ରଣ କୌଶଳ ଦେଖି ଅତ୍ୟନ୍ତ ପ୍ରୀତ ହୋଇଥିଲେ ଏବଂ ତାଙ୍କରି ପଣ୍ଡାଗୁରୁ ରୂପେ ତାଙ୍କୁ ନିଯୁକ୍ତି ଦେଇଥିଲେ । ବିଗତ ୧୦୦ ବର୍ଷ ପରେ ଓଡ଼ିଶାକୁ ବାହାରେ କେହି ଚିହ୍ନି ନଥିଲା ବେଳେ ଓଡ଼ିଆ ବୀର ବକ୍ସି ଖୁର୍ଦ୍ଧିଆ ଭାରତ ଭାରତର ବିଭିନ୍ନ ଅଞ୍ଚଳରେ ଯେଉଁଭଳି ପ୍ରଥମ ସ୍ୱାଧୀନତା ସଂଗ୍ରାମକୁ ପରିଚାଳନା କରିଥିଲେ, ତା'ର ପଟାନ୍ତର ନାହିଁ । ଏହା ବ୍ୟତୀତ ସେ ଓଡ଼ିଶାର ଜଗନ୍ନାଥ ଧର୍ମ, ସଂସ୍କୃତି ଓ ସାହିତ୍ୟ କଳାର ପ୍ରଚାରକୁ ଗତିଶୀଳ କରିବାରେ ଯେଉଁ ପରାକାଷ୍ଠା ପ୍ରଦର୍ଶନ କରିଯାଇଛନ୍ତି, ତାହା କେବଳ ପୁରୀ ଅଧିବାସୀଙ୍କ ପାଇଁ ନାହିଁ, ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବ ବୋଲି ଅଭିହିତ କରି ଶ୍ରୀ ଜେନା ଏହିଭଳି ପ୍ରତିଭା ପୂଜା ଦ୍ୱାରା ଲୋପ ପାଇଯାଇଥିବା ପ୍ରତିଭାବନ୍ତ ବ୍ୟକ୍ତିତ୍ୱର ସ୍ମୃତିରକ୍ଷା ସହ ଅତୀତର ଆଦର୍ଶ କାର୍ଯ୍ୟାବଳୀଗୁଡ଼ିକ ଆଜିର ସମାଜରେ ରେଖାପାତ କରିପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଏହି ଉତ୍ସବରେ ମୁଖ୍ୟବକ୍ତା ରୂପେ ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ଯୋଗ ଦେଇ ଏକ ଗବେଷଣାତ୍ମକ ଭାଷଣ ପ୍ରଦାନ କରି କହିଲେ ଯେ ବକ୍ସି ଖୁର୍ଦ୍ଧିଆ ଥିଲେ ଜଣେ କାଳଜୟୀ ବୀର । ସେ ଝାନ୍ସିର ରାଣୀ ଲକ୍ଷ୍ମୀବାଈଙ୍କ ହଜୁରୀ ପଣ୍ଡା ରୂପେ ଯଦିଓ ପରିଚିତ ଥିଲେ, ସେତିକିବେଳୁ ସେ ତତ୍କାଳୀନ ପରାଧୀନ ଭାରତର ମହାପରାକ୍ରମୀ ବ୍ରିଟିଶ୍ ସରକାରଙ୍କ ବିରୋଧରେ ସଂଗ୍ରାମ କରିବା ପାଇଁ ସିପାହୀମାନଙ୍କ ସହିତ ସାଲିସ କରି ତାକୁ ବ୍ୟାପକ କରିଥିଲେ ଏବଂ ଓଡ଼ିଶାକୁ ମଧ୍ୟ କେତେକ ସିପାହୀଙ୍କୁ ଆଣି ମୁକ୍ତି ସଂଗ୍ରାମର ମୂଳପାତ କରିଥିଲେ । ତାକୁ ସେତିକିବେଳେ ସିପାହୀ ବିଦ୍ରୋହ ନାମରେ ଅଭିହିତ କରାଯାଇଥିଲେ ହେଁ, ତାହା ପ୍ରକୃତରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ପରେ ପ୍ରମାଣିତ ହୋଇଥିବା, ସେ ସୂଚାଇଥିଲେ।' ସ୍ୱାଧୀନତା ସଂଗ୍ରାମର ଇତିହାସ ପର୍ଯ୍ୟାଲୋଚନା କରି ବୀର ବକ୍ସି ଖୁର୍ଦ୍ଧିଆ ଓଡ଼ିଆ ଜାତିର ବୀରତ୍ୱ ଓ ସ୍ୱାଭିମାନର ପ୍ରତୀକ ବୋଲି ସେ ମତବ୍ୟକ୍ତ କରିଥିଲେ ।

ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ବଳରାମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ବିଧାୟକ ଶ୍ରୀ ଉମାବଲ୍ଲଭ ରଥ, ବୀର ବକ୍ସି ଖୁର୍ଦ୍ଧିଆଙ୍କର ବହୁମୁଖୀ ପ୍ରତିଭାର ଅବତାରଣା କରିବା ସହ ତାଙ୍କରି ସ୍ମୃତିରକ୍ଷା ନିମନ୍ତେ ଯେଉଁ କେତୋଟି ପ୍ରସ୍ତାବ ଆଗତ କରିଥିଲେ, ସେଗୁଡ଼ିକ ମଧ୍ୟରେ ତାଙ୍କ ହଜୁରୀଙ୍କ କର୍ମସ୍ଥଳୀ ଝାନ୍ସି ଓ ଉତ୍ତର ଭାରତର ଅନ୍ୟାନ୍ୟ ଅଞ୍ଚଳକୁ ଓଡ଼ିଶାରୁ ଗବେଷକମାନଙ୍କୁ ପଠାଯାଇ ଅଧିକ ତଥ୍ୟ ସଂଗ୍ରହ ପୂର୍ବକ ଏକ ଇତିହାସ ସଙ୍କଳନ କରିବା, ପୁରୀଠାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା, ଏବଂ ତାଙ୍କର ସ୍ମାରକୀ ଡାକ ଟିକଟ ପ୍ରଚଳନ ପାଇଁ ପଦକ୍ଷେପ ନେବା ଇତ୍ୟାଦି ଅନ୍ତର୍ଭୁକ୍ତ ।

ଅନ୍ୟମାନଙ୍କ ମଧ୍ୟରେ ପୁର୍ବତନ ବାଚସ୍ପତି ଶ୍ରୀ ହରିହର ବାହିନୀପତି, ପୁରୀ ବକ୍ସି ଖୁର୍ଦ୍ଧିଆ ସ୍ମୃତି ସମିତିର କର୍ମକର୍ତ୍ତା ଶ୍ରୀ ଦେବବ୍ରତ ସାମନ୍ତ ସିଂହାର ଓ ଶ୍ରୀ ମହାପାତ୍ର ପ୍ରମୁଖ ଭାଷଣ ଦେଇ ବକ୍ସି ଖୁର୍ଦ୍ଧିଆଙ୍କ କାର୍ଯ୍ୟାବଳୀର ବିଭିନ୍ନ ଦିଗ ବର୍ଣ୍ଣନା କରିବା ସହ ଜୀବନ ସଙ୍କଳନ କରି ତାଙ୍କ ଆଦର୍ଶରେ ଉତ୍ତର ଦାୟାଦଙ୍କୁ ଅନୁପ୍ରାଣିତ କରିବା ପାଇଁ ତାଙ୍କୁ ବିଦ୍ୟାଳୟ ସ୍ତରରେ ପାଠ୍ୟ ପୁସ୍ତକ ରୂପେ ପ୍ରଚଳନ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ପୂର୍ବରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ କାଳୀ କୁମାର ରଥ ସ୍ୱାଗତ ଭାଷଣ ଦେଇ ଓଡ଼ିଶାର ବରପୁତ୍ରମାନଙ୍କ ସ୍ମୃତିରକ୍ଷା ଓ ପ୍ରତିଭାପୂଜା ଦିଗରେ ସରକାରଙ୍କ ନୀତିଗତ ନିଷ୍ପତ୍ତି ସ୍ୱରୂପ ଆଜିର ଏହି ଉତ୍ସବ ପାଳିତ ହେଉଥିବା ସୂଚାଇଥିଲେ । ଶେଷରେ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ପ୍ରାଣକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ ବକ୍ସି ଖୁର୍ଦ୍ଧିଆ ସ୍ମୃତି ସମିତି ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ସରକାରୀ ଉଦ୍ୟୋଗଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ବୈଠକ

ଗତ ଜାନୁଆରୀ ୧୪ ତାରିଖରେ ରାଜ୍ୟ ସଚିବାଳୟଠାରେ ସରକାରୀ ଉଦ୍ୟୋଗ ବିଭାଗର ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମନ୍ତ୍ରୀ ଶ୍ରୀ ଯାଦବ ମାଝୀ ଏଥିରେ ଅଧ୍ୟକ୍ଷତା କରି କହିଲେ ଯେ ସରକାରୀ ଉଦ୍ୟୋଗଗୁଡ଼ିକର ସୁପରିଚାଳନା ନିମନ୍ତେ ବିଭିନ୍ନ ଉଦ୍ୟୋଗଗୁଡ଼ିକର କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ନିଗମଗୁଡ଼ିକ ଯେପରି ଋଣମୁକ୍ତ ହୋଇ ବିକାଶୋନ୍ମୁଖୀ ହୋଇପାରିବ, ସେଥିନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେବାକୁ ହେବ। ଉଦ୍ୟୋଗଗୁଡ଼ିକର ଆୟ-ବ୍ୟୟର ସଠିକ୍ ହିସାବ ପ୍ରସ୍ତୁତ ନିମନ୍ତେ କର୍ମକର୍ତ୍ତାମାନଙ୍କୁ ଅଧିକ ତତ୍ପର ତଥା ସଚେତନ ହେବା ପାଇଁ ପରାମର୍ଶ ଦେବା ଆବଶ୍ୟକ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଥିଲେ । ମନ୍ତ୍ରୀ ବିଭିନ୍ନ ସରକାରୀ ଉଦ୍ୟୋଗର ଆୟ-ବ୍ୟୟ ସମ୍ପର୍କରେ ବିଭାଗୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ବିଭାଗର ସମସ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ଏହି ବୈଠକରେ ରାଜ୍ୟ ଉନ୍ନୟନ କମିଶନର ଶ୍ରୀ ପି.କେ. ପଟ୍ଟନାୟକ, ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ସିଦ୍ଧାର୍ଥ ପ୍ରଧାନ ଓ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ କେ.ବି. ପାଢ଼ି ଯୋଗ ଦେଇଥିଲେ ।

## ରାଜ୍ୟରେ ଗତ ଡିସେମ୍ବର ମାସରେ ଜବାହର ରୋଜଗାର ଯୋଜନାର ଅଗ୍ରଗତି

ଭୂମିହୀନ ଓ ଗରିବ ଲୋକମାନଙ୍କୁ କାମଧନ୍ଦା ଯୋଗାଇ ଦେବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳର ଉନ୍ନତି ନିମନ୍ତେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଜବାହର ରୋଜଗାର ଯୋଜନାରେ ଗତ ଡିସେମ୍ବର ମାସରେ ମଜୁରି ବାବଦକୁ ୩୮୩.୨୦ ଲକ୍ଷ ଟଙ୍କା ଓ ଅଣ-ମଜୁରି ବାବଦକୁ ୨୮.୯୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ୧୫.୦୭ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ସେଥିମଧ୍ୟରୁ ୪.୧୧ ଲକ୍ଷ ଶ୍ରମ ଦିବସ ଆଦିବାସୀ ଓ ୫.୮୬ ଲକ୍ଷ ଶ୍ରମ ଦିବସ ହରିଜନମାନଙ୍କ ପାଇଁ ସୃ

ମଧ୍ୟରେ ବିକଳାଙ୍ଗଙ୍କୁ ତିନିଚକିଆ ସାଇକେଲ ବଣ୍ଟନ ଏବଂ ବୌଦ୍ଧ ଉପଖଣ୍ଡ ଅନ୍ତର୍ଗତ ବିକାସପୁରଠାରେ ନିମ୍ନ ଓ ଉଚ୍ଚ ପ୍ରାଥମିକ ସ୍କୁଲ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କାର ବିତରଣ କରି ମନ୍ତ୍ରୀ ଶ୍ରୀ ଜେନା ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ଶ୍ରୀ ଜେନା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ବିତରଣ କରିଥିଲେ ।

## ପୁରୀର ବାଲୁଖଣ୍ଡଠାରେ 'ସ୍ପିଡ଼ା' କେନ୍ଦ୍ର ପାଇଁ ୧୨ ଲକ୍ଷ ଟଙ୍କା ମଞ୍ଜୁର

କ୍ରୀଡ଼ାର ସର୍ବାଙ୍ଗ ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ 'ସ୍ପିଡ଼ା' କେନ୍ଦ୍ର ସ୍ଥାପନ କାର୍ଯ୍ୟକ୍ରମ ଅନ୍ୟତମ । ପୁରୀ ଜିଲ୍ଲା ଅନ୍ତର୍ଗତ ବାଲୁଖଣ୍ଡଠାରେ ଏପରି ଏକ ନୂତନ କ୍ରୀଡ଼ା ଉନ୍ନୟନ ପ୍ରକଳ୍ପ କେନ୍ଦ୍ର (ସ୍ପିଡ଼ା) ସ୍ଥାପନ ନିମନ୍ତେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୧୨ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ପ୍ରକାଶ । ଏହି କେନ୍ଦ୍ର ୧୩ ଏକର ପରିମିତ ଜମିରେ ନିର୍ମିତ ହେବାକୁ ଯାଉଛି ।

ଏହା ବ୍ୟତୀତ ସମ୍ବଲପୁରଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ଶାରୀରିକ ଶିକ୍ଷା ପ୍ରଶିକ୍ଷଣ ମହାବିଦ୍ୟାଳୟ ପ୍ରତିଷ୍ଠା ନେଇ ନିଷ୍ପତ୍ତି କରାଯାଇଛି । ସେହିପରି ମୟୂରଭଞ୍ଜ ଜିଲ୍ଲାରେ ଯୁବ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଯଶୀପୁରଠାରେ ଏକ 'ଯୁବ ହେଷ୍ଟେଲ୍' ନିର୍ମାଣ କରାଯାଇଥିବା ପ୍ରକାଶ ।

## ନିମ୍ନମାନର ଔଷଧ ବ୍ୟବହାର ନ କରିବାକୁ ପରାମର୍ଶ

ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କେତେକ ଔଷଧକୁ ନିମ୍ନମାନର ବୋଲି ଘୋଷଣା କରାଯାଇଛି ଏବଂ ଜନ ସାଧାରଣ ଏହାକୁ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି । ବ୍ୟାଚ ସଂଖ୍ୟା ସହ ନିମ୍ନମାନର ଏହିସବୁ ଔଷଧର ତାଲିକା ନିମ୍ନରେ ପ୍ରଦତ୍ତ ହେଲା ।

| ଔଷଧର ନାମ | ବ୍ୟାଚ ସଂଖ୍ୟା |
|---|---|
| (୧) ଲିଗ୍ନୋକାଇନ୍ ଇଞ୍ଜେକ୍ସନ୍-ଆଇ.ପି.୨% | ୧,୧୧୨ |
| (୨) ପାନ୍‌ବିଯାଇନ୍ ବଟିକା | ୦୨୧୨୯୧ |
| (୩) ବିସମୋସାଲ୍ | ଏନ୍.କେ. ବ୍ଲୁ ୦୩୯ |
| (୪) ଲିବି ଫୋର୍ଟେ | ଲି.ବି. ୦୬୨ |
| (୫) ଆବ୍‌ଜର୍ବେଣ୍ଟ କଟନ୍ ଉଲ୍ ଆଇ.ପି. | ୨୩୯୨ |
| (୬) ଫିନାଇଲ୍-ତ୍ରିମୂର୍ତ୍ତି ଛାପ | ୯୩୬ |
| (୭) ରୋଟିନ୍ | ୬୮-୯୧ |
| (୮) ଆବ୍‌ଜର୍ବେଣ୍ଟ କଟନ୍ ଉଲ-ଆଇ.ପି. | ୧୦୨ |
| (୯) ସିପ୍ରୋଫ୍ଲକ୍ସ ଇଞ୍ଜେକ୍ସନ୍ | ଏସ୍.ପି. ୩୬୩ |
| (୧୦) ଲିଗ୍ନୋସାଇନ୍ ଇଞ୍ଜେକ୍ସନ୍-ଆଇ.ପି. | ୧୧୫୬ |
| (୧୧) ଡି.ଜି.ଏସ୍ ଏଲିକ୍ସର | ୦୧୮ |
| (୧୨) ଉଲକ୍ ଆଇଓଡ଼ୋନ୍ ସଲ୍ୟୁସନ-ଆଇ.ପି. | ଏ ୬୨ |
| (୧୩) ସାଇନୋସେବାଲାମାଇନ୍ ଇଞ୍ଜେକ୍ସନ୍-ଆଇ.ପି. | ସି-୯୧୨ |
| (୧୪) ସୋଡ଼ିୟମ୍ କ୍ଲୋରାଇଡ୍ ଓ ଡେକ୍ସଟ୍ରୋଜ୍ ଇଞ୍ଜେକ୍ସନ୍-ଆଇ.ପି. | ୩୮୦୧ |
| (୧୫) ରିଙ୍ଗର୍ ଲାକ୍ଟେଟ୍ ସଲ୍ୟୁସନ୍ ଫର୍ ଇଞ୍ଜେକ୍ସନ୍-ଆଇ.ପି. (କମ୍ପାଉଣ୍ଡ ସୋଡ଼ିୟମ୍ ଲାକ୍ଟେଟ୍ ଇଞ୍ଜେକ୍ସନ୍-ଆଇ.ପି.) | ୫୬୩ |
| (୧୬) ରିବୋଫ୍ଲାବିନ୍ ଟାବ୍-ଆଇ.ପି. (୨ ଏମ.ଜି.) | ଟି-୪୬ |
| (୧୭) ଏକ୍ସି କଫ୍ ସିରପ୍ | ୧୪୮ |
| (୧୮) ସଲ୍ଫାଗ୍ଲୁଆନାଡ଼ାଇନ୍ ଟାବ୍‌ଲେଟ୍ | ଏସ୍.ଜି. ୦୦୧ |
| (୧୯) ହ୍ୟାବଲ୍ ବ୍ଲିଚିଙ୍ଗ୍ ପାଉଡର୍ | ଏସ୍-୪୯ |
| (୨୦) ମେଫେନ୍‌ଟେର୍ମାଇନ୍ ଇଞ୍ଜେକ୍ସନ୍-ଆଇ.ପି. | ଜି-୪୩୯୦ |
| (୨୧) ଆନ୍‌ସାମୋଲ୍ ଟାବ୍ | ଟି.ଏନ୍-୧୭୧ |
| (୨୨) କାଲ୍‌ସିୟମ୍ ବୋରୋଗ୍ଲୁକୋନେଟ୍ (ଭେଟ୍) | ୯୧୦୧ |
| (୨୩) ଭୋଫୋଲଇନ୍ ଏକ୍ସପେକ୍ଟୋରାଣ୍ଟ | କେ.ଓ.ଏଫ୍-୬ |
| (୨୪) ସିଷ୍ଟାଗଲ୍ | ୯୨-୯୧ |
| (୨୫) ହେମିନ୍ | ୧୦୦୩ |
| (୨୬) ରାଡଓନିନ୍ ଇଞ୍ଜେକ୍ସନ୍ | ୨୦୫ |
| (୨୭) ହେଲ୍‌ମୋନିଲ୍ ଇଞ୍ଜେକ୍ସନ୍ | ୮୨୯ |
| (୨୮) ସୋଡ଼ିୟମ୍ କ୍ଲୋରାଇଡ୍ ଇଞ୍ଜେକ୍ସନ୍-ଆଇ.ପି. | ୪୬୦୫ |
| (୨୯) ସାଇକୋଲ୍ ସସ୍‌ପେନ୍‌ସନ୍ | ଏସ୍.ଜେ.ଏନ୍.ଏନ୍. |
| (୩୦) ଲିଗ୍‌ନୋସାଇନ୍ ଇଞ୍ଜେକ୍ସନ୍ | ୦୧୬୨ |
| (୩୧) ଓକ୍ସିକ୍ଲେଟେଟୋସାଇକ୍ଲିନ୍ ଇଞ୍ଜେକ୍ସନ୍ | ୦୯୯୧ |
| (୩୨) ଲିଗ୍‌ନୋସାଇନ୍ ଇଞ୍ଜେକ୍ସନ୍-ଆଇ.ପି. ୨% | ୧୧୫୬ |

### ଏସ୍.ଡ଼ି.ଟି.ଆର୍.ଏଲ୍.

| | |
|---|---|
| (୩୩) ଆନନ୍ଦ ବାଣ୍ଡେଜ୍ | ୨୩୮ |
| (୩୪) ବାଣ୍ଡେଜ୍ | |
| (୩୫) କୋଟ୍ରିମୋକ୍ସାଜୋଲ୍ | ଟି-୦୮୯ |
| (୩୬) ଲିଗ୍‌ନୋସାଇନ୍ ଇଞ୍ଜେକ୍ସନ୍ | ୧୧୨୧ |
| (୩୭) ସଲଫା-ଏମୋଏସିନ୍ | ୧୦୯୦୩ |
| (୩୮) କୋଟ୍ରିମୋକ୍ସା ଡୋଲ୍ | ଟି-୦୬୨ |
| (୩୯) ରିବୋଫ୍ଲୋବିନ୍ ଟାବ୍ | ୭୩୯୬ |
| (୪୦) ଆଇଓଡ଼ିନ୍ ଟିନ୍‌କ୍ଚର୍ | ଡବ୍ଲ୍ୟୁ-୨୬ |
| (୪୧) ଜେଲୁସିଲ୍-ଏମ୍.ପି.ଏସ୍. | ୪୯୨୦୮ |

## ରାଜ୍ୟସ୍ତରୀୟ ଗୁଣ୍ଡୁ ଖୁଣ୍ଟିଆ ଜୟନ୍ତୀ ସମାରୋହ ପାଳିତ

ଓଡ଼ିଶାର ଅନ୍ୟତମ ବରପୁତ୍ର ମହାନ୍ ମଲ୍ଲବୀର ଗୁଣ୍ଡୁ ଖୁଣ୍ଟିଆ (ଚନ୍ଦନ ହଜୁରୀ) ଭାରତ ମୁକ୍ତି ସଂଗ୍ରାମର ପ୍ରଥମ ଯୋଦ୍ଧା ଥିଲେ ବୋଲି ସମ୍ପ୍ରତି ସୂଚନା ଭବନଠାରେ ଅନୁଷ୍ଠିତ ତାଙ୍କ ଜୟନ୍ତୀ ଉତ୍ସବରେ ଯୋଗ ଦେଇ ବିଭିନ୍ନ ବକ୍ତା ମତ ପୋଷଣ କରିବା ସଙ୍ଗେ ସଙ୍ଗେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ



ଭୁବନେଶ୍ୱର ପଶ୍ଚିମ ଓଡ଼ିଶା ମହାବିଦ୍ୟାଳୟମାନଙ୍କର ଆୟୋଜିତ ଏକ ବିଜ୍ଞାନ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ବୁଲି ଦେଖୁଛନ୍ତି ।





ଭୁବନେଶ୍ୱରଠାରେ ଆୟୋଜିତ ଏକ ସାମାଜିକ ଅଧିବେଶନରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ଓ ଶ୍ରମ ମନ୍ତ୍ରୀ ସ୍ୱୟଂ ବିଜୟୀଙ୍କୁ ଉପହାର ପ୍ରଦାନ କରୁଛନ୍ତି ।




[illegible] ଅନୁଷ୍ଠିତ [illegible] ଉଦ୍‌ଘାଟନୀ [illegible]
[illegible]



ପୁରୀ [illegible] ଅନୁଷ୍ଠିତ [illegible]
[illegible]





ଭୁବନେଶ୍ୱରଠାରେ ଅନୁଷ୍ଠିତ ଆଦିବାସୀ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏବଂ ହରିଜନ ଓ ଆଦିବାସୀ
କଲ୍ୟାଣ ମନ୍ତ୍ରୀ ଶ୍ରୀ [illegible] ମାଝୀ ବୁଲି ଦେଖୁଛନ୍ତି ।

## ଗ୍ରାମ୍ୟ ପାଠାଗାରକୁ ୧୩.୧୦ ଲକ୍ଷ ଟଙ୍କାର ପୁସ୍ତକ ବିତରଣ

ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମ ମଧ୍ୟରେ ଗ୍ରାମ୍ୟ ପାଠାଗାରର ଉନ୍ନତି ବିଧାନ ଅନ୍ୟତମ । ଏଥିନିମନ୍ତେ ରାଜ୍ୟ ସରକାର ପ୍ରତିବର୍ଷ ଶ୍ରେଣୀଗତ ଗ୍ରାମ୍ୟ ପାଠାଗାରକୁ ପୁସ୍ତକ ଯୋଗାଇ ଦେଇଥାନ୍ତି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଗତ ଜାନୁଆରୀ ୨୯ ଓ ୩୦ ତାରିଖ ଦିନ ୨୦୦ ପୁରାତନ ଓ ୨୦୦ ନୂତନ ପାଠାଗାରକୁ ୧୩.୧୦ ଲକ୍ଷ ଟଙ୍କା ବ୍ୟୟରେ ମୋଟ୍ ୯୧,୫୦୦ ବହି ବିତରଣ କରାଯାଇଥିବା ପ୍ରକାଶ । ଏଥିରେ ରାଜା ରାମମୋହନ ରାୟ ଫାଉଣ୍ଡେସନ୍‌ର ୫୦ ଭାଗ ଅନୁଦାନ ଅନ୍ତର୍ଭୁକ୍ତ ।

ଏହା ବ୍ୟତୀତ ୯୦ଟି ଗ୍ରାମ୍ୟ ପାଠାଗାରକୁ ସଂରକ୍ଷଣ ସହାୟତା ବାବଦରେ ୯୦ ହଜାର ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି ।

ଗ୍ରାମ୍ୟ ପାଠାଗାରକୁ ସହାୟତା ଯୋଗାଇ ଦେବା ସଙ୍ଗେ ସଙ୍ଗେ ରାଜ୍ୟର ପାଠକମାନଙ୍କ ପାଇଁ ପଠନ ସୁବିଧା ସୃଷ୍ଟି ନିମନ୍ତେ ରାଜ୍ୟ ସଂସ୍କୃତି ବିଭାଗ ରାଜ୍ୟରେ ତା'ର ନିଜସ୍ୱ ୨୭ଟି ପାଠାଗାର ମଧ୍ୟ ପରିଚାଳନା କରୁଛନ୍ତି ।

## ରାଉରକେଲାଠାରେ ମହିଳା ଆଇନ ସଚେତନତା ଶିବିର ଅନୁଷ୍ଠିତ

ଗତ ଜାନୁଆରୀ ୧୭ ତାରିଖଠାରୁ ୨୦ ତାରିଖ ପର୍ଯ୍ୟନ୍ତ ରାଉରକେଲାଠାରେ ସ୍ଥାନୀୟ ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଦି ନିୟୁ ଇଣ୍ଡିଆ ସୋସାଇଟି' ଓ ରାଜ୍ୟ ଆଇନ ସହାୟତା ତଥା ପରାମର୍ଶଦାତା ବୋର୍ଡ଼ର ମିଳିତ ଉଦ୍ୟମରେ ଏକ ମହିଳା ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ଆୟୋଜିତ ଉତ୍ସବର ଉଦ୍‌ଯାପନୀ ଦିବସରେ ଆଇନ ମନ୍ତ୍ରୀ ଶ୍ରୀ ନରସିଂହ ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇ କହିଲେ ଯେ ସାମାଜିକ ନ୍ୟାୟ ପ୍ରତିଷ୍ଠା ଲାଗି ଜନସାଧାରଣଙ୍କ ମଧ୍ୟରେ ଆଇନ ସଚେତନତା ଏକାନ୍ତ ଆବଶ୍ୟକ । ଆଇନଗତ ଅଧିକାର ସାବ୍ୟସ୍ତ କରିବା ଲାଗି ଜନସାଧାରଣ, ବିଶେଷ କରି ନାରୀ ସମାଜକୁ ସଚେତନ କରିବା ପାଇଁ ତାଲିମପ୍ରାପ୍ତ ମହିଳାମାନଙ୍କୁ ଶ୍ରୀ ମିଶ୍ର ଆହ୍ୱାନ ଦେଇଥିଲେ । ସରକାର ଆଇନ ଉଲଙ୍ଘନକାରୀ ଅସାମାଜିକ ବ୍ୟକ୍ତିଙ୍କ ବିରୁଦ୍ଧରେ କଡ଼ା କଡ଼ି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ବଦ୍ଧପରିକର ବୋଲି ସେ ଦୃଢ଼ ଭାବେ ପ୍ରକାଶ କରିଥିଲେ ।

ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ୫୦ ଜଣ ମହିଳା ଶିକ୍ଷା ନବୀଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

## ରାଜ୍ୟରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ପରିବାର କଲ୍ୟାଣ କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ପ୍ରଥମ ନଅମାସ ମଧ୍ୟରେ, ଅର୍ଥାତ୍ ଗତ ଡିସେମ୍ବର ମାସ ସୁଦ୍ଧା ୭୭,୦୬୭ ଜଣ ବ୍ୟକ୍ତି ପରିବାର କଲ୍ୟାଣ ଅସ୍ତ୍ରୋପଚାର କରିଛନ୍ତି । କେବଳ ଗତ ଡିସେମ୍ବର ମାସରେ ଅସ୍ତ୍ରୋପଚାର କରିଥିବା ୧୭,୫୧୯ ଜଣ ବ୍ୟକ୍ତି ଏହାର ଅନ୍ତର୍ଭୁକ୍ତ ବୋଲି ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ବିବରଣୀରୁ ଜଣାଯାଇଛି ।

ସେହିପରି ଉକ୍ତ ସମୟ ମଧ୍ୟରେ ପରିବାରକୁ ସୀମିତ ରଖିବା ଉଦ୍ଦେଶ୍ୟରେ ସନ୍ତାନ ଜନ୍ମର ସମୟ ସୀମା ବୃଦ୍ଧି ନିମନ୍ତେ ୯୫,୧୪୮ ଜଣ ମହିଳା ଆଇ.ୟୁ.ଡି., ୧,୭୦,୭୩୨ ଜଣ ମହିଳା ସି.ସି. ଏବଂ ୨୫,୬୮୭ ଜଣ ମହିଳା ଗର୍ଭ ନିରୋଧକ ବଟିକା ଗ୍ରହଣ କରିଥିବା ଉକ୍ତ ବିବରଣୀରୁ ଜଣାପଡ଼ିଛି ।

ଏହା ବ୍ୟତୀତ ଗତ ଡିସେମ୍ବର ମାସ ସୁଦ୍ଧା ମୋଟ୍ ୧୪୬ଟି ବ୍ଲକ୍‌ରେ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ କରିବା ସହିତ ୧୯,୨୫୫ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଥିବା, ମାସିକ ଅଗ୍ରଗତି ବିବରଣୀରୁ ପ୍ରକାଶ ।

## ଶକ୍ତି ଯୋଗାଣ କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଶକ୍ତି ଯୋଗାଣ କାର୍ଯ୍ୟକାରୀ ଜରିଆରେ ବିଭିନ୍ନ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ଅପ୍ରେଲ ମାସରୁ ଡିସେମ୍ବର ମାସ ସୁଦ୍ଧା, ଅର୍ଥାତ୍ ନଅମାସ ମଧ୍ୟରେ ମୋଟ୍ ୭୭ଟି ଗ୍ରାମକୁ ବିଦ୍ୟୁତ୍ ଆଲୋକର ବ୍ୟବସ୍ଥା କରାଯାଇ ପାରିଛି ।

ଏହା ବ୍ୟତୀତ ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳର ୯୭୨ଟି ସେଚ ପମ୍ପସେଟ୍‌କୁ ବିଦ୍ୟୁତ୍ ସଂଯୋଗ କରାଯାଇ ପାରିଛି ବୋଲି ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ବିବରଣୀରୁ ଜଣାଯାଇଛି ।

## ନୂତନ ଜିଲ୍ଲା ସୃଷ୍ଟି

ଓଡ଼ିଶା ଏକମାତ୍ର ପ୍ରଦେଶ ଯେଉଁଠି ଦେଶ ସ୍ୱାଧୀନ ହେବା ପରଠାରୁ ଗୋଟିଏ ହେଲେ ନୂତନ ଜିଲ୍ଲା ସୃଷ୍ଟି କରାଯାଇ ନ ଥିଲା । ଓଡ଼ିଶାର ଜିଲ୍ଲାଗୁଡ଼ିକର ହାରାହାରି କ୍ଷେତ୍ରଫଳ ପଡ଼ୋଶୀ ରାଜ୍ୟ ବିହାର ଓ ପଶ୍ଚିମବଙ୍ଗର ଜିଲ୍ଲାଗୁଡ଼ିକର କ୍ଷେତ୍ରଫଳର ଦୁଇଗୁଣ ବା ଅଢ଼େଇଗୁଣ ସଙ୍ଗେ ସମାନ ।

ବିଭିନ୍ନ ପ୍ରକାର ଉନ୍ନୟନ କାର୍ଯ୍ୟକ୍ରମ ବୃଦ୍ଧି ପାଉଥିବା ହେତୁ ପ୍ରଚଳିତ ଜିଲ୍ଲାଗୁଡ଼ିକର ଆୟତନ କ୍ଷୁଦ୍ର କରି ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ପ୍ରଶାସନକୁ ଜନସାଧାରଣଙ୍କର ନିକଟବର୍ତ୍ତୀ କରାଇ ଏହାର ସଫଳ ରୂପାୟନ ନିମନ୍ତେ ପ୍ରଚଳିତ ଜିଲ୍ଲାଗୁଡ଼ିକର ପୁନର୍ଗଠନ କରି ନୂତନ ଜିଲ୍ଲା ଗଠନ କରିବା ନିମନ୍ତେ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

ପ୍ରଥମ ପର୍ଯ୍ୟାୟରେ ପୂର୍ବର ଗଞ୍ଜାମ ଓ କୋରାପୁଟ ଜିଲ୍ଲାର ବିଭାଜନ କରି ନୂତନ ଭାବେ ଗଜପତି, ମାଲ୍‌କାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲା ଗଠନ କରାଯାଇଛି ଏବଂ ଏହି ନବଗଠିତ ଚାରୋଟି ଜିଲ୍ଲା ଗତ ତା ୨-୧୦-୧୯୯୨ ରିଖ ଠାରୁ କାର୍ଯ୍ୟ କରୁଅଛି ।

ପରବର୍ତ୍ତୀ ପର୍ଯ୍ୟାୟରେ ସରକାର ପୁନରାୟ ଏଗାରଟି ଜିଲ୍ଲା ଯଥା:-ଭଦ୍ରଖ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା

କରାଯାଇଛି । ଏହାଦ୍ୱାରା ୨.୮୩ ଲକ୍ଷ ଭୂମିହୀନ ଶ୍ରମିକ ଓ ୩.୬୭ ଲକ୍ଷ ମହିଳା ଶ୍ରମିକ ଉପକୃତ ହୋଇପାରିଛନ୍ତି ବୋଲି ପଞ୍ଚାୟତିରାଜ ବିଭାଗର ମାସିକ ବିବରଣୀରୁ ଜଣାପଡ଼ିଛି ।

## ପ୍ରକୃତି ସହ ମନୁଷ୍ୟର ଅବିଚ୍ଛେଦ୍ୟ ସମ୍ପର୍କକୁ ପୁନଃ ସଂସ୍ଥାପନ କରିବାକୁ ହେବ

ପ୍ରକୃତି ସହ ମାନବଜୀବନ ଓତପ୍ରୋତ ଭାବରେ ଜଡ଼ିତ ଏବଂ ପ୍ରାକୃତିକ ସବୁଜିମାର କ୍ରମାଗତ ଅବକ୍ଷୟ ମାନବସମାଜ ଉପରେ ଏକ ଗୁରୁତର ପ୍ରଭାବ ପକାଇଥାଏ । ରାଜ୍ୟପାଳ ଶ୍ରୀଯୁକ୍ତ ଯଜ୍ଞଦତ୍ତ ଶର୍ମା ଇନ୍ଦିରା ଗାନ୍ଧୀ ଉଦ୍ୟାନରେ "ଓଡ଼ିଶା ହର୍ଟିକଲଚରାଲ ସୋସାଇଟି" ଦ୍ୱାରା ଆୟୋଜିତ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଉଦଘାଟନ କରି ଏହା ପ୍ରକାଶ କରିଥିଲେ ।

ସୂର୍ଯ୍ୟାଲୋକ ଓ ଜଳରାଶି ଭଳି ସବୁଜିମା ମଧ୍ୟ ମନୁଷ୍ୟ ପାଇଁ ଅପରିହାର୍ଯ୍ୟ । ସବୁଜିମାମୟ ପ୍ରକୃତି ମନରେ ସତେଜତା ଓ ଶାନ୍ତି ଆଣିଦିଏ । ପରିବେଶ ଓ ପର୍ଯ୍ୟାବରଣ ସୁରକ୍ଷା ତଥାକଥିତ ପ୍ରଗତି ପଥରେ ପରିପନ୍ଥୀ ନୁହେଁ ବୋଲି ରାଜ୍ୟପାଳ ବର୍ଣ୍ଣନା କରିଥିଲେ । ବରଂ ଏହା ମାନସିକ ସନ୍ତୁଳନ ଫେରାଇ ଆଣିବାରେ ଓ ଦ୍ରୁତଗାମୀ ଆଧୁନିକ ସଭ୍ୟତାପ୍ରସୂତ କ୍ଲାନ୍ତି ଦୂରୀକରଣରେ ସାହାଯ୍ୟ କରିଥାଏ ବୋଲି ଶ୍ରୀଯୁକ୍ତ ଶର୍ମା ମତବ୍ୟକ୍ତ କରିଥିଲେ । ଗଗନଚୁମ୍ବୀ ଅଟ୍ଟାଳିକାମାନ ଉନ୍ନତି ଓ ସମୃଦ୍ଧିର ପରିଚାୟକ ହୋଇ ପାରେ ନା । ପ୍ରକୃତି ସହ ମଣିଷର ଅବିଚ୍ଛେଦ୍ୟ ସମ୍ପର୍କକୁ ପୁନଃ ସଂସ୍ଥାପନ କରିବା ପାଇଁ ସମସ୍ତ ଉଦ୍ୟମ ଜାରୀ ରହିବା ବାଞ୍ଛନୀୟ ବୋଲି ରାଜ୍ୟପାଳ କହିଥିଲେ ।

"ଆସୋସିଏସନ୍ ଫର୍ ଅର୍ଣ୍ଣାମେଣ୍ଟାଲ୍ ହର୍ଟିକଲଚର"ର ସେକ୍ରେଟେରୀ ତଥା ବାର୍ଷିକ ପୁଷ୍ପ ପ୍ରଦର୍ଶନୀ କମିଟିର ଚେୟାରମ୍ୟାନ୍ ପ୍ରଫେସର୍ ପି: ଦାସ ଏହି ଉଦ୍‌ଘାଟନୀ ଉତ୍ସବରେ ସ୍ୱାଗତ ଭାଷଣ ଦେଇଥିଲେ । "ଓଡ଼ିଶା ହର୍ଟିକଲଚରାଲ ସୋସାଇଟି"ର ଅଧ୍ୟକ୍ଷ ସୋସାଇଟିର ଲକ୍ଷ୍ୟ ଓ କାର୍ଯ୍ୟାବଳୀ ସମ୍ବଳିତ ସଂକ୍ଷିପ୍ତ ବିବରଣୀ ପାଠ କରିଥିଲେ । ଏହି ସୋସାଇଟିର ସେକ୍ରେଟାରୀ ଡକ୍ଟର ଜେ: ଏମ୍: ପଣ୍ଡା ଶେଷରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କିରୋସିନି ଯୋଗାଣକୁ ତ୍ୱରାନ୍ୱିତ କରିବା ପାଇଁ ଦୃଢ଼ ପଦକ୍ଷେପ ନିଆଯିବ

ରାଜ୍ୟରେ ସାତଦିନ ମଧ୍ୟରେ ନିର୍ଦ୍ଧାରିତ ଦରରେ କିରୋସିନି ଯୋଗାଣକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ଯୋଗାଣ ଅଧିକାରୀମାନେ ଦୃଢ଼ ପଦକ୍ଷେପ ନେବା ନିମନ୍ତେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା ପରାମର୍ଶ ଦେଇଛନ୍ତି ।

ଯୋଗାଣ ବିଭାଗର ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ କରି ସମ୍ପ୍ରତି ସଚିବାଳୟଠାରେ ଜିଲ୍ଲା ଯୋଗାଣ ଅଧିକାରୀମାନଙ୍କ କାର୍ଯ୍ୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ବେହେରା କହିଲେ ଯେ କେନ୍ଦ୍ରରୁ ମିଳୁଥିବା କିରୋସିନିକୁ ଦୃଷ୍ଟିରେ ରଖି ରାଜ୍ୟରେ ଏହାର ସୁଷମ ବଣ୍ଟନ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନେ ବିହିତ ପଦକ୍ଷେପ ନେବା ଉଚିତ । ବେଆଇନ କିରୋସିନି ମହଜୁଦକାରୀ ଓ କଳାବଜାରୀ ବ୍ୟବସାୟୀଙ୍କୁ ଧରି ସେମାନଙ୍କ ବିରୁଦ୍ଧରେ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବା ସଙ୍ଗେ ସଙ୍ଗେ ଖାଉଟିମାନଙ୍କୁ ଉଚିତ ମୂଲ୍ୟରେ କିରୋସିନି ଯୋଗାଇ ଦେବାକୁ ସେ ସମ୍ପୃକ୍ତ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିରୋସିନି କଳାବଜାରୀ ଓ ମହଜୁଦକାରୀଙ୍କ ଗୋଦାମ ଖାନତଲାସ କରିବା ସମୟରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ସ୍ଥଳେ ପୁଲିସ୍ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ଶ୍ରୀ ବେହେରା କହିଥିଲେ ।

ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ପ୍ରତ୍ୟେକ ରିଟେଲ ଦୋକାନ ପାଇଁ ଗୋଟିଏ ଲେଖାଏଁ କମିଟି ଗଠନ କରାଯିବା ସଙ୍ଗେ ସଙ୍ଗେ ବ୍ଲକ୍ ସ୍ତରରୁ ଆରମ୍ଭ କରି ଜିଲ୍ଲା କମିଟିରେ ଏକ-ତୃତୀୟାଂଶ ମହିଳା ପ୍ରତିନିଧିତ୍ୱ କରିବା ଉପରେ ଯୋଗାଣ ମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଖାଉଟି କାର୍ଡ ଗଣନା କାର୍ଯ୍ୟ ଶେଷ କରାଯାଇ ଶୀଘ୍ର ନୂତନ ପଡ଼ିକାର୍ଡ ଯୋଗାଇ ଦେବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ବିଭାଗର ଭାବମୂର୍ତ୍ତିକୁ ଅକ୍ଷୁଣ୍ଣ ରଖିବା ପାଇଁ କର୍ମଚାରୀମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ମନ୍ତ୍ରୀ ଶ୍ରୀ ବେହେରା ପରାମର୍ଶ ଦେବା ସଙ୍ଗେ ସଙ୍ଗେ ସାଧାରଣ ବଣ୍ଟନ ବ୍ୟବସ୍ଥା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜନସାଧାରଣଙ୍କ ଆନ୍ତରିକ ସହଯୋଗ କାମନା କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଏହି ସମୀକ୍ଷା ବୈଠକରେ ବିଭାଗୀୟ ଅତିରିକ୍ତ ଶାସନ ସଚିବଙ୍କ ସମେତ ପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ ।

## ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନର ଅବସରପ୍ରାପ୍ତ ଶିକ୍ଷକମାନଙ୍କର ପେନ୍‌ସନ୍ ଫଇସଲା

ପ୍ରାଥମିକ ବିଦ୍ୟାଳୟ ସମେତ ବିଭିନ୍ନ ସରକାରୀ ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ଅବସର ଗ୍ରହଣ କରିଥିବା ୯,୮୨୮ ଜଣ ଶିକ୍ଷକଙ୍କର ପେନ୍‌ସନ୍ ମଞ୍ଜୁରି ଦୀର୍ଘ ଦିନ ଧରି ବାକି ପଡ଼ିଥିଲା । ପୂର୍ବତନ ସରକାରଙ୍କ ଅମଳରେ ଏଥିମଧ୍ୟରୁ ଗୋଟିଏ ହେଲେ ଘଟଣାରେ ନିଷ୍ପତ୍ତି ନିଆ ଯାଇନଥିଲା ଅଥବା ପେନ୍‌ସନ୍ ମଞ୍ଜୁର କରାଯାଇନଥିଲା ।

ରାଜ୍ୟ ସରକାରଙ୍କର ପେନ୍‌ସନ୍ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରଚେଷ୍ଟା ତଥା ବିଭାଗୀୟ ମନ୍ତ୍ରୀ ଶ୍ରୀ ପ୍ରସନ୍ନ ପାଟଶାଣୀଙ୍କର ଆନ୍ତରିକ ଉଦ୍ୟମ ଫଳରେ ଏଥିମଧ୍ୟରୁ ୮,୬୬୭ଟି ଦରଖାସ୍ତ ଉପରେ ଇତି ମଧ୍ୟରେ ନିଷ୍ପତ୍ତି ଗ୍ରହଣ କରାଯାଇ ସାରିଛି । ଏହା ଏକ ଉଲ୍ଲେଖନୀୟ ସାଫଲ୍ୟ ତଥା ଅବସରପ୍ରାପ୍ତ ଏହି ଶିକ୍ଷକମାନେ ଏହା ଫଳରେ ଉପକୃତ ହୋଇ ପାରିଛନ୍ତି । କେବଳ ଏହି ଶ୍ରେଣୀର କର୍ମଚାରୀମାନଙ୍କ ନିମନ୍ତେ ପ୍ରତି ମାସରେ ପେନ୍‌ସନ୍ ଅଦାଲତର ସ୍ୱତନ୍ତ୍ର ବୈଠକ ବସାଇ ନିଷ୍ପତ୍ତି ନେବାକୁ ଶ୍ରୀ ପାଟଶାଣୀ ନିର୍ଦ୍ଦେଶ ଦେଇଛନ୍ତି ।

ଯୋଜନା ଓ ସମନ୍ୱୟ ବିଭାଗ ନିର୍ଦ୍ଦିଷ୍ଟ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମଗୁଡ଼ିକର ମୂଲ୍ୟାୟନ ନିରୂପଣ କରିବା ନିମନ୍ତେ ଏହି କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା । ଗ୍ରାମାଞ୍ଚଳ ହିତାଧିକାରୀମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବହୁଳ ଉତ୍ପାଦନ ତଥା ବିକ୍ରି ପାଇଁ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ତଥା ବିପଣି ସଂସ୍ଥା ବଜାରକୁ ଅନୁଧ୍ୟାନ କରି ବିକ୍ରିବଟା କାର୍ଯ୍ୟ ପ୍ରଭୃତିକୁ ତ୍ୱରାନ୍ୱିତ କରିବା ନିମନ୍ତେ 'କାପାର୍ଟ'ଠାରୁ ସାହାଯ୍ୟ ପାଇବା ପାଇଁ ଆବେଦନ କରିବେ ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର, କୃଷି ତଥା ଗ୍ରାମ୍ୟ ଉନ୍ନୟନ କମିଶନର, ପଞ୍ଚାୟତିରାଜ ବିଭାଗ ଶାସନ ସଚିବଙ୍କ ସମେତ ସମ୍ପୃକ୍ତ ବିଭାଗର ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇଥିଲେ ।

## ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା କର୍ମଚାରୀଙ୍କ ଆଭିମୁଖ୍ୟ ହେଉ

ସ୍ୱାସ୍ଥ୍ୟ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ । ମଣିଷ ଜୀବନ ସହ ଏହାର ସମ୍ପର୍କ । ଏହି ବିଭାଗ ପ୍ରତି ଲୋକଙ୍କର ଆସ୍ଥା ରହିଛି । ତାହା ଯେପରି ଆହୁରି ଦୃଢ଼ୀଭୂତ ହେବ ଏବଂ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବାରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଯେପରି ପୂର୍ଣ୍ଣମାତ୍ରାରେ ସକ୍ଷମ ହେବେ, ସେ ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ସୟଦ୍ ମୁସ୍ତାଫିଜ୍ ଅହମ୍ମଦ୍ ବିଭାଗୀୟ କର୍ମଚାରୀମାନଙ୍କୁ ଅନୁରୋଧ କରିଛନ୍ତି ।

ସମ୍ପ୍ରତି ସଚିବାଳୟଠାରେ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ କର୍ମଚାରୀମାନଙ୍କ ଏକ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଅହମ୍ମଦ୍ ବିଭାଗୀୟ କାର୍ଯ୍ୟ କଳାପ ସମ୍ପର୍କରେ ବିସ୍ତୃତ ବିମର୍ଶ କରିବା ଅବସରରେ କହିଲେଯେ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ହିଁ ଏହି ବିଭାଗର ମୁଖ୍ୟ କାର୍ଯ୍ୟ ଓ ଆଭିମୁଖ୍ୟ ହେବା ବାଞ୍ଛନୀୟ । ସେଥିପାଇଁ କର୍ମଚାରୀମାନଙ୍କୁ ଅଧିକ ପରିଶ୍ରମ ଓ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ । ସମ୍ବାଦ ପତ୍ରମାନଙ୍କରେ ସ୍ୱାସ୍ଥ୍ୟ ବିଭାଗ ସମ୍ପର୍କରେ ବହୁ ସମ୍ବାଦ ପ୍ରକାଶ ପାଉଛି । ସେଗୁଡ଼ିକ ମଧ୍ୟରୁ କିଛି ସତ୍ୟ ହୋଇପାରେ । ତେବେ ରାଜ୍ୟସ୍ତରୀୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଶେଷ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରକାଶିତ ସମ୍ବାଦଗୁଡ଼ିକୁ ନିୟମିତ ପଢ଼ି ତା'ଉପରେ ଯଥାଶୀଘ୍ର ବିହିତ କାର୍ଯ୍ୟାନୁଷ୍ଠାନ କରିବାକୁ ସେ ପରାମର୍ଶ ଦେଇଥିଲେ । ସେ କହିଲେ ଯେ ଏହାଦ୍ୱାରା ଲୋକଙ୍କ ଆପତ୍ତି ଅଭିଯୋଗକୁ ତୁରନ୍ତ ଦୂର କରାଯାଇ ପାରିବ ଓ ଅସୁବିଧା ଦୂର କରାଯାଇ ପାରିବ । ଏହି ବିଭାଗର ଶେଷ କର୍ମଚାରୀଙ୍କ ସଂଖ୍ୟା ଅଧିକ ହୋଇଥିବା ଦୃଷ୍ଟିରୁ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରି ସେମାନଙ୍କ ଭଲ କାର୍ଯ୍ୟ କଳାପ ଉପରେ ବିଭାଗର ଭାବମୂର୍ତ୍ତି ବହୁ ଅନେକାଂଶରେ ନିର୍ଭର କରେ ବୋଲି କହିଥିଲେ । ତେଣୁ ଶେଷ କର୍ମଚାରୀମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ, ସମସ୍ୟା ଦୀର୍ଘଦିନ ଧରି ସମାଧାନ ନହୋଇ ବିଭାଗୀୟ ମୁଖ୍ୟ ଦପ୍ତରରେ ପଡ଼ି ରହିବା ଉଚିତ ନୁହେଁ ଏବଂ ଉଚିତ ସମୟ ସୀମା ମଧ୍ୟରେ ଏହାର ନିଷ୍ପତ୍ତି ନିଆଯିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟସ୍ତରୀୟ ବିଭାଗୀୟ ବରିଷ୍ଠ କର୍ମକର୍ତ୍ତାମାନେ ଓଡ଼ିଶାର ସମସ୍ତ ଅଞ୍ଚଳକୁ ଯାଇ ବିଭିନ୍ନ ଡାକ୍ତରଖାନା ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆଦି ପରିଦର୍ଶନ କରି ସେସବୁର ଅବସ୍ଥା ଅନୁଧ୍ୟାନ ସହ ରୋଗୀମାନଙ୍କ ଅଭାବ ଅସୁବିଧା ବୁଝି, ରହିଥିବା ସମସ୍ୟାଗୁଡ଼ିକୁ ସମାଧାନ କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ଜନସାଧାରଣଙ୍କ ପକ୍ଷରୁ ମିଳୁଥିବା ଆପତ୍ତି ଅଭିଯୋଗ ସମ୍ବଳିତ ଦରଖାସ୍ତଗୁଡ଼ିକୁ ତୁରନ୍ତ ଫଇସଲା କରି, ନିଷ୍ପତ୍ତି ସମ୍ପୃକ୍ତ ଲୋକଙ୍କୁ ଜଣାଇ ଦେବାକୁ ସେ ପରାମର୍ଶ ଦେଇଥିଲେ । ଫଳରେ ବିଭାଗ ପ୍ରତି ଜନସାଧାରଣଙ୍କର ଆସ୍ଥା ଜନ୍ମିବ । ଯେଉଁ ଜିଲ୍ଲାମାନଙ୍କରେ ଛଅବର୍ଷିଆ ବଦଳି ନିୟମ ଲାଗୁ ନହେବା ପାଇଁ ନୀତି ସ୍ଥିର ହୋଇଛି, ସେହି ଜିଲ୍ଲାମାନଙ୍କରେ ସେ ଅଞ୍ଚଳର ଲୋକମାନଙ୍କର ମତାମତ ପ୍ରତି ସମ୍ମାନ ଦେଇ, ଉତ୍ତମ କାର୍ଯ୍ୟ କରୁଥିବା ଡାକ୍ତରମାନଙ୍କୁ ସେଠାରେ ରଖାଯିବା ଉଚିତ ବୋଲି ସେ କହିଥିଲେ । ଅନ୍ୟାନ୍ୟ ଜିଲ୍ଲାରେ ବଦଳି ହୋଇଥିବା ଡାକ୍ତରମାନଙ୍କୁ ନିଜ ନିଜ ସ୍ଥାନରେ ଚଳିତ ମାସ ୨୦ ତାରିଖ ସୁଦ୍ଧା କାର୍ଯ୍ୟରେ ଯୋଗ ଦେବା ପାଇଁ କୁହାଯାଇଛି । ନିଜ କାର୍ଯ୍ୟରେ ଯୋଗ ଦେଇ କାର୍ଯ୍ୟ କରିବା ଡାକ୍ତରମାନଙ୍କ ଯାହା ଅଭାବ ଅସୁବିଧା ଥିବ, ତାହା ମାର୍ଚ୍ଚ ମାସ ପରେ ବିଚାର କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିଥିଲେ । ଖାଲି ରହିଥିବା ଉଚ୍ଚ ପଦବୀଗୁଡ଼ିକୁ ଏକମାସ ମଧ୍ୟରେ ପୂରଣ କରାଯିବାକୁ ପଦକ୍ଷେପ ନେବା ଲାଗି ସେ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ ଖାଲି ରହିଥିବା ୯୦ଟି ଫାର୍ମାସିଷ୍ଟ ପଦବୀ ସଂରକ୍ଷିତ ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ଓ ସେ ଶ୍ରେଣୀର ପ୍ରାର୍ଥୀ ମିଳୁ ନଥିବାରୁ ପଦବୀଗୁଡ଼ିକ ପୂରଣ ହୋଇପାରୁ ନାହିଁ । ଏଥିପାଇଁ ହରିଜନ ଓ ଆଦିବାସୀ ମଙ୍ଗଳ ବିଭାଗ ସହ ପରାମର୍ଶ କରାଯାଇ ସାଧାରଣ ପ୍ରାର୍ଥୀଙ୍କ ଦ୍ୱାରା ପଦବୀଗୁଡ଼ିକୁ ଅସ୍ଥାୟୀ ଭାବେ ତୁରନ୍ତ ପୂରଣ କରାଯିବା ସମ୍ପର୍କରେ ବିଶେଷ ବିଚାର ବିମର୍ଶ କରି ନିଷ୍ପତ୍ତି ନିଆଯିବ ବୋଲି ସେ ପ୍ରକାଶ କରିଥିଲେ । ସରକାରଙ୍କ ଧାର୍ଯ୍ୟ ନିୟମ ଅନୁସାରେ ନୂଆ ଡାକ୍ତରଖାନା ଖୋଲିବା କ୍ଷେତ୍ରରେ ଦେଖାଦେଉଥିବା ଅସୁବିଧା ସମ୍ପର୍କରେ ମଧ୍ୟ ପରିବିଶେଷ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ସେ ସୂଚନା ଦେଇଥିଲେ । ଡାକ୍ତରଖାନା ଓ ବିଭାଗୀୟ କର୍ମଚାରୀଙ୍କ ବାସଗୃହ ନିର୍ମାଣକୁ ସୁସଙ୍ଗଠିତ ଓ ତ୍ୱରାନ୍ୱିତ କରିବା ପାଇଁ ନିର୍ମାଣ ସଂସ୍ଥା ଖୋଲାଯିବା ପାଇଁ ସେ ମତ ପ୍ରକାଶ କରିଥିଲେ । ଏ ସମ୍ପର୍କରେ ପରୀକ୍ଷା ନିରୀକ୍ଷା କରାଯାଇ ସୁଚିନ୍ତିତ ପ୍ରସ୍ତାବ ଉପସ୍ଥାପନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ଗତ ୩ ବର୍ଷ ଭିତରେ ନିର୍ମାଣ ବିଭାଗକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ମାଣ ବାବଦକୁ କେତେ ଅର୍ଥ ଦିଆଯାଇଛି ଓ କି କାର୍ଯ୍ୟ ହୋଇଛି, ତା'ର ବିବରଣୀ ପ୍ରଦାନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ବଦଳି ହୋଇଥିବା ଡାକ୍ତରମାନେ କାର୍ଯ୍ୟରେ ଯୋଗ ନଦେଇ ଦୀର୍ଘଦିନ ଧରି ଛୁଟିରେ ରହୁଥିବା ଯୋଗୁଁ ଡାକ୍ତରଖାନା ଓ ମେଡ଼ିକାଲ କଲେଜଗୁଡ଼ିକରେ ଉପୁଜିଥିବା ସମସ୍ୟା ପରିପେକ୍ଷୀରେ ତିନିମାସରୁ ଅଧିକ ଛୁଟିରେ ଥିବା ଡାକ୍ତରମାନଙ୍କୁ ମେଡ଼ିକାଲ ବୋର୍ଡରେ ଉପସ୍ଥିତ ହୋଇ ଆବଶ୍ୟକୀୟ ସ୍ୱାସ୍ଥ୍ୟଗତ ସାର୍ଟିଫିକେଟ୍ ଦାଖଲ କରିବା ପାଇଁ ବାଧ୍ୟ କରାଯିବାକୁ ସେ ପରାମର୍ଶ ଦେଇଥିଲେ । ରାଜ୍ୟରେ ଓପନ୍ ହାର୍ଟ ସର୍ଜରୀ ଓ ସୁପର୍ ସ୍ପେଶାଲ୍ ଡାକ୍ତରଖାନା ପ୍ରତିଷ୍ଠା ପ

ନୟାଗଡ଼, ଅନୁଗୁଳ, ବରଗଡ଼, ବାମଣ୍ଡା, ନୂଆପଡ଼ା ଓ ସୋନପୁର ଜିଲ୍ଲା ଗଠନ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ବର୍ତ୍ତମାନର ଜିଲ୍ଲାଗୁଡ଼ିକର ଆୟତନ, ଲୋକସଂଖ୍ୟା, ଭୌଗଳିକ ସ୍ଥିତି ତଥା ପ୍ରଶାସନିକ ଶାଖା ଯଥାଃ–ତହସିଲ, ବ୍ଲକ, ଗ୍ରାମପଞ୍ଚାୟତ ଇତ୍ୟାଦିର ସଂଖ୍ୟା ତଥା ପ୍ରାକୃତିକ ବିପର୍ଯ୍ୟୟ ସମସ୍ୟା ସହିତ ଗମନାଗମନର ସୁବିଧା ଓ ଅର୍ଥନୈତିକ ବିକାଶ ଆଦି ବିଷୟକୁ ନେଇ ଏହି ନୂତନ ଜିଲ୍ଲା ଗଠନ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଅଛି ।

ଏହି ନବଗଠିତ ଜିଲ୍ଲାଗୁଡ଼ିକ ଆସନ୍ତା ଆର୍ଥିକ ବର୍ଷରୁ ଅର୍ଥାତ ତା୦୧-୪-୧୯୯୩ ରିଖ ଠାରୁ କାର୍ଯ୍ୟକ୍ଷମ ହେବ । ଏଥିନିମନ୍ତେ ସମସ୍ତ ପ୍ରକାର ବିହିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସରକାର ନିର୍ଦ୍ଦେଶ ଦେଇସାରିଛନ୍ତି ।

ନୂତନ ଜିଲ୍ଲା ଗଠନ ଜନସାଧାରଣଙ୍କର ବହୁଦିନର ଆଶା ପୂରଣ ଏବଂ ପ୍ରଶାସନକୁ ଜନସାଧାରଣଙ୍କର ନିକଟବର୍ତ୍ତୀ କରାଇ ପାରିବ ବୋଲି ସରକାର ଆଶା କରନ୍ତି ।

ନୂତନ ଜିଲ୍ଲାଗୁଡ଼ିକର ନାମ ଏବଂ ଏଥିରେ ଅନ୍ତର୍ଭୁକ୍ତ ଅଞ୍ଚଳର ତାଲିକା ନିମ୍ନରେ ପ୍ରଦତ୍ତ ହେଲା ।

| ଜିଲ୍ଲାର ନାମ | ଅନ୍ତର୍ଭୁକ୍ତ ହୋଇଥିବା ଅଞ୍ଚଳ (ସବ୍‌ଡିଭିଜନ) |
|---|---|
| (୧) ଭଦ୍ରଖ | ଭଦ୍ରଖ |
| (୨) ଯାଜପୁର | ଯାଜପୁର |
| (୩) କେନ୍ଦ୍ରାପଡ଼ା | କେନ୍ଦ୍ରାପଡ଼ା |
| (୪) ଜଗତସିଂହପୁର | ଜଗତସିଂହପୁର |
| (୫) ଖୋର୍ଦ୍ଧା | (କ) ଖୋର୍ଦ୍ଧା |
| | (ଖ) ଭୁବନେଶ୍ୱର |
| (୬) ନୟାଗଡ଼ | ନୟାଗଡ଼ |
| (୭) ଅନୁଗୁଳ | (କ) ଅନୁଗୁଳ |
| | (ଖ) ତାଳଚେର |
| | (ଗ) ପାଲଲହଡ଼ା |
| | (ଘ) ଆଠମଲ୍ଲିକ |
| (୮) ବରଗଡ଼ | (କ) ବରଗଡ଼ |
| | (ଖ) ସୋହେଲା ଓ ବିଜେପୁର ବ୍ଲକ |
| (୯) ବାମଣ୍ଡା | (କ) କୁଚିଣ୍ଡା |
| | (ଖ) ଦେଓଗଡ଼ |
| (୧୦) ନୂଆପଡ଼ା | (କ) ନୂଆପଡ଼ା |
| | (ଖ) ପଦ୍ମପୁର (ସୋହେଲା ଓ ବିଜେପୁର ବ୍ଲକ ବ୍ୟତୀତ) |
| (୧୧) ସୋନପୁର | (କ) ସୋନପୁର |
| | (ଖ) ବୀରମହାରାଜପୁର |

## ସାହାସିକ କାର୍ଯ୍ୟ ପାଇଁ ଓମ୍ ପ୍ରକାଶ ସମ୍ମାନିତ

ନିଜ ଜୀବନକୁ ବିପନ୍ନ କରି ଏକ ନିଶ୍ଚିତ ଟ୍ରକ୍ ଦୁର୍ଘଟଣାରୁ ଏକ ବାଳିକାର ଜୀବନ ରକ୍ଷା କରିଥିବା ଯୋଗୁଁ ଢେଙ୍କାନାଳ ଜିଲ୍ଲା ଭୁବନ ଗ୍ରାମର ଦଶବର୍ଷ ବୟସ୍କ ବାଳକ ଶ୍ରୀମାନ୍ ଓମ୍ ପ୍ରକାଶ ମିଶ୍ରଙ୍କୁ ରାଜ୍ୟ ଶିଶୁ କଲ୍ୟାଣ କାଉନ୍‌ସିଲ୍ ପକ୍ଷରୁ ସମ୍ମାନିତ କରାଯାଇଛି ।

ଡକ୍ଟର ପ୍ରମୋଦ କୁମାର ମିଶ୍ରଙ୍କର ପୁତ୍ର ଓମ୍ ପ୍ରକାଶ, ୧-୫-୧୯୯୧ ତାରିଖ ଦିନ ବାଲେଶ୍ୱର ସହରର ଶେରଗଡ଼ ଛକିଙ୍ଗଠାରେ ନିଜ ମା'ଆଙ୍କ ସହ ବସ୍‌କୁ ଅପେକ୍ଷା କରି ରହିଥିଲେ । ସେଠାରେ ବସ୍‌କୁ ଅପେକ୍ଷା କରିଥିବା ଅନ୍ୟ ଜଣେ ବାଳିକା ସୁଶୀଳା ହଠାତ୍ ରାସ୍ତାର ଅପର ପାର୍ଶ୍ୱରେ ଥିବା ନିଜ ପିତାଙ୍କ ନିକଟକୁ ଯିବା ନିମନ୍ତେ ଦୌଡ଼ି ଚାଲି ଯାଇଥିଲା । ସେହି ସମୟରେ ଏକ ଦ୍ରୁତଗାମୀ ଟ୍ରକ୍ ଝିଅଟି ଉପରକୁ ମାଡ଼ି ଆସୁଥିବା ଦେଖି, ଓମ୍ ପ୍ରକାଶ ସଙ୍ଗେ ସଙ୍ଗେ ରାସ୍ତା ଉପରକୁ ଦୌଡ଼ି ଯାଇ ପିଲାଟିକୁ ଟାଣି ଆଣିଥିଲେ । ନିଜର ଜୀବନକୁ ବିପନ୍ନ କରି ଏକ ଅମୂଲ୍ୟ ଜୀବନ ରକ୍ଷା କରିଥିବା ଯୋଗୁଁ ଓମ୍ ପ୍ରକାଶଙ୍କୁ ୪୪ ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ରାଜ୍ୟ ଶିଶୁ କଲ୍ୟାଣ କାଉନ୍‌ସିଲ୍ ପକ୍ଷରୁ ସମ୍ମାନିତ କରା ଯାଇଛି ।

ଆଜି ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍‌ର ମାର୍ଚ୍ଚ ପାଷ୍ଟରେ ଏକ ସୁସଜ୍ଜିତ ଘୋଡ଼ା ଗାଡ଼ିରେ ବସି ଓମ୍ ପ୍ରକାଶ ଅଂଶ ଗ୍ରହଣ କରିଥିଲେ । ଅପରାହ୍ନରେ ମାନ୍ୟବର ରାଜ୍ୟପାଳ ତଥା କାଉନ୍‌ସିଲର ଅଧ୍ୟକ୍ଷ ଶ୍ରୀ ଯଜ୍ଞଦତ୍ତ ଶର୍ମା ଓମ୍ ପ୍ରକାଶଙ୍କୁ ଏକ ହଜାର ଟଙ୍କାର ଆର୍ଥିକ ପୁରସ୍କାର, ଏକ ପ୍ରଶଂସା ପତ୍ର ଓ ଏକ ସମ୍ମାନ ଫଳକ ପ୍ରଦାନ କରିଛନ୍ତି ।

## ଗ୍ରାମ୍ୟ ଉନ୍ନୟନ ସମ୍ପର୍କୀୟ ରାଜ୍ୟସ୍ତରୀୟ ସମନ୍ୱୟ କମିଟି ବୈଠକ

ସମ୍ପ୍ରତି ସଚିବାଳୟଠାରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ୨୦ ତମ ରାଜ୍ୟସ୍ତରୀୟ ସମନ୍ୱୟ କମିଟିର ଏକ ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀ ରବି ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା ।

ସମୀକ୍ଷା ବୈଠକରେ ଜଣାଯାଇଛି ଯେ ରାଜ୍ୟରେ ଚଳିତ ଆର୍ଥିକ ବର୍ଷ ଆରମ୍ଭରୁ ଗତ ଡିସେମ୍ବର ମାସ ଶେଷ ସୁଦ୍ଧା ଆଇଃ ଆର୍‌ଃ ଡିଃପିଃରେ ୧,୬୬୪·୩୬ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ୪୭,୬୭୩ ଜଣ ହିତାଧିକାରୀଙ୍କୁ ସାହାଯ୍ୟ ପ୍ରଦାନ କରାଯାଇଛି । ଟ୍ରାଇସେମ୍ ଯୋଜନାରେ ଏହି ସମୟ ମଧ୍ୟରେ ୨୬୭·୨୭ ଲକ୍ଷ ଟଙ୍କା ବ୍ୟୟରେ ୧୨ ହଜାର ୪୩୭ ଜଣ ଗ୍ରାମାଞ୍ଚଳ ଯୁବକ ତାଲିମ ପାଇବା ସଙ୍ଗେ ସଙ୍ଗେ ୬,୨୭୭ ଜଣ ତାଲିମପ୍ରାପ୍ତ ଯୁବକଙ୍କୁ ଥଇଥାନ କରାଯାଇଛି । ଗ୍ରାମାଞ୍ଚଳ ମହିଳା ଓ ଶିଶୁ ବିକାଶ ଯୋଜନା ମାଧ୍ୟମରେ ୧,୩୬୬ ଜଣ ମହିଳା ଉପକୃତ ହୋଇପାରିଛନ୍ତି । ଗ୍ରାମାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ଜବାହର ରୋଜଗାର ଯୋଜନାରେ ୭୦୦୫·୭୭ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ୧୭·୮୮ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ଇନ୍ଦିରା ଆବାସ ଯୋଜନାରେ ୭,୯୫୫ଟି ଗୃହ ନିର୍ମାଣ ହେବା ସଙ୍ଗେ ସଙ୍ଗେ ନିସ୍ମୃତ ସେଚକୂପ ଖନନ କାର୍ଯ୍ୟକ୍ରମରେ ୧୫,୯୯୮ଟି ସେଚକୂପ ଆଦିବାସୀ ହରିଜନ ଓ ଗୋତିମୁକ୍ତ ଶ୍ରମିକଙ୍କ ପାଇଁ ଖନନ କରାଯାଇଛି ।

ଅଟୋ–ରିକ୍ସା ଚଳେଇବା ପାଇଁ ଭୁବନେଶ୍ୱର ୟୁ:କୋ: ବ୍ୟାଙ୍କ୍ ଓ ନିଗମ ତରଫରୁ ଉକ୍ତ ୩ ଜଣ ମହିଳା ଉଦ୍ୟୋଗୀଙ୍କୁ ବଛାଯାଇ ନିଗମ ତରଫରୁ ପଞ୍ଚାୟତିରାଜ ବିଭାଗର କେନ୍ଦ୍ରୀୟ ଗ୍ୟାରେଜ୍‌ରେ ସେମାନଙ୍କୁ ତିନିମାସ ପାଇଁ ଅଟୋ–ଡ୍ରାଇଭିଂ ତାଲିମ ଦିଆଯିବା ସଙ୍ଗେ ସଙ୍ଗେ ନିଜର ସୁରକ୍ଷା ନିମନ୍ତେ 'କରାଟେ' ତାଲିମ ମଧ୍ୟ ଦିଆଯାଇଛି । ପ୍ରତ୍ୟେକ ଅଟୋ–ରିକ୍ସା ପାଇଁ ଆବଶ୍ୟକ ୪୬ ହଜାର ଟଙ୍କା ମଧ୍ୟରୁ ସଚିବାଳୟ ଶାଖା ୟୁ:କୋ: ବ୍ୟାଙ୍କ୍ ୩୪ ହଜାର ଟଙ୍କା ଓ ମହିଳା ବିକାଶ ସମବାୟ ନିଗମ ୧୧ ହଜାର ଟଙ୍କା ଋଣ ଆକାରରେ ମଞ୍ଜୁର କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ମହିଳା ଉଦ୍ୟୋଗୀ ଏକ ହଜାର ଟଙ୍କା ଜମା ଦେଇଛନ୍ତି ।

ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ୟୁ:କୋ: ବ୍ୟାଙ୍କର ଏ.ଜି.ଏମ୍: ଶ୍ରୀ ପି.ସି: ପ୍ରାହି, ରାଜ୍ୟ ସମାଜ ମଙ୍ଗଳ ଉପଦେଷ୍ଟା ବୋର୍ଡର ଅଧ୍ୟକ୍ଷା ଶ୍ରୀମତୀ କସ୍ତୁରିକା ପଟ୍ଟନାୟକ, ମହିଳା କମିଶନର ଅଧ୍ୟକ୍ଷା ଶ୍ରୀମତୀ ଗାନୁ ମିଶ୍ର, ଓ ଭୁବନେଶ୍ୱର ପୌରପାଳିକାର ଅଧ୍ୟକ୍ଷା ଶ୍ରୀମତୀ କିରଣବାଳା ମଙ୍ଗରାଜ ପ୍ରମୁଖ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ ।

ଶେଷରେ ଭୁବନେଶ୍ୱର ୟୁ:କୋ: ବ୍ୟାଙ୍କର ଡିଭିଜନାଲ୍ ମ୍ୟାନେଜର ଶ୍ରୀ ଏସ୍.ସି: ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୁବନେଶ୍ୱର ସୈନିକ ସ୍କୁଲ ବାର୍ଷିକ ଦିବସ ପାଳନ

ଛାତ୍ରମାନଙ୍କ ମଧ୍ୟରେ ଶୃଙ୍ଖଳାବୋଧର ବିକାଶ ତଥା ସେମାନଙ୍କର ଶାରୀରିକ ଓ ମାନସିକ ଅବସ୍ଥାର ଅଭିବୃଦ୍ଧି ନିମନ୍ତେ ପ୍ରତିରକ୍ଷା ଶିକ୍ଷାର ସମ୍ପ୍ରସାରଣ ଉପରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡଃ ସତ୍ୟାନନ୍ଦ ଆଚାର୍ଯ୍ୟ ଗୁରୁତ୍ୱ ଆରୋପ କରିଛନ୍ତି । ସମ୍ପ୍ରତି ଭୁବନେଶ୍ୱର ସୈନିକ ସ୍କୁଲର ୩୧ ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଡଃ ଆଚାର୍ଯ୍ୟ କହିଲେ ଯେ ସୈନିକ ସ୍କୁଲ ଛାତ୍ରମାନଙ୍କର ଶୃଙ୍ଖଳାବୋଧ ଯେ କୌଣସି ବ୍ୟକ୍ତିଙ୍କୁ ପ୍ରଭାବିତ କରିବ । ପ୍ରତିରକ୍ଷା ଓ ଶୃଙ୍ଖଳା ଅଙ୍ଗାଙ୍ଗୀଭାବେ ଜଡ଼ିତ ବୋଲି ମତ ଦେଇ ଡଃ ଆଚାର୍ଯ୍ୟ ଭୁବନେଶ୍ୱରଠାରେ ସୈନିକ ସ୍କୁଲ ସ୍ଥାପନ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କର ବ୍ୟକ୍ତିଗତ ପ୍ରଚେଷ୍ଟା ଓ ପ୍ରେରଣା ଫଳରେ ସମ୍ଭବପର ହୋଇଥିଲା ବୋଲି ମତ ଦେଇଥିଲେ । ସ୍କୁଲ ପରିସରରେ ବୃକ୍ଷ ରୋପଣ କରି ଏହାର ପରିବେଶକୁ ସବୁଜିମାମଣ୍ଡିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ ।

ଡଃ ଆଚାର୍ଯ୍ୟ ବିଜ୍ଞାନ, କଳା ଓ ହସ୍ତ ଶିଳ୍ପର ଏକ ଆକର୍ଷଣୀୟ ପ୍ରଦର୍ଶନୀ ଉଦ୍‌ଘାଟନ କରି ଏହାର ଭୂୟସୀ ପ୍ରଶଂସା କରିଥିଲେ ।

ସ୍କୁଲ ଅଧ୍ୟକ୍ଷ ସ୍କାଡ୍ରନ୍ ଲିଡର୍ ମଣ୍ଡଳ ତାଙ୍କର ବାର୍ଷିକ ବିବରଣୀରେ ସୈନିକ ସ୍କୁଲର ବିଭିନ୍ନ କୃତିତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ସ୍କୁଲ ପ୍ରତିଷ୍ଠାଠାରୁ ଏହାର ପୁରାତନ ଛାତ୍ରମାନଙ୍କ ମଧ୍ୟରୁ ୨୫୪ ଜଣ ସୈନ୍ୟ ବାହିନୀରେ କମିଶନ୍‌ଡ୍ ଅଫିସର୍ ଭାବେ, ୨୦ ଜଣ ପ୍ରଶାସନିକ ସେବାରେ, ୭୦ ଜଣ ମର୍ଚ୍ଚେଣ୍ଟ ନ୍ୟାଭିରେ ଅଫିସର୍ ଓ ନୌସେନା ଇଞ୍ଜିନିୟର୍ ଭାବରେ ଓ ଶତାଧିକ ଡାକ୍ତର, ଇଞ୍ଜିନିୟର୍, ଅଧ୍ୟାପକ ନେତା ରୂପେ ସାଫଲ୍ୟ ଲାଭ କରିଥିବା ବିଷୟରେ ସେ ସୂଚନା ଦେଇଥିଲେ ।

ଗୋମତୀ ଛାତ୍ରାବାସ ସର୍ବଶ୍ରେଷ୍ଠ କୃତିତ୍ୱ ପାଇଁ ବିଦ୍ୟାଗତ ଟ୍ରଫି ଏବଂ ବ୍ରହ୍ମପୁତ୍ର ଛାତ୍ରାବାସ ଗତ ବର୍ଷର ଚମ୍ପିଆନ୍ ହାଉସ ଜକ୍–ହାଉସ୍ ସିଲ୍ଡ ଲାଭ କରିଥିଲେ । ମୁଖ୍ୟ ଅତିଥି କୃତି ଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

ପରିଶେଷରେ ସ୍କୁଲର ନାଟ୍ୟ ସଂସଦ ପକ୍ଷରୁ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ରାଜ୍ୟରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ପରିବାର କଲ୍ୟାଣ ଯୋଜନା 'ବିଂଶସୂତ୍ରୀ କାର୍ଯ୍ୟକ୍ରମ'ର ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟକ୍ର ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ପ୍ରଥମ ଆଠମାସ ମଧ୍ୟରେ, ଅର୍ଥାତ୍ ଗତ ଅପ୍ରେଲ ମାସଠାରୁ ନଭେମ୍ବର ମାସ ସୁଦ୍ଧା ପରିବାରକୁ ସୀମିତ ରଖିବା ଉଦ୍ଦେଶ୍ୟରେ ରାଜ୍ୟରେ ମୋଟ୍ ୬୯,୬୪୮ ଜଣ ବ୍ୟକ୍ତି ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର କରିଛନ୍ତି । କେବଳ ଗତ ନଭେମ୍ବର ମାସରେ ଅସ୍ତ୍ରୋପଚାର କରିଥିବା ୧୦,୪୬୪ ଜଣ ବ୍ୟକ୍ତି ଏହାର ଅନ୍ତର୍ଭୁକ୍ତ । ସେହିପରି ସନ୍ତାନ ଜନ୍ମ ବ୍ୟବଧାନ ସମସ୍ୟା ଦୂର ନିମନ୍ତେ ଉକ୍ତ ସମୟ ମଧ୍ୟରେ ୭୮,୯୭୮ ଜଣ ମହିଳା 'ଆଇ.ୟୁ.ଡି. ୧,୪୬,୮୨୯ ଜଣ ମହିଳା ସି:ସି: ଓ ୨୩,୦୦୧ ଜଣ ମହିଳା 'ଓରାଲ୍ ପିଲ୍' ବ୍ୟବହାର କରିଛନ୍ତି ବୋଲି ବିଂଶସୂତ୍ରୀ କାର୍ଯ୍ୟକ୍ର ଅଗ୍ରଗତି ବିବରଣୀରୁ ଜଣାପଡ଼ିଛି ।

ଏହା ବ୍ୟତୀତ ରାଜ୍ୟରେ ଏହି ସମୟ ମଧ୍ୟରେ ମୋଟ୍ ୧୩୨ଟି ଶିଶୁ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ସହିତ ୧୩,୬୩୨ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଥିବା ଉକ୍ତ ବିବରଣୀରୁ ପ୍ରକାଶ ।

## ଓଡ଼ିଶା ମାରିଟାଇମ୍ ଏକାଡେମୀ ପାଇଁ ଶିକ୍ଷାର୍ଥୀ ଗ୍ରହଣ

ଓଡ଼ିଶା ମାରିଟାଇମ୍ ଏକାଡେମୀ, ପାରାଦ୍ୱୀପରେ ନାବିକମାନଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ଆଗାମୀ ମାର୍ଚ୍ଚ ଅପ୍ରେଲ ମାସରୁ ଆରମ୍ଭ ହେବ । ଏହି ତାଲିମରେ କୃତକାର୍ଯ୍ୟ ଶିକ୍ଷାର୍ଥୀମାନେ ବେସାମରିକ ଜାହାଜମାନଙ୍କରେ ରେଟିଙ୍ଗ୍ ନାବିକ ଭାବରେ ନିଯୁକ୍ତି ପାଇବା ନିମନ୍ତେ ଯୋଗ୍ୟତା ଅ କରିବେ ।

ଏହି ତାଲିମ କେନ୍ଦ୍ରରେ ନାମ ଲେଖାଇବା ନିମନ୍ତେ ନିର୍ଦ୍ଧ ଫର୍ମରେ ଦରଖାସ୍ତ ଜାନୁଆରୀ ୩୧, ୧୯୯୩ ତାରିଖ ସେକ୍ରେଟାରୀ ଅଫିସର୍, ପାରାଦ୍ୱୀପ ଏରିଆ ଡେଭଲପମେ ପାରାଦ୍ୱୀପଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ । ଦରଖାସ୍ତ ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନେ ହାଇସ୍କୁଲ ସାର୍ଟିଫିକେଟ୍ ପରୀ ଅନ୍ୟୁନ ଶତକଡା ୫୦ ପ୍ରତିଶତ ନମ୍ବର ରଖି ପାସ କ ଆବଶ୍ୟକ । ଆଦିବାସୀ ଓ ହରିଜନ ପ୍ରାର୍ଥୀମାନଙ୍କ ନିମନ୍ତେ ୪୫ ପ୍ରତିଶତ ରଖାଯାଇଛି । ମନୋନୟନ

ଆବେଦନ କରିଥିବା କେତେକ ଘରୋଇ ସଂସ୍ଥାର ଆବେଦନକୁ ପରୀକ୍ଷା କରାଯାଇ ଯଥାଶୀଘ୍ର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବାକୁ ସେ ପରାମର୍ଶ ଦେଇଥିଲେ । ତିନିଗୋଟି ମେଡ଼ିକାଲ କଲେଜରେ ଖାଲିଥିବା ଅଧ୍ୟାପକ ସ୍ଥାନଗୁଡ଼ିକ ଫେବ୍ରୁଆରୀ ମାସ ୧୦ ତାରିଖ ସୁଦ୍ଧା ପୂରଣ କରାଯିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ ।

ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ପ୍ରକାଶ କରିଥିଲେ ଯେ ରାଜ୍ୟରେ ବର୍ତ୍ତମାନ ଶତକଡ଼ା ୮୨ ଭାଗ ଡାକ୍ତରଖାନାରେ ଡାକ୍ତର ଅଛନ୍ତି । ଖାଲି ରହିଥିବା ଡାକ୍ତର ପଦବୀ ପୂରଣ ପାଇଁ କେତେକ ଅବସରପ୍ରାପ୍ତ ଡାକ୍ତରଙ୍କ ସମେତ ନୂଆ ୭୦୦ ଡାକ୍ତରଙ୍କୁ ଆଡ୍‌ହକ୍ ଭିତ୍ତିରେ ନିଯୁକ୍ତି ଦିଆଯାଇଛି । ଅଧିକ ଡାକ୍ତରଖାନା ଖୋଲା ନଯାଇ ରହିଥିବା ଡାକ୍ତରଖାନାଗୁଡ଼ିକ ଅଧିକ ଉନ୍ନତ କରାଗଲେ, ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ସ୍ୱାସ୍ଥ୍ୟ ବିଭାଗକୁ ଦିଆଯାଇଥିବା ଅର୍ଥ ଔଷଧ ପତ୍ର କିଣିବା ପାଇଁ ନିଅଣ୍ଟ ହେଉଥିବା, ସେ ଦର୍ଶାଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ମେଡ଼ିକାଲ ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସମେତ ବିଭାଗୀୟ ବରିଷ୍ଠ କର୍ମଚାରୀମାନେ ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ପ୍ରାଥମିକ ବିଦ୍ୟାଳୟ ଓ ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନର ୮,୭୬୬ ଜଣ କର୍ମଚାରୀଙ୍କ ପେନ୍‌ସନ୍ ମଞ୍ଜୁର

କଂଟ୍ରୋଲର୍ ଅଫ୍ ଆକାଉଣ୍ଟସ୍ ତଥା ଆଡ଼ିସ୍‌ନାଲ ଡ଼ାଇରେକ୍ଟର ଅଫ୍ ଟ୍ରେଜେରିଜ୍ କାର୍ଯ୍ୟାଳୟରେ ଗତ ନଭେମ୍ବର ମାସ ସୁଦ୍ଧା ମିଳିଥିବା ପ୍ରାଥମିକ ବିଦ୍ୟାଳୟ ଓ ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନର ୯୮୨୮ ଜଣ କର୍ମଚାରୀଙ୍କ ମଧ୍ୟରୁ ୮,୭୬୬ ଜଣଙ୍କର ପେନ୍‌ସନ୍ ମଞ୍ଜୁର ହୋଇପାରିଛି । ଏ ସମସ୍ତ କାର୍ଯ୍ୟ ସୁଷ୍ଠୁ ରୂପେ ସମ୍ପାଦନ ହୋଇଥିବାରୁ ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ ମନ୍ତ୍ରୀ ଡଃ ପ୍ରସନ୍ନ କୁମାର ପାଟଶାଣୀ କଂଟ୍ରୋଲର୍ ଅଫ୍ ଆକାଉଣ୍ଟସ୍ ଏବଂ ସମ୍ପୃକ୍ତ ଅଫିସର ତଥା କର୍ମଚାରୀମାନଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି । ବିଶେଷ କରି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟ ଶାସନ ସଚିବଙ୍କ ସହଯୋଗ ଓ ବଳିଷ୍ଠ ଉଦ୍ୟମ ଯୋଗୁଁ ଓ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଉତ୍ତମ ସଂଯୋଜନା ହେତୁ ଏ ସମସ୍ତ କାର୍ଯ୍ୟ ଉତ୍ତମ ରୂପେ ସମ୍ପାଦନ ହୋଇପାରିଥିବାରୁ, ସେ ଭୂୟସୀ ପ୍ରଶଂସା କରି ସାଧୁବାଦ ଜଣାଇଛନ୍ତି ।

ଏହା ବ୍ୟତୀତ ବକେୟା ଭବିଷ୍ୟନିଧି ଜମାର ଫାଇନାଲ ଆକାଉଣ୍ଟସ୍ ସ୍ଲିପ୍ ଦିଆଯିବା ନିମନ୍ତେ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ମନ୍ତ୍ରୀ ଡଃ ପାଟଶାଣୀ ସମ୍ପୃକ୍ତ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

## ରାଜ୍ୟରେ ୬,୫୪୩ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ

ବିଂଶସୂତ୍ରୀ ଅନ୍ତର୍ଭୁକ୍ତ ଗ୍ରାମାଞ୍ଚଳକୁ ଶକ୍ତି ଯୋଗାଣ କାର୍ଯ୍ୟକ୍ରମରେ ଚଳିତ ଆର୍ଥିକ ବର୍ଷରେ ୯,୫୦୦ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ଗତ ଡିସେମ୍ବର ମାସ ସୁଦ୍ଧା, ଅର୍ଥାତ୍ ନଅମାସ ମଧ୍ୟରେ ରାଜ୍ୟରେ ୬,୫୪୩ଟି ପ୍ଲାଣ୍ଟ ସ୍ଥାପନ କରାଯାଇ ଧାର୍ଯ୍ୟ ଲକ୍ଷ୍ୟର ଶତକଡ଼ା ୬୮.୮୭ ଭାଗ ସଫଳତା ହାସଲ କରାଯାଇ ପାରିଛି । କେବଳ ଗତ ଡିସେମ୍ବର ମାସରେ ସ୍ଥାପନ କରାଯାଇଥିବା ୩୦୮ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ତନ୍ମଧ୍ୟରେ ଅନ୍ତର୍ଭୁକ୍ତ ବୋଲି ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ବିବରଣୀରୁ ଜଣାପଡ଼ିଛି ।

ସେହିପରି ଉନ୍ନତ ଚୁଲ୍ଲୀ ଯୋଗାଣ କାର୍ଯ୍ୟକ୍ରମରେ ଏହି ସମୟ ମଧ୍ୟରେ ୩୪,୩୬୩ଟି ଉନ୍ନତ ଚୁଲ୍ଲୀ ସ୍ଥାପନ କରାଯାଇ ପାରିଛି । କେବଳ ଗତ ଡିସେମ୍ବର ମାସରେ ସ୍ଥାପିତ ହୋଇଥିବା ୫,୬୯୨ଟି ଉନ୍ନତ ଚୁଲ୍ଲୀ ଏହାର ଅନ୍ତର୍ଭୁକ୍ତ ବୋଲି ଉକ୍ତ ବିବରଣୀରୁ ପ୍ରକାଶ ।

## ଭୁବନେଶ୍ୱରରେ ମହିଳା ଉଦ୍ୟୋଗୀଙ୍କ ଦ୍ୱାରା ଅଟୋ–ରିକ୍ସା ଚାଳନାର ଶୁଭାରମ୍ଭ

ସମ୍ପ୍ରତି ଜାନୁଆରୀ ଏକୋଇଶ ତାରିଖଦିନ ଭୁବନେଶ୍ୱରସ୍ଥ ମହିଳା ବିକାଶ ସମବାୟ ନିଗମ ପରିସର ମଧ୍ୟରେ ଅନୁଷ୍ଠିତ ଏକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପ୍ରଥମ କରି ମହିଳା ଉଦ୍ୟୋଗୀଙ୍କ ଦ୍ୱାରା ଅଟୋ–ରିକ୍ସା ଚାଳନାର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ 'ମୁଖ୍ୟମନ୍ତ୍ରୀ କହିଲେ ଯେ ସମାଜରେ ମହିଳାମାନେ ଯେପରି ଆତ୍ମନିର୍ଭରଶୀଳ ହୋଇ ନିଜକୁ ଗଢ଼ି ତୋଳିବେ, ସେଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଛି ଏବଂ ସେଥିମଧ୍ୟରୁ ମହିଳାମାନଙ୍କ ଦ୍ୱାରା ଏହି ଅଟୋ–ରିକ୍ସା ଚାଳନା ଯୋଜନା ଅନ୍ୟତମ । ସୁଇଡ଼େନ୍‌ରେ ମହିଳାମାନେ ପୁରୁଷଙ୍କ ଭଳି ବିଭିନ୍ନ କାର୍ଯ୍ୟରେ, ବିଶେଷ କରି ଟାକ୍‌ସି ଚଳେଇବା ଓ ହୋଟେଲ ପରିଚାଳନା ପ୍ରଭୃତି କାର୍ଯ୍ୟରେ ନିୟୋଜିତ ହୋଇ କାର୍ଯ୍ୟକୁ ସୁଚାରୁ ରୂପେ ଓ ଠିକ୍ ସମୟରେ ସମ୍ପାଦନ କରିପାରୁଛନ୍ତି ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସେ ଦେଶର ଲୋକମାନଙ୍କର ସମସ୍ତ ଜ୍ଞାନ ଯଥେଷ୍ଟ ଥିବାରୁ ସେ ଦେଶ ଆଜି ଉନ୍ନତ । ମହିଳା ବିକାଶ ସମବାୟ ନିଗମ ଦ୍ୱାରା ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ ୩ ଜଣ ମହିଳା ଉପକୃତ ହେଇପାରିଥିବା ସୁଚାଇ ଭବିଷ୍ୟତରେ ଏହି ସଂଖ୍ୟା ଶୀଘ୍ର ୩୦କୁ ବୃଦ୍ଧି ପାଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଏହି ଉତ୍ସବରେ ଅଧ୍ୟକ୍ଷତା କରି ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା, ଅନ୍ୟ ମହିଳାମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜକୁ ଆତ୍ମନିର୍ଭରଶୀଳ କରିପାରିବେ ବୋଲି ଆଶା ପ୍ରକାଶ କରିଥିଲେ ।

ପଞ୍ଚାୟତିରାଜ ବିଭାଗ ଶାସନ ସଚିବ ଶ୍ରୀ କେ.ବି. ବର୍ମା ଏଥିରେ ଉଦ୍‌ବୋଧନ ଦେଇ କହିଲେ ଯେ ବର୍ତ୍ତମାନ ସରକାର ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ସର୍ବାଙ୍ଗୀନ ଉନ୍ନତି ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି ।

ପ୍ରାରମ୍ଭରେ ନିଗମର ମୁଖ୍ୟ ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ଜି. ସୁବର୍ଣ୍ଣରାଣୀ ସୂଚନା ଦେଇ କହିଲେ ଯେ ଏହି

# ବାଲିଗୁଡ଼ା ଉପଖଣ୍ଡରେ ଆଦିବାସୀ ଆଦର୍ଶ ଫଳଚାଷୀ ସିମାଞ୍ଚଳ

● ପ୍ରଫୁଲ୍ଲ କୁମାର ମିଶ୍ର

ଫୁଲବାଣୀ ଜିଲ୍ଲାର ନିଘଞ୍ଚ ଜଙ୍ଗଲ ଓ ପର୍ବତ ଭିତରେ ବାଲିଗୁଡ଼ା ସବ୍‌ଡିଭିଜନର ପଣସପଡ଼ି ଗ୍ରାମର ଆଦିବାସୀ ଲୋକ ସିମାଞ୍ଚଳ ମାଝି କିଛି ଦିନ ତଳେ ଏସ୍‌ଃ ଡ଼ିଃ ଓ ଅଫିସଠାରେ ଜଳଖିଆ ଦୋକାନ ଦେଇଥିଲା । କିନ୍ତୁ ଏଥିରେ ତା'ର ପରିବାର ଚଳିବା କଷ୍ଟକର ହୋଇ ପଡ଼ିଥିଲା । ଯାହା ଫଳରେ ସେ କରଜ କରି ବସିଥିଲା । ଚିନ୍ତାକରି ନିଶାପାନରେ ବୁଡ଼ି ରହୁଥିଲା । ଦିନେ ସେ ସେଠାର ଉଦ୍ୟାନବିତ୍ ସୁରେନ୍ଦ୍ର ମହାପାତ୍ରଙ୍କୁ ଭେଟିଲା । ସେଦିନଠାରୁ ତା'ର ଭାଗ୍ୟ ଉଦୟ ହେବାରେ ଲାଗିଲା । ସିମାଞ୍ଚଳ ଉଦ୍ୟାନବିତ୍‌ଙ୍କ ପାଖକୁ ଗଲା । ଉଦ୍ୟାନବିତ୍ ଶ୍ରୀ ମହାପାତ୍ର ତାକୁ ପଚାରିଲେ ତୋ'ର କିଛି ଜମି ଅଛିକି ? ସେ ହଁ କଲା । କହିଲା ଆଜ୍ଞା କିଛି ପଡ଼ିଆ ଜମି ରହିଛି । ଉଦ୍ୟାନବିତ୍ ତା'ଠାରୁ ଗୋଟିଏ ଦରଖାସ୍ତ ଗ୍ରହଣ କରି ବାଲିଗୁଡ଼ା ବିଃ ଡିଃ ଓଃ ଶ୍ରୀ ପଣ୍ଡାଙ୍କ ପାଖକୁ ପଠାଇଲେ, ଯାହା ଦ୍ୱାରା କି ବିଃ ଡିଃ ଓଃ ସିମାଞ୍ଚଳକୁ ଗୋଟିଏ କୂଅ ଖୋଳିବା ପାଇଁ ଏବଂ ଫଳଚାଷ କରିବା ପାଇଁ ୧୪ ହଜାର ୨୦୦ ଟଙ୍କା ଦେଲେ । ସେଥିରୁ ଉଦ୍ୟାନ ବିଭାଗକୁ ୨୫ ଶହ ଟଙ୍କା ଦେଇ ୬୦୦ କଦଳୀ ପୁଆ, ସାର, ଔଷଧ ଦିଆଯାଇ ତା'ର ଜମିରେ ଲଗାଗଲା । ଏହା ଫଳରେ ସିମାଞ୍ଚଳର ଭାଗ୍ୟ ଉଦୟ ହୋଇଗଲା । କିନ୍ତୁ ତା'ର ଦୁଃଖ ଆଉ କ'ଣ ? ଆଠମାସ ପରେ ତା'ର ଜମିରେ ୫୦୦ ଶହ ଗଛରେ କଦଳୀ କାନ୍ଧି ଦେଖିଲା । ଏହା ଦେଖି ତା'ର ପରିବାରଙ୍କର ଛାତି କୁଣ୍ଢେମୋଟ । ସେହି ଜମିରେ ପରିବାରର ସମସ୍ତେ ଲାଗି ପଡ଼ିଲେ । ସେଥିରେ ଅଧିକ କିଛି କାର୍ଯ୍ୟ କରିବା ପାଇଁ ସେଥିରେ ଲଗାଇଲେ ଅମୃତଭଣ୍ଡା । ସିମାଞ୍ଚଳର ଭାଗ୍ୟ ବଦଳିବାରେ ଲାଗିଲା । ପାଞ୍ଚରେ କଦଳୀ କାନ୍ଧି କାଟିଲା । କାନ୍ଧି ପିଛା ୬୦ ଟଙ୍କାରୁ ୯୦ଟଙ୍କା ପର୍ଯ୍ୟନ୍ତ ବିକ୍ରିକରି ସମୁଦାୟ ୩୦ ହଜାର ଟଙ୍କାରୁ ଅଧିକ ଆଦାୟ କଲା । ଏହା ଫଳରେ ସେ ସେଥିରୁ ଗୋଟିଏ ପାଣିପମ୍ପ କିଣିଲା ଏବଂ ବଗିଚା ଭିତରେ ଗୋଟିଏ ପକ୍କା ଘର ତିଆରି କରିବା ପାଇଁ କାର୍ଯ୍ୟ ଆରମ୍ଭ କରିଛି । ଏବେ ସେ ଜମିରେ ଅଦିନିଆ କୋବି, ବାଇଗଣ, ଟମାଟ୍, ଭେଣ୍ଡି ଚାଷ ଆରମ୍ଭ କରି ଦେଇଛି । ବେଶ୍ ଦୁଇ ପଇସା ଲାଭ ପାଉଛି । ସିମାଞ୍ଚଳ ଏବେ ମଦକୁ ସମ୍ପୂର୍ଣ୍ଣ ଛାଡ଼ି ଦେଇ କଦଳୀ ବଗିଚାରେ ଲାଗି ପଡ଼ିଛି । ସେ କହେ ଯେ ବର୍ତ୍ତମାନ ଏହି ଚାଷକୁ ମୁଁ ପୁ ବ୍ୟବସାୟିକ ଭିତ୍ତିକରି ନେଇଛି । ତେଣୁ ମୁଁ ଏହି ଚାଷକୁ ଅଧିକ କରିବି । ଉଦ୍ୟାନବିତ୍ ତଥା ତାଙ୍କ କର୍ମଚାରୀ ଏବଂ ସ୍ଥାନୀୟ ବିଃ ଡିଃ ଓଃ ଶ୍ରୀ ପଣ୍ଡାଙ୍କ ସାହାଯ୍ୟରୁ ଜଣେ ଆଦିବାସୀ ଲୋକ ଯି ଅବସ୍ଥାରେ ଥିଲା, ବର୍ତ୍ତମାନ ତା'ର ଅବସ୍ଥା କ'ଣ । ଏହାକୁ ଆଦିବାସୀ ଲୋକଙ୍କ ମନରେ ସିମାଞ୍ଚଳକୁ ଆଦର୍ଶ ଫଳ ଚାଷୀ ହିସାବରେ ପ୍ରତିଷ୍ଠିତ କରିପାରିଛି । ସେ ଅଞ୍ଚଳ ତଥା ଆଖପାଖ ଅଞ୍ଚଳର ଲୋକ ଫଳଚାଷ କରିବା ପାଇଁ ଆଗ୍ରହ ହୋଇ ତା'ର ବଗିଚାକୁ ଆସି ଫଳଚାଷ ଉପରେ ସିମାଞ୍ଚଳଠାରୁ ବୁଝି ଯାଉଥିବା ଦେଖା ଯାଉଛି । ବର୍ତ୍ତମାନ ବାଲିଗୁଡ଼ା ଅଞ୍ଚଳରେ ଆଶାତୀତ ଭାବେ କଦଳୀ ଚାଷର ପ୍ରସାର ହେବାରେ ଲାଗିଛି । ବେକାର ଯୁବକମାନଙ୍କ ପାଇଁ ସିମାଞ୍ଚଳ ଆଜି ପଥ ପ୍ରଦର୍ଶକ ।

ଫ୍ରିଲାନ୍ସ ସାମ୍ବାଦିକ,
ବ୍ରହ୍ମପୁର ।



ପ୍ରାର୍ଥୀମାନଙ୍କର ଉଚ୍ଚତା ଅନ୍ତତଃ ୫ ଫୁଟ ୨ ଇଞ୍ଚ ଏବଂ ଓଜନ ୪୮ କିଲୋଗ୍ରାମ୍ ହେବା ସହ ସେମାନଙ୍କର ଉତ୍ତମ ଦୃଷ୍ଟିଶକ୍ତି ଥିବା ଆବଶ୍ୟକ ।

ଦରଖାସ୍ତ ପାଇଁ ନିର୍ଦ୍ଧାରିତ ଫର୍ମ ରାଜ୍ୟର ସମସ୍ତ ଜିଲ୍ଲା ଏମ୍ପ୍ଲଏମେଣ୍ଟ ଏକ୍ସଚେଞ୍ଜ, ପାରାଦ୍ୱୀପ, ଭଦ୍ରକ, ଝାରସୁଗୁଡ଼ା ଓ ଅନୁଗୁଳର ସ୍ୱତନ୍ତ୍ର ଏମ୍ପ୍ଲଏମେଣ୍ଟ ଏକ୍ସଚେଞ୍ଜ ତଥା ଆଦିବାସୀ ଓ ହରିଜନମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଭୁବନେଶ୍ୱରସ୍ଥିତ ଏମ୍ପ୍ଲଏମେଣ୍ଟ ଏକ୍ସଚେଞ୍ଜରୁ ମିଳି ପାରିବ ।

## ରାଜ୍ୟରେ ମରୁଡ଼ି ପରିସ୍ଥିତିର ମୁକାବିଲା ପାଇଁ ୮୫ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଦାବୀ

ଓଡ଼ିଶାରେ ସମ୍ପ୍ରତି ଦେଖା ଦେଇଥିବା ମରୁଡ଼ି ସଙ୍କଟର ଦୃଢ଼ ମୁକାବିଲା କରିବା ପାଇଁ ୮୫ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ଯୋଗାଇ ଦେବାକୁ ଦାବୀ କରି ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ବଳରାମ ଜାଖଡ଼ଙ୍କୁ ଏକ ପତ୍ର ଲେଖି ଅନୁରୋଧ କରିଛନ୍ତି ।

ଏହି ପତ୍ରରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ, ମୌସୁମୀ ପ୍ରବାହର ଅନିୟମିତତା ଯୋଗୁଁ ରାଜ୍ୟର ପଶ୍ଚିମାଞ୍ଚଳ ଜିଲ୍ଲାମାନଙ୍କର ବ୍ୟାପକ ଇଲାକାରେ ଗୁରୁତର ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି । ଏହା ଫଳରେ ବଲାଙ୍ଗୀର, କୋରାପୁଟ, କଳାହାଣ୍ଡି, ମାଲ୍‌କାନ୍‌ଗିରି, ନବରଙ୍ଗପୁର, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ୧୨୫ଟି ବ୍ଲକ୍ ମଧ୍ୟରୁ ୧୨୦ ବ୍ଲକ୍‌ର ଦଶଲକ୍ଷ ଲୋକ ବିପନ୍ନ ହୋଇଛନ୍ତି ଏବଂ ମୁଖ୍ୟ ଫସଲ ଧାନର ଆମଦାନୀ ଯଥେଷ୍ଟ ପରିମାଣରେ କମିଯାଇଛି । ସମ୍ପୃକ୍ତ ଜିଲ୍ଲାମାନଙ୍କର କାମଧନ୍ଦା ଅଭାବ ଯୋଗୁଁ ବହୁ ସଂଖ୍ୟାରେ ଲୋକମାନେ ସହରାଞ୍ଚଳକୁ ପଳାଇ ଯାଉଛନ୍ତି ଏବଂ ଖାଦ୍ୟାଭାବଜନିତ ପୁଷ୍ଟିହୀନତା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ରୋଗର ଆଶଙ୍କା ସୃଷ୍ଟି ହୋଇଛି ।

ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ସେପ୍‌ଟେମ୍ବର ମାସରେ ଏକ କେନ୍ଦ୍ରୀୟ ଅନୁଧାନକାରୀ ଦଳ କଳାହାଣ୍ଡି ଓ କୋରାପୁଟ ଜିଲ୍ଲା ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଥିଲେ ଏବଂ ସମ୍ପୃକ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶ୍ରମଭିତ୍ତିକ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି ଅଞ୍ଚଳମାନଙ୍କରେ ଦାରିଦ୍ର୍ୟ ଓ ବେକାର ସମସ୍ୟାକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର କେତେକ ପଦକ୍ଷେପ ଗ୍ରହଣ କରିଥିଲେ ହେଁ ଅର୍ଥାଭାବ ଯୋଗୁଁ ଆଶାନୁରୂପ ସଫଳତା ହାସଲ କରିବା ନେଇ ସନ୍ଦେହ ଉପୁଜିଛି । ଆଗାମୀ ଗ୍ରୀଷ୍ମ ଋତୁରେ ସମ୍ପୃକ୍ତ ଅଞ୍ଚଳର ଲୋକମାନଙ୍କ ପାଇଁ ଭଲ ପିଇବା ପାଣି ଯୋଗାଇ ଦେବାର ଆବଶ୍ୟକତା ମଧ୍ୟ ରହିଛି ।

ପରିସ୍ଥିତିକୁ ସମ୍ଭାଳିବା ପାଇଁ ଅଚଳ ଉଠା ଜଳସେଚନ ପଏଣ୍ଟଗୁଡ଼ିକର ମରାମତି, ଜଳ ଅମଳ ପ୍ରକଳ୍ପମାନଙ୍କର ପୁନରୁଦ୍ଧାର, ନୂତନ ନଳକୂପ ବସାଇବା ଓ ଆରମ୍ଭ ହୋଇଥିବା ଜଳସେଚନ ଯୋଜନାଗୁଡ଼ିକୁ ଶେଷ କରିବା ଭଳି ଶ୍ରମଭିତ୍ତିକ କାର୍ଯ୍ୟକ୍ରମ ଚଳାଇବା ପାଇଁ ରାଜ୍ୟ ସରକାର ୮୫ କୋଟି ଟଙ୍କାର ଏକ ଅଟକଳ ପ୍ରସ୍ତୁତ କରିଛନ୍ତି ଏବଂ ଏହି ପରିମାଣର ଅର୍ଥ ଯୋଗାଇ ଦିଆ ନଗଲେ ମରୁଡ଼ି ଅଞ୍ଚଳର ଲୋକମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେବା ଅସମ୍ଭବ ହୋଇ ପଡ଼ିବ ବୋଲି କେନ୍ଦ୍ର କୃଷି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।



ଭଞ୍ଜ କଳା ମଣ୍ଡପଠାରେ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟ ପରିଦର୍ଶିକାମାନଙ୍କ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଉଦ୍‌ବୋଧନ ।

୨୬–୦୪–୧୯୯୨–ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ବ୍ରହ୍ମପୁରଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମହାରାଜାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ।

## ମଇ

୫–୦୫–୧୯୯୨–ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରୁ ପୃଥ୍ୱୀ କ୍ଷେପଣାସ୍ତ୍ରର ସଫଳ ଉତ୍‌କ୍ଷେପଣ ।

୧୦–୦୫–୧୯୯୨–ଯଖପୁରାଠାରେ ଦ୍ୱିତୀୟ ଇସ୍ପାତ କାରଖାନା ପାଇଁ ଭୂମିପୂଜା ଉତ୍ସବ ବିପୁଳ ଜନସମାବେଶ ମଧ୍ୟରେ ସମ୍ପନ୍ନ ।

୧୪–୦୫–୧୯୯୨–ଭୁବନେଶ୍ୱରଠାରେ "ସମସ୍ତଙ୍କ ପାଇଁ ଶିକ୍ଷା" ଶୀର୍ଷକ ଏକ କର୍ମଶାଳା ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ।

୧୬–୦୫–୧୯୯୨–ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବାଲେଶ୍ୱର ଜିଲ୍ଲାର ବାହାବଳପୁରଠାରେ ମାଛଧରା ଜେଟୀ ଉଦ୍‌ଘାଟିତ ।

୨୯–୦୫–୧୯୯୨–ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷା ଘାଟୀରୁ ଦ୍ୱିତୀୟଥର ପାଇଁ ଅଗ୍ନି କ୍ଷେପଣାସ୍ତ୍ରର ସଫଳ ଉତ୍‌କ୍ଷେପ

## ଜୁନ୍

୧୦–୦୬–୧୯୯୨–ରାଜ୍ୟ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏବଂ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ଜନାର୍ଦ୍ଦନ ରେଡ୍ଡୀଙ୍କ ମଧ୍ୟରେ ଅନ୍ତଃରାଜ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ।

୧୬–୦୬–୧୯୯୨–ଫୁଲନଖରାଠାରେ ପଶୁପାଳନ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱାରା ପଶୁ ରକ୍ତ ଭଣ୍ଡାର ଉଦ୍‌ଘାଟିତ ।

୨୦–୦୬–୧୯୯୨–ସଂସ୍କୃତି ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଦ୍ୱାରା କଟକ ଶହୀଦ ଭବନଠାରେ ୧୫ ଜଣ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ।

୨୨–୦୬–୧୯୯୨–ଓଡ଼ିଶା ହାଇକୋର୍ଟର ୩ ଜଣ ନୂତନ ବିଚାରପତିଙ୍କ ଶପଥ ଗ୍ରହଣ ।

୨୨–୦୬–୧୯୯୨–ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା କେନ୍ଦୁଝର ଜିଲ୍ଲା ସାକ୍ଷରତା ଅଭିଯାନର ଶୁଭାରମ୍ଭ ।

୨୬–୦୬–୧୯୯୨–ବଲାଙ୍ଗୀର ଜିଲ୍ଲାର ବେଲଗାଁଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ତେଲ ନଦୀ ସେତୁ ଉଦ୍‌ଘାଟିତ ।

## ଜୁଲାଇ

୨–୦୭–୧୯୯୨–ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପୁରୀଠାରେ ଅନୁଷ୍ଠିତ ।

୬–୦୭–୧୯୯୨–କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଶ୍ରୀ ଅର୍ଜ୍ଜୁନ ସିଂହଙ୍କ ଦ୍ୱାରା ଢେଙ୍କାନାଳ ଜିଲ୍ଲା ସମ୍ପୂର୍ଣ୍ଣ ସାକ୍ଷର ଅଭିଯାନ ଉଦ୍‌ଘାଟିତ ।

୮–୦୭–୧୯୯୨–ଭୁବନେଶ୍ୱରଠାରେ ଘରୋଇ ଉଦ୍ୟୋଗରେ ପରିଚାଳିତ ଚଳଚ୍ଚିତ୍ର ବୈଷୟିକ କଲେଜ ସୂଚନା ଓ ଲୋକ ସ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଦ୍ୱାରା ଉଦ୍‌ଘାଟିତ ।

୧୨–୦୭–୧୯୯୨–କ୍ରୀଡ଼ା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଓଡ଼ିଶା ଅଲମ୍ପିକ୍ ଆସୋସିଏସନର ସଭା ନିର୍ବାଚିତ ।

୧୮–୦୭–୧୯୯୨–ସୂଚନା ଭବନଠାରେ ଓଡ଼ିଶା କ୍ୟାନସର ସୋସାଇଟିର ଏକାଦଶ ବାର୍ଷିକ ସମ୍ମିଳନୀ ସୂଚନା ଓ ଲୋକ ସ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଦ୍ୱାରା ଉଦ୍‌ଘାଟିତ ।

୨୧–୦୭–୧୯୯୨–ଘରୋଇ ଜଙ୍ଗଲରୁ ବିକ୍ରି ଉଦ୍ଦେଶ୍ୟରେ ଗଛ କାଟିବାକୁ ଅନୁମତି ଦିଆଯିବ ନାହିଁ ବୋଲି ସମ୍ବଲପୁର ଜଙ୍ଗଲ ବିଭାଗ ମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଘୋଷଣା ।

୨୪–୦୭–୧୯୯୨–ରାଜ୍ୟରେ ରେଳବାଇର ପ୍ରସାରଣ ନେଇ ବିଧାନସଭା ବାଚସ୍ପତିଙ୍କ ନେତୃତ୍ୱରେ ସର୍ବ ଦଳୀୟ ପ୍ରତି ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ ।

## ଅଗଷ୍ଟ

୧–୦୮–୧୯୯୨–ରାଜ୍ୟ ସରକାରଙ୍କ ନୂତନ ଶିଳ୍ପ ନୀତି ଘୋଷିତ ।

୯–୦୮–୧୯୯୨–ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମାଙ୍କ ଭୁବନେଶ୍ୱର ଶହୀଦ ସ୍ମୃତି ମିନାରଠାରେ ଭାରତ ଛାଡ଼ ଆନ୍ଦୋ ସୁବର୍ଣ୍ଣ ଜୟନ୍ତୀ ଅବସରରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଉଦ୍‌ବୋଧନ ।

୧୮–୦୮–୧୯୯୨–ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷା ଘାଟୀରୁ କ୍ଷେପଣାସ୍ତ୍ରର ଉତ୍‌କ୍ଷେପଣ ।

# ବିଶିଷ୍ଟ ଘଟଣାବଳୀ–୧୯୯୨

## ଜାନୁଆରୀ

୧-୦୧-୧୯୯୨–ଭୁବନେଶ୍ୱରଠାରେ ରାଜ୍ୟର ସର୍ବବୃହତ ବସଷ୍ଟାଣ୍ଡ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ।

୨-୦୧-୧୯୯୨–ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭୁବନେଶ୍ୱରଠାରେ ସ୍ୱାଧୀନତା ସଂଗ୍ରାମୀ ଦିବସ ଉଦ୍‌ଘାଟିତ ।

୩-୦୧-୧୯୯୨–ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା "ଉତ୍ତର ପ୍ରଦେଶ ପର୍ବ ୧୯୯୨" ଭୁବନେଶ୍ୱରଠାରେ ଉଦ୍‌ଘାଟିତ ।

୧୩-୦୧-୧୯୯୨–ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଦ୍ୱାରା ୧୫୦ ତମ ଫକୀର ମୋହନ ଜୟନ୍ତୀ ସମାରୋହ ବାଲେଶ୍ୱରଠାରେ ଉଦ୍‌ଘାଟିତ ।

୨୦-୦୧-୧୯୯୨–କୋରାପୁଟ ଜିଲ୍ଲାର ଜୟପୁରଠାରେ ବଣ୍ଡା ପାହାଡ଼କୁ ପ୍ରଥମ ବସ୍ ଚଳାଚଳ ଆରମ୍ଭ ।

୨୩-୦୧-୧୯୯୨–ରାଜ୍ୟରେ କେନ୍ଦୁପତ୍ରର ମୂଲ୍ୟ କୁଇଣ୍ଟାଲ ପ୍ରତି ୬୫୦ ଟଙ୍କା ଧାର୍ଯ୍ୟ ।

୨୬-୦୧-୧୯୯୨–ଶ୍ରୀ ଯଜ୍ଞଦତ୍ତ ଶର୍ମାଙ୍କ ଦ୍ୱାରା ଜନରାଜ୍ୟ ଦିବସ ପାଳନ ଅବସରରେ ୨୮ ଜଣ କୃତୀ ଶିକ୍ଷକ ସମ୍ମାନିତ ।

## ଫେବ୍ରୁଆରୀ

୧-୦୨-୧୯୯୨–ଓଡ଼ିଶାର ପ୍ରଥମ ପଶୁରୋଗ ଗବେଷଣା ପ୍ରତିଷ୍ଠାନ ପଶୁ ସମ୍ପଦ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱାରା କଟକ–ଭୁବନେଶ୍ୱର ରାସ୍ତାର ପୁରୁଣା ଓମ୍‌ଫେଡ୍ କୋଠାରେ ଉଦ୍‌ଘାଟିତ ।

୧୦-୦୨-୧୯୯୨–ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ବ୍ରହ୍ମଗିରିଠାରେ ଚିଲିକା ମୁହାଣ ଖନନ କାର୍ଯ୍ୟ ଉଦ୍‌ଘାଟିତ ।

୧୧-୦୨-୧୯୯୨–ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମାଙ୍କ ଦ୍ୱାରା "ରାଜଭବନ ପାଠାଗାର" ରାଜଭବନ ପରିସରରେ ଉଦ୍‌ଘାଟିତ ।

୨୬-୦୨-୧୯୯୨–ଅଷ୍ଟମ ଭୁବନେଶ୍ୱର ପୁସ୍ତକମେଳା ଭୁବନେଶ୍ୱରଠାରେ ଉଦ୍‌ଘାଟିତ ।

୨୭-୦୨-୧୯୯୨–"ରାଜ୍ୟ ଖାଉଟି ସୁରକ୍ଷା ପରିଷଦ" ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପୁନର୍ଗଠିତ ।

## ମାର୍ଚ୍ଚ

୪-୦୩-୧୯୯୨–ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଦ୍ୱାରା କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡ଼ିୟମରେ ଜାତୀୟ ସଂହତି ଶିବିର ଉଦ୍‌ଘାଟିତ ।

୫-୦୩-୧୯୯୨–ରାଜ୍ୟ ମହିଳା ବିକାଶ ସମବାୟ ନିଗମର ପ୍ରଥମ ବାର୍ଷିକୀ ପ୍ରତିଷ୍ଠା ଦିବସ ପାଳନ ।

## ଅପ୍ରେଲ

୧-୦୪-୧୯୯୨–ଭୁବନେଶ୍ୱରଠାରେ ପରିବେଶର ସଚେତନତା ଲାଗି ଏକ ଗଣଦୌଡ଼ର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ।

୫-୦୪-୧୯୯୨–ଦିଲ୍ଲୀଠାରେ ଓଡ଼ିଆ ସାହିତ୍ୟ ସଂସ୍କୃତି ସମାରୋହ ଉଦ୍‌ଘାଟିତ ।

୬-୦୪-୧୯୯୨–କଲିକତାଠାରେ ଓଡ଼ିଶା ସରକାରଙ୍କ ସୂଚନା କେନ୍ଦ୍ର-ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଦ୍ୱାରା ଉଦ୍‌ଘାଟିତ ।

୧୦-୦୪-୧୯୯୨–ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମାଙ୍କ ଦ୍ୱାରା କଳାହାଣ୍ଡି ଜିଲ୍ଲାର ଥାମସେନା ଗ୍ରାମରେ ୫୦ ଶଯ୍ୟା ବିଶିଷ୍ଟ ଆୟୁର୍ବେଦିକ ହସପିଟାଲର ଶିଳାନ୍ୟାସ ।

୧୧-୦୪-୧୯୯୨–ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱରଠାରେ "ଟେଲି ଯୋଗାଯୋଗ" ଶୀର୍ଷକ ଏକ ଆଲୋଚନା ଚକ୍ର ଉଦ୍‌ଘାଟିତ ।

୨୦-୦୪-୧୯୯୨–ସମ୍ବଲପୁରଠାରେ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲ ସର୍କିଟ ବେଞ୍ଚର କାର୍ଯ୍ୟ ଆରମ୍ଭ ।

୨୫-୦୪-୧୯୯୨–ବ୍ରହ୍ମପୁରଠାରେ ପାରଳା ମହାରାଜାଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ମହାରାଜାଙ୍କ ସ୍ମାରକୀ ଟିକଟିଆ ଡାକ ଟିକେଟ କେନ୍ଦ୍ର ଯୋଗାଯୋଗ ଉପମନ୍ତ୍ରୀ ଶ୍ରୀ ପି. ରଙ୍ଗୟ୍ୟା ନାଇଡୁଙ୍କ ଦ୍ୱାରା ଉନ୍ମୋଚିତ ।

୨୪–୧୧–୧୯୯୨–କୋଣାର୍କ ନୃତ୍ୟ ଉତ୍ସବ–୧୯୯୨ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଅନଙ୍ଗ ଉଦୟ ସିଂହ ଦେଓଙ୍କ ଦ୍ୱାରା କୋଣାର୍କଠାରେ ଉଦ୍‌ଘାଟିତ ।

୨୫–୧୧–୧୯୯୨–ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଦ୍ୱାରା କୋଣାର୍କଠାରୁ ଗୋପାଳପୁର ପର୍ଯ୍ୟନ୍ତ ବେଳାଭୂମି ପଦଯାତ୍ରା ଉଦ୍‌ଘାଟିତ ।

୨୯–୧୧–୧୯୯୨–ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଗର୍ଭଗୃହର ମରାମତି ନିମନ୍ତେ ତିନି ଠାକୁରଙ୍କୁ ରତ୍ନ ସିଂହାସନରୁ ଅସ୍ଥାୟୀ ସିଂହାସନକୁ ସ୍ଥାନାନ୍ତରୀତ ।

୩୦–୧୧–୧୯୯୨–ରାଜ୍ୟର ମୁଖ୍ୟ ଶାସନ ସଚିବ ରୂପେ ଶ୍ରୀ ରବିନାରାୟଣ ଦାସଙ୍କ ଦାୟିତ୍ୱ ଗ୍ରହଣ ।

## ଡିସେମ୍ବର

୩–୧୨–୧୯୯୨–ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମାଙ୍କ ଦ୍ୱାରା ପ୍ରଥମ ବିଶ୍ୱ ଓଡ଼ିଆ ସମ୍ମିଳନୀ କଟକର ବାରବାଟୀ ଷ୍ଟାଡ଼ିୟମ୍‌ରେ ଉଦ୍‌ଘାଟିତ ।

୩–୧୨–୧୯୯୨–ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଶିଳ୍ପ ପ୍ରଦର୍ଶନୀ–୧୯୯୨ ଭୁବନେଶ୍ୱରଠାରେ ଉଦ୍‌ଘାଟିତ ।

୯–୧୨–୧୯୯୨–ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶାଳୟଠାରେ ଏକ ନ୍ୟୁଜ୍ କଣ୍ଟ୍ରୋଲ ରୁମ୍ ଖୋଲିବାକୁ ବିଭାଗୀୟ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଘୋଷଣା ।

୯–୧୨–୧୯୯୨–ଇବ୍‌ରେ ୩ୟ ଓ ୪ର୍ଥ ୟୁନିଟ୍ ତାପଜ ବିଦ୍ୟୁତ କେନ୍ଦ୍ର ସ୍ଥାପନ ପାଇଁ ଯୁକ୍ତରାଷ୍ଟ୍ର ଆମେରିକାର ଏକ କମ୍ପାନୀ ସହିତ ରାଜ୍ୟ ସରକାରଙ୍କ ରାଜିନାମା ସ୍ୱାକ୍ଷରିତ ।

୧୧–୧୨–୧୯୯୨–ଓଡ଼ିଶାର ବରପୁତ୍ରମାନଙ୍କ ଜୀବନୀ ଉପରେ ଚଳଚ୍ଚିତ୍ର ନିର୍ମାଣ କରିବାକୁ ରାଜ୍ୟ ସରକାରଙ୍କ ଚଳଚ୍ଚିତ୍ର ଉପଦେଷ୍ଟା କମିଟି ବୈଠକରେ ନିଷ୍ପତ୍ତି ଗ୍ରହଣ ।

୧୪–୧୨–୧୯୯୨–ରାଜ୍ୟରେ ଶକ୍ତି ସଂରକ୍ଷଣ ସପ୍ତାହ ପାଳନ ।

୧୪–୧୨–୧୯୯୨–ଖୋର୍ଦ୍ଧା ନିକଟସ୍ଥ ନବଘରଡ଼ଠାରେ ଭାରତର ପ୍ରଥମ ପଲ୍ଲୀଭିତ୍ତିକ କଳିଙ୍ଗ କୁଟୀର ଯୋଜନା ପୂର୍ତ୍ତ ଓ ଗୃହ ନିର୍ମାଣ ମନ୍ତ୍ରୀ ଶ୍ରୀ ନଳିନୀକାନ୍ତ ମହାନ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ।

୧୭–୧୨–୧୯୯୨–ସୂଚନା ଭବନଠାରେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେବଙ୍କ ୧୨୩ ତମ ଜୟନ୍ତୀ ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଉଦ୍‌ବୋଧନ ।

୨୯–୧୨–୧୯୯୨–ସମ୍ବଲପୁରଠାରେ ନିଖିଳ ଓଡ଼ିଶା ଆଇନଜୀବୀ ସମ୍ମିଳନୀ ଆରମ୍ଭ ।

୨୯–୧୨–୧୯୯୨–ଭୁବନେଶ୍ୱରଠାରେ ଓଡ଼ିଶା ସୋସାଇଟି ଅଫ୍ ଆମେରିକାର ଓଡ଼ିଶା କେନ୍ଦ୍ର ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମାଙ୍କ ଦ୍ୱାରା ଉଦ୍‌ଘାଟିତ ।




ମଙ୍ଗଳାଚରଣ ପରିବେଷଣରେ ଶିବ ପାର୍ବତୀଙ୍କ କୋଳରେ ଗଣେଶ । ନୃତ୍ୟ ଶିଳ୍ପୀ ଅଞ୍ଜୁ ବାଳା, ସୀମା ପଟ୍ଟନାୟକ ଓ ଅଳକା ସାହୁ ।

### ସେପ୍ଟେମ୍ବର

୩-୦୯-୧୯୯୨—ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଦ୍ୱାରା ରେଢ଼ାଖୋଲସ୍ଥିତ ଭୀମ ଭୋଇ ମହାବିଦ୍ୟାଳୟ ପରିସରରେ ଭୀମ ଭୋଇଙ୍କ ପ୍ରତିକୃତି ଉନ୍ମୋଚିତ ।

୪-୦୯-୧୯୯୨—ଓଡ଼ିଶାକୁ ଷଢ଼େଇକଳା ଓ ଖରସୁଆଁ ଫେରାଇ ଦେବା ଲାଗି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦାବୀ ।

୧୫-୦୯-୧୯୯୨—ନବ ଗଠିତ ସମ୍ବଲପୁର ରେଳବାଇ ଡିଭିଜନକୁ ୱାଲଟିୟର ରେଳବାଇ ଡିଭିଜନର ୩୪୩ କି.ମି. ରାସ୍ତା ହସ୍ତାନ୍ତର ।

୧୬-୦୯-୧୯୯୨—ରାଜ୍ୟ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ପୌରହିତ୍ୟରେ ଶିକ୍ଷାନୁଷ୍ଠାନରେ ବର୍ଦ୍ଧିତ ସ୍ଥାନ ସଂରକ୍ଷଣ ମାମଲା ନେଇ ସର୍ବଦଳୀୟ ବୈଠକ ।

୧୭-୦୯-୧୯୯୨—ଭାରତ ଓ ଚୀନ ସହାୟତାରେ ଓଡ଼ିଶାରେ ଇସ୍ପାତ କାରଖାନା ନିର୍ମାଣ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ ।

୧୮-୦୯-୧୯୯୨—ଭୁବନେଶ୍ୱରଠାରେ ସଫଳ ଶିଳ୍ପୋଦ୍ୟୋଗୀମାନଙ୍କୁ ସମ୍ମାନିତ କରିବା ଅବସରରେ ମହିଳା ଶିଳ୍ପୋଦ୍ୟୋଗୀମାନଙ୍କୁ ରାଜ୍ୟ ସରକାର ଅଗ୍ରାଧିକାର ଦେବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ।

୧୯-୦୯-୧୯୯୨—ରାଜ୍ୟ ଗୃହ ରକ୍ଷୀମାନଙ୍କୁ ନେଇ ଏକ ସହାୟକ ପୋଲିସ ବାହିନୀ ଗଠନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ।

୨୨-୦୯-୧୯୯୨—ବାଲେଶ୍ୱର ଜିଲ୍ଲାର ଲୁଣିଆଠାରେ ଭାରତ ଛାଡ଼ ଆନ୍ଦୋଳନର ସୁବର୍ଣ୍ଣ ଜୟନ୍ତୀ ପାଳିତ ।

୨୩-୦୯-୧୯୯୨—ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହ ପ୍ରବାସୀ ଭାରତୀୟ ଶିଳ୍ପପତି ସ୍ୱରାଜ ପାଲ୍ଙ୍କ ଆଲୋଚନା ।

୨୯-୦୯-୧୯୯୨—ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରୀଠାରେ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ଓ ନୂତନ ସଭାଗୃହ ଉଦ୍‌ଘାଟନ ।

### ଅକ୍ଟୋବର

୨-୧୦-୧୯୯୨—ରାଜ୍ୟରେ ମାଲକାନାଗିରି, ରାୟଗଡ଼ା, ନବରଙ୍ଗପୁର ଓ ଗଜପତି ଜିଲ୍ଲା ନାମରେ ୪ଟି ନୂତନ ଜିଲ୍ଲା ସୃଷ୍ଟି ।

୧୨-୧୦-୧୯୯୨—ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମାଲାକାନାଗିରି ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ।

୨୩-୧୦-୧୯୯୨—ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ସ୍ପେଶାଲ କୋର୍ଟର ବିଚାରପତି ଭାବେ ଶ୍ରୀ ଅରଜିତ ପଶାୟତଙ୍କ ନିଯୁକ୍ତି ।

୨୮-୧୦-୧୯୯୨—ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରକଳ୍ପର ୫ମ ୟୁନିଟ୍ ଉଦ୍‌ଘାଟିତ ।

୨୨-୧୦-୧୯୯୨—ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସ୍ଥାନ ସଂରକ୍ଷଣ ସମ୍ପର୍କରେ ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ ।

୩୦-୧୦-୧୯୯୨—ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଭାବେ ଶ୍ରୀ ଶରତ ଚନ୍ଦ୍ର ମିଶ୍ରଙ୍କ ଦାୟିତ୍ୱ ଗ୍ରହଣ ।

୩୦-୧୦-୧୯୯୨—ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱରଠାରେ ପୁସ୍ତକ ମେଳା ଉଦ୍‌ଘାଟିତ ।

### ନଭେମ୍ବର

୧୦-୧୧-୧୯୯୨—ଓଡ଼ିଶାର ପ୍ରାଚୀନ ନୌ-ଯାତ୍ରାର ଐତିହ୍ୟ ବହନ କରି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଭାରତୀୟ ଜାହାଜ ଆଇ.ଏନ୍.ଏସ୍. ସମୁଦ୍ରର ବାଲିଦ୍ୱୀପ ଅଭିମୁଖେ ଯାତ୍ରା ଆରମ୍ଭ ।

୨୩-୧୧-୧୯୯୨—ରାଜ୍ୟ ସରକାରଙ୍କ ତରଫରୁ ଆଖୁର ବର୍ଦ୍ଧିତ ମୂଲ୍ୟ ଟନ୍ ପ୍ରତି ୫୦୦ ଟଙ୍କା ଧାର୍ଯ୍ୟ ।

୨୫-୧୧-୧୯୯୨—ବାଲିଦ୍ୱୀପ ଅଭିମୁଖେ ଯାଉଥିବା ଅଭିଯାତ୍ରୀ ଦଳକୁ ବିଶାଖାପାଟଣାଠାରେ ସ୍ୱାଗତ ଜଣାଇବା ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ବିଶାଖାପାଟଣା ଅଭିମୁଖେ ଯାତ୍ରା ।

୨୯-୧୧-୧୯୯୨—ଭୁବନେଶ୍ୱରଠାରେ ଅତ୍ୟାଧୁନିକ ଦୂରଦର୍ଶନ କେନ୍ଦ୍ର, କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଜିତ କୁମାର ପାଞ୍ଜାଙ୍କ ଦ୍ୱାରା ଉଦ୍‌ଘାଟିତ ।

୨୭-୧୧-୧୯୯୨—ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଦ୍ୱାରା ଭୁବନେଶ୍ୱରଠାରେ ସୁନନ୍ଦା ପାଠୀ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ମୋ' ଦେଶ ଓ ମୋ' ଦେଶବାସୀ ଶୀର୍ଷକ ଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ ।

୨୩-୧୧-୧୯୯୨—ଭୁବନେଶ୍ୱରଠାରେ ଶହୀଦ୍ ଲକ୍ଷ୍ମଣ ନାୟକଙ୍କର ୯୪ ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ଉତ୍ସବରେ ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମାଙ୍କ ଉଦ୍‌ବୋଧନ ।

## ଯାତନାଭୋଗୀ ରାଜକୃଷ୍ଣ

ଦେଶ ସ୍ୱାଧୀନତା ଲାଗି ତାଙ୍କୁ ଅନେକ କଷଣ ଭୋଗିବାକୁ ପଡ଼ିଥିଲା । ଯାଜପୁରରେ ସଭା କରୁଥିଲେ । ସେଠାରୁ ତାଙ୍କୁ ଗିରଫ କରାଯାଇ ସୁଦୂର କଟକ ପର୍ଯ୍ୟନ୍ତ ଚଲାଇ ଚଲାଇ ନିଆଯାଇଥିଲା । ସେ ଗୌରୀଶଙ୍କର, ସୁଭାଷଚନ୍ଦ୍ର ବୋଷ ଏବଂ ଆର୍ତ୍ତବଲ୍ଲଭ ମହାନ୍ତିଙ୍କଠାରୁ ଅନେକ ପ୍ରେରଣା ଲାଭ କରିଥିଲେ ।

## ମନ୍ତ୍ରୀ ପଦ ଲାଭ

ଡକ୍ଟର ହରେକୃଷ୍ଣ ମହତାବଙ୍କ ମନ୍ତ୍ରୀମଣ୍ଡଳରେ ଶ୍ରୀଯୁକ୍ତ ବୋଷ କ୍ୟାବିନେଟ ପାହ୍ୟାରେ ପୂର୍ତ୍ତବିଭାଗ ମନ୍ତ୍ରୀ ଥିଲେ । ସେତେବେଳେ କିଶନ ନଗର ନିର୍ବାଚନ ମଣ୍ଡଳୀର ସୃଷ୍ଟି ହୋଇନଥିଲା । ସେ ସାଲେପୁର ନିର୍ବାଚନ ମଣ୍ଡଳିରୁ ନିର୍ବାଚିତ ହୋଇଥିଲେ । ଏଥି ପୂର୍ବରୁ ସେ ସଦର ଲୋକାଲବୋର୍ଡ଼ର ଭେସ୍‌ଚାରମ୍ୟାନ ରୂପେ ନିର୍ବାଚିତ ହୋଇଥିଲେ ।

## ଅଭୁଲା ଭଗୀରଥ

ସେତେବେଳେ ବନ୍ୟାର ପ୍ରକୋପରେ ଅନେକ ଶୀ ଗଞ୍ଚା ଭାସି ଯାଉଥିଲା । ଜଳ ନିଷ୍କାସନ ଏବଂ ଯୋଗାଣ ଉପଯୁକ୍ତ ପରିମାଣରେ ହୋଇ ପାରୁନଥିଲା । ତେଣୁ ବହୁ ଫସଲ କ୍ଷତି ହେଉଥିଲା । ଏଥିଲାଗି ଶ୍ରୀଯୁକ୍ତ ବୋଷ ଖୁବ୍ ଚିନ୍ତିତ ହେଲେ । ତାଙ୍କର ଉଦ୍ୟମରେ କଟକ ଧାନ ଗବେଷଣା କେନ୍ଦ୍ର ନିକଟରୁ ମହାନଦୀ ବନ୍ଧକୁ ବାଙ୍କାଳ ପର୍ଯ୍ୟନ୍ତ ସୁଦୃଢ଼ କରାଯାଇଥିଲା ଏବଂ ସେହିଠାରୁ ପ୍ରବାହିତ ହେଉଥିବା କେନାଲ ଡାଇଦଣ୍ଡା ବଡ଼ କେନାଲରୁ ବାହାରି ଗଡି ଗାଉଡ ପାଟଣା, ନିମାଇଶାପୁର, ଆସତପୁର, ଦଣ୍ଡୁଆସି ପଡ଼ା, କୋସିଦା, ଘଣପଡ଼ା, ଅଡ଼ିଙ୍ଗୋ, କିଶୋରନଗର, ବୋଦପୁର, ଗିର୍ଲୋ, ପ୍ରହରାଜପୁର ପ୍ରଭୃତି ଅଞ୍ଚଳରେ ହଜାର ହଜାର ହେକ୍ଟର ଜମିକୁ ଏବେ ସୁଦ୍ଧା ଜଳ ଯୋଗାଉଅଛି ।

ଏହି ମହାନଦୀ ବନ୍ଧ ଏବଂ କେନାଲ ଲାଗି ସେ ଯେଉଁ ପାଇକା ନଦୀକୁ ବନ୍ଧାଇ ତା'ରି ନାମାନୁସାରେ କିଶୋରନଗର ଠାରେ ସବ୍-ପାଇକା ଡିଭିଜନ୍ ଅଫିସ ଖୋଲିଲେ । ଲୋକହିତ ଲାଗି ଡାକ୍ତରଖାନା, ପଶୁଡାକ୍ତରଖାନା, ମୌଳିକ ବିଦ୍ୟାଳୟ, ଉଚ୍ଚ ଶିକ୍ଷାଳୟ, ଶଗଡ଼ି ଘାସଫାର୍ମ ଆଦି ଖୋଲିଥିଲେ, ସେଥିଲାଗି ଶ୍ରୀଯୁକ୍ତ ବୋଷ କିଶୋର ନଗର ଅଞ୍ଚଳବାସୀଙ୍କ ନିକଟରେ "ଅଭୁଲା ଭଗୀରଥ" ରୂପେ ପରିଚିତ ।

## ଏକ ଭିତରେ ଅନେକ

ଶ୍ରୀ ଯୁକ୍ତ ବୋଷ କଟକ ନୂଆବଜାରଠାରେ କୁଷ୍ଠାଶ୍ରମ କରି କୁଷ୍ଠରୋଗୀମାନଙ୍କ ସେବା କରୁଥିଲେ । ସେ ସର୍ବଦା ସାଧାରଣ ଜନତାର ସେବାକୁ ନିଜର କର୍ତ୍ତବ୍ୟ ବୋଲି ମନେ କରୁଥିଲେ । ସେ ଏକଧାରାରେ ଜଣେ ଲୋକସେବକ, ରାଜନୀତିଜ୍ଞ, ସାହିତ୍ୟିକ, ବରିଷ୍ଠ ନେତା, ସଂଗ୍ରାମୀ ଏବଂ ବାଗ୍ମୀ ଥିଲେ ଏଥିରେ ସନ୍ଦେହ ନାହିଁ ।

ଆଜି ସେ ମହାନ୍ ବ୍ୟକ୍ତି ଇହଧାମରେ ନାହାଁନ୍ତି । ଗତ ୧୯୯୨ ଜାନୁଆରୀ ୯ ତାରିଖରେ ତାଙ୍କ ମୃତ୍ୟୁ ଘଟିଛି । କିନ୍ତୁ ସେ ସମସ୍ତଙ୍କ ନିକଟରେ ଆଜି ବି ଅମର ହୋଇ ରହିଛନ୍ତି ଏବଂ ରହିବେ

---

ଉପ ସଭାପତି,
ରାଜକୃଷ୍ଣ ସାହିତ୍ୟ ସଂସଦ,
କିଶୋର ନଗର, କଟକ–୭୫୪୧୩୧ ।



ମାଲ୍‌କାନଗିରିଠାରେ ଆୟୋଜିତ ଏକ ସାଧାରଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ମାଲ୍‌କାନଗିରି ଜିଲ୍ଲା ଉଦ୍‌ଘାଟନ ।

# ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ପ୍ରଥମ ରାଜବନ୍ଦୀ

• ଶ୍ରୀ ଯୋଗେନ୍ଦ୍ରନାଥ ସାହୁ

### ଆବିର୍ଭାବ

ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ପ୍ରଥମ ରାଜବନ୍ଦୀ, ସଂଗ୍ରାମୀ ତଥା ଗାନ୍ଧୀବାଦୀ ନେତା ଶ୍ରୀ ଯୁକ୍ତ ରାଜକୃଷ୍ଣ ବୋଷଙ୍କ ଜୟନ୍ତୀ ଆଜି ସମଗ୍ର ରାଜ୍ୟରେ ପାଳିତ ହେଉଛି । ସେହି କର୍ମ ଯୋଗୀଙ୍କ ଜନ୍ମ ୧୮୯୮ ମସିହା ଡିସେମ୍ବର ୨୭ ତାରିଖ । ଜନ୍ମସ୍ଥାନ କଟକ ଜିଲ୍ଲା କିଶୋରନଗର ନିକଟବର୍ତ୍ତୀ ରାମଚନ୍ଦ୍ରପୁର ଗ୍ରାମରେ । ପିତାଙ୍କ ନାମ ଶ୍ରୀ ଲକ୍ଷ୍ମୀ ନାରାୟଣ ବୋଷ ଏବଂ ମାତାଙ୍କ ନାମ ଭବାନୀ ଦେବୀ ।

### ଶିକ୍ଷା

ଇଂରେଜ ଶାସନ ଅମଳରେ ଶ୍ରୀ ଲକ୍ଷ୍ମୀ ନାରାୟଣ ବୋଷ ଜଣେ ପ୍ରବସ୍ଥ ପୋଲିସ ଅଫିସର ଥିଲେହେଁ ଶ୍ରୀ ରାଜକୃଷ୍ଣ ବୋଷ ଇଂରେଜ ସରକାରଙ୍କ ବିରୁଦ୍ଧରେ ସଂଗ୍ରାମ ଆରମ୍ଭ କରିଥିଲେ । ଗ୍ରାମ ଚାଟଶାଳୀରେ ତାଙ୍କର ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିଲା । ପ୍ୟାରୀ ମୋହନ ଏକାଡେମୀରୁ ସେ ମାଟ୍ରିକ ପାଶ୍‌କରି ରେଭେନ୍ସା କଲେଜରେ ପଢୁଥିଲେ । ସେତିକିବେଳେ ଓଡ଼ିଶାରେ ଦୁର୍ଭିକ୍ଷ ପଡ଼ିଥାଏ ।

### ସ୍ୱାଧୀନତା ଆନ୍ଦୋଳନରେ ଝାସ

ଉତ୍କଳମଣି ଗୋପବନ୍ଧୁଙ୍କ ସହ ତାଙ୍କର ସାକ୍ଷାତ ଏବଂ ଘନିଷ୍ଠତା ବଢ଼ିଲା । ଭାରତ ସ୍ୱାଧୀନ ହେବାର ଚିନ୍ତା । ମହାତ୍ମାଗାନ୍ଧୀଙ୍କ ଡାକରା । ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖ । ମହାତ୍ମାଗାନ୍ଧୀ ସେ ଦିନ ପ୍ରଥମଥର ପାଇଁ ଓଡ଼ିଶାରେ ପାଦ ପକାଇଥିଲେ ଏବଂ କାଠଯୋଡ଼ି ନଈ ବାଲିରେ ପ୍ରଥମ ସଭା କଲେ । ସେହି ସଭାରେ ସଭାପତିତ୍ୱ କରିଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ଗାନ୍ଧିଜୀଙ୍କ ଭାଷଣକୁ ଓଡ଼ିଆ ଭାଷାରେ ରୂପାନ୍ତର କରି ଅତି ପ୍ରାଞ୍ଜଳ ଭାବରେ ଲୋକଙ୍କୁ ବୁଝାଇଥିଲେ ଶ୍ରୀ ରାଜକୃଷ୍ଣ ବୋଷ ।

### ଓରିଏଣ୍ଟେଡ୍ ଟ୍ରାନ୍ସଲେଟର

ସେତେବେଳେ ମାଇକ୍ ନଥିଲା । ଗାଡ଼ି ମଟର ଦ୍ୱାରା ଲୋକେ ସଭାସ୍ଥଳକୁ ଆସିବାର ସୁବିଧା ନଥିଲା । କିନ୍ତୁ ଭାରତକୁ ପରାଧୀନତା କବଳରୁ ମୁକ୍ତ କରିବେ, ଏହି ଚିନ୍ତା ନେଇ ଦେଶବାସୀ ପାଗଳ । ଏହି ବିରାଟ ପୁରୁଷଙ୍କ ବାକ୍ ପଟୁତାରେ ମନ୍ତ୍ରମୁଗ୍ଧ ପରି ମୁକ୍ତି ପଥର ଯାତ୍ରୀ ହୋଇଥିଲେ ହଜାର ହଜାର ଉତ୍କଳବାସୀ । ବାହାରି ଆସିଲେ ପିଲା, ବାନର ସେନା ମୁକ୍ତିର ସଂଗ୍ରାମ ପାଇଁ । ଖୋଲିଲା ଓଡ଼ିଶା ବ୍ୟାପୀ ଆନ୍ଦୋଳନ । ଗାନ୍ଧିଜୀଙ୍କ ସହ ସେ ବୁଲିଥିଲେ ଓଡ଼ିଶା ସାରା । ସେତେବେଳେ ମହାତ୍ମାଗାନ୍ଧୀ ରାଜକୃଷ୍ଣ ବୋଷଙ୍କୁ "ଓରିଏଣ୍ଟେଡ୍ ଟ୍ରାନ୍ସଲେଟର ବୋଲି" ଉପାଧି ପ୍ରଦାନ କରିଥିଲେ ।

### ନିର୍ଭୀକ ପ୍ରଥମ ରାଜବନ୍ଦୀ

ଆଉ ଏକ ରୋମାଞ୍ଚକର ଘଟଣା । ୧୯୨୨ ମସିହା ଜୁନ୍ ପହିଲା । ଇଂରେଜ ସରକାରଙ୍କ କଡ଼ା ପରୱାନା । କୋର୍ଟରେ ହାଜର ହେଲେ ଶ୍ରୀ ଯୁକ୍ତ ବୋଷ ଏବଂ କହିଲେ "ମୋ ନାମରେ ଇଂରେଜ ସରକାର ଯେଉଁ ମୋକଦ୍ଦମା କରିଛନ୍ତି ମୁଁ ସେଥିରେ ଲଢ଼ିବି ନାହିଁ । ସରକାର ଯାହା ଇଚ୍ଛା ତାହା କରନ୍ତୁ" । ଏପରି କଥାରେ ହାକିମ ରାଗିଯାଇ ହୁକୁମ ଦେଲେ ଦୁଇଶହ ଟଙ୍କା ମୁଚଲିକା ଲେଖିଦେଲେ ସେ ଛାଡ଼ ପାଇବେ । କିନ୍ତୁ ଯୁବ ସଂଗ୍ରାମୀ ବୋଷ ମୁଚଲିକା ଲେଖିଲେ ନାହିଁ । ତେଣୁ ତାଙ୍କୁ ପ୍ରଥମେ କଟକ ଜେଲକୁ ନିଆଗଲା । ରାଜକୃଷ୍ଣ ବୋଷ ଜେଲକୁ ଗଲାବେଳେ ଲୋକମାନେ ତାଙ୍କୁ ଅଜସ୍ର ଫୁଲମାଳ ପିନ୍ଧାଇ ଥିଲେ ।

ସେତେବେଳେ ଉତ୍କଳମଣି ଗୋପବନ୍ଧୁ ଲେଖିଥିଲେ "ଶ୍ରୀ ଯୁକ୍ତ ରାଜକୃଷ୍ଣ ବୋଷ ହେଉଛନ୍ତି ଓଡ଼ିଶାର ପ୍ରଥମ ରାଜବନ୍ଦୀ । ଏତେ ଦିନେ କଟକ ଜେଲଖାନା ପବିତ୍ର ହେଲା" । କିଛି ଦିନପରେ "ସମାଜ"ରେ ଉତ୍କଳମଣି ପୁଣି ଲେଖିଥିଲେ "ରାଜବାବୁ ରାଜକୃଷ୍ଣ ଏକ ବର୍ଷ ଲାଗି ନିକ୍ଷିପ୍ତ ହୋଇ କାରାବାସରେ । ଅସହଯୋଗୀ ଦେଶଭକ୍ତ ପକ୍ଷରେ ଏହା ତୀର୍ଥ ସ୍ଥାନ । "ପୃଥିବୀର ଭାରା ନିବାରଣ ଲାଗି ଭଗବାନ ଶ୍ରୀକୃଷ୍ଣ ଯେଉଁଠାରେ ଜନ୍ମ ଗ୍ରହଣ କରିଥିଲେ ଆଜି ତୁମେ ସେହିଠାରେ ଅଛ । ଧୀର ନିଶ୍ଚିନ୍ତ ଚିତ୍ତରେ ତପସ୍ୟା ଆରମ୍ଭ କର । ତୁମ ପରି ତ୍ୟାଗୀ, ନିଷ୍ପାପର ଅସହଯୋଗୀମାନଙ୍କ ତପସ୍ୟା ଫଳରେ ସ୍ୱାରାଜ୍ୟ ଲାଭ ହେବ ।"

### ସମ୍ପର୍କ ଓ ଘନିଷ୍ଠତା

ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ସେ ଅନେକବାର ବିଭିନ୍ନ ଜେଲରେ କାଳାତିପାତ କରିଥିଲେ । ଜେଲର ଅନେକ କଠୋର ଆଚରଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି କିଛି ସଂସ୍କାର ଅଣାଇବା ସହିତ କଏଦୀମାନଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ । ରାଜକୃଷ୍ଣ ବୋଷଙ୍କ ସହିତ ଯେଉଁମାନଙ୍କର ଘନିଷ୍ଠତା ସ୍ଥାପନ ହୋଇଥିଲା, ସେମାନେ ହେଲେ ମହାମାନ୍ୟ ତିଳକ, ମହାତ୍ମାଗାନ୍ଧୀ, ପଣ୍ଡିତ ଜବାହାରଲାଲ୍ ନେହେରୁ, ମୌଲାନା କାଲାମ୍ ଆଜାଦ୍ ଏବଂ ଓଡ଼ିଶାର ଉତ୍କଳମଣି ଗୋପବନ୍ଧୁ ଡକ୍ଟର ହରେକୃଷ୍ଣ ମହତାବ୍ ଡକ୍ଟର ରାଧାନାଥ ରଥ, ନବକୃଷ୍ଣ ଚୌଧୁରୀ, ନିତ୍ୟାନନ୍ଦ କାନୁନଗୋ, ମା ରମା ଦେବୀ, ଅଟଳ ବିହାରୀ ଆଚାର୍ଯ୍ୟ, ବୋଧରାମ ଦୁବେ, ବିଶ୍ୱନାଥ ଦାଶ, ନିରଞ୍ଜନ ପଟ୍ଟନାୟକ, ଜଗବନ୍ଧୁ ସିଂହ, ଯଦୁମଣି ମଙ୍ଗରାଜ ପ୍ରମୁଖ ଅନେକ ନେତା । ୧୯୩୬ ଡିସେମ୍ବର ୨୭ ତାରିଖରେ ରାଜୁବାବୁ ବାଙ୍କୀ ବିଧାନ ସଭାରୁ ନିର୍ବାଚିତ ହୋଇଥିଲେ ଏବଂ ବିଧାନ ସଭାର ପାର୍ଲାମେଣ୍ଟରୀ ସଚିବ ଆସନ ଲାଭକଲେ ।

## ପ୍ରଶ୍ନ କର୍ତ୍ତାଙ୍କ ପାଇଁ କୁପନ

CUT HERE

କେବଳ ୩୧/୩/୧୯୯୩ ପୂର୍ବରୁ ବ୍ୟବହାର ପାଇଁ

**ମତାମତ ବା ପ୍ରଶ୍ନ**

..............................................................

..............................................................

..............................................................

..............................................................

..............................................................

..............................................................

..............................................................

..............................................................

ସ୍ୱାକ୍ଷର

ପ୍ରଶ୍ନ କର୍ତ୍ତାଙ୍କ ଠିକଣା

ନାମ..............................

ଗ୍ରାମ..............................

ପୋଷ..............................

ଥାନା.................. ଜିଲ୍ଲା..................



OGP—MP—PTS (I. & P.R.) 70—6,000—16-2-1993



**ଶ୍ରୀ ସତ୍ୟସୁନ୍ଦର ପତି,**
**ମାର୍ଫତ୍—ଏନ୍: ସି: ପତି, ହେଡ୍ ସିଗ୍ନାଲର୍,**
**ଭଦ୍ରକ୍ ହେଡ୍ ପୋଷ୍ଟ ଅଫିସ୍, ବାଲେଶ୍ୱର ।**

*ଆପଣଙ୍କ ଦ୍ୱାରା ସମ୍ପାଦିତ ଉତ୍କଳ ପ୍ରସଙ୍ଗ ନଭେମ୍ବର '୯୨ ସଂଖ୍ୟାରେ ଶ୍ରୀ ବିଭୂତି ଭୂଷଣ ଆଚାର୍ଯ୍ୟଙ୍କ ଲିଖିତ "ପୃଥିବୀର ସର୍ବ ପ୍ରଥମ ଧଳା ବାଘ ସଫାରୀ" ପଢ଼ି ବେଶ୍ ଆନନ୍ଦଦାୟକ ହେଲା । ମୋ ତରଫରୁ ଶ୍ରୀ ବିଭୂତି ଭୂଷଣ ଆଚାର୍ଯ୍ୟଙ୍କୁ ନିଶ୍ଚୟ ପୁରୁଣା ବର୍ଷକୁ ପାଶୋରୀ ଦେଇ ନୂତନ ବର୍ଷର ଅଭିନନ୍ଦନ ଜଣାଇବେ ବୋଲି ଆଶା । ଆପଣଙ୍କ ଦ୍ୱାରା ସମ୍ପାଦିତ "ଉତ୍କଳ ପ୍ରସଙ୍ଗ" ପୁସ୍ତକଟି ବହି ଦୋକାନରେ ଉଚିତ ସମୟରେ ପହଞ୍ଚି ପାରନ୍ତା, ତେବେ ତାହା ସମସ୍ତ ବନ୍ଧୁମାନେ ପଢ଼ିପାରନ୍ତେ ।

**ବହି ଦୋକାନମାନଙ୍କରେ ଉତ୍କଳ ପ୍ରସଙ୍ଗ ବିକ୍ରି କରିବା ବ୍ୟବସ୍ଥା କରାଯାଉଛି ।

**ଶ୍ରୀ ରାମଚନ୍ଦ୍ର ଦାଶ, (ମେଳଣ୍ଡ), ଜୁନିୟର କ୍ଳର୍କ,**
**ଚକବନ୍ଦୀ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ତିନିମୁହାଣୀ,**
**କେନ୍ଦ୍ରାପଡ଼ା, କଟକ—୭୫୪୨୧୧ ।**

*ସତ୍ୟବାଦୀର ପୀଠେଶ୍ୱର ସାକ୍ଷୀ ଗୋପାଳଙ୍କ ମହାତ୍ମ୍ୟ ଯୋଗୁଁ ସେଠାରେ ଏକ ସୂଚନା କେନ୍ଦ୍ର ହେବା ଘୋଷିତ ହୋଇଥିବା ବେଳେ ସେଠାକାର ବିଶିଷ୍ଟ ପର୍ବ ଅଁଳା ନବମୀ ଉପଲକ୍ଷେ ବିଶେଷ ସଂଖ୍ୟା "ଉତ୍କଳ ପ୍ରସଙ୍ଗ" କିମ୍ବା ଏହି ପର୍ବ ହେବା ସମ୍ପର୍କିତ ସଂଖ୍ୟାରେ ସ୍ୱତନ୍ତ୍ର ଗଳ୍ପ କିମ୍ବା ପ୍ରବନ୍ଧ ପ୍ରକାଶିତ ହେଲା ନାହିଁ କାହିଁକି ? ଶ୍ରୀରାମଚନ୍ଦ୍ରପୁର ଶାସନର ୪୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ପ୍ରବନ୍ଧ ପ୍ରକାଶ ପାଇଁ ପଠାଇଲେ ବାହାରିବ କି ?

**ପ୍ରଥମେ ପ୍ରବନ୍ଧ ପଠାନ୍ତୁ, ଉପଯୁକ୍ତ ବିବେଚିତ ହେଲେ ନିଶ୍ଚିତ ସ୍ଥାନ ପାଇବ ।

**ମାୟାଧର ମହାନ୍ତି,**
**ଗ୍ରାମ—ଛିମା, ପୋ: ଅ:—ଶଗଡ଼ଭଙ୍ଗା,**
**ଭାୟା—ସିକୋ, ଜିଲ୍ଲା—ପୁରୀ ।**

*ବାଲିଯାତ୍ରା ସଂଖ୍ୟାରେ ଅନେକଗୁଡ଼ିଏ ସୁନ୍ଦର ପ୍ରବନ୍ଧ ପ୍ରକାଶ ପାଇଛି । ବିଶେଷ କରି ନବକୃଷ୍ଣ ଚୌଧୁରୀଙ୍କ ସମ୍ପର୍କରେ ଶ୍ରୀ କୃତ୍ତିବାସ ନାୟକଙ୍କ ଲେଖାଟି ବିଶେଷ ଭାବରେ ମନକୁ ପାଇଲା । ପିଲା, ବୁଢ଼ା ସମସ୍ତଙ୍କ ପାଇଁ ଲେଖାଟିଏ ପରି ଲେଖାଟିଏ ଏହିପରି ମାର୍ଜିତ, ସରଳ ଓ ସହଜ ଭାଷାରେ ଏତେଗୁଡ଼ିଏ କଥା ବୁଝାଯାଇ ପାରିଛି । ଆପଣଙ୍କରୁ ଲେଖକଙ୍କୁ ମୋର ଧନ୍ୟବାଦ ଦେବେ । ଏହିପରି ଲେଖା ଆଶାକରି ରହିଲି ।

**ଲେଖକଙ୍କୁ ଆପଣଙ୍କ ଧନ୍ୟବାଦ ଜଣାଇ ଦେବା ସଙ୍ଗେ ସଙ୍ଗେ ଅନ୍ୟ ପ୍ରବନ୍ଧ ପାଇଁ ମଧ୍ୟ ଅନୁରୋଧ କରୁଛୁ ।

VOL. XLIX No. 7 UTKAL PRASANGA Regd. No. O—BN—05/9

Licence No. C.R.N.P. 5—Licensed to post without Pre-payment






Printed at Orissa Government Press, Cuttack-753 010




... ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦଘାଟନ
... ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଓ ସାହିତ୍ୟ ...
ଶ୍ରୀ ବସନ୍ତ କୁମାର ମହାନ୍ତି ଉପସ୍ଥିତ ଅଛନ୍ତି (୧୯୯୩)




ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ମହିଳା ହିତାଧିକାରୀମାନଙ୍କୁ
ଅଟୋ ରିକ୍ସା ବଣ୍ଟନ କରୁଛନ୍ତି (୧୯୯୩)





# ଉତ୍କଳ ପ୍ରସଙ୍ଗ